# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୨୨/୨୦୧୯ (୨୦ ପୃଷ୍ଠା) | Bhubaneswar,Thursday, August 22/2019 | ★★★★★★

୪୫ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ରଣବୀରଙ୍କ ସେଲ୍‌ଫି**

ଏବେ ରଣବୀର ସିଂଙ୍କ ସେଲ୍‌ଫିକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା । ଅନ୍ୟ କାହା ସହିତ ନୁହେଁ, ଇନ୍ଦ୍ରଧନୁର ସପ୍ତରଙ୍ଗ ସହିତ ତାଙ୍କ ସେଲ୍‌ଫିକୁ ଖୁବ୍ ପ୍ରଶଂସା ମିଳିଛି । ୧୬

୧୮ **ଲିଲିମାଙ୍କ ମାଇଲଖୁଣ୍ଟ**

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ମହିଳା ହକିର ଜାପାନ ବିପକ୍ଷ ଫାଇନାଲରେ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି ଓଡ଼ିଶାର ଲିଲିମା ମିଞ୍ଜ।



# ଚିଦାମ୍ବରମ୍ ଗିରଫ

ନୂଆଦିଲ୍ଲୀ,୨୧।୮

- ୨୭ ଘଣ୍ଟାର ଅନ୍ତର୍ଦ୍ଧାନ ପରେ ନାଟକୀୟ ଆବିର୍ଭାବ
- ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ କହିଲେ
- ପାଚେରି ଡେଇଁ ଘରେ ପଶିଲା ସିବିଆଇ
- ଗାଡ଼ିରେ ବସାଇ ମୁଖ୍ୟାଳୟକୁ ନେଲା

ଦୁଇଦିନର ଲୁଚକାଳି ଖେଳ ପରେ ଧରାପଡିଛନ୍ତି ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍। ବହୁଚର୍ଚ୍ଚିତ ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ବୁଧବାର ରାତିରେ ସିବିଆଇ ଟିମ୍ ତାଙ୍କୁ ଗିରଫ କରିଛି। ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ଆଗୁଆ ଜାମିନ ଆବେଦନ ଖାରଜ କରିଦେବା ପରେ ଚିଦାମ୍ବରମ୍ ହଠାତ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ସିବିଆଇ ଏବଂ ଇଡି ଟିମ୍ ଜାଲ ବିଛାଇଥିଲେ ମଧ୍ୟ ଧରିବାରେ ସଫଳ ହୋଇ ନ ଥିଲେ। ଦୀର୍ଘ ୨୭ ଘଣ୍ଟାର ଅନ୍ତର୍ଦ୍ଧାନ ପରେ ଚିଦାମ୍ବରମ ବୁଧବାର ରାତି ୯ଟାରେ ଏଆଇସିସି କାର୍ଯ୍ୟାଳୟରେ ପହଞ୍ଚି ଏକ ଖବରଦାତା ସମ୍ମିଳନୀରେ ନିଜକୁ ନିର୍ଦ୍ଦୋଷ ବୋଲି କହିଥିଲେ। ସେ ଆଇନଠାରୁ ନିଜକୁ ଲୁଚାଇ ରଖିନାହାନ୍ତି। ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର କରିବା ପାଇଁ ସେ ଆଇନଜୀବୀମାନଙ୍କ ସହ ମଙ୍ଗଳବାର ରାତିରେ କାଗଜପତ୍ର ପ୍ରସ୍ତୁତିରେ ବ୍ୟସ୍ତ ଥିବା ସଫେଇ ଦେଇଥିଲେ। ଆଇଏନ୍‌ଏକ୍ସ ମିଡିଆ ମାମଲାରେ ତାଙ୍କର କିଛି ଦୋଷ ନାହିଁ। ସେ ଅଭିଯୁକ୍ତ ନୁହନ୍ତି। କୋର୍ଟରେ ତାଙ୍କ ବିରୋଧରେ ସିବିଆଇ କିମ୍ବା ଇଡି ଚାର୍ଜଶିଟ୍ ଦାଖଲ କରି ନ ଥିବା ଚିଦାମ୍ବରମ ଖବରଦାତା ସମ୍ମିଳନୀରେ କହିଥିଲେ। ସିବିଆଇ ଟିମ୍ କଂଗ୍ରେସ ମୁଖ୍ୟାଳୟରେ ପହଞ୍ଚିଥିଲେ ମଧ୍ୟ ଦଳୀୟ କର୍ମୀଙ୍କ ପ୍ରବଳ ବିରୋଧ ଯୋଗୁ ଭିତରେ ପଶିପାରି ନ ଥିଲା। ଚିଦାମ୍ବରମ ତାଙ୍କ ବାସଭବନକୁ ଫେରିଯିବା ପରେ ସିବିଆଇର ୩ଟି ଟିମ୍ ସମେତ ଇଡି ଟିମ୍ ସେଠାରେ ପହଞ୍ଚିଥିଲେ। ସିବିଆଇ ଅଧିକାରୀମାନେ ପାଚେରୀ ଡେଇଁ ଚିଦାମ୍ବରମଙ୍କ ବାସଭବନରେ ପ୍ରବେଶ କରିବା ପରେ ତାଙ୍କୁ ଜେରା କରିଥିଲେ। ପରେ ତାଙ୍କୁ କାରରେ ବସାଇ ସିବିଆଇ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ସେ ରାତ୍ରିଯାପନ କରିବା ପରେ ଗୁରୁବାର ଏକ ସ୍ଥାନୀୟ କୋର୍ଟରେ ତାଙ୍କୁ ହାଜର କରାଯିବ ବୋଲି ଜଣାପଡିଛି।

ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ଚିଦାମ୍ବରମଙ୍କ ଆଗୁଆ ଜାମିନ ଆବେଦନ ଦିଲ୍ଲୀ ହାଇକୋର୍ଟରେ ଖାରଜ ହୋଇଯିବା ପରେ ଗିରଫରୁ ବର୍ତ୍ତିବା ଲାଗି ସେ ବୁଧବାର ଦୁଇଥର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ହେଁ ତ୍ୱରିତ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଥିଲେ। ଶୁକ୍ରବାର ମାମଲାର ଶୁଣାଣି କରିବା ଲାଗି ସୁପ୍ରିମକୋର୍ଟ କହିବା ପରେ ଚିଦାମ୍ବରମଙ୍କ ଅଡୁଆ ବଢ଼ିଯାଇଥିଲା। ତାଙ୍କୁ ଗିରଫ କରିବା ଲାଗି ମଙ୍ଗଳବାର ରାତିରୁ ଉଭୟ ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତନାଘନା ଉଦ୍ୟମ ଚଳାଇଥିଲେ। ମଙ୍ଗଳବାର ରାତିରେ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଜୋରବାଗ୍ ବାସଭବନରେ ନ ପାଇ ☞ପୃଷ୍ଠା–୪



ସିବିଆଇ ଅଧିକାରୀମାନେ ପି.ଚିଦାମ୍ବରମ୍‌ଙ୍କୁ ଗିରଫ କରି ନେଉଛନ୍ତି ।

# ପୌରାଞ୍ଚଳରେ ପଲିଥିନ ନିଷେଧ

## ଅକ୍ଟୋବର ୨ରୁ ସାରା ରାଜ୍ୟରେ ଲାଗୁ ହେବ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସମସ୍ତ ପୌରାଞ୍ଚଳରେ ପଲିଥିନ ଉପରେ ଲାଗିବ କଟକଣା। ସବୁ ସହରକୁ ପଲିଥିନ ମୁକ୍ତ କରାଯିବ। ଏନେଇ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ ପ୍ରସ୍ତୁତ କରାଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି। ରାଜ୍ୟକୁ ୨ ବର୍ଷ ମଧ୍ୟରେ ପ୍ଲାଷ୍ଟିକମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଚଳିତ ବର୍ଷ ରାଜ୍ୟର ୪୭ ମ୍ୟୁନିସିପାଲିଟି ଏବଂ ୬୧ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)ରେ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରାଯିବ।

କଟକଣା ଜାରି ହେବା ପରେ କୌଣସି ବ୍ୟକ୍ତି ନିଜେ କିମ୍ବା ଅନ୍ୟ କାହା ଦ୍ୱାରା ଜାଣିକରି ହେଉ କିମ୍ବା ଅନ୍ୟ ମାଧ୍ୟମରେ ପଲିଥିନ ବିକ୍ରି, ବ୍ୟବସାୟ, ଉତ୍ପାଦନ, ଆମଦାନୀ, ଗଚ୍ଛିତ, ବ୍ୟବହାର କିମ୍ବା ବଣ୍ଟନ କରିପାରିବେ ନାହିଁ। ୫୦ ମାଇକ୍ରନରୁ କମ୍ ମୋଟେଇ ପଲିଥିନ, ୨୦୦ ମିଲିଲିଟରରୁ କମ୍ ପାଣିବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ ଚାମଚ, କପ୍, ପ୍ଲେଟ, ଗ୍ଲାସ୍, ଥାଳିଆ, ପାଣି ପାଉଚ ପଲିଥିନ୍ ଆଦି ସାମଗ୍ରୀ ଉପରେ କଟକଣା ଜାରି କରାଯିବ। କୌଣସି ବ୍ୟକ୍ତି ସର୍ବସାଧାରଣ ସ୍ଥାନରେ ପଲିଥିନ ବ୍ୟବହାର କରି ପାରିବେ ନାହିଁ। ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ରହିଛି। ପୂଜାସ୍ଥଳ, ହୋଟେଲ, ରେଷ୍ଟୁରାଣ୍ଟ, କାଫେ, ବିବାହ ପାର୍ଟି, ଅଫିସ, ଆଉଟଡୋର କ୍ୟାଟରିଂ ଆଦି ସ୍ଥାନରେ



ପଲିଥିନ ବ୍ୟବହାର ଉପରେ କଟକଣା ଜାରି ହେବ।

୨୦୧୮ ଅକ୍ଟୋବର ୨ରୁ କଟକ, ଭୁବନେଶ୍ୱର, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ମହାନଗର ନିଗମ ଏବଂ ପୁରୀ ପୌରାଞ୍ଚଳରେ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏଥିସହିତ ସମସ୍ତ ସରକାରୀ କାର୍ଯ୍ୟାଳୟରେ ୫୦ ମାଇକ୍ରନରୁ କମ ମୋଟା ଥିବା ପଲିଥିନ, ପ୍ଲାଷ୍ଟିକ ବୋତଲ, ଥର୍ମୋକୁଲ କପ୍ ଓ ପ୍ଲେଟକୁ ବାରଣ କରାଯାଇଛି। ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜଗୁଡ଼ିକରେ ପଲିଥିନ ବ୍ୟବହାର ନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାୟୀ ଦେଶରେ ମୁଣ୍ଡପିଛା ୯.୭ କେ.ଜି. ପଲିଥିନ ବ୍ୟବହାର କରାଯାଉଛି। ପଲିଥିନ ନଷ୍ଟ ହେବାକୁ ଅତିକମ୍‌ରେ ୨୦୦ରୁ ୫୦୦ ବର୍ଷ ସମୟ ନେଇଥାଏ। ଏହାଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ଏହା ଭୂତଳ ଜଳ ସଂରକ୍ଷଣରେ ବିରାଟ ଅନ୍ତରାୟ ସୃଷ୍ଟି କରିଥାଏ। ୨୦୧୮ରେ ପଲିଥିନ, ପ୍ଲାଷ୍ଟିକ ଓ ଥର୍ମୋକୁଲ ଉପରେ କଟକଣାକୁ କଡ଼ାକଡ଼ି ଲାଗୁ କରାଯାଇଛି। ଏହାକୁ ବର୍ଷେ ବିତିବାକୁ ବସିଥିବାବେଳେ ଏହା କେବଳ ନାମକୁ ମାତ୍ର ଚଢ଼ାଉରେ ସୀମିତ ରହିଛି। କେତେକ କ୍ଷୁଦ୍ର ବ୍ୟବସାୟୀଙ୍କ ଦୋକାନରେ ମହାନଗର ନିଗମର ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢ଼ାଉ କରି ଜରିମାନା ଆଦାୟ କରୁଥିବା ବେଳେ ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ, ହାଟବଜାରରେ ଅବାଧ ପଲିଥିନ ବ୍ୟବହାର ଚାଲିଛି।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୯–୨୦ ଆର୍ଥିକବର୍ଷରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଦ୍ୱାରା ୮,୩୪୧.୨୫ କେ.ଜି. ପ୍ଲାଷ୍ଟିକ ଜବତ କରାଯାଇଥିବା ବେଳେ ୨୦,୧୬,୨୫୭ ଟଙ୍କା ଜରିମାନା ଆଦାୟ କରାଯାଇଛି। ପଲିଥିନ କଟକଣାକୁ ଆହୁରି କଡ଼ାକଡ଼ି କରିବାକୁ ମହାନଗର ନିଗମ ଓ ପୌରାଞ୍ଚଳକୁ ନିର୍ଦ୍ଦେଶ ଦେବାକୁ ନଗର ଉନ୍ନୟନ ବିଭାଗକୁ ନିୟମିତ ଚିଠି ମାଧ୍ୟମରେ ଜଣାଇ ଦିଆଯାଉଛି ବୋଲି ପରିବେଶ ନିର୍ଦ୍ଦେଶକ କେ. ମୁରୁଗେସେନ କହିଛନ୍ତି। ବ୍ୟବସାୟୀ ସହଦେବ ସାହୁ କହିଛନ୍ତି, ପଲିଥିନ ଉପରେ କଟକଣା ଲଗାଗଲେ ଭଲ। କିନ୍ତୁ ସରକାର ଏହାର ବିକଳ୍ପ ଚିନ୍ତା କରିବା ଦରକାର। ଏଥିସହିତ ପଲିଥିନ ଉତ୍ପାଦନ କରୁଥିବା ସଂସ୍ଥାକୁ ବନ୍ଦ କରିବା ଦରକାର। ନଚେତ କଟକଣା କରି ଦୋକାନୀଙ୍କ ଉପରେ ଚଢ଼ାଉ କଲେ କିଛି ଲାଭ ହେବ ନାହିଁ। ପରିବେଶବିତ୍‌ଙ୍କ ମତରେ ସହରାଞ୍ଚଳ ବାହାରେ ବହୁ ପ୍ଲାଷ୍ଟିକ ପ୍ରସ୍ତୁତ ୟୁନିଟ୍ ରହିଛି। ସେଗୁଡିକୁ ବନ୍ଦ କଲେ ଏହାର ଅସଲ ଉଦ୍ଦେଶ୍ୟ ସଫଳ ହେବ ।


କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍ ..... ୨

ବିଭାଗ ସହ ମିଶିବ ନିର୍ଦ୍ଦେଶାଳୟ ..... ୩

୨୦ ବିଚାରପତିଙ୍କ ବଦଳି ..... ୩


**ଆଜିର ସମ୍ପାଦକୀୟ**

ପ୍ରାଣୀ ମଣିଷର ଭିନ୍ନ ରୂପ

**ଆଜିର ମନ୍ତବ୍ୟ**

“ କଶ୍ମୀର ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକର ନେତାମାନେ ପାକିସ୍ତାନର ଭାଷା କହୁଛନ୍ତି।

–ଜି. କିଷନ ରେଡ୍ଡୀ, ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

ବର୍ତ୍ତମାନ ସାରା ଦେଶରେ ୪୫୦ରୁ ଊର୍ଦ୍ଧ୍ୱ ଇଏସ୍‌ଆଇ ହସ୍ପିଟାଲ କାର୍ଯ୍ୟ କରୁଛି। – ଶ୍ରମ ମନ୍ତ୍ରଣାଳୟ

# ବଜ୍ରପାତରେ ୬ ମୃତ, ୪ ଗୁରୁତର

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

- କେନ୍ଦ୍ରାପଡ଼ାରେ ୫, ପୁରୀ ଜିଲାରେ ଜଣେ ମୃତ
- ଆଉ ୩ ଦିନ ବର୍ଷା, ୨୪ ଘଣ୍ଟା ପ୍ରବଳରୁ ଅତି ପ୍ରବଳ ବର୍ଷିବ

ରାଜ୍ୟରେ ବନ୍ୟା ସ୍ଥିତି ସମ୍ପୂର୍ଣ୍ଣ ଟଳି ନ ଥିବାବେଳେ ପୁଣି ଆରମ୍ଭ ହୋଇଛି ବର୍ଷା। ଲଘୁଚାପ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଏପରିସ୍ଥଳେ ବଜ୍ରପାତ ଚିନ୍ତା ବଢ଼ାଇ ଦେଇଛି। ବୁଧବାର ଅପରାହ୍ନରେ ହୋଇଥିବା ବଜ୍ରପାତ ୬ଜଣଙ୍କର ଜୀବନ ନେଇଥିବାବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଏମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଚାଷୀ। କେବଳ କେନ୍ଦ୍ରାପଡ଼ା ଜିଲାରେ ୫ଜଣ ମୃତ ଓ ୨ଜଣ ଆହତ ହୋଇଛନ୍ତି। ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅନ୍ତର୍ଗତ ଗୋତ୍ରବିଲ ଗ୍ରାମର ଅଜୟ ନାୟକ(୪୫) ଓ ତିକନପୁର ପଞ୍ଚାୟତ ମରିଲୋ ଗ୍ରାମର ଦିଲୀପ ମଲ୍ଲିକ(୪୭) ବିଲରେ ଚାଷ କାର୍ଯ୍ୟ କରୁଥିବାବେଳେ ବଜ୍ରପାତ ଘଟିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଉଭୟଙ୍କର ମୃତ୍ୟୁ ହୋଇଥିଲା। ମହାକାଳପଡ଼ା ବ୍ଲକ କରଞ୍ଜ ପଞ୍ଚାୟତ ଅଧୀନ କରଞ୍ଜ ଗ୍ରାମର ଦୁଇଜଣ ଚାଷୀ ରଙ୍ଗନାଥ ବେହେରା(୫୦) ଓ ପାପୁନି ଦାସ (୨୨)ଙ୍କ ଉପରେ ବଜ୍ରପାତ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଛି। ସେହିପରି ମାର୍ଶାଘାଇ ବ୍ଲକ ବାଲିକଷୋଟି ଗ୍ରାମର ଚାଷୀ ବିଜୟ କୁମାର ନାୟକ(୬୨)ଙ୍କର ମଧ୍ୟ ବଜ୍ରପାତରେ ମୃତ୍ୟୁ ଘଟିଥିବାବେଳେ ତେରଗାଁ ପଞ୍ଚାୟତ ଓସ୍ତର ଗ୍ରାମର ଦୋଳଗୋବିନ୍ଦ ମାହାଳୀ(୨୫) ଓ ନରୋତ୍ତମ ସ୍ୱାଇଁଙ୍କ ସ୍ତ୍ରୀ ତଅପୋଇ ଗୁରୁତର ଆହତ ହୋଇଛନ୍ତି। ସେପଟେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବନ୍ତ ଭୋଇସାହି ଗ୍ରାମର ଗୀତା ଭୋଇ(୪୫)ଙ୍କର ମୃତ୍ୟୁ ହୋଇଥିବାବେଳେ ଉକ୍ତ ଗ୍ରାମର ବିଜୟ ଭୋଇ(୫୫) ଓ ଚଞ୍ଚଳ ଭୋଇ(୫୦) ବଜ୍ରପାତରେ ଗୁରୁତର ଆହତ ହୋଇଛନ୍ତି। ଗୁରୁବାର ମଧ୍ୟ ରାଜ୍ୟର ବିଭିନ୍ନ ଜିଲାକୁ ବଜ୍ରପାତ ଆଶଙ୍କା ରହିଛି। ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ସୋନପୁର ଓ ବୌଦ୍ଧ ଜିଲାରେ ଝଡ଼ତୋଫାନ ସହ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି।

ଅନ୍ୟପକ୍ଷରେ ଲଘୁଚାପ ବର୍ଷା ଆଉ ୩ଦିନ ପ୍ରବଳ ବର୍ଷିବ। ଗୁରୁବାର ମାଲକାନଗିରି, ରାୟଗଡ଼ା, କନ୍ଧମାଳ ଓ ବଲାଙ୍ଗୀରରେ ପ୍ରବଳ ବର୍ଷା ଓ କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୩ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଏବଂ ୨୪ରେ ନବରଙ୍ଗପୁର, କଳାହାଣ୍ଡି, ବରଗଡ଼ ଓ ନୂଆପଡ଼ା ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଦାୟିତ୍ୱ ଗ୍ରହଣ କଲେ ପୋଲିସ କମିଶନର

## ଇଣ୍ଟେଲିଜେନ୍ସି, ଟେକ୍ନୋଲୋଜି ସହ ମୁଖ୍ୟମନ୍ତ୍ରୀଙ୍କ ୫-ଟିକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

କଟକ ଓ ଭୁବନେଶ୍ୱର ଦ୍ୱୈତ୍ୟନଗରୀର ନୂତନ ପୋଲିସ କମିଶନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ଆଇପିଏସ୍ ଅଫିସର ଡ. ସୁଧାଂଶୁ ଷଡଙ୍ଗୀ। ଭୁବନେଶ୍ୱରସ୍ଥିତ କମିଶନରେଟ ପୋଲିସ ମୁଖ୍ୟାଳୟରେ ପୂର୍ବତନ ପୋଲିସ କମିଶନର ସତ୍ୟଜିତ ମହାନ୍ତି ବିଧିବଦ୍ଧଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଟ୍ୱିନ୍ ସିଟିରେ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥାର ସୁପରିଚାଳନା ସବୁଠୁ ବଡ଼ ଚ୍ୟାଲେଞ୍ଜ। ଟେକ୍ନୋଲୋଜି କ୍ଷେତ୍ରରେ ରାଜ୍ୟ ପୋଲିସ ପୂର୍ବାପେକ୍ଷା ବହୁ ଅଗ୍ରଗତି କରିଛି। ଇଣ୍ଟେଲିଜେନ୍ସ ଓ ଟେକ୍ନୋଲୋଜି ଜରିଆରେ ତଦନ୍ତ କରାଯାଇ ଅପରାଧ ରୋକିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ୫–ଟି ସଫଳ ଭାବେ କାର୍ଯ୍ୟକାରୀ କରାଯିବା ଉପରେ ଗୁରୁତ୍ୱ ଦେବେ ବୋଲି ଶପଥ ଗ୍ରହଣ ଅବସରରେ କମିଶନର ଷଡ଼ଙ୍ଗୀ କହିଛନ୍ତି। ବିଦାୟୀ କମିଶନର ସତ୍ୟଜିତ ମହାନ୍ତି କହିଥିଲେ ଯେ, ହକି ବିଶ୍ୱକପ ପରି ୩ ଅନ୍ତର୍ଜାତୀୟ ମେଗା ଇଭେଣ୍ଟ ଓ ଫନୀ ବାତ୍ୟା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବା ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଥିଲା। ମାତ୍ର ସେ ଏହାକୁ ସଫଳତାର ସହ ସମ୍ପାଦନ କରଥିଲେ। ଏହି ଅବସରରେ ଉଭୟଙ୍କୁ ପୋଲିସ ବିଧିବ୍ୟବସ୍ଥା ଅନୁଯାୟୀ ସ୍ୱାଗତ ଓ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା।



ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ





NECC NATIONAL EGG CO-ORDINATION COMMITTEE | 21.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 68 | 116 | 126 |
| CTC | 67 | 115 | 125 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 66 | 114 | 124 |
| BHM | 64 | 111 | 121 |

*Conditions Apply

**Eggs Retail Price- 43/-Dozen**
Issued in the Interest of Consumers



**୪୨ ଲକ୍ଷ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବ କେନ୍ଦ୍ର**

ଦେଶର ୪୨ ଲକ୍ଷ ଶିକ୍ଷକଙ୍କୁ କେନ୍ଦ୍ର ସରକାର ପ୍ରଶିକ୍ଷଣ ଦେବେ। ଶିକ୍ଷାର ମାନ ଓ ନିଯୁକ୍ତି ବୃଦ୍ଧି ସହ ଶିକ୍ଷକ ସମାଜକୁ ଅଧିକ ଦକ୍ଷ କରିବା ଲାଗି ଏହି ପଦକ୍ଷେପ ନିଆଯାଇଥିବା ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନ୍ୟାଶନାଲ ଇନିସିଏଟିଭ୍ ଫର୍ ସ୍କୁଲ ହେଡ୍ସ ଆଣ୍ଡ୍ ଟିଚର୍ସ ହୋଲିଷ୍ଟିକ୍ ଆଡଭାନ୍ସମେଣ୍ଟ(ନିଷ୍ଠା) ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ବିଶ୍ୱର ସର୍ବବୃହତ ପ୍ରକଳ୍ପ ବୋଲି ୱେବ୍‌ସାଇଟ ଲଞ୍ଚ ଅବସରରେ ବିଭାଗୀୟ ମନ୍ତ୍ରୀ ରମେଶ ପୋଖରିୟାଲ୍ କହିଛନ୍ତି।



## ସଂକ୍ଷେପରେ

### ଜମ୍ମୁ, ଶ୍ରୀନଗର ମେୟରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା

**ଜମ୍ମୁ/ଶ୍ରୀନଗର,୨୧।୮(ପି.ଟି./ଆଇଏଏନ୍‌ଏସ୍):** ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ଜମ୍ମୁ-କଶ୍ମୀର ପ୍ରଶାସନ ଜମ୍ମୁ ଓ ଶ୍ରୀନଗରର ମେୟରଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରିଛି। ବର୍ତ୍ତମାନ ଜୁନୈଦ୍ ଆଜମି ମଟ୍ଟୁ ଶ୍ରୀନଗର ମହାନଗର ନିଗମ (ଏସ୍‌ଏମ୍‌ସି) ମେୟର ଥିବାବେଳେ ଜମ୍ମୁ ମହାନଗର ନିଗମ (ଜେଏମ୍‌ସି)ର ମେୟର ଚନ୍ଦରମୋହନ ଗୁପ୍ତା ଅଛନ୍ତି। ପୂର୍ବରୁ ମେୟର ଭାବେ ଦୁହିଁଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ କେବଳ ମହାନଗର ପରିସରରେ ସୀମିତ ଥିଲା। ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିବା ପରେ ଉଭୟେ ବିସ୍ତୃତ କ୍ଷମତା ଉପଭୋଗ କରିବା ସହ କାର୍ଯ୍ୟନିର୍ବାହୀ ନିଷ୍ପତ୍ତି ନେଇପାରିବେ ବୋଲି ଅତିରିକ୍ତ ସଚିବ ସୁବାସ ଛିବର ଏକ ବିବୃତିରେ କହିଛନ୍ତି। ପ୍ରକାଶ ଯେ, ୧୩ ବର୍ଷ ବ୍ୟବଧାନରେ ଗତ ଅକ୍ଟୋବରରେ ୪ଟି ପର୍ଯ୍ୟାୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲା।

### ରାଜୀବ ଗୌବା କ୍ୟାବିନେଟ ସଚିବ



**ନୂଆଦିଲ୍ଲୀ, ୨୧।୮:** ସ୍ୱରାଷ୍ଟ୍ର ସଚିବ ରାଜୀବ ଗୌବା ପରବର୍ତ୍ତୀ କ୍ୟାବିନେଟ ସଚିବ ଭାବେ ଦୁଇ ବର୍ଷ ଲାଗି ଦାୟିତ୍ୱ ଗ୍ରହଣ କରିବେ। ଏନେଇ ସରକାରଙ୍କ ପକ୍ଷରୁ ବୁଧବାର ନିଯୁକ୍ତି ଦିଆଯାଇଛି। କ୍ୟାବିନେଟର ନିଯୁକ୍ତି କମିଟି ଏହାକୁ ସ୍ୱୀକୃତି ପ୍ରଦାନ କରିଛି। ୧୯୮୨ ବ୍ୟାଚ୍ ଝାଡ଼ଖଣ୍ଡ କ୍ୟାଡର୍‌ର ଆଇଏଏସ୍ ଅଫିସର ଗୌବା ପୂର୍ବରୁ ଝାଡ଼ଖଣ୍ଡର ମୁଖ୍ୟ ଶାସନସଚିବ ଭାବେ କାର୍ଯ୍ୟକରିବା ପରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ସଚିବ ଭାବେ କାର୍ଯ୍ୟକରି ଆସୁଛନ୍ତି। କେନ୍ଦ୍ର ନଗର ଉନ୍ନୟନ ସଚିବ ରହିବା ପରେ ୨୦୧୭ ଅଗଷ୍ଟରୁ ସେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଭାବେ କାର୍ଯ୍ୟ କରିଆସୁଛନ୍ତି। ଆଗାମୀ ୩୦ରେ ଗୌବା କ୍ୟାବିନେଟ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବେ। ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ଗୌବା ପାଟ୍‌ନା ବିଶ୍ୱବିଦ୍ୟାଳୟରେ ସ୍ନାତକ ପାସ୍ କରିବା ସହ ପଦାର୍ଥ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

### ଯୋଗୀ କ୍ୟାବିନେଟରେ ୧୮ ନୂଆ ମୁହଁ

**ଲକ୍ଷ୍ନୌ, ୨୧।୮(ପି.ଟି.):** ଉତ୍ତରପ୍ରଦେଶ(ୟୁପି) ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ତାଙ୍କ ମନ୍ତ୍ରିମଣ୍ଡଳ ସମ୍ପ୍ରସାରିତ କରିଛନ୍ତି। ଏଥିରେ ୧୮ ନୂଆ ମୁହଁଙ୍କୁ ସାମିଲ କରାଯାଇଛି। ରାଜ୍ୟରେ ଭାଜପା ସରକାର ଗଢ଼ିବାର ଅଢ଼େଇବର୍ଷ ପରେ ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରାଯାଇଛି। ମୋଟ ୨୩ ମନ୍ତ୍ରୀଙ୍କ ମଧ୍ୟରେ ୫ ରାଷ୍ଟ୍ର ପାହ୍ୟା ମନ୍ତ୍ରୀଙ୍କୁ ପଦୋନ୍ନତି ମିଳିଛି। ରାଜ୍ୟପାଳ ଆନନ୍ଦିବେନ୍ ପଟେଲ୍ ଏହି ଅବସରରେ ରାଜଭବନରେ ମନ୍ତ୍ରୀମାନଙ୍କୁ ଶପଥପାଠ କରାଇଛନ୍ତି। ୨୩ଙ୍କ ମଧ୍ୟରୁ ୬ଜଣ କ୍ୟାବିନେଟ୍, ୬ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସ୍ୱାଧୀନ ଦାୟିତ୍ୱ ଓ ଅନ୍ୟ ୧୧ ରାଷ୍ଟ୍ରମନ୍ତ୍ରୀ ଭାବେ ପଦ ଓ ଗୋପନୀୟତାର ଶପଥପାଠ କରିଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ବିଭାଗ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି। ଶପଥଗ୍ରହଣ କରିଥିବା ୬ କ୍ୟାବିନେଟ ମନ୍ତ୍ରୀଙ୍କ ମଧ୍ୟରୁ ୪ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ସହ ସ୍ୱାଧୀନ ଦାୟିତ୍ୱରେ ଥିଲେ। ନୂଆ ମୁହଁ ଭାବେ ରାମନରେଶ ଅଗ୍ନିହୋତ୍ରୀ ଓ କମଲରାଣୀ ବରୁନ୍‌ଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି। ତେବେ ଭାଜପା ସହଯୋଗୀ ଆପ୍‌ନା ଦଳରୁ କାହାରିକୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ସ୍ଥାନ ମିଳିନାହିଁ।

### ଇତିହାସର ଆଇନାରେ

**ଅଗଷ୍ଟ ୨୨ର ପ୍ରମୁଖ ଘଟଣା**

୧୬୩୯ ଅଗଷ୍ଟ ୨୨ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଦ୍ୱାରା ମାଡ୍ରାସ (ବର୍ତ୍ତମାନର ଚେନ୍ନାଇ) ପ୍ରତିଷ୍ଠା ହୋଇଥିଲା। ପୂର୍ବରୁ ଏହି ଅଞ୍ଚଳର ନାଁ ଥିଲା ମାଡ୍ରାସପଟନମ୍ ଏବଂ ଏହା ଚୋଲାଇମଣ୍ଡଳମ୍‌ରେ ଅବସ୍ଥିତ ଥିଲା।

୧୯୪୨ ଅଗଷ୍ଟ ୨୨ରେ ଜର୍ମାନୀ, ଜାପାନ ଓ ଇଟାଲୀ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା ବ୍ରାଜିଲ। ସେହି ବର୍ଷ ଜାନୁୟାରୀରେ ଆମେରିକା ବ୍ରାଜିଲରେ ଏୟାରବେସ୍ ନିର୍ମାଣ କରିଥିଲା।

# କଶ୍ମୀରରେ ପୁଣି ମୁଣ୍ଡ ପୂରାଇଲେ ଟ୍ରମ୍ପ୍

**ୱାଶିଂଟନ,୨୧।୮ (ଏଏଫ୍‌ପି/ଆଇଏଏନ୍‌ଏସ୍)**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍

- ଉପତ୍ୟକାରେ ବିସ୍ଫୋରକ ସ୍ଥିତି, ମଧ୍ୟସ୍ଥତା କରିବାକୁ ଆଗ୍ରହୀ
- ଜି ୭ ସମ୍ମିଳନୀରେ ମୋଦିଙ୍କ ସହ ଆଲୋଚନା କରିବେ
- ଭାରତକୁ ଫ୍ରାନ୍ସ, ବ୍ରିଟେନ ଓ ବାଂଲାଦେଶର ସମର୍ଥନ
- ଇମ୍ରାନ୍‌ଙ୍କୁ ପାକିସ୍ତାନରେ ବିରୋଧୀଙ୍କ ସମାଲୋଚନା

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ପାଇଁ ପୁଣିଥରେ ଆଗ୍ରହ ପ୍ରକାଶ କରିଛନ୍ତି। କଶ୍ମୀରକୁ ନେଇ ଦୁଇ ଆଣବିକ ଶକ୍ତିସମ୍ପନ୍ନ ରାଷ୍ଟ୍ର ମୁହାଁମୁହିଁ ହୋଇଥିବାରୁ ଉପତ୍ୟକାରେ ବିସ୍ଫୋରକ ସ୍ଥିତି ସୃଷ୍ଟି ହୋଇଛି। ତେଣୁ କଶ୍ମୀର ସମସ୍ୟାର ସମାଧାନ ପାଇଁ ମଧ୍ୟସ୍ଥତା କରିବାକୁ ପ୍ରସ୍ତୁତ ବୋଲି ବୁଧବାର ଟ୍ରମ୍ପ୍ କହିଛନ୍ତି।

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ପାକିସ୍ତାନ ଓ ଚାଇନା ଯୋଗୁ ଏହାକୁ ନେଇ ବିତର୍କ ବଢ଼ିବାରେ ଲାଗିଛି। କଶ୍ମୀର ପ୍ରସଙ୍ଗ ଭାରତର ଆଭ୍ୟନ୍ତରୀଣ ବ୍ୟାପାର ଓ ଏଥିରେ କୌଣସି ତୃତୀୟ ପକ୍ଷଙ୍କ ହସ୍ତକ୍ଷେପ ଅନାବଶ୍ୟକ ବୋଲି ନୂଆଦିଲ୍ଲୀ ପକ୍ଷରୁ ବାରମ୍ବାର କୁହାଯାଉଥିଲେ ହେଁ ଦୁଇ ପଡ଼ୋଶୀ ଏହାକୁ ବିଶ୍ୱ ସମୁଦାୟ ଆଗକୁ ଟାଣି ଏହାର ଆନ୍ତର୍ଜାତିକୀକରଣ କରିବାରେ ଲାଗିଛନ୍ତି। ଏହି ପରିପ୍ରେକ୍ଷୀରେ ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଗଣମାଧ୍ୟମକୁ କହିଛନ୍ତି, କଶ୍ମୀର ଏକ ଅତ୍ୟନ୍ତ ଜଟିଳ ସ୍ଥାନ। ଏହାକୁ ନେଇ ଉଭୟ ଭାରତ ଓ ପାକିସ୍ତାନ ଦୀର୍ଘସମୟ ଧରି ହାଓ୍ୱିଜର ଏବଂ ଭାରି ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛନ୍ତି। ସେଠାରେ ଧର୍ମ ଏକ ଜଟିଳ ବିଷୟ ହୋଇଥିବାରୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଉତ୍ତମ ସହାବସ୍ଥାନ ନାହିଁ। ତେଣୁ କଶ୍ମୀର ପ୍ରସଙ୍ଗରେ ସେ ମଧ୍ୟସ୍ଥତା କରିବା ପାଇଁ ସର୍ବୋତ୍ତମ ଉଦ୍ୟମ କରିବେ। ସେହିପରି ଆସନ୍ତା ୨୪ରୁ ୨୬ ତାରିଖ ଯାଏ ଫ୍ରାନ୍ସର ବିଆରିଜ୍‌ରେ ହେବାକୁ ଥିବା ଜି୭ ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସେ ଏନେଇ ଆଲୋଚନା କରିବେ ବୋଲି ଟ୍ରମ୍ପ୍ କହିଛନ୍ତି। ଟ୍ରମ୍ପ୍ ସୋମବାର ମୋଦି ଓ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ସହ ଫୋନ୍‌ରେ କଥା ହୋଇଥିଲେ। ଉପତ୍ୟକାରେ ଉତ୍ତେଜନା ବୃଦ୍ଧି ହେବା ଭଳି ମନ୍ତବ୍ୟ ନ ଦେବାକୁ ଟ୍ରମ୍ପ୍ ଇମ୍ରାନ୍‌ଙ୍କୁ ପରାମର୍ଶ ଦେଇଥିଲେ। ସେ ଉଭୟଙ୍କୁ ତାଙ୍କର ଉତ୍ତମ ବନ୍ଧୁ ଭାବେ ଅଭିହିତ କରିଛନ୍ତି। ଦୁଇଦେଶ ମଧ୍ୟରେ ମଧ୍ୟସ୍ଥତା କଲେ କଶ୍ମୀରରେ ଉତ୍ତେଜନା ହ୍ରାସ ପାଇବ ବୋଲି ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି। ଟ୍ରମ୍ପ୍ ଏହା ପୂର୍ବରୁ ମଧ୍ୟ କଶ୍ମୀର ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଲାଗି ଆଗ୍ରହ ପ୍ରକାଶ କରିବା ସହ ଏଥିପାଇଁ ମୋଦି ତାଙ୍କୁ ଅନୁରୋଧ କରିଥିବା କହିଥିଲେ, ଯାହାକି ମିଛ ବୋଲି ପରେ ଜଣାପଡ଼ିଥିଲା। ସେପଟେ ଭାରତ-ପାକିସ୍ତାନ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ଆଲୋଚନା ହେବା ଉଚିତ ଏବଂ ଏଥିସକାଶେ ଇସ୍‌ଲାମାବାଦ ସୀମାପାର ଆତଙ୍କବାଦ ରୋକିବା ଜରୁରୀ ବୋଲି ଆମେରିକାର ଜଣେ ବରିଷ୍ଠ କୂଟନୀତିଜ୍ଞ କହିଛନ୍ତି।

ଅନ୍ୟପକ୍ଷରେ କଶ୍ମୀର ପ୍ରସଙ୍ଗରେ ଭାରତକୁ ଗୋଟିଏ ପରେ ଗୋଟିଏ ରାଷ୍ଟ୍ରର ସମର୍ଥନ ମିଳିବାରେ ଲାଗିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ କହିଛନ୍ତି, ଏହା ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଭାରତ-ପାକିସ୍ତାନ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଉଚିତ। ମଙ୍ଗଳବାର ରାତିରେ ମୋଦିଙ୍କ ସହ ଟେଲିଫୋନ୍‌ରେ ଆଲୋଚନା ବେଳେ ବୋରିସ୍ ଏହା ସ୍ପଷ୍ଟ କରିଥିବା ଡାଉନିଂ ଷ୍ଟ୍ରିଟ୍ ପକ୍ଷରୁ କୁହାଯାଇଛି। ଫ୍ରାନ୍ସ ବହିର୍ବ୍ୟାପାର ମନ୍ତ୍ରୀ ଜିନ୍-ୱାଇଭେସ୍ ଲି ଡ୍ରିଆନ୍ କହିଛନ୍ତି, କଶ୍ମୀର ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ ହୋଇଥିବାରୁ ଦୁଇଦେଶ ରାଜନୈତିକ ଆଲୋଚନା ଜରିଆରେ ଏହାର ସମାଧାନ କରନ୍ତୁ। ଉତ୍ତେଜନା ବୃଦ୍ଧି ହେବା ଭଳି କୌଣସି ମନ୍ତବ୍ୟ ଦେବାରୁ ଉଭୟ ଦେଶ କ୍ଷାନ୍ତ ରହିବା ଉଚିତ। ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ବାଂଲାଦେଶ ଗସ୍ତ କରି ସେଠାର ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସହ ଆଲୋଚନା କରିବାର ଦିନକ ପରେ ଢାକା ପକ୍ଷରୁ ଏନେଇ ମନ୍ତବ୍ୟ ଆସିଛି। ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ। ୩୭୦ ଉଚ୍ଛେଦ କରିବା ଏହାର ଆଭ୍ୟନ୍ତରୀଣ ବ୍ୟାପାର। ସମ୍ପୃକ୍ତ କ୍ଷେତ୍ରରେ ଆଞ୍ଚଳିକ ଶାନ୍ତି ଓ ନିରାପତ୍ତା ବଜାୟ ରଖିବାକୁ ସମସ୍ତ ରାଷ୍ଟ୍ର ପ୍ରାଥମିକତା ଦେବା ଉଚିତ ବୋଲି ବାଂଲାଦେଶ କହିଛି।

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଅନୌପଚାରିକ ବୈଠକରେ ପାକିସ୍ତାନକୁ ଝଟକା ଲାଗିବା ପରେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ କଶ୍ମୀର ପ୍ରସଙ୍ଗକୁ ଅନ୍ତର୍ଜାତୀୟ ଅଦାଲତ (ଆଇସିଜେ)କୁ ଟାଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ତେବେ ଏନେଇ ପାକିସ୍ତାନରେ ସହମତି ପ୍ରକାଶ ପାଇପାରୁନାହିଁ। ଆଇସିଜେରେ କଶ୍ମୀର ପ୍ରସଙ୍ଗ ଉଠାଇବା ସକାଶେ ସେଠାକାର ଆଇନ ମନ୍ତ୍ରଣାଳୟ ଅଦ୍ୟାବଧି ଆଭିମୁଖ୍ୟ ସ୍ପଷ୍ଟ କରିନାହିଁ। ଭାରତ କଶ୍ମୀରକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ବୋଲି ଦାବି କରୁଥିବାରୁ ଇସ୍‌ଲାମାବାଦ ଆଇସିଜେରେ ସଫଳତା ପାଇ ନ ପାରେ ବୋଲି ପାକିସ୍ତାନର ଅନ୍ତର୍ଜାତୀୟ ଆଇନ ବିଶେଷଜ୍ଞ ତୈମୁର ମଲିକ୍ ମତ ଦେଇଛନ୍ତି। ସେହିପରି ଇମ୍ରାନ୍ ଏକ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ର ଅନୁସାରେ କଶ୍ମୀରକୁ ବିକ୍ରି କରିଦେଇଛନ୍ତି ବୋଲି ପାକିସ୍ତାନର ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି।



୩ ଦିନିଆ ଭାରତ ଗସ୍ତରେ ଆସିଥିବା ଜାମ୍ବିଆ ରାଷ୍ଟ୍ରପତି ଏଡ୍‌ଗାର ଛାଗ୍‌ୱା ଲୁଙ୍ଗୁଙ୍କୁ ରାଷ୍ଟ୍ରପତି ଭବନରେ ସ୍ୱାଗତ କରୁଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ।

## ଭାରତ-ଜାମ୍ବିଆ ୬ ଚୁକ୍ତି ସ୍ୱାକ୍ଷରିତ

**ନୂଆଦିଲ୍ଲୀ,୨୧।୮:** ଭାରତ ଓ ଜାମ୍ବିଆ ମଧ୍ୟରେ ବୁଧବାର ୬ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟ, ପୁଞ୍ଜିନିବେଶ, ଖଣି ସମ୍ପଦ, ପ୍ରତିରକ୍ଷା ସହଯୋଗ ଓ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଆଦି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାମ୍ବିଆ ରାଷ୍ଟ୍ରପତି ଏଡ୍‌ଗାର ଛାଗ୍‌ୱା ଲୁଙ୍ଗୁଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ପରେ ମିଳିତ ଖବରଦାତା ସମ୍ମିଳନୀକୁ ଦୁଇନେତା ସମ୍ବୋଧନ କରିଥିଲେ। ସ୍ୱାସ୍ଥ୍ୟ, ଶକ୍ତି ଓ ବିଭିନ୍ନ ପ୍ରକଳ୍ପ କାମରେ ଭାରତ ଜାମ୍ବିଆକୁ ସହଯୋଗ କରିବ ବୋଲି ମୋଦି କହିଥିଲେ। କୃଷି, ଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, କଳା ସଂସ୍କୃତି ଆଦି କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ ପଦକ୍ଷେପ ଗ୍ରହଣ କରିବେ। ଭାରତର ବାୟୁସେନା ପ୍ରଶିକ୍ଷଣ ଟିମ୍ ଜାମ୍ବିଆରେ ସେନା ପ୍ରଶିକ୍ଷଣ ଓ ସହଯୋଗ କାର୍ଯ୍ୟକରିବେ ବୋଲି ମୋଦି କହିଛନ୍ତି।

### ୩୭୦ ଉଚ୍ଛେଦ ପରେ ପ୍ରଥମ ଏନ୍‌କାଉଣ୍ଟର

## ଏସ୍‌ପିଓ ଶହୀଦ, ଆତଙ୍କବାଦୀ ନିହତ

**ଜମ୍ମୁ/ଶ୍ରୀନଗର,୨୧।୮ (ପି.ଟି./ଆଇଏଏନ୍‌ଏସ୍)**

ଜମ୍ମୁ-କଶ୍ମୀରର ବାରାମୁଲା ଜିଲାରେ ବୁଧବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଲଶ୍କର ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଜଣେ ସ୍ପେଶାଲ ପୋଲିସ ଅଫିସର (ଏସ୍‌ପିଓ) ଶହୀଦ ହୋଇଛନ୍ତି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ସମ୍ବିଧାନରୁ ହଟାଇବା ପରେ ଉପତ୍ୟକାରେ ଏହା ହେଉଛି ପ୍ରଥମ ଏନ୍‌କାଉଣ୍ଟର। ବାରାମୁଲା ଜିଲା ଗନିଏ-ହମାମ୍ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୁରକ୍ଷା ବଳକୁ ଗୋଇନ୍ଦା ସୂଚନା ମିଳିଥିଲା। ସିଆରପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୋଲିସର ଏସ୍‌ଓଜି ଯବାନମାନେ ମଙ୍ଗଳବାର ରାତିରେ ସମ୍ପୃକ୍ତ ଅଞ୍ଚଳକୁ ଘେରି ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀମାନେ ସେମାନଙ୍କୁ ଟାର୍ଗେଟ କରିଥିଲେ। ଆତଙ୍କବାଦୀଙ୍କ ଗୁଳିମାଡ଼ରେ ଏସ୍‌ପିଓ ବିଲାଲ ଅହମ୍ମଦ ଓ ସବ୍-ଇନ୍ସପେକ୍ଟର ଅମରଦୀପ ପରିହାର ଆହତ ହୋଇଥିଲେ। ବିଲାଲ ଶହୀଦ ହୋଇଯାଇଥିବାବେଳେ ପରିହାର ସେନା ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।



### ରାଜୌରି, ପୁଞ୍ଚରେ ଗୁଳିବର୍ଷା: ଜଣେ ନିହତ

ଅନ୍ୟପକ୍ଷରେ ସୁରକ୍ଷା ବଳର ଜବାବୀ କାର୍ଯ୍ୟାନୁଷ୍ଠାନରେ ବରାମୁଲା ନିବାସୀ ତଥା ଲଶ୍କର-ଇ-ତୋଇବା (ଏଲ୍‌ଇଟି) ଆତଙ୍କବାଦୀ ମୋଇନ୍ ଗୋଜ୍‌ରି ନିହତ ହୋଇଛନ୍ତି। ସେ ଅନେକ ଆପରାଧିକ ଓ ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ। ଏନ୍‌କାଉଣ୍ଟର ସ୍ଥଳରୁ ତାଙ୍କର ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଅନ୍ୟପକ୍ଷରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଘନଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଛି। ଏହିକ୍ରମରେ ପୁଞ୍ଚ୍ ଜିଲା ମେନ୍ଧାର ସେକ୍ଟର ସଂଲଗ୍ନ ଏଲ୍‌ଓସିରେ ମଙ୍ଗଳବାର ରାତିରେ ପାକିସ୍ତାନୀ ସୈନ୍ୟଙ୍କ ମୋର୍ଟାର ମାଡ଼ରେ ଦେବରାଜ ଗ୍ରାମର ଅବ୍‌ଦୁଲ କରିମ୍ ନାମକ ଜଣେ ସାଧାରଣ ନାଗରିକ ଆହତ ହୋଇଥିଲେ। ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସେହିପରି ସୁନ୍ଦରବନୀ ସେକ୍ଟରରେ ମଧ୍ୟ ବୁଧବାର ଅପରାହ୍ନ ୩ଟା ୪୫ରେ ପ୍ରତିପକ୍ଷ ସେନା ଅନୁରୂପ ଔଦ୍ଧତ୍ୟ ଦେଖାଇଛି। ମୋର୍ଟାର ମାଡ଼ରେ ଅନେକ ଘରର କାନ୍ଥ ଭାଙ୍ଗିଯାଇଛି।

### ରିଲିଫ କାର୍ଯ୍ୟରେ ନିୟୋଜିତ ହେଲିକପ୍ଟର ଦୁର୍ଘଟଣା: ୩ ମୃତ

**ଡେରାଡୁନ୍, ୨୧।୮(ପି.ଟି.)**

ଉତ୍ତରାଖଣ୍ଡରେ ବର୍ଷା ଓ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କ ଲାଗି ରିଲିଫ ଯୋଗାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଏକ ଘରୋଇ ହେଲିକପ୍ଟର ଉତ୍ତର କାଶୀର ମୋଲ୍‌ଡିରେ ବୁଧବାର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏଥିରେ ଥିବା ସମସ୍ତ ୩ ଜଣ ପ୍ରାଣ ହରାଇଛନ୍ତି। ଏକ ତାର ସଂସ୍ପର୍ଶରେ ଆସି ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଉତ୍ତରାଖଣ୍ଡ ଡିଜି(ଆଇନଶୃଙ୍ଖଳା) ଅଶୋକ କୁମାର ପ୍ରକାଶ କରିଛନ୍ତି। ହେଲିକପ୍ଟରରେ ଥିବା ପାଇଲଟ୍, କୋ-ପାଇଲଟ ଓ ଜଣେ ସ୍ଥାନୀୟ ବାସିନ୍ଦା ମୃତ୍ୟୁବରଣ କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ମୋରି ଅଞ୍ଚଳରେ ବହୁ ଘର ଧୋଇଯିବା ସହ ୧୬ ଜଣ ପ୍ରାଣ ହରାଇଥିଲେ। ନିଖୋଜ ୬ ଜଣଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ରିଲିଫ କାର୍ଯ୍ୟ ସାରି ଫେରୁଥିବାବେଳେ ହେଲିକପ୍ଟରଟି ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ତ୍ରିବେନ୍ଦ୍ର ସିଂ ରାଓ୍ୱତ୍ ଏନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।



## ପରଲୋକରେ ବାବୁଲାଲ୍ ଗୌର୍

**ଭୋପାଳ, ୨୧।୮(ପି.ଟି.)**



ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ବାବୁଲାଲ୍ ଗୌର୍(୮୯)ଙ୍କ ବୁଧବାର ଦେହାନ୍ତ ହୋଇଯାଇଛି। ମଙ୍ଗଳବାର ରାତିରେ ସେ ରକ୍ତଚାପ ଓ କିଡ୍‌ନୀ ଜନିତ ସମସ୍ୟାରେ ହଠାତ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ହୃଦ୍‌ଘାତରେ ତାଙ୍କର ଦେହାନ୍ତ ହୋଇଛି। ଗତ ୭ ତାରିଖରେ ତାଙ୍କୁ ଭୋପାଳର ନର୍ମଦା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଦେହାନ୍ତ ପରେ ତାଙ୍କ ଶେଷକୃତ୍ୟ ସୁଭାଷ ନଗର ବିଶ୍ରାମ ଘାଟରେ ମର୍ଯ୍ୟାଦାର ସହ ସମ୍ପନ୍ନ କରାଯାଇଛି। ସରକାରଙ୍କ ପକ୍ଷରୁ ତାଙ୍କ ଲାଗି ୩ ଦିନିଆ ଶୋକ ପାଳନ କରାଯିବ ବୋଲି ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବିୟୋଗରେ ଟୁଇଟ୍ ଯୋଗେ ଶୋକପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲାରେ ଜନ୍ମିତ ଗୌର୍ ୨୦୦୪ରେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

## ହାଇଦ୍ରାବାଦରେ କନ୍‌ସଲ ଜେନେରାଲ ଜୋଏଲ୍

**ହାଇଦ୍ରାବଦ, ୨୧।୮:** ହାଇଦ୍ରାବାଦରେ ଆମେରିକାର ନୂଆ ବାଣିଜ୍ୟିକ ରାଷ୍ଟ୍ରଦୂତ ଭାବେ ଜୋଏଲ ରେଫ୍‌ମ୍ୟାନ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ହାଇଦ୍ରାବାଦରେ ପହଞ୍ଚିବା ପରେ ଏହି ଅଞ୍ଚଳ ଲାଗି ଭାରତ-ଆମେରିକା ମଧ୍ୟରେ ସମ୍ପର୍କର ନିବିଡ଼ତା ରହିଥିବା ସେ କହିଛନ୍ତି। ଭାରତ- ଆମେରିକା ଶିଳ୍ପ, ପ୍ରତିରକ୍ଷା ଓ ବିଭିନ୍ନ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ଲାଗି ମିଳିତ ପ୍ରୟାସ କରିବାକୁ ସେ ଆଗେଇ ଆସିଥିବା କହିଛନ୍ତି। ହାଇଦ୍ରାବାଦରେ ଇ-କମର୍ସ ଜିଆଣ୍ଟ ଆମାଜନର ସର୍ବବୃହତ ଷ୍ଟୋର ଖୋଲିବା ଅବସରରେ ସେ ଏଭଳି ମତ ଦେଇଥିଲେ।



### ସିଜେଆଇଙ୍କ ବିରୋଧରେ ଷଡ଼ଯନ୍ତ୍ର ଅଭିଯୋଗ

## ତଦନ୍ତ ଶେଷ, ସେପ୍ଟେମ୍ବରରେ ରିପୋର୍ଟ

**ନୂଆଦିଲ୍ଲୀ,୨୧।୮**



ଭାରତର ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇଙ୍କ ବିରୋଧରେ ବଡ଼ ଷଡ଼ଯନ୍ତ୍ର ଅଭିଯୋଗର ତଦନ୍ତ ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଜଣିକିଆ କମିଟି ଏହାର କାର୍ଯ୍ୟ ଶେଷ କରିଛି ଏବଂ ସେପ୍ଟେମ୍ବର ମଧ୍ୟଭାଗରେ ରିପୋର୍ଟ ଦାଖଲ କରିପାରନ୍ତି ବୋଲି ଜଣାପଡିଛି। ଆଇନଜୀବୀ ଉତ୍ସବ ସିଂ ବୈନ୍ସଙ୍କ ଅଭିଯୋଗର ତଦନ୍ତ ପାଇଁ ଏପ୍ରିଲ ୨୫ରେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏ.କେ. ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଥିଲା। ସୁପ୍ରିମକୋର୍ଟରେ ଖଣ୍ଡପୀଠ ଫିକ୍ସିଂ ହେବା ସହ ବିଭିନ୍ନ ଅନିୟମିତତା ହେଉଥିବା ନେଇ ବୈନ୍ସ ସତ୍ୟପାଠ ଦାଖଲ କରିଥିଲେ। ସେ ଦାଖଲ କରିଥିବା ଦସ୍ତାବିଜ୍‌ଗୁଡ଼ିକୁ ତଦନ୍ତ କମିଟି ଅନୁଧ୍ୟାନ କରିଛନ୍ତି। ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ ସୁଦ୍ଧା କମିଟି ତାଙ୍କ ରିପୋର୍ଟ ସମ୍ପୂର୍ଣ୍ଣ କରି ଜଉମୁଦା ଲଫାପାରେ ସୁପ୍ରିମକୋର୍ଟରେ ଦାଖଲ କରିବେ ବୋଲି ଏକ ସୂତ୍ରରୁ ଜଣାପଡିଛି।

ତେବେ ଜଷ୍ଟିସ୍ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନ ଶୋଷଣ ଅଭିଯୋଗର ତଦନ୍ତ ହୋଇନାହିଁ। ତାଙ୍କ ବିରୋଧରେ ଜଣେ ପୂର୍ବତନ ମହିଳା କର୍ମଚାରୀ ଆଣିଥିବା ଯୌନ ନିର୍ଯାତନା ଅଭିଯୋଗର ତଦନ୍ତ କରି ସୁପ୍ରିମକୋର୍ଟର ଇନ୍-ହାଉସ୍ କମିଟି ମେ ୬ରେ ଗୋଗୋଇଙ୍କୁ କ୍ଲିନ୍‌ଚିଟ୍ ଦେଇଥିଲା। ଜଷ୍ଟିସ ଏସ୍.ଏ.ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ତଦନ୍ତ କମିଟିରେ ସୁପ୍ରିମକୋର୍ଟର ଦୁଇଜଣ ମହିଳା ବିଚାରପତି ଇନ୍ଦୁ ମାଲହୋତ୍ରା ଓ ଇନ୍ଦିରା ବାନାର୍ଜୀ ସଦସ୍ୟ ଥିଲେ।

### ୟୁପିରେ ୧୫୦ ମେଡିକାଲ ଛାତ୍ରଙ୍କୁ ର୍‍ୟାଗିଂ

# ଲଣ୍ଡାକରି ରାସ୍ତାରେ ବୁଲାଇଲେ

**ଲକ୍ଷ୍ନୌ, ୨୧।୮(ପି.ଟି.)**

ଉତ୍ତରପ୍ରଦେଶ(ୟୁପି)ର ସଇଫାଇଠାରେ ଥିବା ମେଡିକାଲ ସାଇନ୍ସ ବିଶ୍ୱବିଦ୍ୟାଳୟରେ ନବାଗତ ୧୫୦ ମେଡିକାଲ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଛି। ବରିଷ୍ଠ ଛାତ୍ରମାନଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ବର୍ଷର ଏହି ଛାତ୍ରମାନେ ଲଣ୍ଡାହୋଇ ରାସ୍ତାରେ ମୁଣ୍ଡ ନୁଆଁଇ ମାର୍ଚ୍ଚ କରିଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଭିଡିଓରେ ପ୍ରଥମ ବର୍ଷର ଛାତ୍ରମାନେ ଲଣ୍ଡା ହେବା ସହ ଧଳା ପୋଷାକ ପରିଧାନ କରି ମୁଣ୍ଡ ନୁଆଁଇ ରାସ୍ତାରେ ମାର୍ଚ୍ଚ କରୁଥିବା ଦେଖାଯାଇଛି। ଦ୍ୱିତୀୟ ଭିଡିଓରେ ବରିଷ୍ଠ ଛାତ୍ରଙ୍କୁ ଏମାନେ ସାଲ୍ୟୁଟ୍ ମାରୁଥିବାର ଦୃଶ୍ୟ ଦେଖାଯାଇଛି। ତୃତୀୟ ଭିଡିଓରେ ଜଣେ ସୁରକ୍ଷାକର୍ମୀ ଛାତ୍ରଙ୍କ ପାଖରେ ଛିଡ଼ା ହୋଇଥିବାର ଦୃଶ୍ୟ ରହିଥିବାବେଳେ ଏଭଳି କାର୍ଯ୍ୟକୁ ବିରୋଧ କରି ନ ଥିଲେ। ଏହି ଭିଡିଓକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଡ. ରାଜକୁମାର ଏନେଇ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ର୍‍ୟାଗିଂ ରୋକିବା ଲାଗି ସ୍ୱତନ୍ତ୍ର ସ୍କ୍ୱାଡ୍ ସହ ଏକ କମିଟି ଗଠନ କରାଯାଇଛି । ଏନେଇ ଛାତ୍ରମାନେ କମିଟି ଆଗରେ ଅଭିଯୋଗ କରିପାରିବେ ବୋଲି ସେ କହିଛନ୍ତି। ର୍‍ୟାଗିଂକୁ ନେଇ ପୂର୍ବରୁ ବହୁ ଛାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ମଧ୍ୟ କୁଳପତି କହିଛନ୍ତି। ନବାଗତମାନେ ଏନେଇ ଡ଼ରିବାର କିଛି ନାହିଁ ବୋଲି ସେ ସାନ୍ତ୍ୱନା ଦେଇଛନ୍ତି। ପ୍ରକାଶଥାଉ କି, ସଇଫାଇ ହେଉଛି ଏସ୍‌ପି ନେତା ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ୍ ସିଂ ଯାଦବଙ୍କ ନିଜ ଗାଁ। ମୁଲାୟମ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି ବିଶ୍ୱବିଦ୍ୟାଳୟ ଗଠନ କରାଯାଇଥିଲା। ଗତ ମାସରେ ହାଇଦ୍ରାବାଦର ଜଣେ ଛାତ୍ରଙ୍କୁ ଏଠାରେ ର୍‍ୟାଗିଂ କରାଯିବା ପରେ ସେ ଆତ୍ମହତ୍ୟା ଲାଗି ଉଦ୍ୟମ କରିଥିଲେ। ଗତ ମାର୍ଚ୍ଚରେ ତାମିଲନାଡୁର ୨ ଛାତ୍ର ର୍‍ୟାଗିଂ ଲାଗି ଆତ୍ମହତ୍ୟା କରିଥିଲେ। ଏହାସତ୍ତ୍ୱେ ର୍‍ୟାଗିଂକୁ ରୋକାଯାଇ ନ ପାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।





ଦେଢ଼ ମାସ ଧରି ଚାଲିଥିବା ଭାଜପା ସଦସ୍ୟ ସଂଗ୍ରହ ଅଭିଯାନରେ ମଙ୍ଗଳବାର ସୁଦ୍ଧା ୩.୭୮ କୋଟି ସଦସ୍ୟ ସାମିଲ ହୋଇଛନ୍ତି। ଏଥିରେ ନୂଆ ସଦସ୍ୟଙ୍କ ସଂଖ୍ୟା ୧.୬ କୋଟି। ଏହି ସଂଖ୍ୟା ୫ କୋଟି ଟପିବ ବୋଲି ଦଳର ଉପାଧ୍ୟକ୍ଷ ଦୁଷ୍ୟନ୍ତ କୁମାର ଗୌତମ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ବାରାଣସୀ ଓ ତେଲେଙ୍ଗାନାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଜୁଲାଇ ୬ରେ ଦଳର ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଥିଲେ।

## ସଂକ୍ଷେପରେ

### ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର

- ସମ୍ପର୍କୀୟ ଅଜା ବଳାତ୍କାର କରିଥିବା ଅଭିଯୋଗ
- ୨ଦିନ ପରେ ଡାକ୍ତରୀମାଇନା ପାଇଁ ଆଣିଲା ପୋଲିସ

**ନୟାଗଡ଼ ଅଫିସ,୨୧।୮:** ନୟାଗଡ଼ ଜିଲା ଇଟାମାଟି ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଶେଯରୁ ଉଠିପାରୁ ନ ଥିବା ଜଣେ ଦିବ୍ୟାଙ୍ଗ ନାବାଳିକା(୧୨)ଙ୍କୁ ତାଙ୍କ ସମ୍ପର୍କୀୟ ଅଜା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ, ଓଡ଼ଗାଁ ଥାନା ଅଞ୍ଚଳରେ ଉକ୍ତ ଦିବ୍ୟାଙ୍ଗ ନାବାଳିକାଙ୍କ ଘର । ସେ ଇଟାମାଟି ଥାନା ଅଞ୍ଚଳରେ ଥିବା ତାଙ୍କ ଆଈ ଘରେ ରୁହନ୍ତି। ନାବାଳିକାଙ୍କ ମୁଣ୍ଡଟି ଅସ୍ୱାଭାବିକ ଭାବେ ବଢୁଥିବାରୁ ସେ ଛାତ ଉପରେ ଥିବା ଏକ ଘରେ ସବୁବେଳେ ଶୋଇ ରୁହନ୍ତି। ପରିବାର ଲୋକେ ତାଙ୍କର ସେବା ଶୁଶ୍ରୂଷା କରନ୍ତି। ଗତ ସୋମବାର ରାତିରେ ନାବାଳିକାଙ୍କ ସମ୍ପର୍କୀୟ ଅଜା ତଥା ସେହି ଗ୍ରାମର ରବି ମହାନ୍ତି (୩୦) ଘରକୁ ଆସି ନାବାଳିକା କେଉଁଠି ଅଛି ବୋଲି ପଚାରିଥିଲେ। ଏହାପରେ ସେ ଛାତ ଉପର ଘରକୁ ଯାଇ ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଘରେ କେହି ପୁରୁଷ ଲୋକ ନ ଥିବାରୁ ରବି ଏଭଳି କାଣ୍ଡ ଘଟାଇ ଫେରାର ହୋଇଯାଇଥିଲେ। ସେଦିନ ରାତିରେ ନାବାଳିକାଙ୍କ ଆଈ ଓ ଅନ୍ୟମାନେ ଅଭିଯୋଗ କରିବା ପାଇଁ ଇଟାମାଟି ଥାନାକୁ ଯାଇଥିଲେ । ହେଲେ ପୋଲିସ ସେମାନଙ୍କୁ ମଙ୍ଗଳବାର ସକାଳେ ଆସିବାକୁ କହିଥିଲା। ମଙ୍ଗଳବାର ସେମାନେ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ମାମଲା(ନଂ.୧୧୫/୧୯) ରୁଜୁ କରିଥିଲା । ଦୁଇଦିନ ପରେ ଅର୍ଥାତ୍ ବୁଧବାର ପୋଲିସ ନାବାଳିକାଙ୍କୁ ଡାକ୍ତରୀମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା। ରବିଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଉଥିବା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ରବି କଟକର ବିଭିନ୍ନ ହୋଟେଲରେ ରହି ରୋଷେୟା କାମ କରନ୍ତି। କିଛିଦିନ ତଳେ ସେ ଗାଁକୁ ଆସିଥିଲେ।

### ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଜି.ଉଦୟଗିରି,୨୧।୮(ଡି.ଏନ.ଏ.):** ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ସାଢ଼େ ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଶିଶୁକନ୍ୟାଙ୍କ ମା'ଙ୍କ ଏତଲାକ୍ରମେ ଜି.ଉଦୟଗିରି ପୋଲିସ ନଂ.୧୦୦/୧୯ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପ୍ରଶ୍ନ କୁମାର ଦିଗାଲ (୪୩)। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ୍ ନ ଥିବାରୁ ତାଙ୍କୁ ଜି.ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି। ସମ୍ପୃକ୍ତ ଶିଶୁଙ୍କୁ ଡାକ୍ତରୀମାଇନା କରାଯାଇଥିବା ତଦନ୍ତ କରୁଥିବା ଏସ୍‌ଆଇ କୌଶଲ୍ୟା ବେହେରା କହିଛନ୍ତି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ ଶିଶୁକନ୍ୟାଙ୍କ ମା' ଘରେ କାମ କରୁଥିବାବେଳେ ସେ ବାରଣ୍ଡାରେ ଖେଳୁଥିଲା। ଅଭିଯୁକ୍ତ ଜଣକ ପରିଚିତ ଥିବାରୁ ଚକୋଲେଟ ଦେଇ ତାଙ୍କୁ କାଖେଇ ସେଠାରୁ କିଛି ଦୂର ନିର୍ଜନ ସ୍ଥାନକୁ ନେଇଯାଇଥିଲେ। ଏକ ବାରଣ୍ଡାରେ ବଳାତ୍କାର କରୁଥିବାବେଳେ ପୀଡ଼ିତାଙ୍କ ମା' ଓ ବଡ଼ ମାଉସୀ ଝିଅକୁ ଖୋଜି ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ସେମାନଙ୍କୁ ଦେଖି ଅଭିଯୁକ୍ତ ଶିଶୁକନ୍ୟାଙ୍କୁ ଛାଡି ଦୌଡ଼ି ପଳାଇଥିଲେ। ଝିଅକୁ ଉଦ୍ଧାର କରିବା ସହ ମା' ବୁଧବାର ଜି.ଉଦୟଗିରି ଥାନାରେ ଏତଲା ଦେଇଥିଲେ।

### ବିଚାରାଧୀନ କଏଦୀ ମୃତ

**କେନ୍ଦୁଝର,୨୧।୮(ସ୍ୱ.ପ୍ର.):** କେନ୍ଦୁଝର ଜେଲରେ ସଜା କାଟୁଥିବା ଜଣେ କଏଦୀଙ୍କ ବୁଧବାର ପୂର୍ବାହ୍ନରେ ମୃତ୍ୟୁ ଘଟିଛି। ତାଙ୍କ ନାମ ବିପିନ ନାୟକ। ଘର ବଡ଼ବିଲ ଥାନା ହିସାବୁରୁ ଗ୍ରାମରେ। ସେ ୨୦୧୭ ମସିହାରେ ଚମ୍ପୁଆ ଜେଲରୁ କେନ୍ଦୁଝରକୁ ସ୍ଥାନାନ୍ତରିତ ହୋଇ ଆସିଥିଲେ। ବୁଧବାର ସକାଳେ ତାଙ୍କ ବାନ୍ତି ହୋଇଥିଲା । ଏହା ପରେ ସେ ଅଚେତ୍ ହୋଇପଡିଥିଲେ । ତାଙ୍କୁ ଜେଲ୍ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିବା ଜେଲ ଅଧୀକ୍ଷକ ଗରିବ ସାହୁ କହିଛନ୍ତି। ହୃଦ୍‌ଘାତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।




# ବିଭାଗ ସହ ମିଶିବ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ରାଜ୍ୟର ବିଭିନ୍ନ ସରକାରୀ ବିଭାଗ ଏବଂ ଏହାର ଅଧସ୍ତନ ନିର୍ଦ୍ଦେଶାଳୟର ସମ୍ମିଶ୍ରଣ କରାଯିବ। ଏ ସଂକ୍ରାନ୍ତରେ ଏକ ସଂକଳ୍ପପତ୍ର ବୁଧବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଛି। ନିର୍ଦ୍ଦେଶାଳୟର କାର୍ଯ୍ୟଧାରାକୁ ସଜାଡିବା ସହ ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହା କରାଯାଉଥିବା ଜଣାପଡିଛି। ସରକାରୀ ବିଭାଗ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟ ଏକକ କାର୍ଯ୍ୟାଳୟ ଭାବେ କାର୍ଯ୍ୟ କରିବ।

ବିଭାଗରେ ଉପଲବ୍ଧ ସ୍ଥାନକୁ ଦୃଷ୍ଟିରେ ରଖି ସରକାରୀ ବିଭାଗ ବା ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ। ଏ ସଂକ୍ରାନ୍ତରେ ନିଷ୍ପତ୍ତି ସଂପୃକ୍ତ ବିଭାଗ ନେବ। ଏହି ନୂତନ

**ପ୍ରକାଶ ପାଇଲା ସଂକଳ୍ପପତ୍ର**

ବିଭାଗରେ ଓଡ଼ିଶା ସେକ୍ରେଟାରିଏଟ୍ ୱାର୍କଫ୍ଲୋ ଅଟୋମେଶନ ସିଷ୍ଟମ୍ (ଓସ୍‌ୱାସ୍) ମାଧ୍ୟମରେ ଏକକ ନଥି କାର୍ଯ୍ୟ ବ୍ୟବସ୍ଥା ପ୍ରଚଳନ ହେବ ଏବଂ ନିର୍ଦ୍ଦେଶାଳୟର ପ୍ରସ୍ତାବ ପୂର୍ବପରି ସରକାରୀ ବିଭାଗରେ ପୁନଃ ତର୍ଜମା କରାଯିବ ନାହିଁ। ସରକାରୀ ବିଭାଗ ଏବଂ ସଂପୃକ୍ତ ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ପ୍ରତିଷ୍ଠାନ, ନିର୍ଗମନ, ହିସାବ, ରୋକଡ୍ ପ୍ରଭୃତି ଶାଖା ଆବଶ୍ୟକ ଅନୁସାରେ ପୁନଃଗଠନ ହେବ। ପୁନର୍ଗଠନ ପରେ ବଳକା କର୍ମଚାରୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ପଠାଯିବ। ଏହା ପରେ ସେମାନଙ୍କୁ ଆବଶ୍ୟକସ୍ଥଳେ ଖାଲି ପଦବୀରେ ନିଯୁକ୍ତି କରାଯିବ। ସେହିପରି ଅର୍ଥ ବିଭାଗର ନିୟମ ଅନୁଯାୟୀ ଖାଲି ଥିବା ତଳିଆ ପଦବୀଗୁଡିକ ଉଚ୍ଛେଦ ମଧ୍ୟ କରାଯିବାର ନିଷ୍ପତ୍ତି ହୋଇଛି।

ସରକାରୀ ବିଭାଗ ଓ ନିର୍ଦ୍ଦେଶାଳୟର କର୍ମଚାରୀମାନେ ନିଜ ନିଜ କ୍ୟାଡରରେ ପୂର୍ବପରି ରହିବେ ଓ ଉପଲବ୍ଧ ଚାକିରି ସୁବିଧା ପାଇବେ। ପଦୋନ୍ନତି, ମୃତ୍ୟୁ, ଇସ୍ତଫା ବା ଅନ୍ୟ କୌଣସି କାରଣରୁ ନିର୍ଦ୍ଦେଶାଳୟ ପଦବୀ ଖାଲି ହେଲେ ତାହା ଆବଶ୍ୟକ ଅନୁସାରେ ସଚିବାଳୟ କମନ୍ କ୍ୟାଡର ଦ୍ୱାରା ପୂରଣ କରାଯିବ। ନିର୍ଦ୍ଦେଶାଳୟ କନିଷ୍ଠ ସହାୟକ ପଦବୀ ପାଇଁ ନିଯୁକ୍ତି କରାଯିବ ନାହିଁ। ସମ୍ପୃକ୍ତ ସରକାରୀ ବିଭାଗ ଉଭୟ ସମ୍ମିଶ୍ରଣ ଅଫିସ ପାଇଁ ଆଗାମୀ ଆର୍ଥିକ ବର୍ଷରୁ ଅର୍ଥ ବିଭାଗ ସହ ପରାମର୍ଶ କରି ଅନୁଦାନ ବ୍ୟବସ୍ଥା ମଧ୍ୟ କରିବେ।

# ୨୦ ବିଚାରପତିଙ୍କ ବଦଳି

**କଟକ ଅଫିସ,୨୧।୮**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ବିଭିନ୍ନ ଜିଲାରେ କାର୍ଯ୍ୟରତ ୨୦ ଜଣ ବିଚାରପତିଙ୍କୁ ବଦଳି କରାଯାଇଛି। ଏ ନେଇ ଗତ ୧୭ରେ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ତଦନୁଯାୟୀ, ଶିଶିର କୁମାର ରଥଙ୍କୁ କଟକ ଜିଲା ଓ ସେସନ୍ ଜଜ୍ ଭାବେ ବଦଳି କରାଯାଇଛି। ସେହିପରି କଳାହାଣ୍ଡି ଜିଲା ଓ ସେସନ୍ ଜଜ୍ ଭାବେ ପ୍ରଦୀପ କୁମାର ପଟ୍ଟନାୟକଙ୍କୁ, ସୁନ୍ଦରଗଡ଼ ସ୍ପେଶାଲ ଭିଜିଲାନ୍ସ ଜଜ୍ ଭାବେ ଅଶ୍ୱିନୀ କୁମାର ନାୟକଙ୍କୁ, ବରଗଡ଼ ଫ୍ୟାମିଲି କୋର୍ଟ ବିଚାରପତି ଭାବେ ରାଜକିଶୋର ନାୟକଙ୍କୁ, ଆଠଗଡ଼ ଏଡିଜେ ଭାବେ ଅଶୋକ କୁମାର ପହୀଙ୍କୁ, ସମ୍ବଲପୁର ଏଡିଜେ-୨ ଭାବେ ମମିତା ଦାସଙ୍କୁ, ଭୁବନେଶ୍ୱର କୋର୍ଟ-୩ ସ୍ପେଶାଲ ଜଜ୍ (ସିବିଆଇ) ଭାବେ ତାରା ପ୍ରସାଦ ରଥଙ୍କୁ, ବ୍ରହ୍ମପୁର ଫ୍ୟାମିଲି କୋର୍ଟ ବିଚାରପତି ଭାବେ ପ୍ରଜ୍ଞା ପାଣିଗ୍ରାହୀଙ୍କୁ, କେନ୍ଦ୍ରାପଡ଼ା ଏଡିଜେ ଭାବେ ଏମ୍.ଆର୍. ଦୋରାଙ୍କୁ, ପୁରୀ ଏଡିଜେ-୨ ଭାବେ ପୂର୍ଣ୍ଣିମା ଜେନାଙ୍କୁ, ଭୁବନେଶ୍ୱର ଫ୍ୟାମିଲି କୋର୍ଟ ଜଜ୍ ଭାବେ ରବୀନ୍ଦ୍ର କୁମାର ଦାସଙ୍କୁ, ରାଉରକେଲା ଏଡିଜେ-୧ ଭାବେ ଦୀପକ କୁମାରଙ୍କୁ, ବ୍ରହ୍ମପୁର ଏଡିଜେ-୧ ଭାବେ ପ୍ରସନ୍ନ କୁମାର ପଣ୍ଡାଙ୍କୁ, ନୟାଗଡ଼ ଏଡିଜେ ଭାବେ ଉଦୟଭାନୁ ଜେନାଙ୍କୁ, କଟକ ଏଡିଜେ-୨ ଭାବେ ହିମାଂଶୁ ଶେଖର ମଲ୍ଲିକଙ୍କୁ, କଟକ ଅତିରିକ୍ତ ସ୍ପେଶାଲ ଜଜ୍ (ଭିଜିଲାନ୍ସ) ଭାବେ ବିଜୟ କୁମାର ପାତ୍ରଙ୍କୁ, କଟକ ଏଡିଜେ-୧ ଭାବେ ପ୍ରଣବ କୁମାର ପାତ୍ରଙ୍କୁ, କଟକ ପି.ଓ., ଏସ୍‌ସି ଓ ଏସ୍‌ଟି କୋର୍ଟ ଜଜ୍ ଭାବେ ପି.ବି. ରାଓଙ୍କୁ, ବାଲେଶ୍ୱର ଫ୍ୟାମିଲି କୋର୍ଟ ଜଜ୍ ଭାବେ ଅଜନ୍ତା ଷଡଙ୍ଗୀଙ୍କୁ, କେନ୍ଦ୍ରାପଡ଼ା ଫ୍ୟାମିଲି କୋର୍ଟ ଜଜ୍ ଭାବେ ଅନିତା ସାହୁଙ୍କୁ ବଦଳି କରାଯାଇଛି।

■ ଏକତରଫା ପ୍ରେମର କରୁଣ ପରିଣତି

# ନାବାଳିକାଙ୍କୁ ପେଟ୍ରୋଲ ଢାଳି ପୋଡ଼ି ଦେବାକୁ ଉଦ୍ୟମ

**ବାସୁଦେବପୁର,୨୧।୮(ଡି.ଏନ.ଏ.)**

ଏକତରଫା ପ୍ରେମର କରୁଣ ପରିଣତି କେତେ ଭୟାନକ ହୋଇପାରେ ତାହା ଭଦ୍ରକ ଜିଲା ବାସୁଦେବପୁର ଥାନା ଅଞ୍ଚଳରେ ବୁଧବାର ଦେଖିବାକୁ ମିଳିଛି। ଜଣେ ବିଫଳ ପ୍ରେମିକ ଏକ ନାବାଳିକାଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ପ୍ରେମରେ ବିଫଳ ହେବାରୁ ଯୁବକ ଜଣଙ୍କ ଏଭଳି କାଣ୍ଡ ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ସଂପୃକ୍ତା ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡିଛି। ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ପୋଲିସ ତନାଘନା ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ଏକତରଫା ପ୍ରେମ କରିଆସୁଥିଲେ। ହେଲେ ତାଙ୍କ ପ୍ରେମକୁ ନାବାଳିକା ଜଣକ ସ୍ୱୀକାର କରୁ ନ ଥିଲେ। ଏହାପରେ ବି ବୁଧବାର ଅପରାହ୍ନରେ ସେ ନାବାଳିକାଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ। ଏଥିରେ ନାବାଳିକା ଜଣକ ରାଜି ନ ହେବାରୁ ସମ୍ପୃକ୍ତ ଯୁବକ ଉଗ୍ରରୂପ ଧାରଣ କରିଥିଲେ। ଯୁବକ ଜଣକ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ ବୋଲି ନାବାଳିକା ପୋଲିସ ଆଗରେ ବୟାନ ଦେଇଛନ୍ତି। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପରିବାର ଲୋକେ ରାତି ପ୍ରାୟ ୮ଟା ବେଳେ ବାସୁଦେବପୁର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ପଠାଯାଇଛି। ସ୍ଥାନୀୟ ପୋଲିସ ବାସୁଦେବପୁର ଡାକ୍ତରଖାନାରେ ପହଞ୍ଚି ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଘରେ କେହି ନ ଥିବାବେଳେ ସମ୍ପୃକ୍ତ ଯୁବକ ତାଙ୍କ ଝିଅକୁ ନିକଟସ୍ଥ ଏକ ଘରକୁ ଡାକି ନେଇ ଏହି କାଣ୍ଡ ଘଟାଇଥିବା ନାବାଳିକାଙ୍କ ବାପା କହିଛନ୍ତି।

'ପ୍ରଦାନ', 'ଜନସେବା କେନ୍ଦ୍ର' ସହ ଆପିକଲର ଚୁକ୍ତି ସ୍ୱାକ୍ଷରିତ

# ଉଦ୍ୟୋଗୀ ସୃଷ୍ଟି, କୃଷି ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ଲକ୍ଷ୍ୟ ନେଇ କୃଷି ଉଦ୍ୟୋଗ ପ୍ରୋତ୍ସାହନ ଯୋଜନା-୨୦୧୮ ପ୍ରଚଳନ ନିମନ୍ତେ 'ପ୍ରଦାନ' ଓ ଆପିକଲ ମଧ୍ୟରେ ବୁଧବାର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୃଷି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟର ୧୨ ଜିଲାର ୪୦ ଆଦିବାସୀ ଅଧ୍ୟୁଷିତ ବ୍ଲକ୍‌ରେ ୧ହଜାର କୃଷି ଉଦ୍ୟୋଗୀଙ୍କୁ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ନିମନ୍ତେ ଚୟନ କରାଯିବ। ପ୍ରତି ଉଦ୍ୟୋଗୀ ୨୦୦ରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର କୃଷି ଉତ୍ପାଦନ ସହ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବେ। ଆଗାମୀ ୩ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା ଚାଲୁ ରହିବ। ଅତିକମ୍‌ରେ ୨ଲକ୍ଷ ଚାଷୀଙ୍କୁ କୃଷି, ଉଦ୍ୟାନକୃଷି, ମତ୍ସ୍ୟ ଓ ପଶୁପାଳନ ତଥା କୃଷି ଯାନ୍ତ୍ରିକୀକରଣ ମାଧ୍ୟମରେ ଉତ୍ପାଦନ ବୃଦ୍ଧିକରି ଆତ୍ମନିର୍ଭରଶୀଳ ହେବା ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ପ୍ରତ୍ୟେକ କୃଷି ଉଦ୍ୟୋଗୀ ସମ୍ପୃକ୍ତ ଅଞ୍ଚଳରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଏକକ ସେବା ପ୍ରଦାନକାରୀ ରୂପେ କାର୍ଯ୍ୟ କରିବେ। କୃଷକ ଉତ୍ପାଦନ ସଂଘ ଓ ଆଗ୍ରହୀ କୃଷକ ଗୋଷ୍ଠୀଙ୍କୁ ନେଇ ଉଦ୍ୟୋଗୀ ଜଣକ ନିଜ ଅଞ୍ଚଳର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବିଭିନ୍ନ ଯୋଜନାରେ ଉପଲବ୍ଧ ସୁବିଧା ସମ୍ବନ୍ଧରେ ଅବଗତ କରାଇବେ। କୃଷି ଉପକରଣ ଯୋଗାଇବାରେ ସାହାଯ୍ୟ କରିବା ସହିତ କୃଷିଜାତ ସାମଗ୍ରୀର ବିପଣନରେ ମଧ୍ୟ ସହାୟକ ହେବେ ବୋଲି ମନ୍ତ୍ରୀ କହିଛନ୍ତି।



'ପ୍ରଦାନ', 'ଜନସେବା କେନ୍ଦ୍ର' ସହ ଆପିକଲର ଚୁକ୍ତି ସ୍ୱାକ୍ଷର ଅବସରରେ କୃଷିମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟମାନେ।

ସେହିପରି ୨୦୧୮ ଜୁନରୁ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା(ଏମ୍‌କେୱାଇ)ରେ ଅଧିକରୁ ଅଧିକ ସଂଖ୍ୟକ ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ ନେଇ ମଧ୍ୟ ଆପିକଲ ଓ ଜନସେବା କେନ୍ଦ୍ର ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିପତ୍ର ଅନୁଯାୟୀ ଜନସେବା କେନ୍ଦ୍ର ଗାଁ ଗହଳିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଉଦ୍ୟୋଗ ସ୍ଥାପନ ନିମନ୍ତେ ଉତ୍ସାହୀ ଉଦ୍ୟୋଗୀଙ୍କୁ ଏମ୍‌କେୱାଇର ଆବେଦନ ପ୍ରକ୍ରିୟା ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ଓ ସାହାଯ୍ୟ ଯୋଗାଇଦେବେ। ଉତ୍ସାହୀ ଉଦ୍ୟୋଗୀ ଏହି ଯୋଜନାରେ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରିହାତିର ସୁଯୋଗ ପାଇପାରିବେ। ଯୋଜନାରେ ମୁଖ୍ୟତଃ ଅନୁସୂଚିତ ଜାତି, ଜନଜାତି ଓ ମହିଳା ଉଦ୍ୟୋଗୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଜନସେବା କେନ୍ଦ୍ର ସହିତ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଫଳରେ ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି, ଉଦ୍ୟାନକୃଷି, ମତ୍ସ୍ୟଚାଷ, ପଶୁପାଳନ ତଥା ଖାଦ୍ୟପ୍ରକ୍ରିୟାକରଣ ଉଦ୍ୟୋଗ ପ୍ରତିଷ୍ଠା ତ୍ୱରାନ୍ୱିତ ହୋଇପାରିବ। ଜନସେବା କେନ୍ଦ୍ର ଉତ୍ସାହୀ ଉଦ୍ୟୋଗୀଙ୍କୁ ପଞ୍ଜୀକରଣ ସୁଯୋଗ ଯୋଗାଇଦେବ ଓ ରାଜ୍ୟରେ ଅଧିକ ସଂଖ୍ୟକ କୃଷିଭିତ୍ତିକ ଉଦ୍ୟୋଗ ସ୍ଥାପନ ହୋଇପାରିବ। ଏତଦ୍‌ବ୍ୟତୀତ ଜନସେବା କେନ୍ଦ୍ର ମାଧ୍ୟମରେ ଉତ୍ସାହୀ ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ୍ ପ୍ରକ୍ରିୟା ସମ୍ବନ୍ଧରେ ପ୍ରଶିକ୍ଷଣ ଯୋଗାଇ ଦିଆଯିବ।

ଏହି ଅବସରରେ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ଆପିକଲର ପରିଚାଳନା ନିର୍ଦ୍ଦେଶକ ଡ. ଶୁଭ୍ରେନ୍ଦୁ ଶେଖର ଦେ, ଅଧ୍ୟକ୍ଷ ପ୍ରଭାଦିତ୍ୟ ମିଶ୍ର, କୃଷି ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର, ଉଦ୍ୟାନକୃଷି ନିର୍ଦ୍ଦେଶକ ଡ. ବିଜୟ କୁମାର ଉପାଧ୍ୟାୟ ଉପସ୍ଥିତ ଥିଲେ।

■ ରୋଜ୍‌ଭ୍ୟାଲି ଚିଟ୍‌ଫଣ୍ଡ ମାମଲା

# ହାଇକୋର୍ଟରେ ସିବିଆଇର ଚାର୍ଜଶିଟ୍ ଦାଖଲ

**ମୋହତାଙ୍କ ଚିକିତ୍ସା ଲାଗି ଡାକ୍ତରୀ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ**

**କଟକ ଅଫିସ, ୨୧।୮**

ରୋଜଭ୍ୟାଲି ଚିଟ୍‌ଫଣ୍ଡ ମାମଲାର ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏଥିରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ତେବେ ତଦନ୍ତରୁ କ'ଣ ମିଳିଛି ସେ ସମ୍ପର୍କରେ ସିବିଆଇ ହାଇକୋର୍ଟଙ୍କୁ କୌଣସି ସୂଚନା ଦେଇନାହିଁ। ଅନ୍ୟପକ୍ଷରେ ଗତ ୩ମାସ ଧରି ସିବିଆଇ ଯେଉଁ ତଦନ୍ତ କରିଛି ଓ ତଦନ୍ତରୁ କ'ଣ ପ୍ରମାଣ ପାଇଛି ତାହାକୁ ପ୍ରକାଶ କରିବା ଲାଗି ଅଭିଯୁକ୍ତ ଶ୍ରୀକାନ୍ତ ମୋହତାଙ୍କ ଓକିଲ ସୌରଚନ୍ଦ୍ର ମହାପାତ୍ର ଯୁକ୍ତି ବାଢ଼ିଥିଲେ। ବିଚାରପତି ଜଷ୍ଟିସ୍ ଏସ୍.କେ. ସାହୁ ଉକ୍ତ ମାମଲାର ଶୁଣାଣି କରି ତଦନ୍ତରେ ମିଳିଥିବା ନୂଆ ପ୍ରମାଣ ଦାଖଲ କରିବାକୁ ସିବିଆଇକୁ କହିଥିଲେ। ମାତ୍ର ସିବିଆଇ ଉକ୍ତ ପ୍ରମାଣ ଆଣି ନ ଥିଲା। ପରେ ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ବିଚାରପତି ଜଷ୍ଟିସ୍ ସାହୁ କହିଥିଲେ। ଉକ୍ତ ଦିନ ମାମଲାର ଶୁଣାଣି ବେଳେ ଏହି ପ୍ରମାଣ ଦାଖଲ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବା ନେଇ ମୋହତାଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ତେବେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ ପାଇଁ ଏସ୍‌ସିବି ମେଡିକାଲର ଏକ ଡାକ୍ତରୀ ବୋର୍ଡ ଗଠନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୮ରେ ହେବାକୁ ଥିବା ଶୁଣାଣି ବେଳେ ଡାକ୍ତରୀ ବୋର୍ଡର ରିପୋର୍ଟ ମଧ୍ୟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ରୋଜଭ୍ୟାଲି ଚିଟ୍‌ଫଣ୍ଡର ମୁଖ୍ୟ ଗୌତମ କୁଣ୍ଡୁ ହୋଇଥିବାବେଳେ ମୋହତା ହେଉଛନ୍ତି ବଙ୍ଗଳା ଫିଲ୍ମର ପ୍ରଯୋଜକ। ରୋଜଭ୍ୟାଲି ଟିଭି ଚ୍ୟାନେଲ ଓ ମୋହତାଙ୍କ ସିନେମା ସଂସ୍ଥା ମଧ୍ୟରେ ୨୦୧୦ରେ ବ୍ୟବସାୟିକ ଚୁକ୍ତି ହୋଇଥିଲା। ଏ ବାବଦରେ ରୋଜଭ୍ୟାଲି ଜମାଖାତାରୁ ମୋହତାଙ୍କ ଆକାଉଣ୍ଟକୁ କୋଟି କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଚିଟ୍‌ଫଣ୍ଡ ଘଟଣାର ତଦନ୍ତ କରୁଥିବା ସିବିଆଇ ଏହି ଟଙ୍କା କାରବାର ସମ୍ପର୍କରେ ମୋହତାଙ୍କୁ ପଚାରିଥିବାବେଳେ ସେ ତାହାର ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ମୋହତାଙ୍କୁ ସିବିଆଇ କୋଲକାତାରୁ ଗିରଫ କରିଥିଲା। ପରେ ମୋହତା ଭୁବନେଶ୍ୱର ସ୍ୱତନ୍ତ୍ର ଏସ୍‌ଜେଏମ୍ କୋର୍ଟରେ ଜାମିନ ଆବେଦନ କରିଥିଲେ। ମାତ୍ର ଅଦାଲତ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ବୈଠକ

# ଇସ୍ପାତ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦେଶରେ ଇସ୍ପାତ ଉତ୍ପାଦନ ବୃଦ୍ଧି ସମ୍ପର୍କିତ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇସ୍ପାତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଯୁଗ୍ମ ପ୍ଲାଣ୍ଟ କମିଟି ଏବଂ ସିଆର୍‌ଆଇଏସ୍‌ଆଇଏଲ୍‌ର ପ୍ରମୁଖ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

ଇସ୍ପାତ ଉତ୍ପାଦନ ଦିଗରେ ନୂତନ ପଦ୍ଧତି ଉଦ୍ଭାବନ ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଇସ୍ପାତ

**ନୂଆ ରୋଡ୍‌ମ୍ୟାପ୍‌କୁ ପ୍ରାଧାନ୍ୟ**

ଆମଦାନୀ ହ୍ରାସ କରିବା ସହ ଭାରତକୁ କିପରି ଇସ୍ପାତ ରପ୍ତାନି ରାଷ୍ଟ୍ରରେ ପରିଣତ କରାଯିବ, ସେ ଦିଗରେ ଆଲୋଚନା କରିଥିଲେ। ଏହି ଅବସରରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ଧର୍ମେନ୍ଦ୍ର କହିଥିଲେ ଯେ, ସାରା ବିଶ୍ୱରେ ଶିଳ୍ପବିପ୍ଲବ ୪.୦ ମଧ୍ୟଭାଗରେ ରହିଛି। ନୂଆ ବୈଷୟିକ ପଦ୍ଧତି ବ୍ୟବହାର ଓ ବିଚାର ଦ୍ୱାରା ଆଗାମୀ ଦିନରେ ଭାରତକୁ ବିଶ୍ୱରେ ଇସ୍ପାତ ନେତୃତ୍ୱ ନେଇପାରିବା ଭଳି ଶିଳ୍ପ ଶକ୍ତିଭାବେ ଗଢ଼ିତୋଳିବା ଉପରେ କେନ୍ଦ୍ରମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଜାତୀୟ ଇସ୍ପାତ ନୀତି-୨୦୧୭ ରିପୋର୍ଟ ଅନୁଯାୟୀ, ଦେଶର ମୁଣ୍ଡ ପିଛା ଇସ୍ପାତ ବ୍ୟବହାର ବିଶ୍ୱ ହାରାହାରି ୨୦୮ ଗ୍ରାମ୍ ତୁଳନାରେ ମାତ୍ର ୬୨ ଗ୍ରାମ୍ ରହିଛି। ଏହି ଚାହିଦା ଦ୍ରୁତ ବୃଦ୍ଧିର ସମ୍ଭାବନା ପରିପ୍ରେକ୍ଷୀରେ ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି ମଧ୍ୟ ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର କହିଛନ୍ତି।



ସମୀକ୍ଷା ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ।

# ଓଡ଼ିଶାକୁ 'ନ୍ୟୁଟ୍ରିଶନ ଚାମ୍ପିୟନ' ଟ୍ୟାଗ୍ ଦେଲା ଆଇଏଫ୍‌ପିଆର୍‌ଆଇ

- କୁପୋଷଣ ଦୂରୀକରଣରେ ରାଜ୍ୟ ସରକାରଙ୍କୁ ସଫଳତା
- ଧନୀ ରାଜ୍ୟଠାରୁ ଭଲ ପ୍ରଦର୍ଶନ କରିଛି ଓଡ଼ିଶା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ଅନ୍ୟ ରାଜ୍ୟମାନଙ୍କୁ ପଛରେ ପକାଇ ଦେଶର 'ନ୍ୟୁଟ୍ରିଶନ ଚାମ୍ପିୟନ' ହେବାର ଗୌରବ ଅର୍ଜନ କରିଛି ଓଡ଼ିଶା। ଶିଶୁଙ୍କଠାରେ କୁପୋଷଣ ଦୂର କରିବା କ୍ଷେତ୍ରରେ ଆଖିଦୃଶିଆ କାର୍ଯ୍ୟ କରିବା ଲାଗି ଇଣ୍ଟରନ୍ୟାଶନାଲ ଫୁଡ୍ ପଲିସି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍(ଆଇଏଫ୍‌ପିଆର୍‌ଆଇ) ଓଡ଼ିଶାକୁ ଏହି ଟ୍ୟାଗ୍ ପ୍ରଦାନ କରିଛି। ୱାଶିଂଟନ୍ ଡିସିର ଏହି ସଂସ୍ଥା ଦ୍ୱାରା ବିଶ୍ୱର କେତେକ ରାଷ୍ଟ୍ରକୁ ନେଇ ସର୍ଭେ କରାଯାଇଥିବାବେଳେ ଏଥିରେ ବାଲାଂଦେଶ, ବ୍ରାଜିଲ, ନେପାଳ, ପେରୁ, ଥାଇଲାଣ୍ଡ, ଭିଏତ୍‌ନାମ, ଇଥିଓପିଆ ଏବଂ ଭାରତ ରହିଥିଲେ। କୁପୋଷଣ ଏବଂ ଏହାର ନିରାକରଣ କ୍ଷେତ୍ରରେ କେଉଁ ରାଷ୍ଟ୍ର ଏବଂ କେଉଁ ରାଜ୍ୟ କିଭଳି କାର୍ଯ୍ୟ କରିଛନ୍ତି ତାହାକୁ ଅନୁଶୀଳନ କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା।

ଭାରତରେ ହୋଇଥିବା ସର୍ବେକ୍ଷଣରେ ଓଡ଼ିଶା ସହ ଗୁଜରାଟ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶ ଭଳି ଆଗଧାଡ଼ିର ରାଜ୍ୟଗୁଡ଼ିକୁ ନେଇ ଏକ ତୁଳନାତ୍ମକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ସରକାରମାନଙ୍କ ଆଖିଦୃଶିଆ ପଦକ୍ଷେପ କୁପୋଷଣ ଦୂର କରିବାରେ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିଛି ତାହାକୁ ଏଥିରେ ଦର୍ଶାଯାଇଥିଲା। ରିପୋର୍ଟ ମୁତାବକ, ଏ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଧିକ ସଫଳତା ହାସଲ କରିଛି। କେବଳ ଏତିକି ନୁହେଁ, ୧୨ରୁ ୨୩ ମାସ ମଧ୍ୟରେ ସମସ୍ତ ଶିଶୁଙ୍କୁ ଟିକାକରଣ କରି ରାଜ୍ୟ ରେକର୍ଡ ସୃଷ୍ଟି କରିଛି। ଏଥିସହ ଉଭୟ ମା' ଓ ୩ବର୍ଷରୁ କମ୍ ବୟସର ଶିଶୁଙ୍କ ପାଇଁ ନିୟମିତ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି। ୨୦୦୫-୦୬ରେ ଓଡ଼ିଶାରେ କୁପୋଷଣ ଯୋଗୁ ୪୬.୫ ପ୍ରତିଶତ ଶିଶୁଙ୍କର ଶାରୀରିକ ବିକାଶ ଠିକ୍ ଭାବେ ହେଉ ନ ଥିବାବେଳେ ୨୦୧୫-୧୬ରେ ଏହା ହ୍ରାସ ପାଇଁ ୩୫.୩ ପ୍ରତିଶତରେ ପହଞ୍ଚିଛି। ସେହିଭଳି ପୋଷଣ ଅଭାବରୁ ୪୨.୩ ପ୍ରତିଶତ ଶିଶୁଙ୍କର ଓଜନ ସ୍ୱାଭାବିକଠାରୁ କମ୍ ଥିବାବେଳେ ଏବେ ତାହା କମି ୩୫.୮ ପ୍ରତିଶତରେ ପହଞ୍ଚିଛି। ଏହାବ୍ୟତୀତ ୨୦୧୪ ତୁଳନାରେ ୨୦୧୭ରେ ଇଣ୍ଟିଗ୍ରେଟେଡ୍ ଚାଇଲ୍ଡ ଡେଭଲପ୍‌ମେଣ୍ଟ ସର୍ଭିସ (ଆଇସିଡିଏସ୍) ଅଧିକ ୩୪ ପ୍ରତିଶତ ଲୋକଙ୍କ ନିକଟରେ ପହଞ୍ଚିପାରିଛି। ଆଇସିଡିଏସ୍ ସେବା ଯୋଗାଇବା କ୍ଷେତ୍ରରେ ଓଡ଼ିଶା ଗୁଜରାଟ, ମଧ୍ୟପ୍ରଦେଶ ଭଳି ଧନୀ ରାଜ୍ୟଠାରୁ ବେଶ୍ ଆଗରେ ରହିଥିବା ଏହି ରିପୋର୍ଟରେ କୁହାଯାଇଛି।

## ଆମେରିକାର କ୍ରାଟର ହ୍ରଦରେ ବୁଡ଼ି ଭାରତୀୟ ଛାତ୍ର ମୃତ

ଆମେରିକାର ଓରେଗନ୍ ରାଜ୍ୟରେ ଥିବା କ୍ରାଟର ହ୍ରଦରେ ବୁଡ଼ିଯାଇ ଜଣେ ୨୭ ବର୍ଷୀୟ ଭାରତୀୟ ଛାତ୍ର ସୁମେଧ ମନ୍ନାର ପ୍ରାଣ ହରାଇଛନ୍ତି। ସେ ରବିବାର ୨୫ ଫୁଟ୍ ଉଚ୍ଚ ଜମ୍ପିଙ୍ଗ୍ ରକ୍‌ରୁ ହ୍ରଦ ମଧ୍ୟକୁ ଡେଇଁଥିଲେ। ତେବେ ସେ ଆଉ କୂଳକୁ ଆସିପାରି ନ ଥିଲେ। ତାହା ଏକ ନିଷିଦ୍ଧାଞ୍ଚଳ ହୋଇ ନ ଥିବାବେଳେ ମନ୍ନାର ବୁଡ଼ିଯିବାର ପ୍ରକୃତ କାରଣ ଜଣାପଡିନାହିଁ। କ୍ରାଟର ଲେକ୍ ହସ୍ପିଟାଲିଟିର କର୍ମଚାରୀମାନେ ବୋଟ ସହାୟତାରେ ୩ ଘଣ୍ଟା ଧରି ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇ ନ ଥିଲେ। ପରଦିନ ସକାଳେ ବୁଡ଼ାଳିମାନେ ୯୦ ଫୁଟ ତଳୁ ମନ୍ନାରଙ୍କ ମୃତଦେହ ଉଦ୍ଧାର କରିଥିଲେ। ମନ୍ନାରଙ୍କ ଘର ଭାଇଜାଗ୍‌ରେ। ତାଙ୍କ ବାପା ଏମ୍.ଏସ୍. କୁମାର ଆନ୍ଧ୍ରପ୍ରଦେଶ ରଣଜୀ ଦଳର ପୂର୍ବତନ କ୍ରିକେଟର।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସମ୍ପତ୍ତି ତାଲିକା ଦେବେ ପ୍ରାଥମିକ ସମବାୟ ସମିତି ସମ୍ପାଦକ

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ରାଜ୍ୟର ସମସ୍ତ ପ୍ରାଥମିକ ସମବାୟ ସମିତିରେ କାର୍ଯ୍ୟରତ ସମ୍ପାଦକମାନେ ବାର୍ଷିକ ସମ୍ପତ୍ତି ତାଲିକା ଦେବେ। ଓଡିଶା ସମବାୟ ସମିତି ଆଇନ ୧୯୬୨ର ଧାରା-୩୩ ଏ(ବି) ଅନୁଯାୟୀ ସମବାୟ ସମିତି ସମୂହ ନିବନ୍ଧକ ବୁଧବାର ଏଭଳି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ମର୍ମରେ ସମସ୍ତ ଡିଭିଜନାଲ, ଡେପୁଟି ରେଜିଷ୍ଟ୍ରାର ଏବଂ ଆସିଷ୍ଟାଣ୍ଟ ଡେପୁଟି ରେଜିଷ୍ଟ୍ରାରଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି, ଲ୍ୟାମ୍ପସ ଏବଂ ଏଫ୍ଏସ୍ସିଏସ୍‌ରେ କାର୍ଯ୍ୟ କରୁଥିବା ସମ୍ପାଦକମାନଙ୍କୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତିର ବିବରଣୀ ସମ୍ପୃକ୍ତ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟିଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ପ୍ରଥମ ପୃଷ୍ଠାରୁ...

## ଚିଦାମ୍ବରମ ...

ସିବିଆଇ ଅଧିକାରୀମାନେ ଘର ଆଗରେ ନୋଟିସ ଲଗାଇ ୨ ଘଣ୍ଟା ମଧ୍ୟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ପୁନର୍ବାର ଅଧିକାରୀମାନେ ତାଙ୍କ ବାସଭବନକୁ ଯାଇଥିଲେ। ସେ ଦେଶ ବାହାରକୁ ଚାଲିଯିବା ଆଶଙ୍କାରେ ସିବିଆଇ ଏବଂ ଇଡି ପକ୍ଷରୁ ପୃଥକ୍ ଲୁକ୍ଆଉଟ୍ ନୋଟିସ ଜାରି କରାଯାଇଥିଲା।

ଲୋଧି ଇଷ୍ଟେଟ୍‌ରେ ଚିଦାମ୍ବରମଙ୍କ ମୋବାଇଲ ଫୋନ ଥିବା ଟ୍ରାକିଂରୁ ଜଣାପଡିଥିଲା । ପରେ ଉକ୍ତ ଫୋନ ସ୍ୱିଚ୍ଅଫ୍ ହୋଇଯାଇଥିଲା। ଡ୍ରାଇଭର ଓ କିରାଣିଙ୍କୁ ଅଧାବାଟରେ ଓହ୍ଲାଇଦେଇ ଚିଦାମ୍ବରମ ଅଜଣା ସ୍ଥାନକୁ ଚାଲିଯାଇଥିବା ଜେରା ବେଳେ ସେମାନେ କହିଥିଲେ।

ବୁଧବାର ସକାଳେ ବରିଷ୍ଠ ଆଇନଜୀବୀ କପିଲ ଶିବଲ ବିଚାରପତି ଏନ୍.ଭି. ରମାନା, ଏମ୍. ଶନ୍ତନାଗୌଦର ଏବଂ ଅଜୟ ରସ୍ତୋଗୀଙ୍କ ଖଣ୍ଡପୀଠରେ ପିଟିଶନ୍ ଦାଏର କରିବାକୁ ପ୍ରଥମେ ଉଦ୍ୟମ କରିଥିଲେ। ତେବେ ମାମଲାର ତ୍ୱରିତ ଶୁଣାଣି ଲାଗି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ପାଖକୁ ଯିବା ଲାଗି ସେମାନେ ଶିବଲଙ୍କୁ କହିଥିଲେ। ତୁରନ୍ତ ଶୁଣାଣି ତାଲିକାରେ ପିଟିଶନ ସ୍ଥାନ ନ ପାଇବାରୁ ଅପରାହ୍ନରେ ଶିବଲ ପୁଣିଥରେ ପୂର୍ବ ଖଣ୍ଡପୀଠକୁ ଯାଇଥିଲେ। ତାଙ୍କ ସହ ବରିଷ୍ଠ ଆଇନଜୀବୀ ବିବେକ ତାଙ୍ଖା ଓ ଇନ୍ଦିରା ଜୟସିଂ ମଧ୍ୟ ଥିଲେ। ଚିଦାମ୍ବରମଙ୍କ ବିରୋଧରେ ଲୁକ୍ଆଉଟ ନୋଟିସ ଜାରି ହୋଇଥିବା ସମ୍ପର୍କରେ ସେମାନେ ଖଣ୍ଡପୀଠଙ୍କୁ ଜଣାଇଥିଲେ। ପିଟିଶନରେ ତ୍ରୁଟି ଥିବା ରେଜିଷ୍ଟ୍ରାର ଜଣାଇବା ପରେ ସେଥିରେ ସଂଶୋଧନ କରାଯାଇଥିଲା। ତେବେ ତାହା ତାଲିକାଭୁକ୍ତ ହୋଇ ନ ଥିବାରୁ ବୁଧବାର ଶୁଣାଣି ସମ୍ଭବ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ।

ଅନ୍ୟପକ୍ଷରେ ପୂର୍ବତନ ଅର୍ଥମନ୍ତ୍ରୀଙ୍କ ସମର୍ଥନରେ ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସର କେତେକ ନେତା ଆଗକୁ ବାହାରିଛନ୍ତି। ସରକାର କ୍ଷମତାର ଅପପ୍ରୟୋଗ କରୁଛନ୍ତି। ଚିଦାମ୍ବରମଙ୍କ ଚରିତ୍ର ସଂହାର ଲାଗି ତଦନ୍ତକାରୀ ସଂସ୍ଥା ଓ ଗଣମାଧ୍ୟମକୁ ବ୍ୟବହାର କରାଯାଉଥିବା ରାହୁଲ ଅଭିଯୋଗ କରିଥିଲେ। ପରିଣାମ ଯାହା ହେଉନା କାହିଁକି ସତ୍ୟ ପାଇଁ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଥିଲେ। ଦଳର ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା, ଆନନ୍ଦ ଶର୍ମା ଓ ଅନ୍ୟ ନେତାମାନେ ମଧ୍ୟ ଚିଦାମ୍ବରମଙ୍କ ପଛରେ ଛିଡ଼ାହୋଇଥିଲେ। ସେପଟେ ପୂର୍ବତନ ଅର୍ଥମନ୍ତ୍ରୀଙ୍କ ବ୍ୟବହାରକୁ ଭାଜପା ପକ୍ଷରୁ ସମାଲୋଚନା କରାଯାଇଥିଲା। ସେ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ଭଳି ବ୍ୟବହାର ଦେଖାଉଛନ୍ତି ବୋଲି ଭାଜପା ମୁଖପାତ୍ର ଜି.ଭି.ଏଲ୍. ନରସିଂହ ରାଓ କହିଥିଲେ। ଯଦି ସେ ସନ୍ଦେହଜନକ କାର୍ଯ୍ୟ କରିଥିବେ ତା'ର ପରିଣାମ ତାଙ୍କୁ ଭୋଗିବାକୁ ପଡିବ। ତଦନ୍ତକାରୀ ସଂସ୍ଥା ସରକାରଙ୍କ ପାଇଁ କାର୍ଯ୍ୟ କରୁନାହିଁ। ସ୍ୱାଧୀନ ଭାବେ କାର୍ଯ୍ୟକରିବା କ୍ଷମତା ସେମାନଙ୍କର ରହିଛି ବୋଲି ଭାଜପା ମୁଖପାତ୍ର ଶାହନୱାଜ୍ ହୁସେନ୍ କହିଥିଲେ।

### ଏଫ୍‌ଡିଆଇ ନିୟମ ଉଲ୍ଲଂଘନ ଅଭିଯୋଗ

# ପ୍ରଣୟ ରୟ, ରାଧିକା ରୟଙ୍କ ବିରୋଧରେ ମାମଲା

**ନୂଆଦିଲ୍ଲୀ,୨୧।୮**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) ନିୟମ ଉଲ୍ଲଂଘନ ଅଭିଯୋଗରେ ଏନ୍‌ଡିଟିଭିର ପ୍ରମୋଟର ପ୍ରଣୟ ରୟ ଏବଂ ରାଧିକା ରୟଙ୍କ ବିରୋଧରେ ମାମଲା ଦାଏର କରିଛି। ୨୦୦୭ରୁ ୨୦୦୯ ମଧ୍ୟରେ ହୋଇଥିବା ବିଦେଶୀ ନିବେଶ ନେଇ ଏହି ମାମଲା ଦାଏର ହୋଇଛି। ତେବେ ଏନ୍‌ଡିଟିଭି ପକ୍ଷରୁ ସମସ୍ତ ଅଭିଯୋଗକୁ ଖଣ୍ଡନ କରାଯାଇଛି। ଏଥିସହିତ ସିବିଆଇ ନ୍ୟୁଜ ଚ୍ୟାନେଲର ତତ୍କାଳୀନ ସିଇଓ ବିକ୍ରମାଦିତ୍ୟ ଚନ୍ଦ୍ରା ଏବଂ ଅଜ୍ଞାତ ସରକାରୀ ଅଧିକାରୀଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର ରଚିବା, ଜାଲିଆତି ଏବଂ ଦୁର୍ନୀତି ମାମଲା ଦାଏର କରିଛି ବୋଲି ଜଣେ ବରିଷ୍ଠ ଅଧିକାରୀ ବୁଧବାର ସୂଚନା ଦେଇଛନ୍ତି। ସିବିଆଇର ଏକ ଟିମ୍ ବୁଧବାର ଚନ୍ଦ୍ରାଙ୍କ ବାସଭବନରେ ଚଢ଼ାଉ କରି କାଗଜପତ୍ର ତନଖି ଦେଖିଥିଲା। ସୂଚନାଥାଉ କି, ଏନ୍‌ଡିଟିଭି ପକ୍ଷରୁ ୨୦୦୬ ନଭେମ୍ବର ୩୦ରେ ଲଣ୍ଡନରେ ପ୍ରତିଷ୍ଠା କରାଯାଇଥିବା କମ୍ପାନୀ ନେଟ୍‌ୱର୍କ ପିଏଲ୍ସି(ଏନ୍ଏନ୍‌ପିସିଏଲ୍)ରେ ଜେନେରାଲ ଇଲେକ୍ଟ୍ରିକର ଏକ ସହଯୋଗୀ କମ୍ପାନୀ ଏନ୍‌ସିବିୟୁ ପକ୍ଷରୁ ନିବେଶକୁ ନେଇ ସିବିଆଇ ଖୋଳତାଡ ଆରମ୍ଭ କରିଛି। ବିଦେଶୀ ନିବେଶ ନେଇ ବିଦେଶୀ ନିବେଶ ପ୍ରୋତ୍ସାହନ ବୋର୍ଡ(ଏଫ୍ଆଇପିବି) ପକ୍ଷରୁ ୨୦୦୯ରେ ଏନ୍ଏନ୍‌ପିଏଲ୍‌ସିକୁ ଯେଉଁ ଅନୁମତି ଦିଆଯାଇଥିଲା, ତାହା ଏଫ୍‌ଡିଆଇ ନିୟମର ଉଲ୍ଲଂଘନ କରୁଛି ବୋଲି ସିବିଆଇ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିରେ କୁହାଯାଇଛି ଯେ, ସେହି ସମୟରେ ଏନ୍ଏନ୍‌ପିଏଲ୍‌ସିକୁ ମୋଟ ୧୬.୩୪ କୋଟି ଟଙ୍କାର ଏଫ୍‌ଡିଆଇ ମିଳିଥିଲା ଏବଂ ଏହାକୁ ଏନ୍‌ଡିଟିଭିର ବିଭିନ୍ନ ସହଯୋଗୀ କମ୍ପାନୀରେ ନିବେଶ କରାଯାଇଥିଲା। ତେବେ ଏନ୍‌ଡିଟିଭି ଏକ ବିବୃତି ଜାରି ସିବିଆଇର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ବର୍ତ୍ତମାନର ଆହ୍ୱାନପୂର୍ଣ୍ଣ ସମୟରେ କମ୍ପାନୀ ଓ ଏହାର ପ୍ରମୋଟରଙ୍କର ଦେଶର ନ୍ୟାୟ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଆସ୍ଥା ରହିଛି। ନିରପେକ୍ଷ ସାମ୍ବାଦିକତା କ୍ଷେତ୍ରରେ ଏହା ପ୍ରତିଶ୍ରୁତିବଦ୍ଧ। ପ୍ରତିଶୋଧ ପରାୟଣ ହୋଇ ଷଡ଼ଯନ୍ତ୍ର କରି ସ୍ୱାଧୀନ ଏବଂ ସଚ୍ଚୋଟ ସାମ୍ବାଦିକତାର ସ୍ୱରକୁ ଦବାଇ ହେବ ନାହିଁ। ଜଣେ ସିବିଆଇ ଅଧିକାରୀ କହିଛନ୍ତି ଯେ, ଏଜେନ୍ସି ପକ୍ଷରୁ ୨୦୧୬ରେ ପ୍ରାରମ୍ଭିକ ଯାଞ୍ଚ ଆଧାରରେ ମାମଲା ଦାଏର କରାଯାଇଛି।

# ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୨୧।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଲୋକସେବା ଭବନରେ ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକ(ଭାରତ) ଜୁନୈଦ କମାଲ୍ ଅହମ୍ମଦଙ୍କୁ ସାକ୍ଷାତ କରିଛନ୍ତି। ଅପରାହ୍ନରେ ହୋଇଥିବା ଏହି ସାକ୍ଷାତ୍‌କାର ସମୟରେ ଉଭୟଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି। ବିଶେଷ ଭାବେ ବିଶ୍ୱବ୍ୟାଙ୍କ୍ ସହଯୋଗରେ ଓଡ଼ିଶା ବିକାଶ ପ୍ରକ୍ରିୟା କିପରି ତ୍ୱରାନ୍ୱିତ ହେବ ସେ ନେଇ ଆଲୋଚନା କରାଯାଇଛି।

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ଗୁଡିକର ଅଧିକ ଭାଗୀଦାରି, ଦାରିଦ୍ର୍ୟ ଦୂରୀକରଣ ଏବଂ ଉତ୍ତମ ପ୍ରଶାସନିକ ବ୍ୟବସ୍ଥା କାର୍ଯ୍ୟକାରିତା ଉପରେ ରାଜ୍ୟ ପ୍ରଶାସନ ନେଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ଦାରିଦ୍ର୍ୟ ଦୂରୀକରଣ ସହ ସାମାଜିକ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଞ୍ଜୀକରଣ ଉପରେ ଉଭୟ ଗୁରୁତ୍ୱ ଦେଇଥିଲେ। ବିଶ୍ୱବ୍ୟାଙ୍କ୍‌ର କଣ୍ଟ୍ରି ପାର୍ଟନରଶିପ୍ ଫ୍ରେମ୍‌ୱାର୍କ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟରେ କାମ ଚାଲୁଅଛି। ୨୦୧୮ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟ ଆସନ୍ତା ୨୦୨୨ ଯାଏ ଚାଲିବ। ଏହି ସମୟ ମଧ୍ୟରେ କେଉଁ କ୍ଷେତ୍ରକୁ ବିଶ୍ୱବ୍ୟାଙ୍କ୍‌ର ଅଧିକ ଆବଶ୍ୟକତା ରହିଛି, ତାହା ନିରୂପଣ କରାଯାଇ କାର୍ଯ୍ୟ କରାଯିବ। ଏଥିପାଇଁ ବିଶ୍ୱବ୍ୟାଙ୍କ୍ ପକ୍ଷରୁ ରାପିଡ୍ ଷ୍ଟେଟ୍ ଡାଇଗ୍ନୋଷ୍ଟିକ୍ ଷ୍ଟଡି କରାଯାଇଥିଲା। ନବୀନ-ଜୁନେଦଙ୍କ ମଧ୍ୟରେ ହୋଇଥିବା ଏହି ସାକ୍ଷାତକାର ସମୟରେ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ଏବଂ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ବିଶ୍ୱବ୍ୟାଙ୍କ ନିର୍ଦ୍ଦେଶକ(ଭାରତ) ଜୁନୈଦ କମାଲ୍ ଅହମ୍ମଦଙ୍କ ସହ ଆଲୋଚନାରତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

### ଗୃହ କାର୍ଯ୍ୟାଦେଶ ବଣ୍ଟନରେ ଚଞ୍ଚକତା

# ପ୍ରତିବାଦ କରିବାରୁ ଯୁବକଙ୍କୁ ହତ୍ୟା

**ଢେଙ୍କାନାଳ ଅଫିସ, ୨୧।୮**

ଇନ୍ଦିରା ଆବାସ କାର୍ଯ୍ୟାଦେଶ ପ୍ରଦାନରେ ଚଞ୍ଚକତା ଏବଂ ଏହାର ପ୍ରତିବାଦ କରିବାରୁ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଢେଙ୍କାନାଳ ଜିଲା ଗଁଦିଆ ଥାନା ଅଧୀନ ଭୂତିଆ ସାହିର କାଶୀନାଥ ଭୂତିଆଙ୍କ ପୁଅ ପ୍ରତାପ (୩୪)। ଖବର ଲେଖାଯିବା ସୁଦ୍ଧା ଏ ନେଇ ବିଧିବଦ୍ଧ ଭାବେ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ସନ୍ଦେହରେ ୪ଜଣ ଯୁବକଙ୍କୁ ଅଟକ ରଖିଛି। ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ମୃତକଙ୍କ ଭାଇ ଦୀପକ ଭୂତିଆଙ୍କ କହିବା କଥା, ଇନ୍ଦିରା ଆବାସ କାର୍ଯ୍ୟାଦେଶ ତାଲିକାରେ ଯୋଗ୍ୟ ହିତାଧିକାରୀ ଭାବେ ପ୍ରତାପଙ୍କ ନାମ ୪ଥର ଚୟନ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ଚଞ୍ଚକତା କରି ତାଙ୍କୁ ତାଲିକାରୁ ବାଦ୍ ଦିଆଯାଇଥିଲା। ଏଥିରେ ନିର୍ଦ୍ଦିଷ୍ଟ ଭାବେ ଏକ ଗୋଷ୍ଠୀର ହାତ ରହିଛି। ଏହାକୁ ନେଇ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ତାରିଣୀ ଛକରେ ବିରୋଧୀ ଗୋଷ୍ଠୀର କେତେଜଣ ଯୁବକଙ୍କ ସହିତ ପ୍ରତାପଙ୍କ ବଚସା ହୋଇଥିଲା। ଏହା ଜାଣିବା ପରେ ଦୀପକ ତାଙ୍କୁ ବୁଝାଶୁଝା କରି ନେଇ ଆସିଥିଲେ। ରାତି ସାଢ଼େ ୯ଟା ବେଳେ ପ୍ରତାପଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ସୂଚନା ପାଇ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ କେତେଜଣ ଯୁବକ ପ୍ରତାପଙ୍କୁ ଠେଙ୍ଗାରେ ନିସ୍ତୁକ ପିଟୁଥିବା ସେ ଦେଖିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି କର୍ମକ୍ଷେତ୍ରରେ କୌଣସି ଘଟଣାକୁ କେନ୍ଦ୍ରକରି କିଛି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଦ୍ୱିଜା ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ଆକସ୍ମିକ ଅର୍ଥ ଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଲାଭ କରି ଖୁସି ରହିବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ।

**ବୃଷ**
ଆକସ୍ମିକ ଆବଶ୍ୟକତା କାରଣରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇ ଚିନ୍ତା ବଢ଼ାଇ ଦେବ। ଅବଶ୍ୟ ହିତୈଷୀ ବନ୍ଧୁମାନଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ନିର୍ମାଣ କାର୍ଯ୍ୟରେ ଗତି ମନ୍ଥର ହେବ କିନ୍ତୁ ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, ଯାତ୍ରାରୁ ସୁଫଳ ପାଇପାରନ୍ତି।

**ମିଥୁନ**
ରାହୁଙ୍କ ପ୍ରଭାବରେ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାରର ଧନ୍ଦା କରିବାକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ, ବ୍ୟବସାୟରେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ**
ପାରିବାରିକ ବ୍ୟତିକ୍ରମ କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି ହେବାର ସୂଚନା ରହିଛି । କର୍ମକ୍ଷେତ୍ରରେ ସାଧାରଣ କଥାକୁ ବଡ଼ କରି କଳହ ଘଟିପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିପାରିବେ। କଳା, ସାହିତ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ**
ଆଜି ଅନ୍ୟମାନଙ୍କ ସକାଶେ ଯେତେ ପ୍ରକାର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ର ଓ ପାରିବାରିକ ପରିବେଶ ସାଙ୍ଗକୁ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଏକା ସାଙ୍ଗରେ ବହୁତ କାମ ହାତକୁ ନେବା କାରଣରୁ ବ୍ୟସ୍ତ ହୋଇପଡ଼ିବେ।

**କନ୍ୟା**
କେତେକ କାରଣକୁ ନେଇ କିମ୍ବା ବୃଥା ସନ୍ଦେହ କରି ନିଜ ଲୋକମାନଙ୍କୁ ଭୁଲ ବୁଝିପାରନ୍ତି। ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ହସ୍ତା ନକ୍ଷତ୍ର ପାଇଁ ଗୃହ ସଜ୍ଜା,ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ।

**ତୁଳା**
ବିଗତଦିନର ଘଟଣାବଳୀକୁ ନେଇ ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ ଦୃଷ୍ଟିକୋଣ ବଦଳି ଯାଇପାରେ। ବୃଥା ସନ୍ଦେହ ଓ ମତପାର୍ଥକ୍ୟ ଜନିତ ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବାର ସୂଚନା ରହିଛି। ପୂର୍ବରୁ ଝଗଡ଼ା ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନତୁବା କଳହର ସୂତ୍ରପାତ ହୋଇପାରେ।

**ବିଛା**
ଅନ୍ୟମାନଙ୍କ କଥାରେ ଭାସିଯାଇ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାକୁ ସମାଧାନ କରିବାରେ ଯତ୍ନବାନ ହୋଇପାରନ୍ତି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ । ବନ୍ଧୁମାନଙ୍କ ସହ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ**
ଆଜି ଦିନଟିରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ ମଧ୍ୟ କ୍ଷତିରେ ପଡିବେ ନାହିଁ । ବିଦ୍ୟୁତ୍ ଉପକରଣ, ବ୍ୟବସାୟ , ଶେୟାର ବଜାର, ପନିପରିବା ଦୋକାନୀ, ହୋଟେଲ ମାଲିକମାନେ ନିଜ ନିଜର ସ୍ଥାନରେ ବେଶ୍ ଖୁସି ରହିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର**
ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ସାୟାହ୍ନରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଶିକ୍ଷା, ପରୀକ୍ଷା, ପ୍ରଶାସନିକ ଆଲୋଚନା, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ରୋଗପୀଡା ଓ ପୁରାତନ ଶତ୍ରୁତା କାରଣରୁ ବନ୍ଧୁଙ୍କ ସାହାଯ୍ୟ ଲୋଡିପାରନ୍ତି।

**କୁମ୍ଭ**
କର୍ମକ୍ଷେତ୍ରରେ ସତର୍କତା ରକ୍ଷା କରି ନ ଚଳିଲେ ବିଭିନ୍ନ ସମସ୍ୟା ଆସିବାର ଆଶଙ୍କା ରହିଛି। ଏଣେ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସଭାସମିତି, ସାମ୍ବାଦିକତା, ମାମଲା ସମାଧାନ ଓ ଆନୁଷ୍ଠାନିକ କାର୍ଯ୍ୟରେ ବନ୍ଧୁମିଳନ ଘଟିପାରେ। ବ୍ୟବସାୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ**
କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହୋଇପାରେ। ଈର୍ଷା ଓ ଅସୂୟାର ବଶବର୍ତ୍ତୀ ହୋଇ ଏଣେ ନିଜ ଚତୁଃପାର୍ଶ୍ୱସ୍ଥ ଆତ୍ମୀୟମାନେ ବିଶ୍ୱାସଘାତକତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟା କରନ୍ତୁ।

ଆଜି ଭାଦ୍ରବ କୃଷ୍ଣ ସପ୍ତମୀ ଗୁରୁବାର, ଶ୍ରୀମନ୍ଦିରରେ ହରିଜନ୍ମାଧିବାସ, ଗର୍ଭଉଦକ ବନ୍ଦାପନା, ଅଗଷ୍ଟ ୨୨ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର,ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୧୧।୦୮ମି. ଗତେ, ଘ୧୨।୪୭ମି. ମଧ୍ୟେ, ଦିବା ଘ୨।୨୬ମି. ଗତେ ଘ୪।୦୫ମି. ମଧ୍ୟେ ଅମୃତବେଳା । ଦିବା ଘ୭।୫୦ମି. ମଧ୍ୟେ ଘ୨।୨୬ମି. ଗତେ, ଘ୩।୦୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧।୨୪ମି. ଗତେ ଘ୨।୫୮ ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**

real estate

**SALE**

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

Own stithiban residential 1200 sqft. plot for sale. 9937816565, 9937568585. D-13942

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508.** D-66764

4BHK duplex with Gated Community at Balianta (Land-1400 construction-2200 @ 55lakh and 2600 @ 65lakh) Contact Mplanets: 9938219397, 9861022055. D-13981

Corner plot (5,200 sqft. approx., stithiban status) with newly constructed three storied building with compound wall having two separate entry for vehicles on both sides. Suitable for Residence, Guest House, Holiday Home, Bank etc. Address: Jagannath Colony, near Railway Phatak, Puri-Konark Road, Puri- 752002 (Odisha) Approx. 2.5 km from Gundicha Mandir. Approx. roof area in Sqft.: 1st floor (1,500) + 2nd floor (1,500) + 3rd floor (500) + outhouse (540)= 4,040 Contact details: 9835532641, rajeshkrsarangi@gmail.com D-63781

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

construction

Contact for interior design of ceiling, TV Unit, Wardrobe and modular kitchen from the experts call: 7008550473. D-13980

**GENERAL**

**SALE**

ଅଟା ମିଲ୍ ଯନ୍ତ୍ରପାତି ସୁଲଭ ମୂଲ୍ୟରେ କିଣିବାପାଇଁ ଯୋଗାଯୋଗ କରନ୍ତୁ: 9861442380, 9937713209. D-13997

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-66714

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-13903

to-let

ଭୁବନେଶ୍ୱର ହଂସପାଳଛକ ୬୦୦୦ ବର୍ଗଫୁଟ ସିମ୍ଫୋନୀ ମଲ୍ ସାମ୍ନା **NH-5,** ଶୋ'ରୁମ୍ ଭଡ଼ାଦିଆଯିବ। ଆଗ୍ରହୀ ବ୍ୟକ୍ତି ଯୋଗାଯୋଗ କରନ୍ତୁ। **7008439019, 8895436651.** D-66763

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Ayurvedic full body massage ladies & gents smart therapist. 9040900385. D-66945

Newly open Herbal full body massage lady & gents. 8018246332. D-66942

Herbal full body massage by smart / expert therapist. Contact: 8338067247. D-67356

Summer special mesmerizing offer expert therapeutic refreshing massage appointment. 9668374480. D-67357

Full body herbal massage with refreshment expert therapist. 7381239385, 06742540855. D-67358

Experience full body massage with us (expert). Call: 7377048581, 06742597822. D-67359

astrology

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ।
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I Baijayanti Behuria, W/o- Saroj Kumar Swain declared vide this affidavit I have changed my surname from Behuria to Swain. Henceforth Baijayanti Behuria and Baijayanti Swain is one and same person. D-13995

By virtue of an affidavit before Notary Public, Bhubaneswar Vide No.152 dtd. 19.08.2019, I Smt. Subhalaxmi Behera, D/o- Premananda Behera, W/o- Smrutiranjan Rout have changed my name as "Subhalaxmi Rout". Henceforth, I shall be known, called and recognised as "Subhalaxmi Rout" for all purpose. D-13996

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ଜିଲ୍ଲା ଚିଠି କଳାହାଣ୍ଡି

# ବିପନ୍ନ ଚାଷୀ

ମୌସୁମୀ ଦକ୍ଷିଣ-ପୂର୍ବ ମୌସୁମୀ ବାୟୁ ଆଗମନ ପରେ କଳାହାଣ୍ଡି ଜିଲାର ଚାଷୀମାନେ ଚାଷକାମ ଆରମ୍ଭ କରୁଥିଲେ। ବିଲକୁ ଓହ୍ଲାଉଥିଲେ ଚାଷୀ। ହେଲେ ସେଦିନ ଆଉ ନାହିଁ। ଗତକିଛି ବର୍ଷ ହେବ ଅନିୟମିତ ବର୍ଷା ସେହି ପରମ୍ପରାକୁ ଭାଙ୍ଗି ଦେଇଛି। ଏହାକୁ ନେଇ ଚାଷୀକୁଳ ଚିନ୍ତାରେ ଦିନ କାଟୁଛନ୍ତି। ଏଥିପାଇଁ ଚାଷ କାମ ବିଳମ୍ବ ହେଉଥିବା ବେଳେ ଉତ୍ପାଦନ ବି କମୁଛି। ଏନେଇ କୃଷକ ପରିବାର ଆଉ ପୂର୍ବଭଳି ବାର୍ଷିକ ଯୋଜନା କରୁନାହିଁ। କଳାହାଣ୍ଡି ଜିଲା ପ୍ରତି ବୋଧହୁଏ ଇନ୍ଦ୍ରଦେବ କୋପ କରିଛନ୍ତି। ଆଉ ଦିନ କେଇଟା ପରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ନୂଆଧାନ ପାଇଁ ଜିଲାବାସୀ ଚାହିଁ ବସିଥିବା ବେଳେ ତାହା ମିଳିବ କି ନାହିଁ ସମସ୍ତେ ଚିନ୍ତାରେ ଅଛନ୍ତି। ଅନିୟମିତ ବର୍ଷା ଯୋଗୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଚାଷ ପାଇଁ ନିର୍ଦ୍ଧାରିତ ସମୟରେ ଯେଉଁ ପରିମାଣର ବର୍ଷା ଆବଶ୍ୟକ ତାହା ହେଉନାହିଁ। ବେଳେବେଳେ ଅଧିକ ବର୍ଷା ହେଉଥିଲେ ମଧ୍ୟ ଆଉ କେତେବେଳେ ଜମା ବର୍ଷାନାହିଁ। ସ୍ୱଳ୍ପ ବର୍ଷା, ଅନିୟମିତ ବର୍ଷା, ମାତ୍ରାଧିକ ବର୍ଷା ଏବଂ ଅନାବୃଷ୍ଟି ଚାଷ ଓ ଚାଷୀଙ୍କ ପାଇଁ କାଳ ସାଜିଛି। ଏଥିଯୋଗୁ ଧାନବୁଣା ଓ ପହ୍ଲାରୁଆଠାରୁ ଆରମ୍ଭ କରି ରୁଆ ବିହୁଡ଼ା, ଘାସବଛା ଆଦି ରୁଟିନ କାର୍ଯ୍ୟ ପଛେଇ ଚାଲିଛି। ତଥାପି ଚାଷୀ ବର୍ଷାର ଆଗମନ ଓ ପ୍ରସ୍ଥାନ ସହିତ ତାଳଦେଇ ଚାଷ କରି ଜିଲାର ସୁନାମ ରଖିବାକୁ ଉଦ୍ୟମ ଜାରି ରଖିଛି। ହାଇବ୍ରିଡ ବିହନ ପ୍ରତି ଚାଷୀ ଅଧିକ ଗୁରୁତ୍ୱ ଦେଇଛି। ସଅଳ ଅମଳକ୍ଷମ ବିହନ ବି ଚାଷୀକୁ ସୁହାଇଛି। ସେହିକ୍ରମରେ ପନିପରିବା ଚାଷ ମଧ୍ୟ ସେତେଟା ଉଧେଇ ପାରୁ ନ ଥିବାରୁ ନିତିଦିନିଆ ଘର ଖର୍ଚ୍ଚ ତୁଲାଇବାରେ ଅସମର୍ଥ ହେଉଥିବା ଚାଷୀ ଋଣ କରିବାକୁ ବାଧ୍ୟ ହେଉଛି। ବୀମା ଓ କ୍ଷତିପୂରଣ ନାଁରେ ଚାଷୀମାନେ ହଇରାଣ ହେଉଛନ୍ତି। ଚାଷୀଙ୍କ ସମସ୍ୟା ବୁଝିବାକୁ ସରକାର ବା ପ୍ରଶାସନ ଆବଶ୍ୟକ ମଣୁ ନ ଥିବାରୁ, ପରୋକ୍ଷରେ ଚାଷୀ ହିଁ ତଳିତଳାନ୍ତ ହେଉଛି। ଜିଲାର ବିପର୍ଯ୍ୟସ୍ତ ଚାଷ ଏବଂ ଚାଷୀମାନଙ୍କୁ ସମ୍ଭାଳିବା ପାଇଁ ସରକାର, ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧି ଏବଂ ଜନସାଧାରଣଙ୍କୁ ସହଯୋଗ କରିବାର ସମୟ ଆସିଛି। ବର୍ଷାର ପରିବର୍ତ୍ତିତ ରୁଟିନରେ ଚାଷୀକୁ ଅଭ୍ୟସ୍ତ କରେଇବା ପାଇଁ କୃଷି ବିଭାଗ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି। ମୌସୁମୀ ବର୍ଷା ଆଉ ଠିକଣା ସମୟରେ ଆସୁନାହିଁ। ଲଘୁଚାପ ମଧ୍ୟ ଧୋକା ଦେଉଥିବାରୁ କଳାହାଣ୍ଡି ଚାଷୀଙ୍କ ଅବସ୍ଥା ସମ୍ପୂର୍ଣ୍ଣ ଭାବେ ବିପନ୍ନ ହୋଇପଡ଼ିଛି। ଜିଲା କୃଷି ବିଭାଗ ଉପରୋକ୍ତ ସମସ୍ତ ପ୍ରସଙ୍ଗ ଉପରେ ନଜର ରଖିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁ ଥିବା ଅଭିଯୋଗ ହୋଇଛି।

– ସଞ୍ଜୀବ କୁମାର ଜୋଷୀ

# ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ

## ଶତାଧିକ ଏକର ଚାଷ ଜମି ଜଳମଗ୍ନ

ଜୁନାଗଡ,୨୧।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ପଞ୍ଚାୟତ ପଣ୍ଡରାପଲାରେ ବୁଧବାର ମଧ୍ୟାହ୍ନରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି। ଏଥିଯୋଗୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି।

ମିଳିଥିବା ସୂଚନା ଅନୁଯାୟୀ, ଜୁନାଗଡ଼ ବ୍ଲକ ପଣ୍ଡରାପଲାଠାରେ ଦୁର୍ବଳ ହିଡ଼ (ବନ୍ଧ) ଯୋଗୁ ବୁଧବାର ମଧ୍ୟାହ୍ନରେ ହଠାତ୍ ଦକ୍ଷିଣ ମୁଖ୍ୟ କେନାଲରେ ପ୍ରାୟ ୧୦ରୁ ୧୫ ଫୁଟର ଘାଇ ସୃଷ୍ଟି ହୋଇଥିଲା। ସେହି ଘାଇ ଦେଇ କେନାଲ ପାଣି ନିକଟସ୍ଥ ଚାଷ ଜମିକୁ ମାଡ଼ି ଯିବାରୁ ଶତାଧିକ ଏକର ଚାଷ ଜମି ଜଳମଗ୍ନ ହୋଇଛି। ଫଳରେ ସେଠାରେ ରୁଆ ହୋଇଥିବା ଧାନ ଫସଲ ନଷ୍ଟ ହୋଇଛି ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି। ଘାଇ ହେବା ଜାଣିବା ପରେ ବିଭାଗୀୟ କର୍ତ୍ତୃପକ୍ଷ ମଙ୍ଗଳପୁର ବ୍ୟାରେଜର ଦକ୍ଷିଣ ମୁଖ୍ୟ କେନାଲର ଏଚ୍‌ଆର ଗେଟ୍‌କୁ ବନ୍ଦ କରି ଦେଇଛନ୍ତି। ସେହିପରି କେନାଲ ଉପର ମୁଣ୍ଡରେ ଥିବା ୫ଟି ଏସ୍‌କେବି ଗେଟ୍‌କୁ ଖୋଲାଯାଇଥିବାରୁ ରାତି ସୁଦ୍ଧା ଜଳସ୍ରୋତ କମିବ ବୋଲି ଜଣାପଡ଼ିଛି। ଏଥିଯୋଗୁ ପଣ୍ଡରାପାଲି ଗ୍ରାମର ମେଦୁ ମାଝି, ପ୍ରଶାନ୍ତ ମାଝି, ନବୀନ ମାଝି, ସନ୍ଥ ମାଝି, ପ୍ରଭାକର ମାଝି, ସୁମନ୍ତ ପଟେଲ, ଚକ୍ର ନାଏକ, ନେତ୍ର ମାଝି ପ୍ରମୁଖ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଅଭିଯୋଗ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।


ପଣ୍ଡରାପଲାଠାରେ ଇନ୍ଦ୍ରାବତୀ ଦକ୍ଷିଣ ମୁଖ୍ୟ କେନାଲରେ ସୃଷ୍ଟି ହୋଇଥିବା ଘାଇ।

# ଜାଣିଶୁଣି ଅଟକାଇ ରଖିଥିଲେ ସବୁ ପ୍ରକଳ୍ପ: ଭାଜପା

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ରାଜ୍ୟ ସରକାର ଗତ ଦୁଇଦିନ ତଳେ ୨ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶକୁ ମଞ୍ଜୁରୀ ଦେଇଛନ୍ତି। ସେଥିରୁ ପାରାଦୀପ ରିଫାଇନେରିର ପରିବର୍ଦ୍ଧିତ ପ୍ରକଳ୍ପର ପୁଞ୍ଜି ୧ ଲକ୍ଷ କୋଟି ଟଙ୍କା ଅଟେ। ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିରେ ହଳଦିଆ ପେଟ୍ରୋକେମିକାଲ ଓ ତାଳଚେର ଫର୍ଟିଲାଇଜର ରହିଛି। କେନ୍ଦ୍ର ସରକାର ବହୁପୂର୍ବରୁ ଏହି ପ୍ରକଳ୍ପଗୁଡ଼ିକୁ ମଞ୍ଜୁରୀ ଦେଇଥିଲେ ମାତ୍ର ରାଜ୍ୟ ସରକାରଙ୍କ ଏନ୍‌ଓସି ପାଇଁ କାମ ଅଟକି ରହିଥିଲା ବୋଲି ଭାଜପା ଅଭିଯୋଗ କରିଛି। ବିଜେଡି କିନ୍ତୁ ଭାଜପାର ଏହି ଅଭିଯୋଗକୁ ଖଣ୍ଡନ କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ଉପସଭାପତି ସମୀର ମହାନ୍ତି କହିଛନ୍ତି, ପ୍ରଧାନମନ୍ତ୍ରୀ ଯେଉଁ ପ୍ରକଳ୍ପର ଶିଳାନ୍ୟାସ କରିକି ବିଗତ ଦିନରେ ଯାଇଛନ୍ତି, ସେଗୁଡ଼ିକୁ ସେତେବେଳେ ରାଜ୍ୟ ସରକାର ଜମି ଦେଲେ ନାହିଁ। ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରିଦେଲେ କାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଢ଼ିଯିବ ସେଥିଲାଗି ଅଟକାଇ ରଖିଥିଲେ। ନୀରବ ମୋଦିଙ୍କ ସାଙ୍ଗରେ ଏମ୍‌ଓୟୁ କରି ୬୦-୭୦ ଏକର ବହୁମୂଲ୍ୟ ସମ୍ପତ୍ତି ରାଜ୍ୟ ସରକାର ଦେଇଥିଲେ। କିନ୍ତୁ କେନ୍ଦ୍ରୀୟ ପ୍ରକଳ୍ପ ପାଇଁ ବାଧକ ସାଜିଲେ। ଭଦ୍ରକର ଜାତୀୟ ରାଜପଥ କଡ଼ରେ ୧୯୭୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଟେକ୍ସଟାଇଲ ପାର୍କ ପାଇଁ ଆବଶ୍ୟକ ହେଉଥିବା ୭୫ ଏକର ଜମି ଓଡ଼ିଶା ସରକାର ଦେଇ ନାହାନ୍ତି। ଡେରାଶରେ ମେରାଇନ୍ ଫୁଡ ପ୍ରୋସେସିଂ ପ୍ଲାଣ୍ଟ ନିର୍ମାଣ କରାଇବାକୁ ଦେଉନାହାନ୍ତି। ଏନଟିପିସିର ୧୦ ହଜାର କୋଟି ଟଙ୍କା ବ୍ୟୟରେ ୧୩୨୦ ମେଗାୱାଟ ତାଳଚେର ପ୍ରକଳ୍ପର ସମ୍ପ୍ରସାରଣରେ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ସଡ଼କ, ପରିବହନ ଓ ରାଜପଥରେ ୫୬ ହଜାର ୫୬୩ କୋଟି, ରେଲୱେ ୧୨ ହଜାର ୨୮୬ କୋଟି, ଅଣ ପେଟ୍ରୋଲିୟମ ନିବେଶରେ ୧୫ ହଜାର ୪୧୩ କୋଟି, ସ୍ୱାସ୍ଥ୍ୟ ଓ ଶିକ୍ଷାରେ ୫୬୦ କୋଟି ଏବଂ ପାଇକ ବିଦ୍ରୋହ ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ବାଧାପ୍ରାପ୍ତ ହୋଇଛି। ରାଜ୍ୟର ବିକାଶ ପାଇଁ ୨୦୧୪ରୁ ମୋଦି ସରକାରଙ୍କ ଉଦ୍ୟମ ସତ୍ତ୍ୱେ ବିଭିନ୍ନ ପ୍ରକଳ୍ପର ଫାଇଲ ରାଜ୍ୟ ସରକାର ଚାପି ରଖିଥିବା ସମୀର କହିଛନ୍ତି।

ବିଜେଡି ବରିଷ୍ଠ ନେତା ଅମର ପ୍ରସାଦ ଶତପଥୀ କହିଛନ୍ତି, ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ଅନୁମୋଦନ ପାଇଁ ବିଧିବ୍ୟବସ୍ଥା ରହିଛି। ସରକାର ସବୁ ବିଧିକୁ ଅନୁପାଳନ କରିବାପରେ କାର୍ଯ୍ୟ କରୁଛନ୍ତି। ନିର୍ଦ୍ଦିଷ୍ଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଯାହା ଆବଶ୍ୟକ ସରକାର କରୁଛନ୍ତି। ଭାଜପା ଅଯଥାରେ ସବୁ କଥାକୁ ନେଇ ରାଜନୀତି କରୁଛି ବୋଲି ଶତପଥୀ କହିଛନ୍ତି।


**ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ- ।, କୋଲକାତା**

୪୨ସି, ଜେ.ଏଲ୍. ନେହେରୁ ରୋଡ୍, ''ଜୀବନ ସୁଧା ବିଲ୍ଡିଂ'', ୯ମ ମହଲା, କୋଲକାତା-୭୦୦୦୭୧

**ଓ.ଏ. ନଂ. ୨୦୧୮ର ୩୨୧**

**ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନର ଅନାଦାୟ ଋଣ ଅସୁଲି ଅଧିନିୟମ, ୧୯୯୩ର ଧାରା ୧୯(୪) ଅଧୀନରେ ସମନ**

ମଧ୍ୟରେ

କାନାରା ବ୍ୟାଙ୍କ ...... ଆବେଦନକାରୀ

- ବନାମ -

ମେସର୍ସ ଭିସା ଷ୍ଟିଲ ଲିମିଟେଡ୍ ଓ ଅନ୍ୟମାନେ ............ ପ୍ରତିବାଦୀ

ପ୍ରାପ୍ତେଷୁ,

୧) ମେସର୍ସ ଘୋଟାରିଙ୍ଗା ମିନେରାଲ୍ସ ଲିମିଟେଡ୍, ସ୍ଥାନ ୧୧, ଭିଆଇପି କଲୋନୀ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଓଡ଼ିଶା ........... ପ୍ରତିବାଦୀ ନଂ.୬

ଯେହେତୁ, ଉପରନାମିତ ଆବେଦନକାରୀ ଋଣ ଅସୁଲି ଓ ଦେବାଳିଆପଣ ଅଧିନିୟମ, ୧୯୯୩ର ଧାରା ୧୯(୧) ଅଧୀନରେ ପ୍ରତିବାଦୀଙ୍କ ବିରୋଧରେ ଟ.୧୩୫,୧୫,୩୭,୫୭୦.୦୪ର ଅସୁଲି ତଥା ଅନ୍ୟାନ୍ୟ ଉପଶମ ପାଇଁ ଆବେଦନ ଦାଏର କରିଛନ୍ତି, ଆପଣଙ୍କୁ ଏତଦ୍ୱାରା ଏହା ପ୍ରକାଶନ ତାରିଖରୁ ୩୦ (ତିରିଶ) ଦିନ ମଧ୍ୟରେ ନ୍ୟାୟାଧିକରଣ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ପ୍ରାଧିକୃତ ଏଜେଣ୍ଟଙ୍କ ଜରିଆରେ ହାଜର ହେବା ତଥା ନିବେଦନ କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରା ନ ଯିବ ତାହା ସପକ୍ଷରେ ନଥିପତ୍ରର ପ୍ରତିଲିପି ସହିତ ଲିଖିତ କାରଣ ଦର୍ଶାଇବା ପାଇଁ ସମନ କରାଯାଉଛି।

ମୋ ଦସ୍ତଖତ ଓ ନ୍ୟାୟାଧିକରଣର ମୋହର ଅଧୀନରେ ପ୍ରଦତ୍ତ ୨୬ ଜୁଲାଇ, ୨୦୧୯

ସ୍ୱା./- ସେକ୍ରେଟାରୀ / ରେଜିଷ୍ଟ୍ରାର
ଅନାଦାୟ ଋଣ ଅସୁଲି ନ୍ୟାୟାଧିକରଣ-।, କୋଲକାତା
ଆର୍ଥିକ ସେବା ବିଭାଗ
ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର



FORM NO.13
**BEFORE THE DEBTS RECOVERY TRIBUNAL, CUTTACK, ODISHA**
**C-71, SECTOR-7, CDA, CUTTACK, ODISHA**
**O.A. No. 298/2019**

Allahabad Bank, Bhubaneswar Main Branch ...Applicant
- Versus -
Sanjay Kumar Mohanty and others ...Defendants

To
Defendants
1. **Sri Sanjay Kumar Mohanty,** S/o- Judhisthir Mohanty, Plot No.: 1151/1610, Balaji House, Jayadurga Nagar, Bomikhal, Rasulgarh, Bhubaneswar-751010, Dist.: Khordha.
2. **Smt. Suchismita Mohanty,** W/o- Sanjay Kumar Mohanty, Plot No.: 1151/1610, Balaji House, Jayadurga Nagar, Bomikhal, Rasulgarh, Bhubaneswar-751010, Dist.: Khordha. .... **Principal Defendants**
3. **M/s. Basera Designs Private Limited,** Plot No.: 25(P), Saheed Nagar, Bhubaneswar-751018, Dist.: Khordha, represented by its Managing Director, Sri Manoj Kumar Pattnaik, S/o- Nirmal Chandra Pattnaik. .... **Pro-forma Defendant**

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 298/2019** in the Court of Debts Recovery Tribunal, Cuttack for recovery of **Rs.34,24,694/- (Rupees Thirty Four Lakhs Twenty Four Thousand Six Hundred Ninety Four only)** together with current and future interest, costs and other reliefs. The above mentioned defendant is therefore directed to appear before this tribunal in person or through an Advocate or duly authorized agent, in support of their defence to show cause within **30 days** from the date of publication or on **30.09.2019 at 10.30 AM** as to why reliefs prayed for should not be granted.

Take notice that in case of default, the application will be heard and determined in your absence.

Given under my hand and seal of this Tribunal on this **16th day of August, 2019.**

**Sd/- Manoj Kumar Patnaik)**
**Registrar**



P.G. CENTRAL OFFICE
**UTKAL UNIVERSITY**
VANI VIHAR, BHUBANESWAR - 751004, ODISHA, INDIA
No.CPG/Aca./11/2305/2019 Dated: 21.08.2019

**Admission Notice for M.Phil/Ph.D./ Integrated Research Programme 2019-20**

Online Application are invited for admission into M.Phil./Ph.D./ Integrated Research Programme with exit option in different Departments and various Centre of Excellences (CoEs) of Utkal University, through a Common Research Entrance Test (CRET) to be held on **14.09.2019** at Bhubaneswar, Delhi, Guwahati, Hyderabad and Pune followed by Viva-Voce. The Viva-Voce will be conducted at Bhubaneswar only and the dates of Viva will be intimated to the short listed candidates only. The eligibility and exemption are as per the University Grants Commission (Minimum Standards and Procedure for Award of M.Phil./Ph.D. Degree) Regulations, 2016 and its subsequent amendments from time to time. Reservation under different categories shall be made as per Government of Odisha norms. Aspirants of RUSA Fellowship must have to appear the CRET and Viva-Voce Test irrespective of NET/JRF qualifiers. The online Application Form, the details of eligibility, entrance fee, guidelines of M.Phil./Ph.D./Integrated Research Programme discipline wise, number of seats shall be available in Utkal University website **www.utkaluniversity.nic.in** from **27.08.2019** and the **last date of online Application Form is 07.09.2019.**

**Chairman, P.G. Council**


# ରାହୁରେଖା ଲାଗି ହେଲେ ମହାପ୍ରଭୁ

ପୁରୀ ଅଫିସ,୨୧।୮



ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କୁ ସୁନା ରାହୁରେଖା ଲାଗି କରାଯାଇଛି। ଦଇତାପତି ସେବକମାନେ ରାହୁରେଖା ଲାଗି କରିଛନ୍ତି। ଏଥିପାଇଁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ୫ ମିନିଟ୍ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ପରେ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ଏହାପରେ ପାଳିଆ ପୁଷ୍ପାଳକ ସେବକମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଖୋବାକଣ୍ଠି ମଇଲମ କରିଥିଲେ। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରକୁ ବିଜେ କରାଇଥିଲେ। ଶୁଦ୍ଧସୁଆରମାନେ ରତ୍ନସିଂହାସନ ତଳେ ଓଷୁଅ ପ୍ରସ୍ତୁତ କରିଥିଲେ। ବଣିଆମାନେ ସୁନା ରାହୁରେଖାକୁ ସଫା କରି ରଖିଥିଲେ। ଦଇତାପତି ଗର୍ଭଗୃହକୁ ପ୍ରବେଶ କରି ମହାପ୍ରଭୁଙ୍କୁ ରାହୁରେଖା ଲାଗି କରିବା ପାଇଁ ପ୍ରସ୍ତୁତ ହୋଇଥିଲେ। ପାଳିଆ ମେକାପ ରାହୁରେଖାଗୁଡ଼ିକୁ ପତିମହାପାତ୍ରଙ୍କ ହାତକୁ ବଢାଇଥିଲେ। ସେଗୁଡ଼ିକୁ ପତିମହାପାତ୍ର ସଂସ୍କାର କରି ବଡ଼ବାଡ କ୍ରମରେ ଅର୍ଥାତ୍ ଶ୍ରୀବଳଭଦ୍ରଙ୍କଠାରୁ ଆରମ୍ଭ କରି ତିନିବାଡ଼ର ବାଡ଼ଗ୍ରାହୀ ଦଇତାଙ୍କୁ ପ୍ରଦାନ କରିଥିଲେ। ଏହାପରେ ସମସ୍ତ ଦଇତାପତି ମିଶି ଶୁଦ୍ଧସୁଆରଙ୍କଠାରୁ ଓଷୁଅ ଓ ଚାଙ୍ଗଡ଼ା ମେକାପଙ୍କଠାରୁ ବଇତମ (ସଫା ଛିଣ୍ଡାକନା) ନେଇ ଠାକୁରମାନଙ୍କ ଶ୍ରୀମୁଖରେ ରାହୁରେଖା ଲାଗି କରିଥିଲେ। ପରେ ରତ୍ନସିଂହାସନ ପୋଛା ମରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀଦେବୀ, ଭୂଦେବୀଙ୍କୁ ଖଟଶେଜ ଘରୁ ଆଣି ରତ୍ନସିଂହାସନରେ ବିଜେ କରାଯିବା ପରେ ଠାକୁରମାନଙ୍କ ମଇଲମ ହୋଇ ବେଶ ବଢିଥିଲା। ମଧ୍ୟାହ୍ନ ଧୂପ ପୂଜା ସରିବା ପରେ ପଣ୍ଡା, ପତି ମହାପାତ୍ର ଓ ମୁଦିରସ୍ତ ୩ ବାଡ଼ରେ ବନ୍ଦାପନା କରିଥିଲେ। ଏହାପରେ ମହାପ୍ରଭୁଙ୍କ ଅନ୍ୟାନ ନୀତି ବଢିଥିଲା। ସନ୍ଧ୍ୟା ୬ଟା ୫ରେ ମହାସ୍ନାନ ସରିବା ପରେ ଭକ୍ତଙ୍କୁ ଦର୍ଶନ ପାଇଁ ଛଡ଼ା ଯାଇଥିଲା।

ସୂଚନାଯୋଗ୍ୟ, ରାହୁରେଖା ହେଉଛି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଦ୍‌ଭାସିତ କରୁଥିବା ଏକ ସୁବର୍ଣ୍ଣ ଅଳଙ୍କାର। ଦେବସ୍ନାନ ପୂର୍ଣ୍ଣିମାରେ ରତ୍ନଚିତା ଏବଂ ରାହୁରେଖା ଓଲାଗି ହୋଇଥାଏ। ସପ୍ତାବରଣ କାର୍ଯ୍ୟ ପରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ରତ୍ନଚିତା ଏବଂ ରାହୁରେଖା ଲାଗି ହେବା ପରେ ଶ୍ରୀଅଙ୍ଗ ସ୍ୱୟଂ ସମ୍ପୂର୍ଣ୍ଣ ହୋଇଥାଏ। ଚିତାଲାଗି ଅମାବାସ୍ୟରେ ରତ୍ନ ଚିତା ଓ ଭାଦ୍ରବ କୃଷ୍ଣପକ୍ଷ ପଞ୍ଚମୀରେ ରାହୁରେଖା ଲାଗି ହୋଇଥାଏ।

## ରାହୁ ରେଖା ଲାଗିକୁ ନେଇ ଦ୍ୱନ୍ଦ୍ୱ

ପୁରୀ ଅଫିସ, ୨୧।୮

ମହାପ୍ରଭୁଙ୍କ ରାହୁ ରେଖା ଲାଗିର ତାରିଖକୁ ନେଇ ଉଠିଛି ଦ୍ୱନ୍ଦ୍ୱ। ଜ୍ୟୋତିର୍ବିଦ୍ ତଥା ପଞ୍ଜିକା ସମୀକ୍ଷକ ହରିଶଙ୍କର ମିଶ୍ର ଏହି ତାରିଖକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ଭାଦ୍ରବ କୃଷ୍ଣ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କୁ ରାହୁ ରେଖା ଲାଗି କରାଯାଇଥାଏ। ଚଳିତବର୍ଷ ଏହା ଅଗଷ୍ଟ ୨୦ ତାରିଖରେ ପଡୁଥିବା ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ପଞ୍ଜିକାରେ ରହିଛି। ମାତ୍ର ମହାପ୍ରଭୁଙ୍କର ଏହି ରାହୁ ରେଖା ଲାଗି ନୀତି ବୁଧବାର ଅର୍ଥାତ୍ ୨୧ ତାରିଖରେ କରାଯାଇଛି। ତେବେ ରାହୁରେଖା ଲାଗି ଅପରାହ୍ନରେ ହେଉଥିବାରୁ ସେତେବେଳକୁ ପଞ୍ଚମୀ ତିଥି ନ ଥିବାରୁ ଏହା ଅବେଳାରେ କରାଯାଇଥିବା ମିଶ୍ର ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଶ୍ରୀମନ୍ଦିରରେ ଯେଉଁ ପର୍ବପର୍ବାଣି ପାଳିତ ହୁଏ ତାହା ଉଦୟ ଏବଂ ରାତ୍ରିକାଳୀନ ପର୍ବ ଆଧାରରେ ହୋଇଥାଏ। ଦୁର୍ଗାପୂଜାର ସପ୍ତମୀ, ଅଷ୍ଟମୀ ଓ ନବମୀ ରାତ୍ରିକାଳୀନ ପୂଜା ହୋଇଥିବାରୁ ରାତ୍ରରେ ଯେଉଁ ତିଥି ଥାଏ ସେହି ତିଥି ଅନୁଯାୟୀ ମା' ବିମଳାଙ୍କର ପୂଜା ଅନୁଷ୍ଠିତ ହୁଏ। ସେହିପରି ମହାପ୍ରଭୁଙ୍କର ବିଭିନ୍ନ ପର୍ବପର୍ବାଣି ଉଦୟ ପର୍ବ ସହିତ ଜଡ଼ିତ। ସୂର୍ଯ୍ୟ ଉଦୟ ସମୟକୁ ଯେଉଁ ତିଥି ରହିଥାଏ ସେହି ତିଥି ଅନୁଯାୟୀ ମହାପ୍ରଭୁଙ୍କ ପର୍ବପର୍ବାଣି ପାଳନ କରାଯାଏ। ବୁଧବାର ଉଦୟକୁ ପଞ୍ଚମୀ ତିଥି ଥିବାରୁ ଠାକୁରଙ୍କ ରାହୁ ରେଖା ଲାଗି ନୀତି କରାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ପଞ୍ଜିକାରେ ତ୍ରୁଟି ପରିଲକ୍ଷିତ ହୋଇଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଚଳିତବର୍ଷ କୌଣସି ପଞ୍ଜିକାକୁ ସ୍ୱୀକୃତି ପତ୍ର ପ୍ରଦାନ କରିନାହାନ୍ତି ବୋଲି ଲୋକ ସମ୍ପର୍କ ଅଧିକାରୀ ପୂଜାପଣ୍ଡା କହିଛନ୍ତି।


**Dhenkanal College (Auto), Dhenkanal**
www.dhenkanalcollege.nic.in

**Admission Notice : 2019-20**

Applications are invited for admission into the following Self-Financing courses offered under Utkal University for the session 2019 -20 (PPP).

| Course | Annual Fee | Eligibility |
|---|---|---|
| 2-Yr. M.Sc (Computer Science) Master of Science (Computer Science) | Rs.30,000/- | +3 in Any stream with Math in +2 level |
| 2-Yr. MAPM&IR Master of Personnel Management & Industrial Relations | Rs.30,000/- | +3 in Any stream |

*Scholarship: Available for eligible SC, ST, OBC & Minority category.*

The Application Form can be obtained from the College on all working days on payment of Rs.50/- and the form duly filled in all respect should reach the Principal on or before 30.08.2019. The students enrolled into 2 year MBA Programme are hereby informed to report for orientation programme to be conducted on 9th September 2019.
PRINCIPAL

06762-221130, M.SC (CS) : 7008546253
MBA/MAPM&IR : 9439641117/9853770780



## ମନେ ପଡ଼ନ୍ତି

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ନାରାୟଣ ଜେନା (ଟିକ ସାର୍)**
ନହରକଣ୍ଟା, ଭୁବନେଶ୍ୱର, ଖୋର୍ଦ୍ଧା
ଆବିର୍ଭାବ: ୦୫।୦୬।୧୯୩୩
ତିରୋଧାନ: ୨୨।୦୮।୨୦୧୪

ଆଜି ଆପଣଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆପଣଙ୍କ ପୁଣ୍ୟାତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଓ ବିନମ୍ର ପ୍ରାର୍ଥନା କରୁଛୁ।

**ଶୋକସନ୍ତପ୍ତ:**
ଜେନା ପରିବାରବର୍ଗ ଓ ବନ୍ଧୁବର୍ଗ

ଧ-୧୩୯୯୩

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ଆଡଭୋକେଟ ସ୍ୱର୍ଗତ ସୁଦର୍ଶନ ସାହୁ**
ଜେନାରିଗଛ ପାଖ, ଲବଣିଖିଆ ଛକ, ପୁରୀ
ଆବିର୍ଭାବ: ୦୫।୦୫।୧୯୪୯
ତିରୋଧାନ: ୦୧।୦୯।୨୦୧୮

''ତୁମ ସ୍ନେହ ଶ୍ରଦ୍ଧା ଆଶିଷ ଆଉ କରୁଣା ବାରି,
ବରଷୁ ଥାଉ ଏମିତି ତୁମ ସ୍ମୃତିରୁ ଝରି''

ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:**
ପରିବାର ଓ ବନ୍ଧୁବର୍ଗ

ଧ-୬୭୬୦୧


# ବୃଦ୍ଧାଙ୍କୁ କଚାଡ଼ି ମାରିଲା ଦନ୍ତା

- ଢେଙ୍କାନାଳ ସୀମାନ୍ତରେ ଚରମ ସୀମାରେ ହାତୀ-ମଣିଷ ସଂଘର୍ଷ
- ଛତୁ ତୋଳିବାକୁ ଆସି ଜୀବନ ଗଲା, ବର୍ତ୍ତିଗଲେ ଅନ୍ୟ ୨ ମହିଳା

ତେଲକୋଇ/ପରଜଙ୍ଗ, ୨୧।୮(ଡି.ଏନ୍.ଏ.)

ଢେଙ୍କାନାଳ-କେନ୍ଦୁଝର ସୀମାନ୍ତ ସଂରକ୍ଷିତ ଜଙ୍ଗଲରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ହାତୀ ଦୌରାତ୍ମ୍ୟରେ ଜଙ୍ଗଲତଳି ଅଞ୍ଚଳବାସୀ ସର୍ବାଧିକ ପ୍ରଭାବିତ ହେଉଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ହାତୀ ମୁହଁରେ ଜୀବନ ଯିବା ନିତିଦିନିଆ ଘଟଣାରେ ପରିଣତ ହୋଇଛି। ମହାବିରୋଡ଼ ସେକ୍ସନ ଅଧୀନ ଅଙ୍ଗାରୁଆ ଜଙ୍ଗଲରେ ଛତୁ ତୋଳିବାକୁ ଆସିଥିବାବେଳେ ବୁଧବାର ଜଣେ ବୃଦ୍ଧାଙ୍କୁ ଦନ୍ତାହାତୀ କଚାଡ଼ି ମାରିଦେଇଛି। ମୃତକ ହେଲେ ତେଲକୋଇ ଥାନା ବଳଭଦ୍ରପୁର (ପନାସିଆ) ଗ୍ରାମର ଦୁଲଣା ସାହୁ (୬୨)। ସୌଭାଗ୍ୟବଶତଃ ଅନ୍ୟ ୨ଜଣ ବର୍ତ୍ତିଯାଇଛନ୍ତି। ଦୁଲଣାଙ୍କ ସମେତ ଅନ୍ୟ ୨ଜଣ ମହିଳା ଜଙ୍ଗଲରେ ଛତୁ ତୋଳୁଥିବାବେଳେ ହଠାତ୍ ଦନ୍ତା ହାବୁଡ଼ରେ ପଡ଼ି ଯାଇଥିଲେ। ଜୀବନ ବିକଳରେ ସମସ୍ତେ ଦୌଡ଼ି ପଳାଉଥିବାବେଳେ ଦୁଲଣାଙ୍କୁ ହାତୀ ଶୁଣ୍ଢରେ ଧରି ଫିଙ୍ଗି ଦେଇଥିଲା। ଅନ୍ୟ ଦୁଇଜଣ ଗ୍ରାମରେ ପହଞ୍ଚି ଏ ସମ୍ପର୍କରେ ଅବଗତ କରାଇଥିଲେ। ଗ୍ରାମବାସୀ ଜଙ୍ଗଲରେ ପହଞ୍ଚିବା ବେଳକୁ ଦୁଲଣାଙ୍କ ମୃତ୍ୟୁ ହୋଇସାରିଥିଲା।

ସୂଚନା ପାଇ ତେଲକୋଇ ବନାଞ୍ଚଳ ଅଧିକାରୀ ପୀତାମ୍ବର ନାୟକ, ମହାବିରୋଡ ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ଅଜିତ୍ କୁମାର ଦଳେଇ, ଫାଣ୍ଡି ଅଧିକାରୀ ବିନୟ କୁମାର ସାହୁ ପ୍ରମୁଖ ସଦଳବଳ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୨୮/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବନ ବିଭାଗ ପକ୍ଷରୁ ମୃତ ବୃଦ୍ଧାଙ୍କ ପରିବାରକୁ ପ୍ରାଥମିକ ପର୍ଯ୍ୟାୟରେ ୪୦ ହଜାର ଟଙ୍କାର ଚେକ୍ ଦିଆଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ଦିଆଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।


ବ୍ୟାଙ୍କ ଅଫ୍ ଇଣ୍ଡିଆ / Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର,** ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡିଶା ।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନ୍‌ଦାର ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାରଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଉଳା ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ବଉଳା ଶାଖା/ ଋଣଗ୍ରହୀତା/ଜାମିନ୍‌ଦାରଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା- ଶ୍ରୀ ଆନନ୍ଦ ଚନ୍ଦ୍ର ରାଉତ,** ପିତା-ବାସୁଦେବ ରାଉତ, ସା/ପୋ-ପଡିଆରିପଲ୍ଲୀ, ଥାନା-ସୋସୋ, ଜିଲ୍ଲା-କେନ୍ଦୁଝର, ଓଡିଶା-୭୫୮୦୭୮, **ଜାମିନ୍‌ଦାର: ଅଶୋକ କୁମାର ବାରିକ,** ପିତା-ପୂର୍ଣ୍ଣଚନ୍ଦ୍ର ବାରିକ, ସୋ/ପୋ-ବାଙ୍ଗୋର, ଭାୟା-ହାଡଗଡ, ଜିଲ୍ଲା-କେନ୍ଦୁଝର, ଓଡିଶା-୭୫୮୦୨୩। | ତା ୨୯.୦୩.୨୦୧୯ ସୁଦ୍ଧା ଟ.୪,୮୫,୭୩୪/- +ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୨୬.୦୪.୨୦୧୯ / ୨୧.୦୮.୨୦୧୯ | **ଶ୍ରୀ ଆନନ୍ଦ ଚନ୍ଦ୍ର ରାଉତଙ୍କ** ନାମରେ ଥିବା ଜମି/ଜମି ଗୃହ ଯାହାର ଖାତା ନଂ.-୩୨୩/୯୯, ପ୍ଲଟ ନଂ.-୫୫/୧୯୯୯, ଏରିଆ-ଏକର୦.୧୫ ଡିସିମିଲି, କିସମ-ଘରବାରୀ, ମୌଜା- ପଡିଆରିପଲ୍ଲୀ,ଥାନା-ସୋସୋ, ଏସ୍‌ଆରଓ / ତହସିଲି- ହାଟଡିହି, ଜିଲ୍ଲା-କେନ୍ଦୁଝର, ଚଉହଦି: ଉତର-ଧନେଶ୍ୱର ପାତ୍ର, ଦକ୍ଷିଣ-ଅନାମ ପାତ୍ର, ପୂର୍ବ-ରାସ୍ତା, ପଶ୍ଚିମ-ନିଜେ। |

ସ୍ଥାନ-କେନ୍ଦୁଝର, ତାରିଖ-୨୧.୦୮.୨୦୧୯
କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ।
—ଶ୍ରୀଅରବିନ୍ଦ



# ପ୍ରାଣୀ ମଣିଷର ଭିନ୍ନ ରୂପ



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ସବୁ ପ୍ରାଣୀ କ'ଣ ସମାନ? ହଁ, ମଣିଷ, ହାମରହେଡ୍ ପୋକ, ଶାମୁକା, କୁକୁଡ଼ା ଓ ଶାର୍କ: ସବୁ ପ୍ରାଣୀଙ୍କର ସମାନ ଆବେଗ, ଭୟ, ଲାଳସା ଓ ବୁଦ୍ଧି ରହିଛି। ତଥାପି ମଣିଷ କେତେକ ପ୍ରାଣୀଙ୍କୁ ମାରି ମାଂସ ଖାଉଛି, କେତେକଙ୍କୁ ନିଜର ମନୋରଞ୍ଜନ ବା କ୍ରୀଡ଼ା ପାଇଁ ମାରୁଛି, କେତେକଙ୍କ ଅଙ୍ଗପ୍ରତ୍ୟଙ୍ଗକୁ ସହାୟକ ଉପକରଣ ଭାବେ ବ୍ୟବହାର କରୁଛି ବା ପିନ୍ଧୁଛି ଏବଂ କେତେକଙ୍କୁ କ୍ଷତିକାରକ କୀଟପତଙ୍ଗ ମନେକରି ଧ୍ୱଂସ କରିଦେଉଛି। ଯେଉଁ ମଣିଷ ପ୍ରାଣୀ ମାଂସ ଖାଏ, ସେ ଆଉ ଗୋଟିଏ ରୂପରେ ଥିବା ନିଜକୁ ହିଁ ଖାଏ। ତେଣୁ ତାକୁ କାନିବାଲ ବା ନରମାଂସଭକ୍ଷୀ କହିଲେ ଭୁଲ୍ ହେବ ନାହିଁ। କାରଣ ପ୍ରତ୍ୟେକ ପ୍ରାଣୀ ମଣିଷର ଏକ ଭିନ୍ନ ରୂପ।

ଏଠାରେ ମୁଁ କିଛି ଗବେଷଣାଲବ୍ଧ ତଥ୍ୟ ପ୍ରକାଶ କରିବାକୁ ଯାଉଛି, ଯେଉଁଥିରୁ ମଣିଷ ଓ ଅନ୍ୟ ପ୍ରାଣୀଙ୍କ ଭିତରେ ଥିବା ସାଦୃଶ୍ୟ ଜଣାପଡ଼ିବ। ✲ ଅନେକ ଲୋକ ସକାଳୁ ଉଠିବା ପାଇଁ ଏକ ଉଦ୍ଦୀପକ ପାନୀୟ ଭାବେ କଫି ପିଇବାକୁ ପସନ୍ଦ କରନ୍ତି। ଏହା ମଧ୍ୟ ସ୍ମୃତିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ସାଇନ୍ସ ପତ୍ରିକାରେ ପ୍ରକାଶିତ ରାଇଟ୍, ବେକର୍, ପାମର ପ୍ରଭୃତିଙ୍କ ଦ୍ୱାରା କରାଯାଇଥିବା ଏକ ଗବେଷଣାର ତଥ୍ୟ ଅନୁସାରେ ମହୁମାଛିମାନେ ମଧ୍ୟ ଟିକିଏ ସତେଜତା ପାଇବା ପାଇଁ କାଫିନ୍ (କଫିରେ ଥିବା ଉପାଦାନ)କୁ ପସନ୍ଦ କରନ୍ତି। ମହୁମାଛିମାନେ ଫୁଲରୁ ମହୁ (ପୁଷ୍ପମଧୁ) ସଂଗ୍ରହ କରନ୍ତି ଏବଂ ଏହା ମଧ୍ୟ ପରାଗସଙ୍ଗମରେ ସାହାଯ୍ୟ କରେ। ସାଇଟ୍ରସ୍ ଓ କଫି ପରି ଗଛର ଫୁଲରେ ଥିବା ପୁଷ୍ପମଧୁରେ ମହୁମାଛିଙ୍କୁ ଆକର୍ଷିତ କରିବା ପାଇଁ ଅଳ୍ପ ପରିମାଣର କାଫିନ୍ ଥାଏ। ଫଳରେ ମହୁମାଛିମାନେ ଏହି ଫୁଲକୁ ବାରମ୍ବାର ଆସନ୍ତି। କାଫିନ୍‌ର ଗନ୍ଧକୁ ସେମାନେ ତିନିଦିନ ପରେ ବି ମନେରଖିଥାନ୍ତି ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି। ନିଜର ପ୍ରଜନନକୁ ସଫଳ କରିବା ପାଇଁ ଏହି ଚତୁର ଫୁଲଗୁଡ଼ିକ ମହୁମାଛିଙ୍କ ପାଇଁ ଆକର୍ଷଣ ସୃଷ୍ଟିକାରୀ କାଫିନ୍‌ଯୁକ୍ତ ପୁଷ୍ପମଧୁ ସାଇତି ରଖିଥାନ୍ତି। ଫୁଲରେ ଏହି କାଫିନ୍ ମଧ୍ୟ ଆଉ ଗୋଟିଏ କାମ କରେ– ଏହା କ୍ଷତିକାରକ କୀଟପତଙ୍ଗଙ୍କୁ ଦୂରେଇ ରଖେ।

✲ ଆଗରୁ ବିଚାର କରାଯାଉଥିଲା ଯେ ଘରଚଟିଆମାନେ ହେଉଛନ୍ତି ଏକଗାମୀ। କିନ୍ତୁ ଗବେଷକମାନେ ୨୦୦ ପୁରୁଷ ଓ ୧୯୪ଟି ମାଈ ଘରଚଟିଆଙ୍କ ଗତିବିଧି ଲକ୍ଷ୍ୟ କରିଥିଲେ, ଯାହାର ଫଳାଫଳ ଆମେରିକାନ୍ ନ୍ୟାଚୁରାଲିଷ୍ଟ ପତ୍ରିକାରେ ପ୍ରକାଶ ପାଇଛି। ସେମାନେ ୩୧୩ଟି ଏକଗାମୀ ଯୋଡ଼ିଙ୍କୁ ନେଇଥିଲେ ଏବଂ ଲଣ୍ଡିରେ ୮୬୩ଟି ଅଣ୍ଡା ଫୁଟାଇଥିଲେ। କେତେକ ଘରଚଟିଆଙ୍କ ବିଚ୍ଛେଦ ଘଟିଥିଲା। କିନ୍ତୁ ଅଧିକାଂଶ ବିଚ୍ଛେଦ ଜୀବନସାଥୀଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ପରେ ଘଟିଥିଲା। ତେବେ ଅଳ୍ପ କିଛି ମାଈ ଘରଚଟିଆ ତାଙ୍କ ପୁରୁଷ ସାଥୀକୁ ଧୋକା ଦେଇ ଅନ୍ୟ ପୁରୁଷ ସାଥୀ ବାଛିଥିଲେ। ସେମାନେ ସ୍ୱଭାବତଃ ବାଛବିଚାରହୀନ ଥିଲେ। ଯେଉଁ କ୍ଷେତ୍ରରେ ନିଜର ପୁରୁଷ ସାଥୀଟି ଅପେକ୍ଷା ଅନ୍ୟ ଜଣେ ଅଧିକ ଯୋଗ୍ୟ ସାଥୀ ମିଳୁଥିଲା ସେହି କ୍ଷେତ୍ରରେ ଏପରି ଘଟୁଥିଲା। କିନ୍ତୁ ଗବେଷକମାନେ କହିଛନ୍ତି ଯେ, ଏପରି ପ୍ରତାରଣା କ୍ଷେତ୍ରରେ ପୁରୁଷ ସାଥୀଟି ଛୁଆମାନଙ୍କୁ କମ୍ ଖାଦ୍ୟ ଖାଇବାକୁ ଦେଉଥିଲା। ଯଦି ସେହି ପୁରୁଷ ସାଥୀଟି ଭାବୁଥିଲା ଏହି ଛୁଆମାନଙ୍କ ମଧ୍ୟରୁ ସବୁ ଛୁଆ ତା'ର ନୁହନ୍ତି, ସେତେବେଳେ ସେ କମ୍ ଖାଇବାକୁ ଦେବାକୁ ନିଷ୍ପତ୍ତି ନେଉଥିଲା। ସାଥୀଙ୍କ ବ୍ୟବହାରକୁ ଦେଖି ପୁରୁଷମାନେ ସେମାନଙ୍କ ବ୍ୟବହାର ବଦଳାଉଥିଲେ। ପୁରୁଷମାନେ ଲକ୍ଷ୍ୟ କରୁଥିଲେ ତାଙ୍କ ଜୀବନସାଥୀ କେତେ ସମୟ ବାହାରେ ରହୁଛି, ସେଥିରୁ ସେମାନେ ତାଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ।

✲ କେବଳ କ'ଣ ଟିନ୍‌ଏଜ୍‌ର ପିଲାମାନେ ସାଥୀ ମେଳରେ ଡ୍ରଗ୍ ସେବନ କରିଥାନ୍ତି? ଗବେଷଣାରୁ ଜଣାପଡ଼ିଛି ଯେ ତରୁଣ ଡଲ୍‌ଫିନ୍‌ମାନେ ଏକ ପ୍ରକାର ପଫର ମାଛକୁ ରଗେଇଦିଅନ୍ତି, ଯାହାଫଳରେ ସେ ଏକ ପ୍ରକାର ଆତ୍ମରକ୍ଷାକାରୀ ରାସାୟନିକ ନିର୍ଗତ କରେ। ଏହା ହେଉଛି ଏକ ପ୍ରକାର ନର୍ଭ ଟକ୍ସିନ୍। ଏହି ଟକ୍ସିନ୍‌କୁ ଅଳ୍ପ ମାତ୍ରାରେ ଗ୍ରହଣ କରି ଯୁବ ଡଲ୍‌ଫିନ୍‌ମାନେ ନିଶାଗ୍ରସ୍ତ ହୋଇଯାନ୍ତି।

✲ ନର୍ଥଆମ୍ପଟନ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଗାଈମାନଙ୍କର ବେଷ୍ଟ ଫ୍ରେଣ୍ଡ (ସବୁଠୁ ଭଲ ସାଙ୍ଗ) ଥାଆନ୍ତି। ଗବେଷଣା ସମୟରେ ଗାଈମାନଙ୍କୁ ୩୦ ମିନିଟ୍ ବ୍ୟବଧାନରେ ଦୁଇଥର ଏକ ସ୍ଥାନରେ ଆବଦ୍ଧ ରଖାଗଲା। ପ୍ରଥମ ଥର ତାଙ୍କର ବେଷ୍ଟ ଫ୍ରେଣ୍ଡ୍ ସହିତ ଏବଂ ଦ୍ୱିତୀୟ ଥର ଅନ୍ୟ ଏକ ଅଜଣା ଗାଈ ସହିତ। ଉଭୟ ସ୍ଥିତିରେ ସେମାନଙ୍କ ହୃତ୍‌ସ୍ପନ୍ଦନ ମପାଗଲା। ଦେଖାଗଲା ଯେ ବେଷ୍ଟ ଫ୍ରେଣ୍ଡ୍ ସହ ଥିଲା ବେଳେ ଗାଈର ହୃତ୍‌ସ୍ପନ୍ଦନ କମ୍ ରହୁଛି ବା ସେ କମ୍ ଚାପଯୁକ୍ତ ରହୁଛି। ଅଜଣା ଗାଈ ସହ ଥିଲାବେଳେ ସେ ଅଧିକ ଚାପଯୁକ୍ତ ରହୁଛି। ଏଥିରୁ ଜଣାପଡୁଛି ଯେ ଗାଈମାନଙ୍କର ନିର୍ଦ୍ଦିଷ୍ଟ ଗାଈ ପ୍ରତି ଅଧିକ ଭଲ ପାଇବା ବା ବେଷ୍ଟ ଫ୍ରେଣ୍ଡ୍ ଥାଏ, ଠିକ୍ ମଣିଷ ପରି। ବେଷ୍ଟ ଫ୍ରେଣ୍ଡ୍ ସହ ଥିଲାବେଳେ ସେମାନେ କେବଳ ଶାନ୍ତ ରହନ୍ତିନି, ଅଧିକ ସ୍ମାର୍ଟ ବି ଥାନ୍ତି। ୨୦୧୪ରେ ବ୍ରିଟିଶ୍ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ବାଛୁରିମାନେ ବେଷ୍ଟ ଫ୍ରେଣ୍ଡ୍ ସହ ଥିଲାବେଳେ ଅଧିକ କୌଶଳ ପ୍ରଦର୍ଶନ କରିପାରନ୍ତି, ଏକାକୀ ଥିଲାବେଳେ ସେପରି କରିପାରନ୍ତିନି।

✲ ମଣିଷ କ'ଣ କେବଳ ଜୁଆ ଖେଳେ? ପାରାମାନେ ବି ମଣିଷ ପରି ଜୁଆ ଖେଳନ୍ତି। କେଣ୍ଟୁକି ବିଶ୍ୱବିଦ୍ୟାଳୟରେ ଏ ସମ୍ପର୍କରେ ଏକ ଗବେଷଣା କରାଯାଇଥିଲା। ପାରାମାନଙ୍କୁ କେତେକ ଲାଇଟ୍‌କୁ ଖୁମ୍ପିବାକୁ ଦିଆଗଲା। ଗୋଟିଏ ଲାଇଟ୍‌କୁ ଖୁମ୍ପିଲେ ସେମାନଙ୍କୁ କିଛି ସମୟ ପରେ ଅଳ୍ପ ଓ ଆଉ ଏକ ଲାଇଟ୍‌କୁ ଖୁମ୍ପିଲେ ସେମାନଙ୍କୁ କିଛି ଅଧିକ ସମୟ ପରେ ଅଧିକ ଖାଦ୍ୟ ଦାନା ମିଳୁଥିଲା କିମ୍ବା କିଛି ଖାଦ୍ୟ ଦାନା ମିଳୁ ନ ଥିଲା। କିନ୍ତୁ ପାରାମାନେ ସେହି ଲାଇଟ୍‌କୁ ଖୁମ୍ପିବାକୁ ପସନ୍ଦ କଲେ, ଯେଉଁଥିରେ ସେମାନଙ୍କୁ ଅଧିକ ଖାଦ୍ୟଦାନା ମିଳିବ କିମ୍ବା ଭୁଲ୍‌ଭାଲ୍ ହେଲେ କିଛି ଖାଦ୍ୟ ମିଳିବ ନାହିଁ। ଏହି ଆଲୁଅକୁ ଖୁମ୍ପିବା ଏକ ଜୁଆ ଖେଳ ପରି ଥିଲା। ଦେଖାଗଲା ୮୨ ପ୍ରତିଶତ ପାରା ପୋଖତ ଜୁଆଡ଼ି ବନିଗଲେ।

✲ ପ୍ରତିବର୍ଷ ଶୀତଋତୁରେ ହଜାର ହଜାର ଜ୍ୟାଣ୍ଟ ଅଷ୍ଟ୍ରେଲିଆନ୍ କଟ୍‌ଲଫିଶ୍ ଉକ୍ତ ମହାଦେଶର ଦକ୍ଷିଣ ଉପକୂଳରେ ମେଟିଂ ପାଇଁ ଏକତ୍ରିତ ହୁଅନ୍ତି। ମାଈ କଟ୍‌ଲଫିଶ୍‌ଙ୍କ ସହ ମେଟିଂ ପାଇଁ ପୁରୁଷମାନଙ୍କ ଭିତରେ ତୀବ୍ର ପ୍ରତିଯୋଗିତା ହୁଏ। ଗୋଟିଏ ମାଈ ପାଇଁ ହାରାହାରି ଚାରିଜଣ ଓ ବେଳେ ବେଳେ ଏଗାର ଜଣ ପୁରୁଷଙ୍କ ଭିତରେ ଲଢ଼େଇ ହୁଏ। ଯେଉଁ ବଳବାନ୍ ପୁରୁଷ ଲଢ଼େଇରେ ଜିତେ ସେ ମେଟିଂର ସୁଯୋଗ ପାଏ। କିନ୍ତୁ ଦୁର୍ବଳମାନେ କ'ଣ ଛାଡ଼ିଦିଅନ୍ତି? ସେମାନେ ରଙ୍ଗ ବଦଳାଇ ମାଈ କଟ୍‌ଲଫିଶ୍ ଭାବରେ ଛଦ୍ମବେଶରେ ରହନ୍ତି। ସେମାନେ ଲୁଚି ଲୁଚି ମାଈମାନେ ରହୁଥିବା ପଥରତଳକୁ ଯାଇ ଜଣକୁ ଗର୍ଭବତୀ କରି ଚାଲିଯାନ୍ତି। ରାଜକୀୟ ରାଣୀ ଅନ୍ତଃପୁରରେ ନାରୀମାନଙ୍କ ସଙ୍ଗଲାଭ ପାଇଁ ହିଜଡ଼ାଙ୍କ ଛଦ୍ମବେଶରେ ପୁରୁଷମାନେ ଯିବା କଥା ଆମେ ପୁରାଣ ଓ ଇତିହାସରେ ପଢ଼ିଛୁ।

Email: gandhim@nic.in

# ନିଜ ଗଧକୁ ଦେଖ



ଅଞ୍ଜନ ଚାନ୍ଦ

ବେପାରୀ କେତୋଟି ଗଧ ନେଇ ହାଟକୁ ବିକିବା ପାଇଁ ଯାଉଥିଲା। ଚାଲି ଚାଲି ଥକିଯିବାରୁ ସେ ଗୋଟେ ଗଧ ଉପରେ ବସିଲା। କିଛି ସମୟ ପରେ ଭାବିଲା ସବୁ ଗଧ ଅଛନ୍ତି ନା କିଏ କେଉଁଠି ରହିଗଲା। ସେ ଗଧଗୁଡ଼ିକୁ ଗଣିଲା। ଗୋଟେ ଗଧ କମ୍ ହେଲା। ବେପାରୀ ଛାନିଆରେ ଗଧ ପିଠିରୁ ଓହ୍ଲାଇ ପଡ଼ିଲା। ପୁଣିଥରେ ଗଣିଲା। ଗଧ ସଂଖ୍ୟା ଠିକ୍ ହେଲା। ସେ ଖୁସିରେ ଗଧ ପିଠିରେ ବସି ଆଗକୁ ଚାଲିଲା। କିଛିବାଟ ଯିବାପରେ ଗଧଗୁଡ଼ିକୁ ଗଣିବାରୁ ପୁଣି ଗୋଟେ କମ୍ ହେଲା। ଓହ୍ଲାଇ ପଡ଼ିବାରୁ ସମାନ ହୋଇଗଲା।

ଇଏ ଗୋଟିଏ ଅଦ୍ଭୁତ ରହସ୍ୟ ଏବଂ ଆଶ୍ଚର୍ଯ୍ୟ ଯେ ଏହା ମଣିଷ ଚରିତ୍ର ସହିତ ସମ୍ପର୍କିତ।

ଏବେ ରାଜ୍ୟରେ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଗୁଣାତ୍ମକ ମାନ କ୍ରମଶଃ ହ୍ରାସ ପାଇ ବର୍ତ୍ତମାନ ଅବସ୍ଥା ଦୟନୀୟ ହୋଇପଡ଼ିଛି। ଏ ବାବଦରେ ସରକାର କହୁଛନ୍ତି, ସ୍କୁଲରେ ଶିକ୍ଷକମାନେ ଠିକ୍ ଭାବରେ ପାଠ ପଢ଼ାଉନାହାନ୍ତି। ଶିକ୍ଷକମାନଙ୍କର ଅଭିଯୋଗ ପିଲାମାନେ ଦୁଷ୍ଟ ଓ ଅଭିଭାବକମାନେ ସଚେତନ ନୁହନ୍ତି। ଅଭିଭାବକମାନେ ଶିକ୍ଷକ ଓ ସରକାର ଉଭୟଙ୍କୁ ଦୋଷ ଦେଉଛନ୍ତି। ଅଥଚ କେହି ନିଜ ପାଖରେ ଥିବା ଦୋଷକୁ ଦେଖୁନାହାନ୍ତି। ଗଧ ବେପାରୀ ପରି ନିଜ ଗଧକୁ ଛାଡ଼ି କେବଳ ଆଗରେ ଥିବା ଗଧଗୁଡ଼ିକୁ ଗଣୁଛନ୍ତି।

ଗତ ଦୁଇ ଦଶନ୍ଧି ଭିତରେ ଶିକ୍ଷାନୀତିରେ ବାରମ୍ବାର ପରୀକ୍ଷା ନିରୀକ୍ଷା ଓ ତଦନୁଯାୟୀ ବିପୁଳ ପରିବର୍ତ୍ତନ ହୋଇଛି। ସବୁ ପିଲାଙ୍କୁ ସ୍କୁଲକୁ ଆଣିବାକୁ ଚେଷ୍ଟା ହୋଇଛି। ସେଥିପାଇଁ ପ୍ରାଥମିକ ଶିକ୍ଷାକୁ ନିଃଶୁଳ୍କ କରାଯାଇଛି। ସ୍କୁଲର ପୂଜାଚାନ୍ଦା ମଧ୍ୟ ସେମାନଙ୍କଠାରୁ ଆଦାୟ କରାଯାଉ ନାହିଁ। ବହିପତ୍ର ମାଗଣା ଦିଆଯାଉଛି। ସ୍କୁଲରେ ପୁଷ୍ଟିକର ମଧ୍ୟାହ୍ନଭୋଜନର ବ୍ୟବସ୍ଥା ହୋଇଛି। ସ୍କୁଲ ପୋଷାକ, ନେକ୍‌ଟାଇ, ଜୋତା, ପରବର୍ତ୍ତୀ ପର୍ଯ୍ୟାୟରେ ସାଇକେଲ ଦିଆଯାଉଛି। ଛାତ୍ରବୃତ୍ତିର ବ୍ୟବସ୍ଥା ଅଛି। ସ୍କୁଲକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଅଥଚ ଆଶ୍ଚର୍ଯ୍ୟ, ଏସବୁ ସତ୍ତ୍ୱେ କିଛି ପିଲା ତଥାପି ଘରେ ରହିଯାଉଛନ୍ତି। ଅଧାରୁ ବହୁ ପିଲା ପାଠପଢ଼ା ଛାଡୁଛନ୍ତି। ଯେଉଁମାନେ ରହୁଛନ୍ତି ସେମାନଙ୍କ ଅଭିଭାବକମାନେ ସ୍କୁଲରୁ ମିଳୁଥିବା ସୁବିଧାଗୁଡ଼ିକୁ ପାଇବା ପାଇଁ ଆଧାରକାର୍ଡ, ଜାତି ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ବ୍ୟାଙ୍କ୍ ପାସ୍‌ବୁକ ଇତ୍ୟାଦି ଚକ୍କରରେ ଘୂରିବୁଲି ନୟାନ୍ତ ହେଉଛନ୍ତି।

ସରକାର ଦେଉଥିବା ସାହାଯ୍ୟଗୁଡ଼ିକୁ ଜଣେ ପିଲା ଗୋଟିଏ ଶ୍ରେଣୀ ପାଇଁ ବର୍ଷଟିଏ ପାଇବ। ଏଇ ଉଦ୍ଦେଶ୍ୟରେ ବୋଧହୁଏ ପ୍ରାଥମିକ ପରୀକ୍ଷାରୁ ଫେଲ୍ ବ୍ୟବସ୍ଥା ଉଠାଇ ଦିଆଯାଇଛି। କୁହାଯାଉଛି ଏହାଦ୍ୱାରା ପରୀକ୍ଷା ପ୍ରତି ପିଲାମାନଙ୍କର ଭୟ ରହିବ ନାହିଁ। ଏବଂ ସେମାନେ ପରୀକ୍ଷାରେ ଭଲ କରିବେ। କିନ୍ତୁ ଫଳ ହେଲା ଓଲଟା। ବହୁ ନିରକ୍ଷର ପିଲା ଦଶମଶ୍ରେଣୀ ବୋର୍ଡପରୀକ୍ଷାର ପରୀକ୍ଷାର୍ଥୀ ହୋଇଗଲେ। ଯେଉଁଥିପାଇଁ ପରୀକ୍ଷାରେ ପୂର୍ବପରି ଫେଲ୍ ବ୍ୟବସ୍ଥା ରଖିବାକୁ ଦାବି ହେଲା। ସରକାରୀ ମୁଣ୍ଡମାନେ ବହୁ ଚିନ୍ତା କରି ଯେକୌଣସି ପ୍ରକାରେ ସବୁପିଲାଙ୍କୁ ପାସ୍ କରାଇବା ପାଇଁ ଯୋଜନା କଲେ। ଫଳସ୍ୱରୂପ ଏବେ ଉଜ୍ଜ୍ୱଳା, ଉତ୍‌ଥାନ ଓ ଉତ୍କର୍ଷ ତିନୋଟି କାର୍ଯ୍ୟକ୍ରମ ସ୍କୁଲଗୁଡ଼ିକରେ ଜୋରସୋରରେ ଚାଲିଛି। ଶିକ୍ଷକମାନଙ୍କୁ ନୂଆ ପ୍ରଶିକ୍ଷଣ ଦିଆଯାଉଛି। ନୂଆ ବହି ଛପା ହୋଇ ପିଲାମାନଙ୍କୁ ବଣ୍ଟା ହେଉଛି। ତଦନୁସାରେ ଶିକ୍ଷକମାନେ ପିଲାମାନଙ୍କୁ ପଢ଼ାଉଛନ୍ତି କି ନାହିଁ ତାହାର ତଦାରଖ କରିବାକୁ ଦଳ ଗଢ଼ାଯାଇଛି। କାର୍ଯ୍ୟକ୍ରମଗୁଡ଼ିକ ସଫଳ ହେଉଛି ବୋଲି ଶିକ୍ଷାବିଭାଗ ଡିଣ୍ଡିମ ପିଟୁଥିବାବେଳେ ନବମଶ୍ରେଣୀରେ ପଢୁଥିବା ଜଣେ ଛାତ୍ରର ଅଭିଭାବକ ସ୍କୁଲରେ ଅଭିଯୋଗ କରୁଛନ୍ତି– ମୋ ପୁଅ କାହିଁକି ମକା, ମଟର, ଚୋର, ସର ପଢୁଛି? ଯେତେବେଳେ ସେ ପାଠ ପଢ଼ିବା କଥା ସେତେବେଳେ ମାଷ୍ଟରମାନେ କ'ଣ କରୁଥିଲେ? ଯଦି ଅଷ୍ଟମ ଶ୍ରେଣୀ ପାସ୍ କରିବା ପରେ ସେ ଚକ, ଅଖ ଶିଖିବ ତେବେ ନବମ ଶ୍ରେଣୀର ପାଠ ପଢ଼ିବ କେବେ?

ଶିକ୍ଷକ କହୁଛନ୍ତି, ଆମେ କ'ଣ କରିବୁ? ଆମେ ଆଦେଶର ଦାସ। ଉପରୁ ଯାହା ନିର୍ଦ୍ଦେଶ ଆସୁଛି ତାହା କରୁଛୁ। ଆପଣ ସରକାରଙ୍କୁ କୁହନ୍ତୁ।

ଅଭିଭାବକ ସରକାରଙ୍କୁ ଖୋଜୁଛନ୍ତି।

କିଛିଦିନ ତଳେ କେତେଜଣ ଏକାଠି ହୋଇ ଏହି କାର୍ଯ୍ୟକ୍ରମ ବିରୋଧରେ ସ୍ୱର ଉଠାଇଥିଲେ। ଗଣମାଧ୍ୟମରେ ବି ଖବର ବାହାରିଥିଲା। ସରକାରଙ୍କ କାନରେ ପଡ଼ିଲା କି ନାହିଁ ଏବେ ପୁଣି ସବୁ ଚୁପ୍‌ଚାପ୍।

ବୁଦ୍ଧିଜୀବୀ ଜଣେ କହୁଥିଲେ, ସରକାରୀ ଶିକ୍ଷା କେବଳ ସାକ୍ଷରତା ଅଭିଯାନ। ସବୁ ପିଲାଙ୍କୁ ଗାଁରୁ ଧରିଆଣି ସ୍କୁଲରେ ଦଶବର୍ଷ ବାନ୍ଧିରଖି ଅକ୍ଷର ଶିଖାଇ ବାହାରକୁ ଛାଡ଼ିଦେବେ। ଆପଣ ଯଦି ନିଜ ପିଲାକୁ ଶିକ୍ଷିତ କରାଇବାକୁ ଚାହାନ୍ତି ସରକାରୀ ଅନୁଷ୍ଠାନରୁ ଦୂରେଇ ରୁହନ୍ତୁ। ଚମତ୍କାରୀ ଶବ୍ଦ ଓ ବହୁ ଆଡ଼ମ୍ବର ଭିତରେ ସାଧାରଣ ଲୋକଙ୍କୁ ବଶୀଭୂତ କରି ଶିକ୍ଷାକୁ ଘରୋଇକରଣ ଆଡ଼କୁ ଟାଣିନେଇଯିବା ହିଁ ଏବର ଶିକ୍ଷାନୀତିର ଅସଲ ଉଦ୍ଦେଶ୍ୟ।

ଅଙ୍ଗାରଗାଡ଼ିଆ, ବାଲେଶ୍ୱର,
ମୋ:୯୪୩୭୨୯୬୮୬୪

## ଏଇ ଭାରତରେ

ଈଶ୍ୱର ଏକ। ତାଙ୍କ ନାମରେ ଯେଉଁଠି ଯେତେ ପ୍ରକାର ରଙ୍ଗ–ରୂପ–ଆକାରର ପୀଠ ହୋଇଥାଉନା କାହିଁକି ତାହା ଶାଶ୍ୱତ ଓ ସମସ୍ତଙ୍କ ପାଇଁ ସମାନ। ଏହି ମର୍ମକୁ ଭଲଭାବେ ଉପଲବ୍ଧି କରିଛନ୍ତି ଝାଡ଼ଖଣ୍ଡ କୋଡରମାର ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଥିବା ରାଜାବର ସିଆର୍‌ପିଏଫ୍ କ୍ୟାମ୍ପର କମ୍ପାନୀ କମାଣ୍ଡର ମହମ୍ମଦ ଇଜାଜ ଖାନ୍। ସେ ଯେଉଁ ସନ୍ଦେଶ ଦେଇଛନ୍ତି ତାହା ସୁଦୂରପ୍ରସାରୀ। ଇଜାଜ ସର୍ବଧର୍ମ ସଦ୍‌ଭାବର ପ୍ରତୀକ ପାଲଟିଯାଇଛନ୍ତି। ମହମ୍ମଦ ଇଜାଜ ଜଣେ ମୁସଲମାନ ହୋଇ ବି ସେଠାକାର ଗ୍ରାମବାସୀଙ୍କ ସହଯୋଗରେ ସିଆର୍‌ପିଏଫ୍ କ୍ୟାମ୍ପସ ମଧ୍ୟରେ ଏକ ଭବ୍ୟ ରାମମନ୍ଦିର ନିର୍ମାଣ କରିଛନ୍ତି। ଏହି ମନ୍ଦିରରେ ଭଗବାନ ରାମ, ରାଧା–କୃଷ୍ଣ ଓ ହନୁମାନଙ୍କ ସହ ଅନ୍ୟ ଦେବଦେବୀଙ୍କୁ ସ୍ଥାପନା କରାଯାଇଛି। ଯଥାବିଧି ଯବାନମାନେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ନିୟମିତ ପୂଜାର୍ଚ୍ଚନା କରୁଛନ୍ତି। ଇଜାଜ ସିଆର୍‌ପିଏଫ୍ କମାଣ୍ଡର ବିଷ୍ଣୁ ଗୌତମଙ୍କ ଅନୁମତି ନେଇ ଏହି ମନ୍ଦିର ନିର୍ମାଣ କରିଥିବାରୁ ମନ୍ଦିର କାନ୍ଥରେ ବିଷ୍ଣୁ ଗୌତମଙ୍କ ସହ ମହମ୍ମଦ ଇଜାଜଙ୍କ ନାମ ବି ଲେଖାଯାଇଛି। ଏହି ମନ୍ଦିରରେ ସବୁ ଧର୍ମର ଯବାନ ପୂଜା କରିଥାନ୍ତି। ଇଜାଜ ଅବସର ନେଇ ବିହାରର ସାସାରାମରେ ରହୁଥିଲେ ବି ସେ ହିନ୍ଦୁ ମୁସଲମାନ ଏକତାର ଯେଉଁ ମଶାଲ ଜଳାଇଦେଇଛନ୍ତି ତାହା ଜ୍ଞାନାଲୋକ ବାଣ୍ଟି ଚାଲିବ, ଏଥିରେ ସନ୍ଦେହନାହିଁ। ଏହି ମନ୍ଦିରକୁ ପୂଜାକରିବା ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ ସର୍ବଧର୍ମ ସମନ୍ୱୟର ଶିକ୍ଷା କରିବା ସହ ଇଜାଜଙ୍କୁ ମନେପକାଉଛନ୍ତି।

## ଚିରନ୍ତନୀ

ନିତି କ୍ଷଣେ କ୍ଷଣେ କେତେ
ନବ ନବ ଛବି
ମୁହୁର୍ମୁହୁ ପ୍ରାଣେ ଅନୁଭବି
ସବୁ ଛନ୍ଦ ସବୁ ଛବି
ଅସୀମରେ ହୁଅଇ ବିଲୀନ
ନ ରହେ ସଙ୍କେତ କାହିଁ
ନାହିଁ ରହେ ତିଳେ ତା'ର ଚିହ୍ନ। (ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku | ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | | 3 | | | 6 | 1 | | | | | | | 5 |
| C | | | 6 | A | 9 | | | | | | 1 | | D | |
| | | | | | E | | | | 7 | B | 5 | | | |
| | | | | | D | | | | | 2 | 4 | B | | 1 |
| E | | | C | | | 9 | | 2 | A | | | | 4 | 7 |
| 8 | | | | C | 6 | | D | 4 | 2 | A | | | | 9 |
| 6 | 5 | | | | 0 | B | | A | | 8 | C | E | | 2 |
| | | | 5 | | A | 3 | C | 9 | | 7 | | | B | |
| | | | | | | | | | | | | | 3 | 6 |
| | | | | | 8 | | | | 4 | 9 | 0 | | | |
| | | D | | | 3 | | | | E | 1 | | | | 8 |
| | C | 6 | | | | | | 0 | | 5 | | 9 | | 3 |
| | | | 0 | | | | | 8 | | | 9 | 7 | | |
| | A | | | 1 | 5 | | | D | | | | 4 | E | |
| | | | | 4 | | | | E | | 3 | 8 | | | C |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | A | 0 | 8 | 3 | 4 | E | 9 | 1 | 2 | D | 5 | 6 | C | B |
| B | 8 | 6 | 2 | 1 | 9 | 4 | A | 7 | 3 | C | E | D | 0 | 5 |
| 5 | D | C | 6 | E | 7 | B | 8 | 0 | 4 | 1 | A | 9 | 2 | 3 |
| E | 4 | 1 | 0 | 5 | C | 3 | D | 2 | B | 6 | 9 | A | 7 | 8 |
| 3 | 9 | 2 | A | D | B | 5 | C | 6 | 8 | 0 | 7 | 1 | E | 4 |
| 9 | B | 5 | 3 | 6 | E | 7 | 4 | A | D | 2 | 8 | C | 1 | 0 |
| A | 7 | D | C | 2 | 0 | 8 | E | 3 | 5 | B | 1 | 4 | 6 | 9 |
| C | 2 | 4 | B | 8 | 1 | 6 | 5 | 9 | 7 | E | 0 | 3 | D | A |
| 0 | 3 | 8 | 7 | 9 | 5 | D | 1 | C | 6 | A | 4 | E | B | 2 |
| 6 | 1 | E | D | 4 | A | 0 | 2 | B | C | 9 | 3 | 5 | 8 | 7 |
| 1 | 5 | 7 | 9 | 0 | D | 2 | 6 | 4 | E | 3 | B | 8 | A | C |
| 8 | 0 | A | E | B | 6 | C | 3 | 5 | 9 | 7 | D | 2 | 4 | 1 |
| 4 | E | B | 1 | C | 3 | 9 | 0 | D | A | 8 | 2 | 7 | 5 | 6 |
| D | 6 | 9 | 5 | 7 | 2 | A | B | 8 | 1 | 4 | C | 0 | 3 | E |
| 2 | C | 3 | 4 | A | 8 | 1 | 7 | E | 0 | 5 | 6 | B | 9 | D |

ଗତକାଲିର ଉତ୍ତର

# ଅଗଷ୍ଟ ପନ୍ଦର ଯିବା ପରେ



ବିଚିତ୍ର ବିଶ୍ୱାଳ

ଓଡ଼ିଆରେ ଅକ୍ଷୟ ମହାନ୍ତିଙ୍କ ଗୋଟେ ଗୀତ ଥିଲା 'ହେ ଫଗୁଣ ତୁମେ ଯିବା ପରେ ଅନେକ ଯାତନା ଏଠି'। ଠିକ୍ ସେମିତି ଅଗଷ୍ଟ ପନ୍ଦର ଯିବା ପରେ ପରେ ଦେଶର ଶାସକ ଓ ଜନସାଧାରଣଙ୍କ ସାମୟିକ ଦେଶଭକ୍ତିର ମୁଖା ତଳୁ ଉକୁଟି ଉଠେ ସ୍ୱ–ଭକ୍ତି ଓ ନିଜ ସ୍ୱାର୍ଥ ସାଧନର ଅସଲ ଚେହେରା। ସ୍ୱାଧୀନତା ରୂପକ ସ୍ୱପ୍ନର ଚିକ୍‌ମିକିଆ ଜରି ପୋଷାକଟା ଖସିଯାଇ ଆଖି ଆଗରେ ଝଲସି ଉଠେ ଦୁର୍ଭାଗ୍ୟର ନଗ୍ନ ବାସ୍ତବତା, ଯେଉଁଥିରେ ଏତେ ଟିକେ ବି ସ୍ୱାଧୀନତାର ଚିହ୍ନ ନ ଥାଏ। ଅଗଷ୍ଟ ପନ୍ଦର ଦିନ ସକାଳେ ଯେଉଁସବୁ ପ୍ରତିଶ୍ରୁତିର ବନ୍ୟା ଆସେ ସଞ୍ଜ ହେଉ ହେଉ ତାହା ପ୍ରତାରଣାର ଶୁଖିଲା ଖଡ୍‌ଖଡ୍ ଭୂଇଁରେ ପରିଣତ ହୋଇଯାଇଥାଏ। ତେଣୁ ଅକ୍ଷୟ ମହାନ୍ତିଙ୍କ ଗୀତ ଭଙ୍ଗୀରେ ଯଦି କୁହାଯାଏ, 'ହେ ଅଗଷ୍ଟ ପନ୍ଦର ତୁମେ ଗଲା ପରେ ତୁମ ଅସ୍ତିତ୍ୱକୁ ନେଇ ଅନେକ ସନ୍ଦେହ ଏଠି', ତେବେ ଏଥିରେ ଟିକେ ବି ଭୁଲ୍ ହେବ ନାହିଁ। କାରଣ ଅଗଷ୍ଟ ପନ୍ଦର ଯେଉଁ ସ୍ୱାଧୀନତା ଦିବସର ସନ୍ତକ, ସତରେ କ'ଣ ସେ ସ୍ୱାଧୀନତାକୁ ଆମେ ଭୋଗ କରୁଛେ? ସ୍ୱାଧୀନତା ଦିବସ କହିଲେ କ'ଣ କେବଳ ପତାକା ଟାଣିବା କି ଭୋଟ୍ ଦେବା? ଯେଉଁ ସ୍ୱାଧୀନତାକୁ ହାସଲ କରିବା ପାଇଁ ଏତେ ତ୍ୟାଗ ଓ ବଳିଦାନ ଗଲା, ସେହି ସ୍ୱାଧୀନତାକୁ ବଜାୟ ରଖିବା ପାଇଁ ସତରେ କ'ଣ ଆମ ଦେଶର ଶାସକମାନେ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି! ନା କଳେବଳେ କୌଶଳେ ଦେଶର ସମ୍ପଦକୁ ବିଦେଶୀଙ୍କ ପାଖରେ ବନ୍ଧା ପକେଇବା କାମରେ ଲାଗିପଡ଼ିଛନ୍ତି! ଦେଶର ଜନସାଧାରଣଙ୍କ କଷ୍ଟକୁ କମ୍ କରିବା ପାଇଁ ପ୍ରୟାସ କରାଯାଉଛି ନା ଜନସାଧାରଣଙ୍କ ଦୁଃଖକଷ୍ଟ ବିନିମୟରେ ମୁଷ୍ଟିମେୟ ଗୋଷ୍ଠୀ ନିଜ ଟ୍ରେଜେରି ଭରିବା କାମରେ ଲାଗିଛନ୍ତି! ଏହା ଆଜିର ସମୟରେ ଏକ ମସ୍ତବଡ଼ ପ୍ରଶ୍ନ।

ଅଗଷ୍ଟ ପନ୍ଦରରେ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲା ଉପରୁ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଲେ। ଦେଶର ବିକାଶ କଥା କହିଲେ, ଅର୍ଥନୈତିକ ପ୍ରଗତି କଥା କହିଲେ ଓ ଆସନ୍ତା ଦଶ ବର୍ଷରେ ଆମ ଦେଶ କେଉଁଠି ପହଞ୍ଚିବ ସେ ବିଷୟରେ ରଙ୍ଗିନ ସ୍ୱପ୍ନ ଦେଖାଇଲେ। ଯେମିତି ପ୍ରତି ବର୍ଷ ଅଗଷ୍ଟ ପନ୍ଦର ଆସିବା ଏକ ଚିରାଚରିତ ଧାରା ସେମିତି ପ୍ରତିବର୍ଷ ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲା ଉପରୁ ସ୍ୱାଧୀନତା ଦିବସ ଭାଷଣରେ ଦେଶର ବିକାଶ ଓ ଆଗାମୀ ସମୟ ପାଇଁ ରଙ୍ଗିନ ସ୍ୱପ୍ନର ଗୀତ ଗାଇବା ବି ସେମିତି ଏକ ଚିରାଚରିତ ଧାରା ହୋଇଗଲାଣି। ପ୍ରଧାନମନ୍ତ୍ରୀ ଯାହା ବି କୁହନ୍ତୁ, କିନ୍ତୁ ଯଦି ସ୍ୱାଧୀନତାର ଅର୍ଥ ନିଜ ଦେଶର ସମ୍ପଦ ଯଥା ପାହାଡ଼, ପର୍ବତ, ପାଣି, ଖଣି ଉପରେ ନିଜର ଅଧିକାର ବା ସେଠାକାର ଅଧିବାସୀଙ୍କ ଅଧିକାରକୁ ବୁଝାଯାଏ, ତେବେ ଆଜିର ସମୟରେ ଏସବୁ ସମ୍ପଦକୁ ଆମେ ଦେଶବାସୀ ଛାତିରେ ହାତ ବାଡ଼େଇ ଆମର କହିପାରିବା କି? କିମ୍ବା କହିପାରୁଛେ କି? ଆମେ ଦେଖୁଛେ ଅର୍ଥନୈତିକ ବିକାଶ ନାଁରେ ଆମ ଦେଶର ସମ୍ପଦକୁ ମାଟିଗୋଡ଼ି ମୂଲ୍ୟରେ ବିଦେଶୀମାନଙ୍କ ହାତକୁ ଟେକି ଦିଆଯାଉଛି। ସରକାରଙ୍କ ଚଳିତ ବର୍ଷର ବଜେଟରେ ଯାହା ଚିତ୍ର ଦିଆଯାଇଛି, ସେଥିରୁ ସମ୍ପୂର୍ଣ୍ଣ ରୂପେ ବୁଝାପଡୁଛି ଯେ, ପ୍ରଧାନମନ୍ତ୍ରୀ ଲାଲ୍‌କିଲ୍ଲାରୁ ଓହ୍ଲେଇ ଆମ ଦେଶର ଏକାଧିକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ବିଦେଶୀ ପୁଞ୍ଜି ଖଟେଇବାର ରାସ୍ତାକୁ ଆହୁରି ସୁଗମ କରିବାରେ ଲାଗିପଡ଼ିଛନ୍ତି। ବିଦେଶୀ ପୁଞ୍ଜି ଲଗାଣକୁ ଯଦି ଆଉ ଟିକେ ସ୍ପଷ୍ଟ ଭାଷାରେ କହିବା, ତେବେ ତା'ର ଅର୍ଥ ହେବ, ସରକାରୀ ଉଦ୍ୟୋଗକୁ ବିଦେଶୀମାନଙ୍କ ନିୟନ୍ତ୍ରଣକୁ ଦେଇଦେବା। ଯଦି ଏହା ବିକାଶ, ତେବେ ଆମେ ଇଷ୍ଟ ଇଣ୍ଡିଆ କମ୍ପାନୀ ଓ ଇଂରେଜ ସରକାରକୁ ଏତେ କଷ୍ଟ କରି ଆମ ଦେଶରୁ ହଟେଇଥିଲେ କାହିଁକି? ଆଜି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାରତ ସଞ୍ଚାର ନିଗମ ଲିମିଟେଡ ତା'ର ଶେଷ ନିଃଶ୍ୱାସ ଗଣୁଛି ଓ ସରକାର ଖୋଦ୍ ତା'ର କଫିନ୍ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଇଣ୍ଡିଆନ୍ ଏୟାର୍ ଲାଇନ୍‌ସର ଅବସ୍ଥା ବି ତଦ୍ରୂପ। ରେଳ ଚଳାଚଳ କ୍ଷେତ୍ରରେ ବି ଘରୋଇ ଓ ବିଦେଶୀ ପୁଞ୍ଜି ଲଗାଣ ପାଇଁ ରାସ୍ତା ପରିଷ୍କାର ହେଲାଣି। ଯଦି ଆମ ଦେଶର ସରକାରଙ୍କ ନିଜର ପାରଙ୍ଗମତା ଉପରେ ଭରସା ନାହିଁ ଅର୍ଥାତ୍ ନିଜ ଅଧୀନରେ ଥିବା କମ୍ପାନୀଗୁଡ଼ିକୁ ଘରୋଇ ବହୁଦେଶୀୟ କମ୍ପାନୀଙ୍କ ହାତକୁ ଟେକି ଦେଉଛନ୍ତି, ତେବେ ଅଗଷ୍ଟ ପନ୍ଦରରେ ସେ ତ୍ରିରଙ୍ଗା ପତାକା ତଳେ ଯେଉଁ ଭାଷଣ ଦେଲେ ତାହା କ'ଣ ଥିଲା? 'ଆମରି ଡଙ୍ଗାରେ ଆମେ ନାଉରୀ, ଆମେ ଚଳାଉଛୁ ଦେଶ ଆମରି'ର କ'ଣ ଅର୍ଥ କେବଳ ଆମ ଦେଶର ଲୋକମାନେ ନେତା–ମନ୍ତ୍ରୀ ହେବେ, ସରକାରରେ ରହିବେ କିନ୍ତୁ ଆମ ଦେଶର ଅର୍ଥନୀତି ବହୁଦେଶୀୟ କମ୍ପାନୀଙ୍କ ନିୟନ୍ତ୍ରଣରେ ରହିବ!

କେବଳ ଶାସନର ଉପର ସ୍ତରରେ ନୁହେଁ ନିମ୍ନ ସ୍ତରରେ ବି ଯେଉଁମାନେ ପତାକା ଉତ୍ତୋଳନ କରି ଆମକୁ ସ୍ୱାଧୀନ ହେବାର ଭରସା ଦେଉଛନ୍ତି, ସେମାନେ ବି ପ୍ରତି ମୁହୂର୍ତ୍ତରେ ଆମ ସ୍ୱାଧୀନତାକୁ ଲୁଣ୍ଠନ କରିବାରେ ଲାଗିଛନ୍ତି। ରାଜ୍ୟରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନେ ବି ପତାକା ଟାଣି ସ୍ୱାଧୀନତା ଦିବସ ଉପଲକ୍ଷେ ଭାଷଣ ଦେଲେ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ, ବଳିଦାନ ଓ ଲୋକସେବାକୁ ଉଦାହରଣ ଭାବେ ପେଶ୍ କଲେ। କିନ୍ତୁ ପରମୁହୂର୍ତ୍ତରେ ସେମାନେ ରାଜ୍ୟର ଖଣି, ପାଣି ଓ ପାହାଡ଼ପର୍ବତକୁ ବିଦେଶୀ କମ୍ପାନୀ ହାତକୁ ଟେକିଦେବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରୁଛନ୍ତି। ଲୋକମାନେ ନିଜର ଭିଟାମାଟି ରକ୍ଷାକରିବା ପାଇଁ ଯଦି ସ୍ୱର ଉତ୍ତୋଳନ କରୁଛନ୍ତି, ତେବେ ଆମ ସ୍ୱାଧୀନ ଦେଶର ପୋଲିସମାନେ ହିଁ ତାଙ୍କ ଉପରକୁ ଲାଠି ଓ ଗୁଳି ଚଳାଉଛନ୍ତି। ଯଦି ଆମ ମା' ମାଟିକୁ ବି ରଖିବାର ଅଧିକାର ଆମର ନାହିଁ, ତା'ହେଲେ ଏ ସ୍ୱାଧୀନତା ଛଳନା ନୁହେଁ ତ ଆଉ କ'ଣ! ସାଧାରଣ ସରପଞ୍ଚଟିଏ ପଞ୍ଚାୟତ ଅଫିସରେ ପତାକା ଉତ୍ତୋଳନ କରି ଆମକୁ ଅତି ତୃଣମୂଳ ସ୍ତରରେ ବି ଆମେ ସ୍ୱାଧୀନ ହୋଇଥିବାର ବିଶ୍ୱାସ ଦେଲେ। କିନ୍ତୁ ପରଦିନ ସେହି ସରପଞ୍ଚ ଜଣେ ସାଧାରଣ ଲୋକଠାରୁ ଇନ୍ଦିରା ଆବାସ କରେଇଦେବା ପାଇଁ ପାଞ୍ଚ ହଜାର ଟଙ୍କା ଲାଞ୍ଚ ମାଗୁଛି। ଶାସକ ଓ ଜନସାଧାରଣ ଆମେ ସମସ୍ତେ ଏହି ସ୍ୱାଧୀନତାର ମୂଲ୍ୟକୁ ବେଶ୍ ଭଲ ଭାବରେ ବୁଝିଯାଇଛେ। ତା'ହେଲେ ଏ ଛଳନା କିଏ କାହା ସହିତ କରୁଛି? ସ୍ୱାଧୀନ ଭାରତର ଆମ ଶାସନ କଳରେ ଏହା ଅଲିଖିତ ନିୟମ ହୋଇଗଲାଣି। ପ୍ରତ୍ୟେକ କାମ ପାଇଁ ଲୋକଙ୍କୁ ପି.ସି. ଦେବାକୁ ପଡୁଛି, ନ ହେଲେ ଆମ ଗାଁ ରାସ୍ତାଠାରୁ ଆରମ୍ଭକରି ସ୍କୁଲ୍ ଯାଏ କିଛି ବି ହୋଇପାରିବ ନାହିଁ। ପ୍ରଶାସକମାନେ ହସି ହସି ଲୋକ ଓ ଠିକାଦାରଙ୍କଠାରୁ ପି.ସି. ଆଦାୟ କରୁଛନ୍ତି। ଏସବୁ କାମ ଲୁଚାଛପାରେ ବି ଆଉ ହେଉନାହିଁ। ସ୍ୱାଧୀନତା ଦିବସ ପାଳନର ଠିକ୍ ପରେ ପରେ ଯଦି ଏପରି ସବୁ ହେବାର ଅଛି ବା ହେଉଛି, ତେବେ ବିଚରା ଅଗଷ୍ଟ ପନ୍ଦର ପାଇଁ ଏତେ ଆଡ଼ମ୍ବର କାହିଁକି?

ମୋ– ୯୪୩୮୪୬୮୪୭୪

## ପାଠକ ଶ୍ରେଷ୍ଠ ବିଚାରକ

### ବଦଳି ପାରୁନି ଶିଶୁଭବନର ଦୁଃସ୍ଥିତି

ମହାଶୟ,

୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟି ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ହସ୍ପିଟାଲର ଜରୁରିକାଳୀନ ଓଟି ୨ ବର୍ଷ ହେବ ବନ୍ଦ ରହିଛି। ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୨୦୧୭ରୁ ୨୦୧୯ ମେ' ମଧ୍ୟରେ ପ୍ରତିବର୍ଷ ଶିଶୁ ମୃତ୍ୟୁହାର ବଢ଼ି ବଢ଼ି ଚାଲିଛି। ୨୦୧୫ରେ ଶିଶୁଭବନର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଥିଲେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନି। ତେଣୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅନୁରୋଧ କଟକ ଶିଶୁଭବନର ଭିତ୍ତିଭୂମିକୁ ସୁଦୃଢ଼ କରି ବନ୍ଦ ହୋଇଯାଇଥିବା ଜରୁରିକାଳୀନ ଓଟିକୁ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନିଅନ୍ତୁ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ପାଖେଇ ଆସୁଛି ପ୍ରଳୟ

ଧରିତ୍ରୀରେ ପ୍ରକାଶିତ ଅଭୟ ସୂତାରଙ୍କ ଲେଖା 'ପାଖେଇ ଆସୁଛି ପ୍ରଳୟ' ବାସ୍ତବିକ୍ ଠିକ୍ କଥା। ଏହାର ସମାଧାନ ଉପରେ ଲେଖକ ଯଥାର୍ଥ ଆଲୋକପାତ କରିଛନ୍ତି। କିନ୍ତୁ ଏହାର ମୁଖ୍ୟ କାରଣ ଜୀବହତ୍ୟା। ଏହା ସହଜରେ ବୁଦ୍ଧିଜୀବୀଙ୍କ ମୁଣ୍ଡରେ ପଶିଲେ ହେଲା। ଯଦି ମଣିଷ ଶାକାହାରୀ ହୋଇଯାଏ ତା'ହେଲେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ। ଏବେ ବି ସମୟ ଅଛି ମଣିଷ ସୁଧୁରିଯାଉ। ଜୀବହତ୍ୟା ଓ ଗଛକଟା ବନ୍ଦ କରୁ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଅଗଷ୍ଟ ୧୯୯୪

- ବମ୍ବେ ବୋମା ବିସ୍ଫୋରଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଆସାମୀ ଦାଉଦ ଇବ୍ରାହିମ ଏବଂ ମେମୋନ ପରିବାରର ସଦସ୍ୟଙ୍କୁ ଖୋଜି ବାହାର କରିବା ପାଇଁ ସିବିଆଇ ଇଣ୍ଟରପୋଲର ସହାୟତା ଲୋଡ଼ିଲା।
- ସନ୍ତ୍ରାସବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ ନିରୋଧ ଆଇନ (ଟାଡା)ର କାର୍ଯ୍ୟକାରିତା ଉପରେ ଗଭୀର ଅନୁଧ୍ୟାନ ପାଇଁ ଜାତୀୟ ମାନବାଧିକାର କମିଶନ ପକ୍ଷରୁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ।
- ଟ୍ୟୁନିସରେ ଦୁଇଟି ଟ୍ରେନ ପରସ୍ପର ଧକ୍କା ହେବା ଫଳରେ ୨୧ ଜଣ ପ୍ରାଣ ହରାଇଛନ୍ତି।



ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଲାଗିରହିଥିବା ଉତ୍ତେଜନା ମଧ୍ୟରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ମସ୍କୋଗସ୍ତ କରି ରୁଷିଆ ପ୍ରତିପକ୍ଷ ନିକୋଲାଇ ପାଟ୍ରୁସେଭ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ସେପ୍ଟେମ୍ବର ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭ୍ଲାଡିଭୋଷ୍ଟୋକ୍ ଯିବା ପୂର୍ବରୁ ଡୋଭାଲଙ୍କ ଗସ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରୁଷିଆର ସହଯୋଗ କ୍ରମେ କଶ୍ମୀର ପ୍ରସଙ୍ଗ ଜାତିସଂଘ ସୁରକ୍ଷା ପରିଷଦରେ ଚାଇନା ନ ଉଠାଇବାକୁ ଭାରତ ଚାହେଁ।

## ସଂକ୍ଷେପରେ

### ପ୍ରେମିକଙ୍କ ବର୍ବରକାଣ୍ଡ
## ପ୍ରେମିକାଙ୍କ ତଣ୍ଟି କାଟିଦେଲେ

**କାମାକ୍ଷାନଗର, ୨୧।୮(ଡି.ଏନ୍.ଏ.):** ପ୍ରେମିକାଙ୍କୁ ପିଛା କରି ସୁନ୍ଦରଗଡ଼ରୁ ଚାଲିଆସିଲେ ଢେଙ୍କାନାଳ। ରାତାରାତି ତାଙ୍କୁ ଧରି ଫେରାର ହୋଇଯିବାକୁ କରିଥିଲେ ଯୋଜନା। ହେଲେ ଏଥିରେ ଯୁବତୀ ଜଣକ ଅନିଚ୍ଛା ପ୍ରକାଶ କରିବାରୁ ରକ୍ତମୁଖା ହୋଇଉଠିଲେ ପ୍ରେମିକ। ହିତାହିତ ଜ୍ଞାନ ହରାଇ ଧାରୁଆ ଛୁରିରେ କାଟିଦେଲେ ପ୍ରେମିକାଙ୍କ ତଣ୍ଟି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ଘଟିଥିବା ଏପରି ସ୍ପର୍ଶକାତର ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବତୀ ଏବଂ ଯୁବକଙ୍କ ଘର ସୁନ୍ଦରଗଡ଼ ଅଞ୍ଚଳରେ। ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଯୁବତୀ ଜଣକ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ରହୁଥିବା ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ତାଙ୍କୁ ପିଛା କରି ସମ୍ପୃକ୍ତ ଯୁବକ ମଧ୍ୟ ଉକ୍ତ ଗ୍ରାମକୁ ଆସିଥିଲେ। ମଙ୍ଗଳବାର ରାତିରେ ଯୁବତୀ ଜଣକ ପରିସ୍ରା କରିବାକୁ ଉଠିଥିବାବେଳେ ପ୍ରେମିକ ପହଞ୍ଚି ତାଙ୍କ ସହ ଫେରାର ହୋଇଯିବାକୁ ବାଧ କରିଥିଲେ। ଏଥିରେ ଅନିଚ୍ଛା ପ୍ରକାଶ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଯୁବକ ଯୁବତୀଙ୍କ ବେକ, ହାତକୁ ଛୁରିରେ କାଟି ପକାଇଥିଲେ। ଏ ନେଇ କଙ୍କଡ଼ାହାଡ଼ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଛି। ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତାଙ୍କ ନାମ ଗୋପନ ରଖାଯାଇଛି। ପୀଡ଼ିତାଙ୍କ ବୟାନ ରେକର୍ଡ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ହୀରାକୁଦ ଡ୍ୟାମ୍‌ର ୨ଗେଟ୍‌ରେ ଜଳ ନିଷ୍କାସନ

**ସମ୍ବଲପୁର, ୨୧।୮(ବ୍ୟୁରୋ):** ହୀରାକୁଦ ଡ୍ୟାମରୁ ବୁଧବାର ୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଇଛି। ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୫୩ ହଜାର ୩୧୯ କ୍ୟୁସେକ ଜଳ ନିଷ୍କାସିତ ହେଉଥିବାବେଳେ ୬୨ ହଜାର ୮୫୦ କ୍ୟୁସେକ ଜଳ ପ୍ରବେଶ କରୁଛି। ପାୱାର ଚ୍ୟାନେଲ ଦେଇ ୧୮ ହଜାର ୮୯୨ କ୍ୟୁସେକ ପାଣି ଛଡା ଯାଉଥିବାବେଳେ ବିଭିନ୍ନ କଳ କାରଖାନାକୁ ୧୭୦ କ୍ୟୁସେକ ଜଳ ଯୋଗାଇ ଦିଆଯାଉଛି। ଡ୍ୟାମ୍ ନିୟନ୍ତ୍ରଣ କକ୍ଷ ପକ୍ଷରୁ ରାତି ୯ଟାରେ ମିଳିଥିବା ସୂଚନା ମୁତାବକ ଜଳସ୍ତର ୬୧୯.୨୯ ଫୁଟ ରହିଛି।

# କଟକରେ ଏନ୍‌କାଉଣ୍ଟର: ଅଭିଯୁକ୍ତ ଅମିତ୍ ଆହତ

- କାର୍, ପିସ୍ତଲ, ଗୁଳି ଜବତ
- ଅଭିଯୁକ୍ତଙ୍କୁ କାବୁ ବେଳେ ଜଗତ୍‌ପୁର ଆଇଆଇସି, କନଷ୍ଟେବଲ ସାମାନ୍ୟ ଆହତ

**କଟକ ଅଫିସ, ୨୧।୮**

କଟକରେ ବୁଧବାର ଏନ୍‌କାଉଣ୍ଟର ଘଟିଛି। ଏଥିରେ ବହୁ ଚେନ୍ ଲୁଟ୍ ଘଟଣାର ଅଭିଯୁକ୍ତ ତଥା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳ ଖଣ୍ଡାସାହିର ମନୋଜ ପାତ୍ର ଓରଫ ଅମିତ୍(୩୦) ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡରେ ଗୁଳି ବାଜିଥିବାବେଳେ ଚିକିତ୍ସାଲାଗି ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜଗତ୍‌ପୁର ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍‌ର ମିଳିତ ଭାବେ ଏହି ଏନ୍‌କାଉଣ୍ଟର କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଅମିତ କଟକ ଜିଲାର ବିଭିନ୍ନ ଅଞ୍ଚଳରେ ମହିଳାମାନଙ୍କୁ ଟାର୍ଗେଟ କରି ସୁନା ସାମଗ୍ରୀ ଲୁଟ୍ କରୁଥିଲେ। ଗତ ଜୁନ୍ ୨୮ରେ ଜଗତ୍‌ପୁର ଇମାମ୍‌ନଗର ଅଞ୍ଚଳର ଶିଳ୍ପପତି ଗୌତମ ଭରଙ୍କ ଘର ଭିତରୁ ସୁନାଗହଣା ଲୁଟ୍ ହୋଇଥିଲା। ତେବେ ଏହି ଘଟଣାରେ ଅମିତ୍‌ଙ୍କ ସମ୍ପୃକ୍ତି ଥିବାନେଇ ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ସେହିପରି ଅମିତ୍‌ଙ୍କ ନାମରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ବୋଲି ପୋଲିସ ଜାଣିବାକୁ ପାଇଥିଲା। ପରେ ଅମିତ୍‌ଙ୍କୁ ଧରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଥିଲା। ଶନିବାର ଅମିତ ଏକ କାର(ନଂ. ଓଡି୦୫ଏସ୍-୯୩୯୩)ରେ କେନ୍ଦ୍ରାପଡ଼ା କେନାଲ ରୋଡରେ ଯାଉଥିବା ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ପାଇଥିଲା। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଏବଂ ଜଗତ୍‌ପୁର ପୋଲିସ ମିଳିତ ଭାବେ ତାଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ପୋଲିସ ଗାଡ଼ି ଅମିତ୍‌ଙ୍କ ଗାଡ଼ିକୁ ଅତିକ୍ରମ କରି ତାଙ୍କୁ ଅଟକାଇବାକୁ ପ୍ରୟାସ କରିଥିଲା। ମାତ୍ର ଅମିତ୍ ଗାଡ଼ିରୁ ବାହାରି ପୋଲିସ ଉପରକୁ ଗୁଳି ଚଳାଇ ଖସିଯିବାକୁ ଉଦ୍ୟମ କରିଥିଲେ। ଅମିତ୍ ଚଳାଇଥିବା ୨ ରାଉଣ୍ଡ ଗୁଳି ପୋଲିସ ଗାଡ଼ିରେ ବାଜିଥିଲା। ଆତ୍ମରକ୍ଷା ଉଦ୍ଦେଶ୍ୟରେ ଜଗତ୍‌ପୁର ଆଇଆଇସି ନିଜ ସର୍ଭିସ୍ ରିଭଲଭର୍‌ରୁ ଅମିତଙ୍କ ଉପରକୁ ପାଲଟା ଗୁଳି ଚଳାଇଥିଲେ। ଫଳରେ ଅମିତଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିବାରୁ ସେ ତଳେ ପଡ଼ି ଯାଇଥିଲେ। ପୋଲିସ ତାଙ୍କୁ କାବୁ କରି ନେଇଥିଲା। ଏହି ସମୟରେ ଜଗତ୍‌ପୁର ଆଇଆଇସି ପ୍ରଦୀପ୍ତ କିଶୋର ନାୟକ ଏବଂ କନଷ୍ଟେବଲ ସୁରେନ୍ଦ୍ର କୁମାର ବେହେରା ସାମାନ୍ୟ ଆହତ ହୋଇଥିବା ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ୭.୬୨ଏମ୍ଏମ୍ ପିସ୍ତଲ, ଦୁଇଟି ଗୁଳି, ୪ଟି ଖୋକା ଓ ସେ ବ୍ୟବହାର କରୁଥିବା କାର ଜବତ କରାଯାଇଛି। ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଅମିତଙ୍କ ନାମରେ କଟକ ଓ ଭୁବନେଶ୍ୱର କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି।



ପୋଲିସ ଗୁଳିରେ ଆହତ ଅଭିଯୁକ୍ତ ଅମିତ୍ ପାତ୍ର ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଲି ନ ପାରଇ ପାଇକ ଆଗେ**
**ପଣ କରୁଥାଏ ମାଇପ ଆଗେ ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣକରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଚୋରକୁ କହନ୍ତି ପଳାପଳା**
**ସେରନ୍ତାକୁ କହନ୍ତି ଗୋଡ଼ା ଗୋଡ଼ା ।**

ଏପଟେ କ୍ଷତି କରିବାକୁ କହି ସେପଟେ ସାବଧାନ ରହିବାକୁ ପ୍ରବର୍ତ୍ତାଇବା ଭଳି ଚୋରକୁ ଚାଲିଯିବାକୁ କହି ତାକୁ ଗୋଡ଼ାଇ ଧରିବା ନେଇ ଆପଣାର ବ୍ୟକ୍ତି ଆଗରେ ଭଲେଇ ହେବା। କିଛି ବ୍ୟକ୍ତି ଏ ପାଖରେ କ୍ଷତି କରି ସେ ପାଖରେ ତା'ର ପ୍ରତିକାର ବ୍ୟବସ୍ଥା କରୁଥିବାର ଦେଖିବାକୁ ମିଳିଥାଏ। ଏପରି ଦୁଇପ୍ରକାର ଅଭିନୟ କରୁଥିବା ଧୂର୍ତ୍ତ ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
– ଫ୍ରେଣ୍ଡସ୍ ପବ୍ଲିଶର୍ସ

# ପ୍ରତି କଲେଜରେ ଆରମ୍ଭ ହେବ ପ୍ରୋକ୍ଟରିଆଲ୍ ବ୍ୟବସ୍ଥା



ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମୀକ୍ଷା କରୁଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ ।

- ଭିଡିଓ କନ୍‌ଫରେନ୍ସିଂରେ ସମୀକ୍ଷା କଲେ ଉଚ୍ଚଶିକ୍ଷା ମନ୍ତ୍ରୀ
- ଉପସ୍ଥାନ ବୃଦ୍ଧି ପାଇଁ ଅଭିଭାବକଙ୍କ ସହ ସମ୍ପର୍କରେ ରହିବେ ଅଧ୍ୟାପକ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ଉଚ୍ଚଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଆଣିବା ନିମନ୍ତେ ପ୍ରତି କଲେଜରେ ଏଣିକି ପ୍ରୋକ୍ଟରିଆଲ୍ ବ୍ୟବସ୍ଥା ଆରମ୍ଭ ହେବ। ଏହି ବ୍ୟବସ୍ଥାରେ ପ୍ରତି ପ୍ରୋକ୍ଟରିଆଲ୍ ଗ୍ରୁପ୍‌ରେ ୨୫ରୁ ୩୦ଜଣ ଛାତ୍ରୀଛାତ୍ର ରହିବେ। ସେମାନଙ୍କ ଦାୟିତ୍ୱ ଜଣେ ଜଣେ ଅଧ୍ୟାପକ ନେବେ। ଏହି ଅଧ୍ୟାପକମାନେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ ଶ୍ରେଣୀ ଉପସ୍ଥାନ ଯାଞ୍ଚ କରିବା ସହ ପାଠପଢ଼ା ଅଗ୍ରଗତି ଉପରେ ନଜର ରଖିବେ। ଏଥିସହିତ ଅଧ୍ୟାପକମାନେ ଅଭିଭାବକଙ୍କ ସହିତ ନିୟମିତ ସମ୍ପର୍କରେ ରହି ଛାତ୍ରୀଛାତ୍ରଙ୍କ ବିଷୟରେ ଅବଗତ କରାଇବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ବୁଧବାର ରାଜ୍ୟର ୧୦୪୭ ଯୁକ୍ତ୩ କଲେଜ ଅଧ୍ୟକ୍ଷାଅଧ୍ୟକ୍ଷଙ୍କ ସହିତ ମନ୍ତ୍ରୀ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ସମୀକ୍ଷା କରିଥିଲେ। କଲେଜଗୁଡ଼ିକରେ ପ୍ରୋକ୍ଟରିଆଲ ବ୍ୟବସ୍ଥା ଆରମ୍ଭ ପାଇଁ ଅଧ୍ୟକ୍ଷମାନେ କି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ଆସନ୍ତା ୩୧ ତାରିଖ ସୁଦ୍ଧା ଉଚ୍ଚଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ ଜଣାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ୨୦୨୨ ସୁଦ୍ଧା ଅନ୍ୟୁନ ୮୦ ପ୍ରତିଶତ ମହାବିଦ୍ୟାଳୟ ଯେପରି ନାକ୍ ମାନ୍ୟତା ପାଇବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଛନ୍ତି। ନାକ୍ ମାନ୍ୟତା ପାଇବା ଦିଗରେ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ଏବଂ ଏହାଦ୍ୱାରା କଲେଜଗୁଡ଼ିକ 'ରୁସା'ର ଆର୍ଥିକ ସହାୟତା ପାଇବାରେ ସହଜ ହେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଛନ୍ତି। ପ୍ରଥମଥର ପାଇଁ ରାଜ୍ୟର ସମସ୍ତ ଯୁକ୍ତ୩ କଲେଜ ଅଧ୍ୟକ୍ଷଙ୍କ ସହିତ ଏହି ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମରେ 'ରୁସା' ପ୍ରଦତ୍ତ ଅର୍ଥ ଓ ଲାପ୍‌ଟପ୍ ବଣ୍ଟନରେ ପରିବର୍ତ୍ତିତ ନିୟମ ଏବଂ ମହାବିଦ୍ୟାଳୟର ଜମିଜମା ଆଦି ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଅଶ୍ୱିନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜଳ ପରିଚାଳନାରେ ଓଡ଼ିଶା ପଛୁଆ

**୨୬ରେ ଗୁରୁତ୍ୱପୂର୍ଣ୍ଣ ବିଭାଗୀୟ ବୈଠକ**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ଓଡ଼ିଶା ଜଳ ପରିଚାଳନା କ୍ଷେତ୍ରରେ ନୈରାଶ୍ୟଜନକ ପ୍ରଦର୍ଶନ କରିଛି। କେନ୍ଦ୍ର ସରକାରଙ୍କ ନୀତି ଆୟୋଗ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ୨୦୧୫-୧୬ ମସିହାରେ ସାରା ଦେଶରେ ରାଜ୍ୟ ନବମ ସ୍ଥାନରେ ରହିଥିଲା, ହେଲେ ୨୦୧୬-୧୭ରେ ରାଜ୍ୟ ୧୩ ସ୍ଥାନକୁ ଖସିଆସିଛି। ବର୍ଷକ ମଧ୍ୟରେ ସୂଚକାଙ୍କ କ୍ରମାଙ୍କରେ ୪ଟି ସ୍ଥାନ ହ୍ରାସ ପାଇବା ନେଇ ବିଭାଗରେ ଉଦ୍‌ବେଗ ପ୍ରକାଶ ପାଇଛି। ଏଥିପାଇଁ ଆସନ୍ତା ୨୬ରେ ଏକ ଜରୁରୀ ବୈଠକ ଡକାଯାଉଥିବା ଜଣାପଡିଛି। ରାଜ୍ୟର ପାନୀୟ ଜଳ ଯୋଗାଣର ସ୍ଥିତି, ଜଳସେଚନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଜଳର ବ୍ୟବହାର ସମ୍ପର୍କିତ ୨୮ଟି ଦିଗକୁ ନେଇ ନୀତି ଆୟୋଗ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ସେହିଭଳି ରାଜ୍ୟରେ ବନ୍ୟା ସ୍ଥିତି ରହିଥିଲେ ମଧ୍ୟ, ଅଣମୌସୁମୀ ସମୟରେ ମହାନଦୀର ଜଳପ୍ରବାହକୁ ନେଇ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି। ତେଣୁ ସାରା ରାଜ୍ୟରେ ଜଳ ପରିଚାଳନା ଏବଂ ମହାନଦୀ ପ୍ରସଙ୍ଗ ଜଳସମ୍ପଦ ବିଭାଗ ପାଇଁ ଆଗାମୀ ଦିନରେ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି।

# ଆଇଆଇଟି ଭୁବନେଶ୍ୱରରେ ୪ ସ୍ମାର୍ଟ ଟ୍ରେଡ୍ ପାଠ୍ୟକ୍ରମ ସାମିଲ

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ବର୍ତ୍ତମାନ ସମୟରେ ଚାକିରି ଡିମାଣ୍ଡକୁ ପୂରଣ କରିବା ପାଇଁ ଓଡ଼ିଶାରେ ପ୍ରଥମଥର ପାଇଁ ଭୁବନେଶ୍ୱରସ୍ଥିତ ସରକାରୀ ଆଇଟିଆଇ ଶିକ୍ଷାନୁଷ୍ଠାନ ଚଳିତବର୍ଷଠାରୁ ୪ ସ୍ମାର୍ଟ ଟ୍ରେଡ୍ ପାଠ୍ୟକ୍ରମ ଆରମ୍ଭ କରିଛି। ଚାକିରି ସମ୍ଭାବନା ଥିବା ଏହି ୪ଟି ସ୍ମାର୍ଟ ଟ୍ରେଡ୍ ଆଇଓଟି (ଇଣ୍ଟରନେଟ ଅଫ ଥିଙ୍ଗ୍‌ସ) ଅଥବା ଇଣ୍ଟରନେଟ ଜଡ଼ିତ ପାଠ୍ୟକ୍ରମ ଅଟେ। ଏଗୁଡ଼ିକ ହେଲା ଆଇଓଟି ଟେକ୍ନିସିଆନ ସ୍ମାର୍ଟ କୃଷି, ଆଇଓଟି ଟେକ୍ନିସିଆନ ସ୍ମାର୍ଟ ସିଟି, ଆଇଓଟି ଟେକ୍ନିସିଆନ ସ୍ମାର୍ଟ ହେଲ୍‌ଥକେୟାର ଏବଂ ସ୍ମାର୍ଟ ଫୋନ୍ ଟେକ୍ନିସିଆନ ଓ ଆପ୍ଲିକେଶନ ଟେଷ୍ଟର। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ) ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

ଏ ସମ୍ପର୍କରେ ଆଇଟିଆଇ ଭୁବନେଶ୍ୱରର ପ୍ରିନ୍ସିପାଲ ଜିତ୍‌ମିତ୍ର ଶତପଥୀ କୁହନ୍ତି, ଯଦିଓ ଆଇଟିଆଇ ପଢ଼ିବା ପାଇଁ ନିମ୍ନତମ ଯୋଗ୍ୟତା ଦଶମପାସ ଆବଶ୍ୟକ ପଡ଼ିଥାଏ, କିନ୍ତୁ ଏହି ପାଠ୍ୟକ୍ରମ ପାଇଁ ଗ୍ରାଜୁଏଟ ଅଥବା ଉଚ୍ଚଶିକ୍ଷିତ ମଧ୍ୟ ଆସିପାରିବେ। କାରଣ ଏଥିରେ ଭବିଷ୍ୟତ ପାଇଁ ଉପାର୍ଜନ ଏବଂ ସ୍ୱାବଲମ୍ବୀ ହେବା ପାଇଁ ବହୁ ସୁଯୋଗ ରହିଛି। ନିକଟରେ ପୃଥିବୀର ଅନ୍ୟତମ ଅଗ୍ରଣୀ ଇଲେକ୍ଟ୍ରିକ ଉତ୍ପାଦନ ସଂସ୍ଥା 'ସ୍ନେଇଡର ଇଲେକ୍ଟ୍ରିକ' ଆଇଟିଆଇ ଭୁବନେଶ୍ୱରରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଉଚ୍ଚତର ପ୍ରଶିକ୍ଷଣ ଦେବାକୁ ପ୍ରସ୍ତାବ ରଖିଛି। ଏସବୁ ସ୍ମାର୍ଟ ଟ୍ରେଡ୍ କେବଳ ସମୟ ଉପଯୋଗୀ ନୁହେଁ, ବରଂ ଏଥିରେ ନୂଆ ନୂଆ ଟେକ୍ନୋଲୋଜିର ପ୍ରୟୋଗ, ଯନ୍ତ୍ରପାତିର ମରାମତି, ଅନୁଶୀଳନ ଏବଂ ଉପଯୋଗ ସଂକ୍ରାନ୍ତରେ ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ କରିବା ସହ ଉତ୍ତମ ଭବିଷ୍ୟତ ପାଇଁ ମୂଳଦୁଆ ପକାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି ଶତପଥୀ। ସୂଚନାଯୋଗ୍ୟ, ୨୪ ଲେଖାଏ ସିଟ ଥିବା ଏହି ପାଠ୍ୟକ୍ରମରେ ବାଳିକାମାନଙ୍କୁ ମାଗଣାରେ ଶିକ୍ଷା ଦିଆଯିବ। ଏଥିସହିତ ଶାରୀରିକ ଅକ୍ଷମ ଏବଂ ତଫସିଲଭୁକ୍ତ ଜାତି ଏବଂ ଜନଜାତିର ଛାତ୍ରମାନଙ୍କୁ ମଧ୍ୟ ମାଗଣାରେ ଏହି ବୈଷୟିକ ଶିକ୍ଷା ଉପଲବ୍ଧ କରାଯିବ।

# କାର୍ଯ୍ୟକ୍ରମ ପାଇଁ ଡକରା, ଲକ୍ଷ୍ୟ ଅଲଗା

**ଦିଲ୍ଲୀରେ କଂଗ୍ରେସର ଗାଳଗାଳ ନେତା**

**ଭୁବନେଶ୍ୱର, ୨୧।୮(ବ୍ୟୁରୋ)**

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ପକ୍ଷରୁ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ଅବସରରେ ଯୋଗଦେବା ଲାଗି ସବୁ ରାଜ୍ୟର ନେତାମାନଙ୍କୁ ନୂଆଦିଲ୍ଲୀରୁ ଡକରା ଆସିଛି। ତଦନୁଯାୟୀ ପ୍ରଦେଶ କଂଗ୍ରେସ କମିଟି (ପିସିସି) ନେତାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଦିଲ୍ଲୀ ଗସ୍ତ କରିଛନ୍ତି। ଗୁରୁବାର ଅପରାହ୍ନ ୪ଟା ସମୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ମାତ୍ର ରାଜ୍ୟ ନେତୃବୃନ୍ଦଙ୍କ ଲକ୍ଷ୍ୟ ଅଲଗା ଥିବା ଜଣାପଡିଛି। ରାଜ୍ୟ ନେତାମାନଙ୍କ ଗୋଟିଏ ଗୋଷ୍ଠୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ଦଳର ଅଧ୍ୟକ୍ଷ ସୋନିଆ ଗାନ୍ଧୀଙ୍କ ନିକଟରେ ଫେରାଦ ହେବା ପାଇଁ ଲକ୍ଷ୍ୟ ରଖିଥିବା ସୂଚନା ମିଳିଛି। ରାଜୀବ ଗାନ୍ଧୀ ଜୟନ୍ତୀ କାର୍ଯ୍ୟକ୍ରମ ଶେଷ ହେବାପରେ ସମୟ ଦେଖି ଏହି ଗୋଷ୍ଠୀ ନିରଞ୍ଜନଙ୍କ ବିରୋଧରେ ଜଣାଇବେ ବୋଲି ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ଦଳର ଖରାପ ପ୍ରଦର୍ଶନ ଦେଖି ନିରଞ୍ଜନ ନିଜ ପଦରୁ ଇସ୍ତଫା ଦେଇଥିଲେ। କିନ୍ତୁ ଏ ପର୍ଯ୍ୟନ୍ତ ତାଙ୍କ ଇସ୍ତଫା ପତ୍ରକୁ ଏଆଇସିସି ପକ୍ଷରୁ ଗ୍ରହଣ କରାଯାଇନାହିଁ। ଇତିମଧ୍ୟରେ ୩ଥର ଦିଲ୍ଲୀ ଗସ୍ତ କରି ତାଙ୍କ ଇସ୍ତଫା ଗ୍ରହଣ କରିବା ପାଇଁ ଅନୁରୋଧ କରିଥିବା ସେ କହିଛନ୍ତି। ମାତ୍ର ଦଳର ଆଉ ଗୋଟିଏ ଗୋଷ୍ଠୀ ନିରଞ୍ଜନ ଆଗକୁ ପିସିସି ସଭାପତି ଦାୟିତ୍ୱରେ ରହନ୍ତୁ ବୋଲି ମତ ରଖୁଛନ୍ତି। ସେମାନେ ମଧ୍ୟ ନିରଞ୍ଜନଙ୍କ ସପକ୍ଷରେ ସୋନିଆଙ୍କୁ ଭେଟିବେ ବୋଲି ଜଣାପଡ଼ିଛି। ତେବେ ଅନ୍ୟମାନଙ୍କ ମୁହଁରେ ନିଜକୁ ପଦରେ ରଖିବା ପାଇଁ ଏହା ନିରଞ୍ଜନଙ୍କ ଏକ ସୁଚିନ୍ତିତ ଯୋଜନା ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ମଧ୍ୟ ହେଉଛି।


## CLASSIFIED DISPLAY

**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ALL EDITION - B/W (Everyday)**
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

ଋଣ ଧମାକା
ଆଧାର କାର୍ଡରେ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ, ଆଧାରକାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ । ଦିନରେ,
2% ସୁଧ, 40% ଛାଡ଼
ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ 1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

See Color Display Classified on every Tuesday & Friday

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
- ସ୍ପେଶାଲିଷ୍ଟ -
ବଶୀକରଣ ଓ ମୁଠକରଣ
ପ୍ରେମ ବିବାହ, ମନମୁତାବକ ପ୍ରେମ, ବଶୀକରଣ, ଯାଦୁ ଟୋନା, ମୁଠାକରଣୀ, ବିଦେଶ ଯାତ୍ରା ଓ ବ୍ୟବସାୟରେ ପ୍ରତିବନ୍ଧକ, ବିବାହ-ପ୍ରେମରେ ବାଧା, କ୍ରୋଧି ଲୋକଙ୍କୁ ବଶୀଭୂତ କରିବା, ପୁରୁଣା ରୋଗରେ ଔଷଧ କାମ ନ କରିବା, ପତି-ପତ୍ନୀଙ୍କ ମଧ୍ୟରେ ମତାନ୍ତର, ଦୁଷ୍ଟ ଲୋକ ଏବଂ ଶତ୍ରୁଠାରୁ ମୁକ୍ତି।
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, ବିବାହରେ ବାଧା
3 ଘଣ୍ଟାରେ ଘରେ ବସି ସମାଧାନ।
81 26 92 24 05
ହରିଦ୍ୱାର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାର ତଦନ୍ତରେ କେନ୍ଦ୍ରୀୟ ସଂସ୍ଥାକୁ ସହଯୋଗ ନ କରି ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ଓ ନୀରବ ମୋଦିଙ୍କ ଭଳି ବ୍ୟବହାର ଦେଖାଇଛନ୍ତି।
-ଜି.ଭି.ଏଲ୍. ନରସିଂହ ରାଓ, ଭାଜପା ମୁଖପାତ୍ର




ଏଆଇସିସି ମୁଖ୍ୟାଳୟରେ ଚିଦାମ୍ବରମ୍ଙ୍କ ସପକ୍ଷରେ କଂଗ୍ରେସ କର୍ମୀଙ୍କ ବିକ୍ଷୋଭ।


ଖବରଦାତା ସମ୍ମିଳନୀ ପରେ ନିଜ ବାସଭବନକୁ ଯାଉଛନ୍ତି ଚିଦାମ୍ବରମ୍।


ଚିଦାମ୍ବରମ୍ଙ୍କ ଘରକୁ ପ୍ରବେଶବେଳେ ଖବରଦାତାଙ୍କୁ ରୋକୁଛନ୍ତି ଅଧିକାରୀମାନେ।

## ଅର୍ଥମନ୍ତ୍ରୀରୁ ବହୁ କୋଟି ଟଙ୍କା ଦୁର୍ନୀତିର ଅଭିଯୁକ୍ତ

# ସିବିଆଇ ପଞ୍ଝାରେ ଚିଦାମ୍ବରମ୍

ନୂଆଦିଲ୍ଲୀ,୨୧।୮



ସୁବକ୍ତା, ପ୍ରଭାବଶାଳୀ କଂଗ୍ରେସ ନେତା, ରାଜ୍ୟ ସଭା ସଦସ୍ୟ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଓ ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଏଭଳି ଅନେକ ମର୍ଯ୍ୟାଦାଜନକ ବିଶେଷଣର ଅଧିକାରୀ ୭୩ ବର୍ଷୀୟ ପାଲାନିଅପ୍ପାନ୍ ଚିଦାମ୍ବରମ୍ ଏବେ ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥାର ପଞ୍ଝାରେ। ବହୁଚର୍ଚ୍ଚିତ ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ବୁଧବାର ରାତିରେ ଚିଦାମ୍ବରମ୍ଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ଜୋର୍ବାଗ୍ ଘରୁ ଗିରଫ କରିଛି। ଅଗ୍ରିମ ଜାମିନ ଦେବା ପାଇଁ ଦିଲ୍ଲୀ ହାଇକୋର୍ଟ ମନାକରିଦେବା ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଚିଦାମ୍ବରମ୍। କିନ୍ତୁ ସର୍ବୋଚ୍ଚ ଅଦାଲତ ତ୍ୱରିତ ଶୁଣାଣି କରିବା ପାଇଁ ରାଜି ନ ହୋଇ ଶୁକ୍ରବାର ତାଙ୍କ ଆବେଦନର ଶୁଣାଣି କରାଯିବ ବୋଲି ସ୍ପଷ୍ଟ କରିବା ପରେ ସେ ରାତିରେ ଅତି ନାଟକୀୟ ଢଙ୍ଗରେ ଆବିର୍ଭାବ ହୋଇ ଏଆଇସିସି କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଥିଲେ। ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ତାଙ୍କୁ ଧରିବା ପାଇଁ କଂଗ୍ରେସ ମୁଖ୍ୟାଳୟକୁ ଯାଇଥିବାବେଳେ ସେଠାରେ ଦଳୀୟ କର୍ମୀଙ୍କ ବିରୋଧ ମଧ୍ୟରେ ଚିଦାମ୍ବରମ୍ ନିଜ ବାସଭବନକୁ ଚାଲିଯାଇଥିଲେ। ତଦନ୍ତକାରୀ ଅଧିକାରୀମାନେ ତାଙ୍କୁ ଗୋଡ଼ାଇ ଘର ଯାଏ ଯାଇଥିଲେ। ପାଚେରି ଡେଇଁ ଘରେ ପଶିବା ପରେ କିଛି ସମୟ ଧରି ପଚରାଉଚରା କରି ଶେଷରେ ଜାତୀୟ ରାଜନୀତିର ଏହି ବହୁଚର୍ଚ୍ଚିତ ବ୍ୟକ୍ତିତ୍ୱଙ୍କୁ ଗିରଫ କରି ସିବିଆଇ ମୁଖ୍ୟାଳୟକୁ ନେଇଥିଲେ।

୧୯୪୫ ସେପ୍ଟେମ୍ବର ୧୬ରେ ତାମିଲନାଡୁର ଶିବଗଙ୍ଗା ଜିଲା କନଡୁକଥନର ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ପି. ଚିଦାମ୍ବରମ୍ଙ୍କ ବିରୋଧରେ କ'ଣ ସବୁ ଅଭିଯୋଗ ରହିଛି ଏବଂ କେଉଁ ଦୁର୍ନୀତି ମାମଲାରେ ଛନ୍ଦିହୋଇ ତାଙ୍କୁ ଗିରଫ ହେବାକୁ ପଡ଼ିଛି ସେନେଇ ଜୋର୍ ଧରିଛି ଚର୍ଚ୍ଚା।

### ଆଇଏନ୍ଏକ୍ସ ମିଡିଆ ମାମଲା

ଅଭିଯୋଗ ହେଲା ଚିଦାମ୍ବରମ୍ ଅର୍ଥମନ୍ତ୍ରୀ ଥିବାବେଳେ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍ ଆଇଏନ୍ଏକ୍ସ ମିଡିଆ ପ୍ରାଇଭେଟ ଲିମିଟେଡ୍କୁ ଅନୁଗ୍ରହ ଦେଖାଇଥିଲେ। ୨୦୦୭ରେ ଉକ୍ତ ଟେଲିଭିଜନ୍ କମ୍ପାନୀ ୩୦୫ କୋଟି ଟଙ୍କା ମରିସସ୍ର ୩ଟି ବିଦେଶୀ କମ୍ପାନୀଠାରୁ ପାଣ୍ଠି ଗ୍ରହଣ କରିଥିଲା। ପିଟର ମୁଖାର୍ଜିଆ ଓ ତାଙ୍କ ସ୍ତ୍ରୀ ଇନ୍ଦ୍ରାଣୀ ମୁଖାର୍ଜିଆ (ଯିଏକି ଶିନା ବୋରା ହତ୍ୟା ମାମଲାରେ ଜେଲ୍ରେ ଅଛନ୍ତି)ଙ୍କ କମ୍ପାନୀ ଆଇଏନ୍ଏକ୍ସ ମିଡିଆକୁ ବିଦେଶୀ ପୁଞ୍ଜିନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍ଆଇପିବି) ମଞ୍ଜୁରୀ ପାଇଁ କାର୍ତ୍ତି ତାଙ୍କ ବାପାଙ୍କ କ୍ଷମତାର ଦୁରୁପଯୋଗ କରିଥିବା ଓ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ୨୦୧୭ ମେ ୧୫ରେ ସିବିଆଇ ଏହି ମାମଲାରେ ଏଫ୍ଆଇଆର୍ କରିଥିଲା। ଏହି ମାମଲାରେ କାର୍ତ୍ତି ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିବାବେଳେ ଚିଦାମ୍ବରମ୍ ଏକାଧିକ ଥର ଆଗୁଆ ଜାମିନ ପାଇ ଗିରଫଦାରିରୁ ବର୍ତ୍ତିଯାଇଥିଲେ। ହେଲେ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁନୀଲ ଗୌର ତାଙ୍କୁ ଆଗୁଆ ଜାମିନ ଦେଲେ ସମାଜକୁ ଭୁଲ ବାର୍ତ୍ତା ଯିବ କହି ଆବେଦନ ଖାରଜ କରିଦେଇଥିଲେ।

### ଏୟାରସେଲ୍-ମାକ୍ସିସ୍ ଡିଲ୍

୩,୫୦୦ କୋଟି ଟଙ୍କାର ଏୟାରସେଲ୍ ମାକ୍ସିସ୍ ଡିଲ୍ ବେଳେ ଏଫ୍ଆଇପିବି ଅନୁମତି ଦେବାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ଉଭୟ ବାପପୁଅଙ୍କୁ ଅଭିଯୁକ୍ତ ଦର୍ଶାଇ ସିବିଆଇ ଏବଂ ଇଡି ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛନ୍ତି। ଚିଦାମ୍ବରମ୍ ଅର୍ଥମନ୍ତ୍ରୀ ଥିବାବେଳେ ୨୦୦୬ରେ ଏକ ବିଦେଶୀ ସଂସ୍ଥାକୁ ଏଫ୍ଆଇପିବି ମଞ୍ଜୁରୀ ଦେଇଥିଲେ ସେନେଇ ଚାଲିଛି ସିବିଆଇର ତନାଘନା। କାରଣ ଏଭଳି ମଞ୍ଜୁରୀ ଦେବା କ୍ଷମତା କେବଳ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ)ର ରହିଥାଏ। ସେହିପରି ଏହି ମାମଲାର ମନିଲଣ୍ଡରିଂ ଦିଗକୁ ନେଇ ଇଡି ତଦନ୍ତ କରୁଛି। ଏହି ମାମଲାରେ ଦୁହିଁଙ୍କୁ ଏକାଧିକ ଥର ଜେରା କରାଯାଇଥିବାବେଳେ ଆଗୁଆ ଜାମିନ ଆବେଦନର ଶୁଣାଣି ହୋଇନାହିଁ।

### ଏୟାର ଇଣ୍ଡିଆ କିଣା ମାମଲା

ଚିଦାମ୍ବରମ୍ କେବଳ ଆଇଏନ୍ଏକ୍ସ ମିଡିଆ ମାମଲା କି ଏୟାରସେଲ୍ ମାକ୍ସିସ୍ ଡିଲ୍ କେସ୍ର ଅଭିଯୁକ୍ତ ନୁହନ୍ତି, ବରଂ ଏହି ପୂର୍ବତନ ଅର୍ଥମନ୍ତ୍ରୀଙ୍କ ବିରୋଧରେ ୩୦,୦୦୦ କୋଟି ଟଙ୍କାର ଏୟାର ଇଣ୍ଡିଆ କିଣା ଦୁର୍ନୀତି ଅଭିଯୋଗ ମଧ୍ୟ ରହିଛି। ଉପା ସରକାର ଅମଳରେ ସେ ଅର୍ଥମନ୍ତ୍ରୀ ଥିବାବେଳେ ଭାରତୀୟ ବାୟୁସେନା ପାଇଁ ୪୨ ଏୟାରବସ୍ ଓ ୨୪ ବୋଇଙ୍ଗ୍ କିଣିବା ଲାଗି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଚିଦାମ୍ବରମ୍ ଏହା ବଦଳରେ ୧୧୧ଟି ଯୁଦ୍ଧବିମାନ କିଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୦୯ରେ ଯୁଦ୍ଧବିମାନ କିଣିବା ପାଇଁ ଚୂଡ଼ାନ୍ତ ନିଷ୍ପତ୍ତି ନେଇଥିବା ମନ୍ତ୍ରୀଗୋଷ୍ଠୀର ଅଧ୍ୟକ୍ଷ ଥିଲେ ଚିଦାମ୍ବରମ୍। ୧୫ଟି ବ୍ୟୟବହୁଳ ଯୁଦ୍ଧବିମାନକୁ ଲିଜ୍ରେ ନେବା ପାଇଁ ସେ କେତେକ ଘରୋଇ ସଂସ୍ଥାକୁ ଅନୁଗ୍ରହ ଦେଖାଇଥିବା ଏଫ୍ଆଇଆର୍ରେ ଉଲ୍ଲେଖ ରହିଛି। ଏନେଇ ତାଙ୍କୁ ଶୁକ୍ରବାର ଜେରା କରିବା ପାଇଁ ଇଡି ପକ୍ଷରୁ ନୋଟିସ କରାଯାଇଥିଲା।

## INXMEDIA ମାମଲାର ଘଟଣାକ୍ରମ

**୨୦୧୭ ମେ ୧୫:** ଆଇଏନ୍ଏକ୍ସ ମିଡିଆରେ ୩୦୫ କୋଟି ଟଙ୍କା ବିଦେଶୀ ପୁଞ୍ଜିନିବେଶ ଲାଗି ୨୦୦୭ରେ ଏଫ୍ଆଇପିବି ମଞ୍ଜୁରୀ ପ୍ରଦାନ କରିବାରେ ଅନିୟମିତତାକୁ ନେଇ ସିବିଆଇ ଏତଲା ଦାଏର କରିଥିଲା।

**୨୦୧୭ ଜୁନ୍ ୧୬:** ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ (ଏଫଆର୍ଆର୍ଓ) ଏବଂ ଇମିଗ୍ରେଶନ ବ୍ୟୁରୋ କାର୍ତ୍ତିଙ୍କ ବିରୋଧରେ ଲୁକ୍ଆଉଟ୍ ସର୍କୁଲାର ଜାରି କରିଥିଲେ।

**୨୦୧୭ ଅଗଷ୍ଟ ୧୦:** ମାଡ୍ରାସ ହାଇକୋର୍ଟ ଉକ୍ତ ଏଲ୍ଓସି ଉପରେ ରହିତାଦେଶ ଜାରି କରିଥିଲେ।

**୨୦୧୭ ଅଗଷ୍ଟ ୧୪:** ଏଲ୍ଓସି ଉପରେ ମାଡ୍ରାସ ହାଇକୋର୍ଟଙ୍କ ରହିତାଦେଶ ଉପରେ ସୁପ୍ରିମକୋର୍ଟ ନିଷିଦ୍ଧାଦେଶ ଜାରି କରିଥିଲେ।

**୨୦୧୭ ଅଗଷ୍ଟ ୧୮:** ସିବିଆଇ ଆଗରେ ଅଗଷ୍ଟ ୨୩ରେ ହାଜର ହେବାକୁ ସୁପ୍ରିମକୋର୍ଟ କାର୍ତ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**୨୦୧୭ ସେପ୍ଟେମ୍ବର ୨୨:** ପ୍ରମାଣ ନଷ୍ଟ କରିବା ପାଇଁ କାର୍ତ୍ତି ବିଦେଶରେ ଥିବା ବ୍ୟାଙ୍କ ଆକାଉଣ୍ଟଗୁଡିକୁ ବନ୍ଦ କରିଦେଉଥବା ଅଭିଯୋଗ କରି ତାଙ୍କ ବିଦେଶ ଯିବା ଉପରେ ରୋକ ଲଗାଇବାକୁ ସିବିଆଇ ସୁପ୍ରିମକୋର୍ଟଙ୍କୁ କହିଥିଲା।

**୨୦୧୭ ଅକ୍ଟୋବର ୯:** ବ୍ରିଟେନର ଏକ ବିଶ୍ୱବିଦ୍ୟାଳୟରେ ଝିଅର ନାଁ ଲେଖାଇବା ପାଇଁ ଯିବା ନିମନ୍ତେ କାର୍ତ୍ତି ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡିଥିଲେ।

**୨୦୧୭ ନଭେମ୍ବର ୨୦:** ବ୍ରିଟେନ ଯିବା ଲାଗି କାର୍ତ୍ତିଙ୍କୁ ଅନୁମତି ମିଳିଥିଲା।

**୨୦୧୭ ଡିସେମ୍ବର ୮:** ଏୟାରସେଲ୍-ମାକ୍ସିସ୍ ଚୁକ୍ତିନାମା ମାମଲାରେ ସିବିଆଇର ସମନ ଜାରିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟ ଯାଇଥିଲେ କାର୍ତ୍ତି।

**୨୦୧୮ ଫେବୃୟାରୀ ୧୬:** କାର୍ତ୍ତିଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏସ୍. ଭାସ୍କରରମଣଙ୍କୁ ସିବିଆଇ ଗିରଫ କଲା।

**୨୦୧୮ ଫେବୃୟାରୀ ୨୮:** କାର୍ତ୍ତି ବିଦେଶରୁ ଫେରିବା ମାତ୍ରେ ଚେନ୍ନାଇରେ ତାଙ୍କୁ ସିବିଆଇ ଗିରଫ କରି ଦିଲ୍ଲୀ ଆଣିଥିଲା।

**୨୦୧୮ ମାର୍ଚ୍ଚ ୨୩:** ଜେଲ୍ରେ ୨୩ ଦିନ ରହିବା ପରେ କାର୍ତ୍ତିଙ୍କୁ ଜାମିନ ମିଳିଥିଲା।

**୨୦୧୮ ଜୁଲାଇ ୨୫:** ପି. ଚିଦାମ୍ବରମଙ୍କୁ ହାଇକୋର୍ଟ ଆଗୁଆ ଜାମିନ ଦେଇଥିଲେ।

**୨୦୧୮ ଅକ୍ଟୋବର ୧୧:** ଆଇଏନ୍ଏକ୍ସ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ନେଇ କାର୍ତ୍ତି ଚିଦାମ୍ବରମଙ୍କ ଭାରତ, ସ୍ପେନ ଓ ବ୍ରିଟେନରେ ଥିବା ୫୪ କୋଟି ଟଙ୍କାର ସମ୍ପତ୍ତି ଜବତ କଲା ଇଡି।

**୨୦୧୯ ଜୁଲାଇ ୧୧:** ଜେଲ୍ରେ ଥିବା ଇନ୍ଦ୍ରାଣୀ ମୁଖାର୍ଜିଆ ଏହି ମାମଲାରେ ରାଜସାକ୍ଷୀ ହେବା ସହ ବିଚାରପତିଙ୍କ ସମ୍ମୁଖରେ ସର୍ତ୍ତାବଳୀକୁ ଗ୍ରହଣ କଲେ।

**୨୦୧୯ ଅଗଷ୍ଟ ୨୦:** ପି. ଚିଦାମ୍ବରମଙ୍କ ଆଗୁଆ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଲେ।

## କାର୍ତ୍ତିଙ୍କ ସ୍ପେନ୍ରେ ଟେନିସ କ୍ଲବ, ବ୍ରିଟେନରେ ଘର

**ନୂଆଦିଲ୍ଲୀ,୨୧।୮:** ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ପୁଅ କାର୍ତ୍ତିଙ୍କର ସ୍ପେନ୍ରେ ଏକ ଟେନିସ୍ କ୍ଲବ ରହିଥିବା ବେଳେ ବ୍ରିଟେନରେ ଘର ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କହିଛି। ସ୍ପେନ୍ର ବାର୍ସେଲୋନାଠାରେ ୧୫ କୋଟି ଟଙ୍କା ମୂଲ୍ୟର ଟେନିସ୍ କ୍ଲବ କାର୍ତ୍ତିଙ୍କ ନାଁରେ ରହିଛି। ସେ ଭାରତ ଓ ବିଦେଶରେ ୫୪ କୋଟି ଟଙ୍କାର ସମ୍ପତ୍ତି କିଣିଛନ୍ତି। ଏଥିରେ ଆଇଏନ୍ଏକ୍ସ ମିଡିଆ ଲାଞ୍ଚ ଟଙ୍କା ବିନିଯୋଗ ହୋଇଥିବା ଇଡି ବିଶ୍ୱାସ କରୁଛି। ସେଥିପାଇଁ ପୂର୍ବତନ ଅର୍ଥମନ୍ତ୍ରୀ ଚିଦାମ୍ବରମଙ୍କୁ ଇଡି ହାଜତକୁ ନେଇ ଜେରା କରିବାକୁ ଚାହୁଁଛି। ଚିଦାମ୍ବରମ ଓ ତାଙ୍କ ପୁଅ ଆଇଏନ୍ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ। ଉଭୟଙ୍କ ନାଁରେ ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ସେମାନଙ୍କର କେତେକ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ଚିଦାମ୍ବରମଙ୍କ ଜୋରବାଗ୍ ବଙ୍ଗଳାକୁ ତଦନ୍ତକାରୀ ସଂସ୍ଥା ଜବତ କରିଛି, ଯାହାର ମୂଲ୍ୟ ୧୬ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି।

## 'ଗିରଫଦାରି ରାଜନୈତିକ ଷଡ଼ଯନ୍ତ୍ର'

ଚେନ୍ନାଇ,୨୧।୮(ଆଇଏଏନ୍ଏସ୍)


କାର୍ତ୍ତି ଚିଦାମ୍ବରମ

ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କୁ ବୁଧବାର ରାତିରେ ସିବିଆଇ ଯେଉଁଭଳି ନାଟକୀୟ ଢଙ୍ଗରେ ଗିରଫ କଲା ତାହା ରାଜନୈତିକ ଷଡ଼ଯନ୍ତ୍ର ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି ତାଙ୍କ ପୁଅ ତଥା ଏମ୍ପି କାର୍ତ୍ତି ଚିଦାମ୍ବରମ କହିଛନ୍ତି। ଆଇଏନ୍ଏକ୍ସ ମିଡିଆ ଦୁର୍ନୀତି ମାମଲା ୨୦୦୮ରେ ହୋଇଥିଲା ଯାହାର ଏପର୍ଯ୍ୟନ୍ତ ଚାର୍ଜଶିଟ ହୋଇନାହିଁ ବୋଲି ସେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ପୂର୍ବରୁ ସିବିଆଇ ତାଙ୍କୁ ବହୁ ଥର ସମନ କରିଛି ଏବଂ ପ୍ରତି ଥର ପାଖାପାଖି ୧୦ ଘଣ୍ଟା ଜେରା କରିଛି। ତାଙ୍କ ବାପା ମଧ୍ୟ ପୂର୍ବରୁ ତଦନ୍ତକାରୀ ସଂସ୍ଥା ଆଗରେ ହାଜର ହୋଇଥିଲେ। ଏପର୍ଯ୍ୟନ୍ତ ଚାର୍ଜଶିଟ ହୋଇ ନ ହେବା ଅର୍ଥ କିଛି ମାମଲା ନାହିଁ। କେବଳ ସରକାରରେ ଥିବା କୌଣସି ବ୍ୟକ୍ତିଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗିରଫଦାରି କରାଯାଇଛି। ଅନ୍ୟ ପ୍ରସଙ୍ଗରୁ ଦେଶବାସୀଙ୍କୁ ନଜର ହଟାଇବା ଲାଗି ତାଙ୍କ ବାପାଙ୍କୁ ଗିରଫ କରାଯାଇଥିବା କାର୍ତ୍ତି କହିଛନ୍ତି। ତେବେ ମଙ୍ଗଳବାର ରାତିରୁ ଚିଦାମ୍ବରମ ଫେରାର ଥିବା ଖବରକୁ ସେ ଖଣ୍ଡନ କରିଛନ୍ତି। କଂଗ୍ରେସ ଦଳ ତାଙ୍କ ବାପାଙ୍କୁ ସମର୍ଥନ ଜଣାଇଥିବାରୁ ସେ ଧନ୍ୟବାଦ ଦେଇଛନ୍ତି।

## ଗିରଫ ପରୱାନା ସହ ପ୍ରସ୍ତୁତ ଥିଲା ସିବିଆଇ

**ନୂଆଦିଲ୍ଲୀ,୨୧।୮:** ପି. ଚିଦାମ୍ବରମ ବୁଧବାର ରାତିରେ ଘରେ ପହଞ୍ଚିବା ପୂର୍ବରୁ ତାଙ୍କୁ ଗିରଫ କରିବା ପାଇଁ ସିବିଆଇ କୋର୍ଟ ନିର୍ଦ୍ଦେଶ ସହ ପ୍ରସ୍ତୁତ ଥିଲା। ଚିଦାମ୍ବରମଙ୍କ ବିରୋଧରେ ପିଏମ୍ଏଲ୍ଏ କୋର୍ଟ ଗିରଫ ପରୱାନା ଜାରି କରିଥିଲେ। ମନିଲଣ୍ଡରିଂ ମାମଲାର ବିଚାର କରୁଥିବା ଉକ୍ତ କୋର୍ଟରେ ଚିଦାମ୍ବରମଙ୍କୁ ଗୁରୁବାର ହାଜର କରାଯିବ। ମଙ୍ଗଳବାର ରାତିରୁ ନିଖୋଜ ଥିବା ଚିଦାମ୍ବରମଙ୍କୁ ସିବିଆଇ ମୁଖ୍ୟାଳୟରେ ବରିଷ୍ଠ ଅଧିକାରୀମାନଙ୍କ ଏକ ଟିମ୍ ଅପେକ୍ଷା କରି ରହିଥିଲା। ରାତିରେ ତାଙ୍କର ମେଡିକାଲ ଯାଞ୍ଚ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି। ସିବିଆଇ ମୁଖ୍ୟାଳୟକୁ ଥିବା ରାସ୍ତାକୁ ଦିଲ୍ଲୀ ପୋଲିସ ବନ୍ଦ କରିଦେବା ସହ ସେଠାରେ ଅତିରିକ୍ତ ସୁରକ୍ଷା ବଳ ନିୟୋଜିତ କରାଯାଇଛି।

## ପାକିସ୍ତାନକୁ ପାଣି ବନ୍ଦ ପାଇଁ ଭାରତର ପ୍ରସ୍ତୁତି

ନୂଆଦିଲ୍ଲୀ,୨୧।୮(ଆଇଏଏନ୍ଏସ୍)



ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଏବେ କେନ୍ଦ୍ର ସରକାର ପାକିସ୍ତାନକୁ ଜମ୍ମୁ-କଶ୍ମୀର ବାଟଦେଇ ଯାଉଥିବା ପାଣି ବନ୍ଦ କରିବା ଲାଗି ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସିନ୍ଧୁନଦୀ ଜଳଚୁକ୍ତିକୁ ଉଲ୍ଲଂଘନ ନ କରି କିପରି ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ, ସେନେଇ କେନ୍ଦ୍ର ସରକାର ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଭାରତର ଏଭଳି ପ୍ରୟାସକୁ ପାକିସ୍ତାନ ସମାଲୋଚନା କରିଛି। କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଭାରତରେ ପ୍ରବାହିତ ନଦୀ ଜଳ ଉପରେ ଆମର ପୂର୍ଣ୍ଣ ଅଧିକାର ରହିଛି ବୋଲି ବୁଧବାର କହିଛନ୍ତି। ଏହି ପାଣି ଆମେ କ'ଣ କରିବୁ ତାହା ଆମର ବ୍ୟକ୍ତିଗତ ଅଧିକାର ବୋଲି ସେ ପ୍ରକାଶ କରିଛନ୍ତି। ପାକିସ୍ତାନଠାରୁ ଏନେଇ ଅନୁମତି ଅଣାଯିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ଆକ୍ଷେପ କରି କହିଛନ୍ତି। ପାକିସ୍ତାନକୁ ପାଣି ବନ୍ଦ ନେଇ ଯୋଜନା ପ୍ରସ୍ତୁତି ଚାଲିଛି ଓ କ୍ୟାବିନେଟ ଅନୁମୋଦନ ପରେ ଚୂଡ଼ାନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶେଖାୱତ୍ ପ୍ରକାଶ କରିଛନ୍ତି।

ସିନ୍ଧୁ ନଦୀ ଜଳ ବଣ୍ଟନ ନେଇ ୧୯୬୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଚୁକ୍ତି ହୋଇଥିଲା। ଚୁକ୍ତି ମୁତାବକ ଭାରତ ବେଆସ,ରାବି, ସତ୍ଲେଜ୍ ଏବଂ ପାକିସ୍ତାନ ସିନ୍ଧୁ, ଚେନାବ୍, ଝେଲମ୍ ନଦୀ ଉପରେ ନିୟନ୍ତ୍ରଣ ରଖିଛି। ଗତ ଫେବୃୟାରୀରେ ପୁଲୱାମାରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀ ଅର୍ଦ୍ଧସାମରିକ ବାହିନୀ ଉପରେ ଆକ୍ରମଣ କରିବା ପରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ପାକିସ୍ତାନ ବିରୋଧରେ ଜଳ ନିୟନ୍ତ୍ରଣ କଥା ଉଠାଇଥିଲେ। ଶେଖାୱତ୍ କହିଛନ୍ତି, ପାକିସ୍ତାନକୁ ବୋହିଯାଉଥିବା ଅଧିକ ନଦୀ ଜଳକୁ ଭାରତ କାମରେ ଲଗାଇପାରିବ। ଜଳାଭାବ ସମୟରେ ଏହି ସଂରକ୍ଷିତ ଜଳ ବିନିଯୋଗ କରାଯାଇ ପାରିବ। ପୁଲୱାମା ଆତଙ୍କବାଦୀ ଆକ୍ରମଣ ପରେ ୩୭୦ ଅନୁଚ୍ଛେଦକୁ ଭାରତ ଉଠାଇବାକୁ ନେଇ ପାକିସ୍ତାନ ଷଡ଼ଯନ୍ତ୍ର ରଚୁଛି। ଭାରତ ବିରୋଧରେ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେଷ୍ଟା କରୁଛି। ତେଣୁ ଭାରତ ପାକିସ୍ତାନକୁ ପାଣି ବନ୍ଦ କରିବା ଲକ୍ଷ୍ୟରେ ରହିଛି।

## ମେଡିକାଲ ବଣ୍ଡକୁ ସୁପ୍ରିମକୋର୍ଟଙ୍କ ସମର୍ଥନ

ନୂଆଦିଲ୍ଲୀ,୨୧।୮

ପୋଷ୍ଟ-ଗ୍ରାଜୁଏଟ୍ ମେଡିକାଲ ପାଠ୍ୟକ୍ରମ ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମରେ ନାମଲେଖା ପାଇଁ ବାଧ୍ୟତାମୂଳକ ବଣ୍ଡ୍ ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରି ଦାଏର ହୋଇଥିବା ରିଟ୍ ପିଟିଶନ୍କୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଓଡିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଗୋଆ ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ବଣ୍ଡ୍ ବ୍ୟବସ୍ଥା ଲାଗୁ କରାଯାଇଛି। ସମାଜର ଅବହେଳିତ ବର୍ଗଙ୍କ ମୌଳିକ ଅଧିକାରର ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଇପାରିବେ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ରେ ଏହି କ୍ଷମତା ପ୍ରଦାନ କରାଯାଇଥିବା ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କ ଖଣ୍ଡପୀଠ କହିଛନ୍ତି।

ଓଡିଶାରେ ଥିବା ସମସ୍ତ ୪୫ଟି ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ ସିଟ୍ ସର୍ବଭାରତୀୟ କାଉନ୍ସେଲିଂରେ ମେଧା ଭିତ୍ତିରେ ପୂରଣ କରାଯାଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବାଶିଷ ମିଶ୍ର ଖଣ୍ଡପୀଠଙ୍କୁ ଜଣାଇଥିଲେ। ଏଥିପାଇଁ ସରକାରୀ କଲେଜରେ ବର୍ଷକୁ ୪୫ ହଜାର ଟଙ୍କା ଦେୟ ନିଆଯାଉଛି ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମରେ ଯୋଗଦେଉଥିବା ଡାକ୍ତରମାନଙ୍କୁ ଷ୍ଟାଇପେଣ୍ଡ ବାବଦରେ ୫୬, ୮୨୪ ଟଙ୍କା ଦିଆଯାଉଛି। ରାଜ୍ୟରେ ସୁପର ସ୍ପେଶିଆଲିଟି ଡାକ୍ତରଙ୍କର ଗୁରୁତର ସଙ୍କଟ ରହିଥିବାରୁ ଜନସ୍ୱାର୍ଥ ଲାଗି ସରକାର ବଣ୍ଡ୍ ବ୍ୟବସ୍ଥା ପ୍ରଚଳନ କରିଥିବା ସେ କୋର୍ଟଙ୍କୁ କହିଥିଲେ। ତେବେ କେତେକ ରାଜ୍ୟ ବାଧ୍ୟତାମୂଳକ ବଣ୍ଡ୍ ବ୍ୟବସ୍ଥାରେ କଠୋର ସର୍ତ୍ତ ରଖିଥିବା ଜାଣିବା ପରେ ଏହା ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ ବୋଲି ଖଣ୍ଡପୀଠ ଅନୁଭବ କରିଥିଲେ। ସରକାରୀ ମେଡିକାଲ କଲେଜରେ ଶିକ୍ଷାଲାଭ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ବାଧ୍ୟତାମୂଳକ ସେବା ବଣ୍ଡ୍ କ୍ଷେତ୍ରରେ ସମାନ ନୀତି ଆପଣାଇବାକୁ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଭାରତର ମେଡିକାଲ କାଉନସିଲ୍ (ଏମ୍ସିଆଇ)କୁ ପ୍ରସ୍ତାବ ଦେଇଛନ୍ତି।

### ରିଟ୍ ପିଟିଶନ୍ ଖାରଜ



ମେଡିକାଲ ସୁପର ସ୍ପେଶିଆଲିଟି ପାଇଁ ଆଶାୟୀ ଏବଂ ହସ୍ପିଟାଲ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଉଥିବା ମେଡିକାଲ ଗ୍ରାଜୁଏଟ ସଂଘ ପକ୍ଷରୁ ଏହି ରିଟ୍ ପିଟିଶନ୍ ଦାଏର ହୋଇଥିଲା। ବାଧ୍ୟତାମୂଳକ ବଣ୍ଡ ବ୍ୟବସ୍ଥାରେ ଥିବା ସର୍ତ୍ତକୁ ରଦ୍ଦ କରିବା ପାଇଁ ସଂଘ ପକ୍ଷରୁ ଆବେଦନ କରାଯାଇଥିଲା। ସୂଚନାଯୋଗ୍ୟ, ଓଡିଶା ସରକାରଙ୍କ ସଂଶୋଧିତ ସେବା ବଣ୍ଡ୍ ନୀତି ଅନୁଯାୟୀ ସରକାରୀ କଲେଜରେ ଏମ୍ବିବିଏସ୍, ପୋଷ୍ଟ ଗ୍ରାଜୁଏଟ (ପିଜି) ଏବଂ ସୁପର ସ୍ପେଶିଆଲାଇଜେଶନ ମେଡିକାଲ ପାଠ୍ୟକ୍ରମ କରୁଥିବା ଛାତ୍ରୀଛାତ୍ରଙ୍କୁ ରାଜ୍ୟରେ ଅନ୍ୟୂନ ୨ ବର୍ଷ କାର୍ଯ୍ୟ କରିବାକୁ ପଡ଼ିବ। ଏମ୍ବିବିଏସ୍ ପରେ ରାଜ୍ୟରେ ଚାକିରି ନ କଲେ ସମ୍ପୃକ୍ତ ଛାତ୍ରଙ୍କୁ ୫୦ ଲକ୍ଷ ଟଙ୍କା ଗଣିବାକୁ ହେବ। ସେହିପରି ପିଜି ଛାତ୍ରୀଛାତ୍ରଙ୍କୁ ୧.୫ କୋଟି ଏବଂ ସୁପର ସ୍ପେଶିଆଲିଟି ପାଠ୍ୟକ୍ରମ କରିଥିବା ଛାତ୍ରୀଛାତ୍ରଙ୍କୁ ୨ କୋଟି ଟଙ୍କା ସରକାରଙ୍କ ପାଖରେ ଦାଖଲ କରିବାକୁ ପଡିବ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଜ୍ଞାନ ମେଳା, ସ୍କୁଲ ପରିସର, ନିଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ସକାଳ ୯ଟାରୁ ଅପରାହ୍ନ ୪ଟା।
- ସମ୍ବାଦପତ୍ର ପରିଦର୍ଶକର ୧୨ତମ ସ୍ୱନକ୍ଷତ୍ର ଉତ୍ସବ, ସୂଚନା ଭବନ, ଅପରାହ୍ନ ୫ଟା।
- ଗଙ୍ଗାଧର ମେହେର ଜୟନ୍ତୀ କମିଟି ପକ୍ଷରୁ ଗଙ୍ଗାଧର ମେହେରଙ୍କ ୧୫୮ତମ ଓ କବିପୁତ୍ର ଭଗବାନ ମେହେରଙ୍କ ୧୨୮ତମ ଜୟନ୍ତୀ ସମାରୋହ, ପିଜି କାଉନସିଲ ହଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ସନ୍ଧ୍ୟା ୬ଟା।
- ସାଜ ଓ୍ୱର ଆୱାଜ ପକ୍ଷରୁ 'ଚାନ୍ଦ ସି ମେହେବୁବା', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର ପକ୍ଷରୁ ପ୍ରତିଭା ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବ୍ରହ୍ମଗିରି**

- ଶ୍ରୀଶ୍ରୀ ସତ୍ୟମହାବୀର ଦେବଙ୍କ ପୀଠରେ ଭାଗବତ ସପ୍ତାହ ଓ ପାରାୟଣ, ବ୍ରହ୍ମଗିରି ଥାନା ପରିସର, ସନ୍ଧ୍ୟା ୭ଟା।

**ପୁରୀ**

- ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ବଙ୍ଗୀୟ ସଂଘ ପକ୍ଷରୁ ଚାରାରୋପଣ, ଲୋକନାଥ ରୋଡସ୍ଥିତ ଶଙ୍କରେଶ୍ୱର ମନ୍ଦିର ନିକଟ, ସକାଳ ୯ଟା ୩୦।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ସମାଜ ପରିବର୍ତ୍ତନରେ ପୋଲିସ ଭୂମିକା ଗୁରୁତ୍ୱପୂର୍ଣ୍ଣ



ଡ. ସୁଧାଂଶୁ ଷଡ଼ଙ୍ଗୀ

ଭୁବନେଶ୍ୱର-କଟକ ଟୁଇନସିଟି ପୋଲିସ କମିଶନର ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ୧୯୯୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଡ. ସୁଧାଂଶୁ ଷଡ଼ଙ୍ଗୀ। ଟୁଇନସିଟିରେ ଅପରାଧ ନିୟନ୍ତ୍ରଣ, ନିଶା କାରବାରରେ ରୋକ, ଟ୍ରାଫିକ୍ ସୁପରିଚାଳନା, ନିରପେକ୍ଷ ତଥ୍ୟଭିତ୍ତିକ ତଦନ୍ତ, ଜନସାଧାରଣଙ୍କୁ ପୋଲିସର ଉତ୍ତମ ବ୍ୟବହାର ପ୍ରଦର୍ଶନ, ଶିଶୁ ମହିଳାଙ୍କ ସୁରକ୍ଷା, ଆବଶ୍ୟକ ସ୍ଥାନରେ ନୂତନ ଥାନା ଫାଣ୍ଡି ନିର୍ମାଣ, ତାଙ୍କ ପାଇଁ ରହିଛି ବଡ଼ ଚ୍ୟାଲେଞ୍ଜ। ୧୯୬୮ରେ ଢେଙ୍କାନାଳ ଜିଲାରେ ଜନ୍ମଗ୍ରହଣ କରିଥିବା ସୁଧାଂଶୁ ୧୯୮୭ରେ ରେଭେନ୍ସାରୁ ରାଜନୀତି ବିଜ୍ଞାନରେ ସ୍ନାତକ, ୧୯୮୯ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ୨୦୦୫ରେ ୟୁନାଇଟେଡ କିଙ୍ଗଡମ ଲିଭରପୁଲ ବିଶ୍ୱବିଦ୍ୟାଳୟରୁ ଇନ୍‌ଭେଷ୍ଟିଗେଟିଭ୍ ସାଇକୋଲୋଜିରେ ଏମ୍‌ଏସ୍‌ସି ଓ ୨୦୧୦ରେ ଲିଭରପୁଲ ବିଶ୍ୱବିଦ୍ୟାଳୟରୁ ସାଇକୋଲୋଜିରେ ପିଏଚ୍‌ଡି ହାସଲ କରିଛନ୍ତି। ଶିକ୍ଷାଗତ ଜୀବନରେ ସେ ଯେମିତି ସଫଳତା ପାଇଛନ୍ତି, ଚାକିରି ଜୀବନରେ ମଧ୍ୟ ଗୋଟିଏ ପରେ ଗୋଟିଏ ସଫଳତାର ଶିଡ଼ି ଚଢ଼ି ଚଢ଼ି ଚାଲିଛନ୍ତି। ସେ ମାଲକାନଗିରି, ସୁନ୍ଦରଗଡ଼, ବ୍ରହ୍ମପୁର ବାଲେଶ୍ୱର ଏବଂ କେନ୍ଦୁଝର ଜିଲାରେ ଏସ୍‌ପି ଭାବେ କାର୍ଯ୍ୟ କରିବା ସହ ଆଇଜି ଅପରେଶନ, ସିଏମ୍‌ଡି, ଓଡିଶା ପୋଲିସ ହାଉସିଂ କର୍ପୋରେଶନରେ କାର୍ଯ୍ୟ କରିଛନ୍ତି। ଏଥିସହ ସେ ଭାରତ ସରକାରଙ୍କର କ୍ୟାବିନେଟ ସେକ୍ରେଟାରିଏଟରେ ଡେପୁଟେଶନରେ ଯାଇ ମଧ୍ୟ କାର୍ଯ୍ୟ କରିଛନ୍ତି। ତେବେ ଶିକ୍ଷା ଏବଂ ଚାକିରି ଜୀବନର ଅଭିଜ୍ଞତାକୁ ନେଇ ଟୁଇନସିଟିର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଚାରୁରୂପେ ତୁଲାଇବେ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନୂତନ ଭାବେ ଦାୟିତ୍ୱ ଗ୍ରହଣ ଅବସରରେ କମିଶନର ସୁଧାଂଶୁଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ।

**ଟୁଇନସିଟିରେ ଅପରାଧ ବଢ଼ିବା ସହ ଆଇନ ଶୃଙ୍ଖଳାକୁ ନେଇ ପୋଲିସ ସମସ୍ୟା ବଢ଼ିବାରେ ଲାଗିଛି। ଏହା କିପରି ଦୂର ହେବ?**

▶ ସମାଜରେ ପରିବର୍ତ୍ତନ ଆଣିବାରେ ପୋଲିସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କମିଶନର କାର୍ଯ୍ୟଭାର ଗ୍ରହଣ କରିବା ପରେ ପ୍ରଥମେ ପୋଲିସ ଅଧିକାରୀଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛି। ପୋଲିସ ବିଭାଗକୁ ନିଷ୍ଠାପର ଭାବେ ଉନ୍ନତ ଜ୍ଞାନ କୌଶଳ ଜରିଆରେ କାର୍ଯ୍ୟକରିବାର ଆବଶ୍ୟକତା ରହିଛି। ୨୦୦୫ରୁ ବର୍ତ୍ତମାନ ସୁଦ୍ଧା ୧୧ଲକ୍ଷ ୮୭ହଜାର ଏତଲା ପଞ୍ଜୀକରଣର ତଥ୍ୟ କମ୍ପ୍ୟୁଟରରେ ରହିଛି। ଇତିମଧ୍ୟରେ କେତେ ଜଣ ଗିରଫ ହୋଇଛନ୍ତି, ଏପରି କି କେତେଜଣ ଏକାଧିକବାର ଗିରଫ ହୋଇଛନ୍ତି ତାହାର ରେକର୍ଡ ରହିଛି। ଏସମସ୍ତ ତଥ୍ୟକୁ ବିଶ୍ଳେଷଣ କରି ପ୍ରଥମେ ଏକ ତାଲିକା ପ୍ରସ୍ତୁତ କରାଯିବ। ପରେ ଏହାକୁ ସମସ୍ତ ଥାନାର ଅଧିକାରୀଙ୍କ ମୋବାଇଲକୁ ଦିଆଯିବ। ଯାହାଫଳରେ ଅପରାଧୀଙ୍କୁ ଧରିବାରେ ସହଜ ହୋଇପାରିବ ଏବଂ ଅପରାଧର ହାର କମିପାରିବ।

**କମିଶନରେଟ ପୋଲିସ ଯେଉଁ ଉଦ୍ଦେଶ୍ୟରେ ଗଠନ ହୋଇଥିଲା, ତାହା ଲକ୍ଷ୍ୟଚ୍ୟୁତ ହୋଇଛି କି? କମିଶନରେଟ ପୋଲିସ କିପରି ଲୋକମାନଙ୍କୁ ଅଧିକ ଉନ୍ନତମାନର ସେବା ଯୋଗାଇ ପାରିବ?**

▶ ପୂର୍ବାପେକ୍ଷା ପୋଲିସ ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଛି। ବିଭିନ୍ନ ଯାନିଯାତ୍ରା ଏବଂ ଜାତୀୟ, ଅନ୍ତର୍ଜାତୀୟ ଇଭେଣ୍ଟ ସୁରୁଖୁରୁରେ କରାଯାଇ ପାରୁଛି। ଗୋଟିଏ ବ୍ୟବସ୍ଥାର ସଫଳତା ବିଫଳତାକୁ ୧୦ ବର୍ଷରେ ମାପିବା ଠିକ୍ ହେବନି। ଗ୍ରାମାଞ୍ଚଳରେ ସମସ୍ୟା ହେଲେ ଗାଁର ଭାଇବନ୍ଧୁ ସହଯୋଗର ହାତ ବଢ଼ାନ୍ତି। କିନ୍ତୁ ସହରରେ କିଛି ସମସ୍ୟା ହେଲେ କେହି କାହାକୁ ଚିହ୍ନି ନ ଥିବାରୁ ପୋଲିସର ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ। ଏଦିଗରେ କିପରି ପୋଲିସ ଆହୁରି ଲୋକଙ୍କ ନିକଟତର ହେବ ତାହା ଉପରେ ଗୁରୁତ୍ୱ ଦିଆଯିବ। ମାମଲା ପଞ୍ଜିକରଣ ହେଲେ ଅଭିଯୋଗକାରୀଙ୍କ ମୋବଇଲକୁ ତଦନ୍ତ ସମ୍ପର୍କିତ ସମସ୍ତ ସୂଚନା ଦିଆଯିବ। ଯାହାଦ୍ୱାରା ପୋଲିସ କ'ଣ କରୁଛି ଲୋକମାନେ ଜାଣିପାରିବେ ଏବଂ ଉଭୟଙ୍କ ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ ହେବ।

**କମିଶନରେଟ ପୋଲିସ ଅଧୀନରେ ଥିବା ଥାନାରେ ଅନେକ ମାମଲାରେ ତଦନ୍ତ ପରେ ମଧ୍ୟ ଅପରାଧୀଙ୍କ ପତ୍ତା ପାଉନି ପୋଲିସ, ଏନେଇ କି ପଦକ୍ଷେପ ନେବେ?**

▶ ପୋଲିସ ବିଭାଗ ଇଣ୍ଟେଲିଜେନ୍ସ ଓ ଟେକ୍ନୋଲୋଜିକୁ ସର୍ବଦା ପ୍ରାଥମିକତା ଦେଇ ଆସୁଛି। ପୋଲିସ ନିକଟରେ ଯଦି ଖବର ରହିବ ନାହିଁ, ଅପରାଧୀ କିଏ, ଦେଖିବାକୁ କେମତି, ସେ କେଉଁଠାରେ ରହୁଛି, ସେକ୍ଷେତ୍ରରେ ତଦନ୍ତ ପ୍ରକ୍ରିୟା ବିଳମ୍ବ ଘଟିବା ସହ ଅପରାଧୀଙ୍କୁ ଧରିବା କଷ୍ଟକର ହେବ। ତେଣୁ ପେସାଦାର ଅପରାଧୀ, ଡ୍ରଗ୍ସ କାରବାର, ଗ୍ୟାଙ୍ଗ ଓ୍ୱାର ଉପରେ ସ୍ୱତନ୍ତ୍ର ଟିମ୍ କରାଯାଇ ନଜର ରଖାଯିବ। ଆଉ ଏହାକୁ ଉପରିସ୍ଥ ଅଧିକାରୀମାନେ କମିଶନରେଟ ମୁଖ୍ୟାଳୟରୁ ନିୟନ୍ତ୍ରଣ କରିବେ। ସେ ଦିଗରେ ମୁଁ ଉଦ୍ୟମ କରିବି। ଥାନାଗୁଡ଼ିକୁ ଯାଇ ଅଧିକାରୀଙ୍କ ଠାରୁ ଆରମ୍ଭ କରି କନଷ୍ଟେବଲଙ୍କ ସହ ଆଲୋଚନା କରି ଗାଇଡ କରିବି।

**ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡୁଛି, ଅନେକ ସମୟରେ ଏନେଇ କି ପଦକ୍ଷେପ ନେବେ?**

▶ ଟ୍ରାଫିକ ସମସ୍ୟା ଏକ ବଡ଼ ଚ୍ୟାଲେଞ୍ଜ। ଏହି ସମସ୍ୟାର ସମାଧାନ ପାଇଁ ଅନେକ ସ୍ଥାନରେ ଓଭରବ୍ରିଜ୍ ନିର୍ମାଣ ହୋଇଥିଲେ ସୁଦ୍ଧା ମୁଖ୍ୟସମସ୍ୟା ଓଭରବ୍ରିଜ ତଳେ ରହିଯାଇଛି। ଅନେକ ସ୍ଥାନରେ ଓଭରବ୍ରିଜ୍ ତଳେ ଲାଇଟ ନାହିଁ। ଓଭରବ୍ରିଜ ସଂଯୋଗସ୍ଥଳରେ ରାସ୍ତା ଅଣଓସାରିଆ ରହିଛି। ରାସ୍ତା ଉପରେ ବସ୍ ରଖି ଯାତ୍ରୀମାନଙ୍କୁ ଉଠାଯାଉଛି। ଫଳରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହେଉଛି। ବିଶେଷକରି କଟକରେ ଟ୍ରାଫିକ୍ ପରିସ୍ଥିତି ସଙ୍ଗିନ। ତେଣୁ ଏହି ସମସ୍ୟା ଉପୁଜୁଥିବା ସ୍ଥାନରେ ଏବେ ପୋଲିସ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯିବ। ସେମାନେ ଡ୍ରାଇଭରମାନଙ୍କୁ ଗାଇଡ କରିବେ। ଏଥିସହ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇ ଏହି ସମସ୍ୟା ଗୁଡିକର ସ୍ଥାୟୀ ସମାଧାନର ବାଟ କଢାଯିବ।

**ଅନେକ ଥାନାରେ ମହିଳା, ଶିଶୁ ଡେସ୍କ ଠିକରେ କାର୍ଯ୍ୟ କରୁନି, ଏହାକୁ କିପରି ସମାଧାନ କରିବେ?**

▶ ଦେଖନ୍ତୁ କମିଶନରେଟ ପୋଲିସ ଅଧୀନରେ ଅନେକ କନଷ୍ଟେବଳ ଭଉଣୀଭାଇ ରହିଛନ୍ତି। ସେମାନଙ୍କୁ ଦରମା ମିଳୁଛି ମାତ୍ର କାଗଜପତ୍ର କାମ ଦିଆ ନ ଯିବାରୁ ସେମାନେ ଅନେକ ସମୟରେ ଲ ଆଣ୍ଡ ଅର୍ଡର ଡ୍ୟୁଟିରେ କେବଳ ଠିଆହୋଇ ରହୁଛନ୍ତି। ସେମାନଙ୍କୁ ଉଚିତ୍ ପ୍ରଶିକ୍ଷଣ ଦେଇ କାର୍ଯ୍ୟରେ ଲଗାଯାଇ ପାରିଲେ ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ ଠିକ୍ ଭାବେ କାର୍ଯ୍ୟ କରିପାରିବ।

**ସାକ୍ଷାତ: ଜ୍ୟୋତିରଞ୍ଜନ ମହାପାତ୍ର**



ଇଷ୍ଟର୍ନ ଜୋନାଲ କଲଚରାଲ ସେଣ୍ଟର ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ବୁଧବାର ଆୟୋଜିତ ପ୍ରତିଭା ଉତ୍ସବରେ କଣ୍ଠଶିଳ୍ପୀ ଯାଜ୍ଞସେନୀ ବିଶ୍ୱାଳ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଜାଭିୟର ଛକ ନିକଟରେ ବୋମାମାଡ଼

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ନୟାପଲ୍ଲୀ ଥାନା ଅଧୀନ ଜାଭିୟର ଛକ ନିକଟ ମୁଖ୍ୟ ରାସ୍ତାରେ ବୁଧବାର ରାତିରେ ବୋମାମାଡ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, ଜାଭିୟର ଛକ ନିକଟ ମୁଖ୍ୟ ରାସ୍ତାରେ କେହି ଦୁର୍ବୃତ୍ତ ବୋମାଫିଙ୍ଗି ଫେରାର ହୋଇଯାଇଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ନୟାପଲ୍ଲୀ ଥାନା ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ଫୁଟିଥିବା ବୋମାର ସୁତୁଲି ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। କେଉଁ କାରଣରୁ ବୋମା ମାଡ ହୋଇଛି ଏବଂ ଏଥିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏ ନେଇ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

# ଗେଷ୍ଟ ହାଉସରେ ସେକ୍ସ ର୍ୟାକେଟ, ୨ ଗିରଫ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

**୩ ବଙ୍ଗୀୟ ଯୁବତୀ ଉଦ୍ଧାର**

ରାଜଧାନୀର ବ୍ୟସ୍ତବହୁଳ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ଏକ ଗେଷ୍ଟ ହାଉସରେ ସେକ୍ସ କାରବାର ଚାଲିଥିଲା। ଏ ସମ୍ପର୍କରେ ସୂଚନା ମିଳିବା ପରେ ମଙ୍ଗଳବାର ଖଣ୍ଡଗିରି ଥାନା ପୋଲିସ ଅଚାନକ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ୩ ବଙ୍ଗୀୟ ଯୁବତୀଙ୍କୁ ଉଦ୍ଧାର କରିଛି। ଗିରଫ ଦୁଇଜଣ ହେଲେ ଗେଷ୍ଟ ହାଉସ ମାଲିକ ପୁରୀ ଜିଲା କାକଟପୁର ଅଞ୍ଚଳର ସଞ୍ଜୟ କୁମାର ବେହେରା ଓ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ଗ୍ରାହକ ରଞ୍ଜନ କୁମାର ଜେନା। ଉଦ୍ଧାର ୩ ଯୁବତୀଙ୍କୁ ଡାକ୍ତରୀ ମାଇନା କରାଯିବା ପରେ ଶର୍ଟ ଷ୍ଟେ' ହୋମ୍‌କୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଉକ୍ତ ଗେଷ୍ଟ ହାଉସର ମାଲିକ ସମେତ ଏକ ଦଲାଲ ଦୀର୍ଘଦିନ ହେବ ଯୁବତୀଙ୍କୁ ଆଣି ଦେହ ବେପାର କରୁଥିଲେ। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଗେଷ୍ଟ ହାଉସ୍ ଉପରେ ଚଢ଼ାଉ କରି ଅସଂଯତ ଅବସ୍ଥାରେ ରଞ୍ଜନଙ୍କୁ ଧରିଥିଲା। ପୋଲିସ ଗାଡି ଦେଖିବା କ୍ଷଣି କେତେକ ଗ୍ରାହକ ଖସି ପଳାଇଥିଲେ। ପୋଲିସ ଗେଷ୍ଟ ହାଉସରେ ତନଖି କରିବାବେଳେ ରୁମ୍ ଭିତରୁ କିଛି ଆପତ୍ତିଜନକ ସାମଗ୍ରୀ, ମୋବାଇଲ ଓ ଟଙ୍କା ପାଇଥିଲା। ଏ ନେଇ ପୋଲିସ ୪୪୩/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଛି। ଏହି ମାମଲାରେ ୫ଜଣଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା ଜାରି ରଖିଛି। ଅଭିଯୁକ୍ତଦ୍ୱୟଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗେଷ୍ଟହାଉସ୍‌ରୁ ଉଦ୍ଧାର ହୋଇଥିବା ୩ ଯୁବତୀ।

## ଟ୍ରକକୁ ପଛରୁ ଧକ୍କା ଦେଲା ଟ୍ରକ: ଡ୍ରାଇଭର, ହେଲପର ମୃତ

**ଖୋର୍ଦ୍ଧା ଅଫିସ,୨୧।୮:** ଖୋର୍ଦ୍ଧା ଜିଲା ବାଣପୁର ଥାନା ୧୬ ନଂ. ଜାତୀୟ ରାଜପଥର ବେଲପଡା ଛକ ନିକଟରେ ବୁଧବାର ଭୋର ୫ଟାରେ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଚଣ୍ଡେଶ୍ୱରରୁ ମାଙ୍କଡା ପଥର ନେଇ ବାଲୁଗାଁ ଯାଉଥିବା ଏକ ଟ୍ରକ ଖରାପ ହୋଇଯିବାରୁ ରାସ୍ତାପାର୍ଶ୍ୱରେ ଅଟକି ରହି ସଜଡା ଯାଉଥିଲା। ଏହି ସମୟରେ ଆନ୍ଧ୍ର ଅଭିମୁଖେ ଧାନ ବୋଝେଇ କରି ଯାଉଥିବା ଅନ୍ୟ ଏକ ଟ୍ରକ ଉକ୍ତ ପଥର ବୋଝେଇ ଟ୍ରକକୁ ପଛରୁ ଧକ୍କା ଦେଇଥିଲା। ଟ୍ରକ୍ ପାଖରେ ମରାମତି କାମ ଦେଖୁଥିବା ଟାଙ୍ଗୀ ଥାନା ବଳରାମପୁର ସାହିର ଡ୍ରାଇଭର ମୁନା ପାତ୍ର(୪୦) ଓ ଚଣ୍ଡେଶ୍ୱର ବିନ୍ଧାଣିଆ ଗାଁର ହେଲପର ସୁଦର୍ଶନ ବେହେରା(୪୫)ଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ଧାନ ବୋଝେଇ ଟ୍ରକ୍ ହେଲପର ଆହତ ହୋଇଛନ୍ତି। ପୋଲିସ ମୃତଦେହକୁ ଜବତ କରି ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ନଂ. ୨୩୪/୧୯ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ, ବେଲପଡା ଛକ ନିକଟରେ ଜାତୀୟ ରାଜପଥ କଡରେ ଏକ ମାଙ୍କଡା ପଥର ବୋଝେଇ ଟ୍ରକ (ନଂ. ଓଆର୦୯ଇ ୩୦୪୨)ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଅଟକି ରହିଥିଲା। ଆନ୍ଧ୍ର ଅଭିମୁଖେ ଯାଇଥିବା ଧାନ ବୋଝେଇ ଟ୍ରକ (ନଂ.ଏପି୦୩ଟିଇ ୯୮୬୦) ଆସି ପଛ ପାଖରୁ ପଥର ବୋଝେଇ ଟ୍ରକକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ପଥର ବୋଝେଇ ଟ୍ରକର ଡ୍ରାଇଭର ଓ ହେଲପରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଜେଡି ଇନ୍‌ଷ୍ଟିଚ୍ୟୁଟ୍‌କୁ ଶ୍ରେଷ୍ଠ 'ଡିଜାଇନିଂ ଇନ୍‌ଷ୍ଟିଚ୍ୟୁଟ୍' ପୁରସ୍କାର

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି ଭୁବନେଶ୍ୱର ପୂର୍ବ ଭାରତର ଶ୍ରେଷ୍ଠ 'ଡିଜାଇନିଂ ଇନ୍‌ଷ୍ଟିଚ୍ୟୁଟ୍' ଆୱାର୍ଡ ଗ୍ରହଣ କରିଛି। ଜାତୀୟସ୍ତରୀୟ ସଂସ୍ଥା 'ବ୍ଲାଇଣ୍ଡ୍ ୱିଙ୍କ୍' ଦ୍ୱାରା ବାଙ୍ଗାଲୋରରେ ଆୟୋଜିତ 'ଇଣ୍ଡିଆ ଏଜୁକେଶନ ଆୱାର୍ଡସ ୨୦୧୯'ରେ ଜେଡି 'ବେଷ୍ଟ୍ ଡିଜାଇନିଂ ଇନ୍‌ଷ୍ଟିଚ୍ୟୁଟ୍-ଇଷ୍ଟ' ଜିତି ରାଜ୍ୟପାଇଁ ଗୌରବ ଆଣିଛି। ଉତ୍ସବରେ ମୁଖ୍ୟ ଅତିଥି ବଲିଉଡ୍ ଅଭିନେତ୍ରୀ ସୋହା ଅଲ୍ଲି ଖାନ୍‌ଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଭୁବନେଶ୍ୱରର ସେଣ୍ଟର ଡାଇରେକ୍ଟର ବିଶାଲ ସୁବୁଦ୍ଧି। ଶିକ୍ଷାନୁଷ୍ଠାନ ବ୍ୟତୀତ ବିଭିନ୍ନ ଶିକ୍ଷାସହ ଜଡ଼ିତ ବହୁ ଷ୍ଟାର୍ଟଅପ୍ ସଂସ୍ଥା ଏବଂ ଅନୁଷ୍ଠାନଗୁଡିକୁ ଏହି ଅବସରରେ ପୁରସ୍କୃତ କରାଯାଇଛି। ୨୦୧୪ରେ ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଜେଡି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟିକରିବା ସହ ଫ୍ୟାଶନ ଡିଜାଇନ୍, ଇଣ୍ଟେରିୟର ଡିଜାଇନ, ଫ୍ୟାଶନ ଫଟୋଗ୍ରାଫି ଭଳି ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରୁଛି। ୨୦୧୫ରେ ଏଡୁକ୍ୱେଷ୍ଟ ଏକ୍ସଲେନ୍ସ ଆୱାର୍ଡସରେ ଜେଡି ଭୁବନେଶ୍ୱର ଫ୍ୟାଶନ ଡିଜାଇନିଂରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନଭାବେ ପୁରସ୍କୃତ ହୋଇଥିଲା। ଅନ୍ୟପକ୍ଷରେ ଅନୁଷ୍ଠାନର ଏହି ସଫଳତାକୁ ବିଶାଲ ସୁବୁଦ୍ଧି ସମସ୍ତ ଛାତ୍ରୀଛାତ୍ର, ଶିକ୍ଷକ ଏବଂ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି।



ଅଭିନେତ୍ରୀ ସୋହା ଅଲ୍ଲି ଖାନ୍‌ଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବିଶାଲ ସୁବୁଦ୍ଧି।

## ଛାତ୍ର ସଂସଦ ନିର୍ବାଚନ

# ମୁହାଁମୁହିଁ ହେବେ ଏବିଭିପି-ଛାତ୍ର ବିଜେଡି

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ସେପ୍ଟେମ୍ବର ଶେଷ ସପ୍ତାହରେ ରାଜ୍ୟରେ ଅନୁଷ୍ଠିତ ହେବ ଛାତ୍ର ସଂସଦ ନିର୍ବାଚନ। ଯୁକ୍ତ ୩ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ସେପ୍ଟେମ୍ବର ତୃତୀୟ ସପ୍ତାହରୁ ନିର୍ବାଚନ ପ୍ରକ୍ରିୟା ଲାଗି ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ଭାବନା ରହିଥିବାବେଳେ ଏବେଠାରୁ କ୍ୟାମ୍ପସରେ ଉଷ୍ମତା ବାରିହୋଇ ପଡିଲାଣି। ରାଜ୍ୟର ୩ ପ୍ରମୁଖ ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଛାତ୍ରନେତାମାନେ ପତିଆରା ଜାହିର କଲେଣି। ଏବେ ପ୍ରଥମକରି କଲେଜରେ ପାଦ ଦେଇଥିବା ଛାତ୍ରୀଛାତ୍ରଙ୍କ ଉପରେ ସେମାନେ ନଜର ପକାଇଛନ୍ତି। କିଏ ସୋସିଆଲ ମିଡିଆରେ ନିଜ ଉପସ୍ଥିତି ଜାହିର କରୁଛି ତ, ଆଉ କିଏ ନିଜ ଦଳବଳ ନେଇ ମଇଦାନରେ ଲଢେଇ ପାଇଁ ଅଣ୍ଟା ଭିଡୁଛି। ସେପଟେ ଆଉକିଛି ଛାତ୍ରନେତା ଗୋଟିଏ ସଙ୍ଗଠନରୁ ଆଉ ଗୋଟିଏ ସଙ୍ଗଠନକୁ ଡିଆଁ ମାରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଯୁକ୍ତ ୨ କଲେଜରେ ନିର୍ବାଚନ ନ ହେବାକୁ ନିଷ୍ପତ୍ତି ହୋଇଛି। ଯୁକ୍ତ ୩ କଲେଜ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ନିର୍ବାଚନ ହେବାକୁ ଥିବାରୁ ବିଶେଷକରି ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବାକୁ ଆଶାୟୀ ପ୍ରାର୍ଥୀମାନେ ପ୍ରଚେଷ୍ଟା କରୁଛନ୍ତି। ଗତବର୍ଷପରି ଏବର୍ଷ ମଧ୍ୟ ଭୁବନେଶ୍ୱରର ବିଭିନ୍ନ କ୍ୟାମ୍ପସରେ ଛାତ୍ର ବିଜେଡି ଓ ଏବିଭିପି ମଧ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ରହିଛି। ଗତବର୍ଷ ଅଧିକାଂଶ କ୍ୟାମ୍ପସରେ ପ୍ରାର୍ଥୀ ଦେଇ ପାରି ନ ଥିବା ଛାତ୍ର କଂଗ୍ରେସ ଏଥର ମଧ୍ୟ ପୂର୍ବବର୍ଷର ସ୍ଥିତି ଦୋହରାଇବ ବୋଲି ଏବେକାର ସ୍ଥିତିରୁ ଜଣାପଡୁଛି। ସଙ୍ଗଠନର କୌଣସି ଜଣେ ଛାତ୍ର ନେତା ଏପର୍ଯ୍ୟନ୍ତ ଆଗକୁ ଆସିନାହାନ୍ତି। ୨୦୧୬ଠାରୁ ହାତଗଣତି କିଛି କ୍ୟାମ୍ପସକୁ ଛାଡ଼ିଦେଲେ ଅଧିକାଂଶ ସ୍ଥାନରେ ପ୍ରାର୍ଥୀ ଦେଇପାରୁନି ସଙ୍ଗଠନ। କେବଳ ଏତିକି ନୁହେଁ, ଦୁଇବର୍ଷ ହେଲା ସଙ୍ଗଠନର ରାଜ୍ୟ ସଭାପତି ମଧ୍ୟ ନାହାନ୍ତି। ତେଣୁ ଛାତ୍ରୀଛାତ୍ରଙ୍କ ସମସ୍ୟା ନେଇ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଉଛି ନା ବିଭିନ୍ନ କ୍ୟାମ୍ପସରେ ନିଜର ପ୍ରଭାବୀ ପ୍ରଦର୍ଶନ କରିପାରୁଛି।

**ଅଣ୍ଟା ସଳଖିପାରୁନି ଛାତ୍ର କଂଗ୍ରେସ**

ଅନ୍ୟପକ୍ଷରେ ଦୁର୍ବଳ ଥିବା କ୍ୟାମ୍ପସରେ ଏବେଠାରୁ ନିଜ ଘର ସଜାଡ଼ିବା ଆରମ୍ଭ କରିଛି ଛାତ୍ର ବିଜେଡି। ୨୦୧୭ରେ ଭୁବନେଶ୍ୱରର ପ୍ରମୁଖ କ୍ୟାମ୍ପସରେ ଛାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ବିରୋଧରେ ପ୍ରାର୍ଥୀ ଦେଇଥିବା କେତେଜଣ ଛାତ୍ରନେତା ଏଥର ଛାତ୍ର ବିଜେଡିକୁ ଫେରିଛନ୍ତି। ଗତବର୍ଷ ଶେଷ ମୁହୂର୍ତ୍ତରେ ନିର୍ବାଚନ ବାତିଲ ହେବାରୁ ସଙ୍ଗଠନଗୁଡ଼ିକ ନିଜ ଉପସ୍ଥିତି ଜାହିର କରିପାରି ନ ଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଗତବର୍ଷ ଯେଉଁମାନେ ପ୍ରାର୍ଥୀ ହୋଇ ନିରାଶ ହୋଇଥିଲେ ସେମାନେ ଏଥର ପୁଣିଥରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆଶା ରଖିଛନ୍ତି। ଏପଟେ ବିଜେବି ସ୍ୱୟଂଶାସିତ କଲେଜରେ ଛାତ୍ର ବିଜେଡି ଏଥର ପୁଣିଥରେ ସଂଗଠନ ମଜବୁତ କରୁଥିବା ଜଣାପଡ଼ିଛି। ଏଥିପାଇଁ ବରିଷ୍ଠ ନେତାମାନଙ୍କୁ ନେଇ ମାନସମନ୍ଥନ ଆରମ୍ଭ ହୋଇଛି। କେଉଁମାନେ ପ୍ରାର୍ଥୀ ହେବେ ତାହା ଏକପ୍ରକାର ସ୍ଥିର ହୋଇସାରିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଏଥର ନିର୍ବାଚନ ହେବ କି ନାହିଁ ସେନେଇ ସ୍ପଷ୍ଟ ଜଣାପଡି ନ ଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରୁଛି। ଗଣ୍ଡଗୋଳ ଯୋଗୁ ଗତ ଦୁଇବର୍ଷ ହେଲା ଏଠାରେ ନିର୍ବାଚନ ହୋଇପାରୁନାହିଁ। ତେଣୁ ରାଜ୍ୟର ଏହି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଏଥର ନିର୍ବାଚନ ହେବ କି ନାହିଁ ତାହା ଉପରେ ସମସ୍ତଙ୍କର ନଜର ରହିଛି।

ସେହିଭଳି ବିଗତ ଦୁଇବର୍ଷ ହେଲା ଛାତ୍ର ସଂସଦ ନିର୍ବାଚନରେ ବେଶ୍ ସକ୍ରିୟ ରହୁଥିବା ଏବିଭିପି ଏଥର ମଧ୍ୟ ଆଗୁଆ ପ୍ରସ୍ତୁତି ଚଳାଇଛି। ବାରିପଦାରେ ସଙ୍ଗଠନର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ନିର୍ବାଚନ ପୂର୍ବରୁ ସଦସ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ପ୍ରାର୍ଥୀ ତାଲିକା ଏକପ୍ରକାର ଚୂଡାନ୍ତ ହୋଇସାରିଥିବା ବେଳେ ଆଶାୟୀ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାକୁ ମଧ୍ୟ ସଙ୍ଗଠନ ସଜବାଜ ହେଲାଣି। ତେବେ ୨୦୧୮ରେ ହିଂସା ଓ ଉତ୍ତେଜନା ଯୋଗୁ ଅଧିକାଂଶ କ୍ୟାମ୍ପସରେ ନିର୍ବାଚନ ବାତିଲ ହୋଇଥିବାରୁ ଏଥର ବି ସମାନ ସ୍ଥିତି ଉପୁଜିବାର ଆଶଙ୍କା ରହିଛି। ସବୁପରେ ଉଚ୍ଚଶିକ୍ଷା ବିଭାଗର ବିଜ୍ଞପ୍ତି ଉପରେ ଏବେ ସବୁ ଛାତ୍ର ସଙ୍ଗଠନର ନଜର ରହିଛି।



ସବୁଠାରୁ ଅଳ୍ପରେ ଯିଏ ସନ୍ତୁଷ୍ଟ ହୋଇପାରିଲା, ସେ ହିଁ ସଂସାରରେ ଶ୍ରେଷ୍ଠ ଧନୀ। କାରଣ ସନ୍ତୋଷ ହିଁ ପ୍ରକୃତ ସମ୍ପଦ।
- ସକ୍ରେଟିସ୍



## ସଂକ୍ଷେପରେ

### ଆର୍‌ଏସ୍‌ସି ପକ୍ଷରୁ ଇନୋଭେଟର୍ସ ଫେଷ୍ଟିଭାଲ

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର(ଆର୍‌ଏସ୍‌ସି) ପକ୍ଷରୁ ଆସନ୍ତା ସେପ୍ଟେମ୍ବର ୧୮ରେ ଇନୋଭେଟର୍ସ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରାଥମିକ ସ୍ତରର ଶିଶୁ ବିଜ୍ଞାନୀ, ସ୍କୁଲ ଛାତ୍ରୀଛାତ୍ର ଓ କଲେଜ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଭାଗ ନେଇପାରିବେ। ସଂସ୍ଥାର ଫେସବୁକ୍ ପ୍ରୋଫାଇଲ(facebook.com/regionalsciencecentre/)କିମ୍ବା ୱେବସାଇଟ(www.rscbhubaneswar.org)ରୁ ଫର୍ମ ଡାଉନଲୋଡ କରି ଡାକସେବା କିମ୍ବା ମେଲ(rscbbsr@yahoo.com) ଯୋଗେ ପଠାଇପାରିବେ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ରେଜିଷ୍ଟ୍ରେଶନ ନିଃଶୁଳ୍କ ଥିବାବେଳେ ଅଂଶଗ୍ରହଣକାରୀଙ୍କୁ ଯିବା ଆସିବା ଭଡା ମଧ ଦିଆଯିବ ବୋଲି କେନ୍ଦ୍ର ପକ୍ଷରୁ ପ୍ରକଳ୍ପ ସଂଯୋଜକ ହର ପ୍ରସାଦ ମିଶ୍ର କହିଛନ୍ତି।

### କାର୍ ସହ ଗଞ୍ଜେଇ ଜବତ, ଜଣେ ଗିରଫ

ଜଟଣୀ,୨୧।୮(ଡି.ଏନ.ଏ.): ଚୋରା ଚାଲାଣ ହେଉଥିବା ଗଞ୍ଜେଇ ସହ ଏକ ୱାଗନ୍‌ର କାରକୁ ଜଟଣୀ ଥାନା ପୋଲିସ ଜବତ କରିଛି। ଏହାକୁ ଚାଲାଣ କରୁଥିବା ଜଟଣୀ ବାଛରାପାଟଣା ଅଞ୍ଚଳର ବିଭୂତି ଦାସଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ୧୬ ନଂ. ଜାତୀୟ ରାଜପଥରେ ପୋଲିସ ଚେକିଂ କରୁଥିବା ବେଳେ ଗଙ୍ଗପଡ଼ାସ୍ଥିତି ପୁରୁଣା ଟୋଲ୍‌ଗେଟ୍ ନିକଟରେ ବୁଧବାର ଭୋରରୁ ସନ୍ଦେହରେ ଏହି କାରକୁ ଯାଞ୍ଚ କଲା ବେଳେ ସେଥିରୁ ୩୦ କେଜି ୨୫୦ ଗ୍ରାମ ଗଞ୍ଜେଇ ଭର୍ତ୍ତି ପ୍ୟାକେଟ ଥିବା ଦେଖିବାକୁ ପାଇଥିଲେ। ଏହି ଗଞ୍ଜେଇ କୋରାପୁଟରୁ ଭୁବନେଶ୍ୱର ଚାଲାଣ ହେଉଥିଲା ବୋଲି ପଚରାଉଚୁରା ସମୟରେ ଜଣାପଡ଼ିଥିବା ପୋଲିସ କହିଛି। ଏ ନେଇ ନଂ. ୩୦୮/୧୯ରେ ମାମଲା ରୁଜୁ ହୋଇଛି।

### ଗାଡ଼ି ଧକ୍କାରେ ସାଇକେଲ ଚାଳକଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୨୧।୮: ଗାଡି ଧକ୍କାରେ ମଙ୍ଗଳବାର ରାତିରେ ଗୁଡୁମ୍ ଗାଁର କେଦାର ରଣସିଂହ(୪୫) ନାମକ ଜଣେ ସାଇକେଲ ଆରୋହୀଙ୍କର ମୃତ୍ୟୁ ଘଟିଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଡାଲତୋଳା ହସ୍ପିଟାଲରୁ ରୋଗୀ ନେଇ ଆସୁଥିବାବେଳେ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ଖୋର୍ଦ୍ଧା ସଦର ଥାନା ଗୁଡୁମ ବେରୁଁଆ ରାସ୍ତାକଡରେ ଜଣେ ଯୁବକ ରକ୍ତ ଜୁବୁବୁବୁ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ମିଳିଥିଲା। ଉକ୍ତ ଅଜଣା ବ୍ୟକ୍ତିଙ୍କୁ ଡ୍ରାଇଭର ଆମ୍ବୁଲାନ୍ସରେ ଆଣି ବିଳମ୍ବିତ ରାତିରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ମାନ୍ୟତା ଦାବି

ଭୁବନେଶ୍ୱର, ୨୧।୮(ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ସରକାରୀ କାର୍ଯ୍ୟ କ୍ଷିପ୍ର ଗତିରେ ଚାଲିବ ବୋଲି ନୂତନ ସଚିବ ଅସିତ ତ୍ରିପାଠୀ କହିଥିବାରୁ ଏହାକୁ ଉତ୍କଳ ସମ୍ମିଳନୀ ପ୍ରଂଶସା କରିଛି। ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ପାଇଁ ୨୦୧୩ରୁ ଗୃହ ବିଭାଗରେ ପଡିଥିବା ଫାଇଲ୍‌କୁ ନୂତନ ସଚିବ କ୍ଷିପ୍ର ଗତିରେ ଆଗକୁ ନେବେ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ‘ବନ୍ଦେ ଉତ୍କଳ ଜନନୀ’କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ପାଇଁ ୧୯୯୪ରୁ ଦାବି ହୋଇ ଆସୁଥିବାବେଳେ ୨୦୦୨, ୨୦୦୩, ୨୦୦୬ ଓ ୨୦୧୨ରେ ଆଲୋଚନା ହୋଇ ୨୦୧୩ ଜାନୁଆରୀ ୨୨ରେ ପତ୍ର ସଂଖ୍ୟା ନଂ.୧୨୫ ମାଧ୍ୟମରେ ସଂସ୍କୃତି ବିଭାଗ ଗୃହ ବିଭାଗକୁ ପଠାଇ ସାରିଛନ୍ତି। ସମସ୍ତ ସରକାରୀ କାର୍ଯ୍ୟ କ୍ଷିପ୍ର ଗତିରେ ଚାଲିଲେ ଏହା ଅତିଶୀଘ୍ର ମାନ୍ୟତା ପାଇବ ବୋଲି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦାଶଶର୍ମା ଆଶା କରିଛନ୍ତି।

# ଆଗେଇପାରୁନି ଆଚାର୍ଯ୍ୟ ବିହାର-ବାରଙ୍ଗ ସମାନ୍ତରାଳ ରାସ୍ତା

**ନାକେଦମ୍ କରୁଛି ଜୟଦେବବିହାର-ନନ୍ଦନକାନନ ରାସ୍ତା**



ଅଶୀ ଦଶକରୁ ଭୁବନେଶ୍ୱରର ଉତ୍ତର ପାର୍ଶ୍ୱ ଅଞ୍ଚଳରେ ନୂଆ ଜନବସତି ତଥା ବିଭିନ୍ନ କଲୋନୀ ଆରମ୍ଭ ହୋଇଥିଲା। ନବେ ଦଶକବେଳକୁ ଜୟଦେବ ବିହାର ଓ ଆଚାର୍ଯ୍ୟ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବଡ଼ ବଡ଼ କଲୋନୀ ଗଢ଼ି ଉଠିଥିଲା। ଅଧିକାଂଶ ସମୟରେ ଚନ୍ଦକା ହାତୀ କଲୋନୀଗୁଡ଼ିକରେ ପଶି ଉତ୍ପାତ କରୁଥିଲେ। ୧୯୯୯ ମହାବାତ୍ୟା ପରେ କ୍ଷତିଗ୍ରସ୍ତ ଭୁବନେଶ୍ୱରର ପୁନର୍ଗଠନ ଓ ବିକାଶ ଧାରା ଆରମ୍ଭ ହୋଇଥିଲା। ୨୦୦୫ ବେଳକୁ ବଦଳି ଯାଇଥିଲା ପୂରା ଚିତ୍ର। ବଡ଼ ବଡ଼ ହସ୍ପିଟାଲ, ଶିକ୍ଷାନୁଷ୍ଠାନ ସହ କମ୍ପାନୀଗୁଡିକ ପାଇଁ ଏହା ସର୍ବାଧିକ ଜନବହୁଳ ତଥା ବିକଶିତ ଅଞ୍ଚଳରେ ପରିଣତ ହୋଯାଇଥିଲା। ଭୁବନେଶ୍ୱରକୁ ଆସୁଥିବା ରାଜ୍ୟ ତଥା ରାଜ୍ୟ ବାହାର ଲୋକେ ଏହି ଅଞ୍ଚଳକୁ ଅଧିକ ପସନ୍ଦ କରିବାରୁ ଜମି ମୂଲ୍ୟ ଆକାଶଛୁଆଁ ହୋଇଯାଇଥିଲା। ଇତିମଧ୍ୟରେ ଶୂନ୍‌ଶାନ ରାସ୍ତା ପୂରା ବ୍ୟସ୍ତବହୁଳ ପାଲଟିଯାଇଛି। ମୁଖ୍ୟ ରାସ୍ତା ସମେତ ବିଭିନ୍ନ କଲୋନୀ ରାସ୍ତାକୁ ଅଧିକ ଓସାର କରାଯାଇଥିଲେ ମଧ ଜାମ୍ ହଟୁ ନାହିଁ। ଏହି ସମସ୍ୟା ଦୂର କରିବା ସହ ଭବିଷ୍ୟତକୁ ଦୃଷ୍ଟିରେ ରଖି ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଓଭରବ୍ରିଜ୍ କରିବାର ଯୋଜନା ରଖାଯାଇଥିଲା। ତେବେ ଓଭରବ୍ରିଜରେ ଅଧିକ ଅର୍ଥ ଖର୍ଚ୍ଚ ହେବ ବୋଲି ସଚିବସ୍ତରୀୟ ବୈଠକରେ ମତ ପ୍ରକାଶ ପାଇଥିଲା। ତତ୍କାଳୀନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ ଏହାର ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଦୁଇ ସମାନ୍ତରାଳ ରାସ୍ତା (ପାରାଲେଲ୍ ରୋଡ୍) ପ୍ରସ୍ତାବ ଦେଇଥିଲେ। ଜୟଦେବବିହାର-ବାରଙ୍ଗ ରାସ୍ତାର ଦୁଇ ପାର୍ଶ୍ୱ ଖଣ୍ଡଗିରି ଓ ଆଚାର୍ଯ୍ୟ ବିହାରରୁ ବାରଙ୍ଗକୁ ଦୁଇ ସମାନ୍ତରାଳ ରାସ୍ତା କଲେ କମ୍ ଖର୍ଚ୍ଚ ହେବ ବୋଲି ମତ ରଖିଥିଲେ। ଏନେଇ ବାରମ୍ବାର ବିଚାରବିମର୍ଶ କରାଯାଇ ଶେଷରେ ଏହି ବିକଳ୍ପ ରାସ୍ତା ପାଇଁ ନିଷ୍ପତ୍ତି ହୋଇ ପ୍ରକ୍ରିୟା ଆରମ୍ଭ ଥିଲା।

ସ୍ଥିତପ୍ରଜ୍ଞ ମିଶ୍ର/ ଭୁବନେଶ୍ୱର,୨୧।୮(ବ୍ୟୁରୋ)

ହୁ ହୁ ବଢୁଛି ରାଜଧାନୀର ଜନସଂଖ୍ୟା। ପରିବ୍ୟାପ୍ତ ହୋଇଚାଲିଛି ସହରର ଆକାର। ସ୍ମାର୍ଟସିଟି ହେବାପରଠାରୁ ଭୁବନେଶ୍ୱରରେ ରହିବାକୁ ରାଜ୍ୟ ତଥା ବାହାରୁ ଲୋକଙ୍କ ସୁଅ ଛୁଟୁଛି। ଗାଡ଼ିମୋଟର ସଂଖ୍ୟା ମଧ ବଢ଼ି ଚାଲିଛି। ହେଲେ ସେହି ଅନୁପାତରେ ରାସ୍ତା ପ୍ରଶସ୍ତ ହେଉନି। ଫଳରେ ସହରର ପ୍ରମୁଖ ରାସ୍ତାଠାରୁ ଆରମ୍ଭ କରି କଲୋନୀ ରାସ୍ତାରେ ଭିଡ଼ ବଡ଼ ସମସ୍ୟା ସୃଷ୍ଟି କରୁଛି। ବିଶେଷକରି ଜୟଦେବବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଲୋକଙ୍କୁ ନାକେଦମ୍ କରିପକାଉଛି। ସକାଳୁ ରାତି ପର୍ଯ୍ୟନ୍ତ ସବୁବେଳେ ଭିଡ଼ ଲାଗି ରହୁଥିବାବେଳେ ଅଫିସ ସମୟ ଓ ସନ୍ଧ୍ୟାରୁ ରାତି ୧୦ଟା ପର୍ଯ୍ୟନ୍ତ ସ୍ଥିତି ଜଟିଳ ହେଉଛି। ଘଣ୍ଟା ଘଣ୍ଟା ଧରି ଫସି ରହି ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପୁଣି ଦୁର୍ଘଟଣାକୁ ନେଇ ବହୁ ସମୟରେ ରାସ୍ତାରୋକୋ ହେଉଛି। ସମସ୍ୟା ଦୂର ପାଇଁ ଜୟଦେବବିହାର-ବାରଙ୍ଗ ରାସ୍ତାର ଦୁଇ ପାର୍ଶ୍ୱ ଦେଇ ଦୁଇ ସମାନ୍ତରାଳ ରାସ୍ତା କରାଯାଉଛି। ଗୋଟିଏ ହେଲା ଆଚାର୍ଯ୍ୟ ବିହାରରୁ ବାରଙ୍ଗ ଓ ଅନ୍ୟଟି ଖଣ୍ଡଗିରିରୁ ବାରଙ୍ଗ। ହେଲେ ବର୍ଷ ବର୍ଷ ବିତୁଥିଲେ ମଧ ରାସ୍ତା କାର୍ଯ୍ୟ ସରୁନି। କେଉଁଠି ରାସ୍ତା ଅଧା ପଡ଼ିଛି ତ ଆଉ କେଉଁଠି ଜମି ଅଧିଗ୍ରହଣ ହୋଇପାରୁନି। ଫଳରେ ସ୍ମାର୍ଟ ସିଟିର ସ୍ମାର୍ଟ ରାସ୍ତା ସ୍ୱପ୍ନ ହେବାରେ ଲାଗିଛି।

### ୧୫ ମିନିଟର ରାସ୍ତା ଘଣ୍ଟାଏ ଲାଗୁଛି

ଜୟଦେବବିହାର-ନନ୍ଦନକାନନ ରାସ୍ତା କଟକ ଓ ଭୁବନେଶ୍ୱରକୁ ସଂଯୋଗ କରୁଥିବାରୁ ପୂର୍ବାହ୍ନ ୧୦ରୁ ଦିନ ଗୋଟାଏ ଓ ସନ୍ଧ୍ୟା ୫ରୁ ରାତି ୯ଟା ଯାଏ ପ୍ରବଳ ଜାମ୍ ରହୁଛି। ୧୫ମିନିଟ୍‌ର ରାସ୍ତାକୁ ଅତିକ୍ରମ କରିବା ପାଇଁ ଏବେ ଘଣ୍ଟାଏ ଲାଗିଯାଉଛି। ଫଳରେ ଲୋକେ ଫୁଟ୍‌ପାଥ୍‌ରେ ବାଇକ୍ ଚଳାଇ ଭିଡ଼ରୁ ମୁକୁଳିବାକୁ ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି।

### ଖାମଖିଆଲରୁ ବିଳମ୍ବ, ସରୁନି ଜମି ଅଧିଗ୍ରହଣ

ଏସବୁ ରାସ୍ତା ପାଇଁ ବଡ଼ ସମସ୍ୟା ପାଲଟିଛି ଜମି ଅଧିଗ୍ରହଣ। ଘରୋଇ ଜମିଗୁଡ଼ିକୁ ଅଧିଗ୍ରହଣ କରିବା ସହ ସରକାରୀ ଜମିରୁ ଜବରଦଖଲ ହଟାଇବା ଲାଗି ନିର୍ଦ୍ଦେଶ ଥିଲା। ତତ୍କାଳୀନ ଖୋର୍ଦ୍ଧା ଜିଲାପାଳଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯାଇଥିଲା। ପ୍ରଥମେ ସୈନିକ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ମୁଖ୍ୟ ଶାସନ ସଚିବ ଆଲୋଚନା କରି ଜମି ଅଧିଗ୍ରହଣ କରାଯାଇଥିଲା। ସେହିଭଳି ଡମଣା ଛକ ମଧ୍ୟରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର କିଛି ଜମିକୁ ମିଶାଇ ପାଖାପାଖି ୧.୮୪୧ ଏକର ଅଧିଗ୍ରହଣ କରାଯିବା ସହ ଘରୋଇ ଜମି ମାଲିକଙ୍କୁ ଏବବାଦ ଅର୍ଥ ପ୍ରଦାନ କରାଯାଇଥିଲା। ବିଡିଏ ପକ୍ଷରୁ ଜବରଦଖଲଗୁଡ଼ିକୁ ହଟାଇଦିଆଯିବା ସହ କେତେକ ବିବାଦ ପାଇଁ ଓଏସ୍‌ଡି ଓ ଓଡିଏ କୋର୍ଟରେ ଜବରଦଖଲକାରୀଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ରେଲ୍‌ୱେ ଓ ବିଡିଏର ମିଳିତ ଟିମ୍ ୨୦୧୮ ମେ ୪ରେ ଏକ ସର୍ଭେ କରି ଜମି ଅଧିଗ୍ରହଣ, ବିଲ୍ଡିଂ ଭଙ୍ଗା ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ନିଷ୍କର୍ଷ ବାହାର କରାଯାଇ କାର୍ଯ୍ୟ ଆଗକୁ ବଢ଼ିଥିଲା। ସେହିପରି ନେତାଜୀ ସୁଭାଷ ଏନ୍‌କ୍ଲେଭ ନିକଟରୁ ପଟିଆ ରେଲୱେ ଷ୍ଟେଶନ ଓ ପଟିଆ ରେଲୱେ ଷ୍ଟେଶନରୁ ବାରଙ୍ଗ ରୋଡ୍ ଯାଏ ନକ୍ସା ପ୍ରସ୍ତୁତ କରାଯିବା ସହିତ କାର୍ଯ୍ୟ ଆରମ୍ଭ ନେଇ ଯୋଜନା ଆରମ୍ଭ କରାଯାଇଥିଲା। କିନ୍ତୁ ଏହା ମଧ୍ୟରେ ଅଧିକ ଘରୋଇ ଜମି ରହିଥିବାରୁ ଅଧିଗ୍ରହଣ ବଡ଼ ସମସ୍ୟା ପାଲଟିଛି। ଠିକ୍ ସମୟରେ ଦାୟିତ୍ୱରେ ରହୁଥିବା ଅଧିକାରୀ ତତ୍ପରତା ନ ଦେଖାଇବାରୁ ଦିନକୁ ଦିନ ଜମି ମୂଲ୍ୟ ବଢ଼ି ସମସ୍ୟାକୁ ଆହୁରି ଜଟିଳ କରୁଛି। ଫଳରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନି।




### ଆଚାର୍ଯ୍ୟବିହାର-ବାରଙ୍ଗ ରାସ୍ତାର ରୂପରେଖ

୧୩.୭୨ କିଲୋମିଟର ହେବାକୁ ଥିବା ଏହି ରାସ୍ତାଟି ଆଚାର୍ଯ୍ୟ ବିହାରରୁ ଆରମ୍ଭ ହୋଇ ସୈନିକ ସ୍କୁଲ୍, ରେଲ୍‌ୱେ ହସ୍ପିଟାଲ, ରେଲ୍‌ୱେ ଷ୍ଟାଡିୟମ, ନେତାଜୀ ସୁଭାଷ ଏନ୍‌କ୍ଲେଭ, ଡମଣା ଗାଁ ପାର୍ଶ୍ୱ, ପଟିଆ ରେଲୱେ ଷ୍ଟେଶନ ରୋଡ୍ ଦେଇ ସିଧା ବାରଙ୍ଗକୁ ସଂଯୋଗ କରିବ। ପୂର୍ବରୁ ଆଚାର୍ଯ୍ୟବିହାରରୁ ସୈନିକ ସ୍କୁଲ୍ ପର୍ଯ୍ୟନ୍ତ ରାସ୍ତା ରହିଥିବାବେଳେ ପ୍ରାଥମିକ ପର୍ଯ୍ୟାୟରେ ସୈନିକ ସ୍କୁଲ୍ ଛକରୁ ଡମଣା ଗାଁ ପର୍ଯ୍ୟନ୍ତ ରାସ୍ତା ଲାଗି ଟେଣ୍ଡର ହୋଇଥିଲା। ଏଥିପାଇଁ ମୋଟ ୨୫ କୋଟି ୬୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ କାର୍ଯ୍ୟାରମ୍ଭ ହୋଇଥିଲା। ଜମି ଅଧିଗ୍ରହଣ ବ୍ୟବସ୍ଥା ହୋଇଥିଲା। ସେସୁ ଓ ଓପିଟିସିଏଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯିବା ସହ ରାସ୍ତା କଡ଼ରେ ଆବଶ୍ୟକ ଟାୱାର ସ୍ଥାପନ, ୩୩ କେଭି ଓ ୧୧କେଭି ତାର ଟାଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏସବୁ ସହ ରାସ୍ତା କାମ ୨୦୧୮ ମେ’ ମଧ୍ୟରେ ସାରିବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଦେଢ଼ବର୍ଷ ଅତିକ୍ରମ କରିଥିଲେ ମଧ କାର୍ଯ୍ୟ ସରିପାରୁ ନ ଥିବାରୁ ଅଧିକ ସମସ୍ୟା ରହିଥିବା ଅବଶିଷ୍ଟ କାମ କେବେ ସରିବ ତାହାକୁ ନେଇ ଆଶଙ୍କା ପ୍ରକାଶ ପାଇଛି।

### ଅସ୍ୱଷ୍ଟ ଚିତ୍ର, ଅନିଶ୍ଚିତତା

କାର୍ଯ୍ୟର ଅଗ୍ରଗତି ନେଇ ବିଡିଏ ଉପାଧ୍ୟକ୍ଷ ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ପଚାରିବାରୁ ସେ ବିଡିଏ ଇଞ୍ଜିନିୟରିଂ ମେମ୍ବର ଜ୍ଞାନରଞ୍ଜନ ବେହୁରାଙ୍କୁ ଯୋଗାଯୋଗ କରିବାକୁ କହିଥିଲେ। ତେବେ ଇଞ୍ଜିନିୟର ବେହୁରା କୁହନ୍ତି, ପଟିଆ ରେଳ ଷ୍ଟେଶନ ପର୍ଯ୍ୟନ୍ତ କାମ ବିଡିଏ କରୁଛି। ସେଠାରୁ ବାରଙ୍ଗ ପର୍ଯ୍ୟନ୍ତ କାର୍ଯ୍ୟ ପୂର୍ତ୍ତ ବିଭାଗ କରିବ। ବିଭିନ୍ନ କାରଣରୁ ଜମି ଅଧିଗ୍ରହଣ ହେଉପାରୁନି। ଗତବର୍ଷ ମୁଖ୍ୟ ଶାସନ ସଚିବଙ୍କ ସମୀକ୍ଷା ପରେ କାର୍ଯ୍ୟର କ୍ଷେତ୍ର ସ୍ତରୀୟ ଯାଞ୍ଚ କରାଯାଇ ଖୋର୍ଦ୍ଧା ଜିଲାପାଳଙ୍କୁ ଅବଗତ କରାଯାଇଛି। ଜମି ଅଧିଗ୍ରହଣ ହୋଇଗଲେ କାର୍ଯ୍ୟ ଆଗକୁ ବଢିବ ବୋଲି ସେ କହିଛନ୍ତି। ତେବେ ଅଧିଗ୍ରହଣ ସମସ୍ୟାର ସମାଧାନ ନେଇ କୌଣସି ସ୍ୱଷ୍ଟ ସୂଚନା ଦିଆଯାଉ ନ ଥିବାରୁ ସାମନ୍ତରାଳ ରାସ୍ତାକୁ ନେଇ ଅନିଶ୍ଚିତତା ଲାଗି ରହିଛି।

### ଶ୍ରୀଲିଙ୍ଗରାଜ ମନ୍ଦିରରେ ଫଟୋ ଭାଇରାଲ ଘଟଣା
## ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ

ପୁରୁଣା ଭୁବନେଶ୍ୱର, ୨୧।୮ (ଡି.ଏନ.ଏ.)

ଶ୍ରାବଣ ଶେଷ ସୋମବାରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ କାଉଡ଼ିଆଙ୍କ ସମାଗମ ସମୟରେ ଜନୈକ ସେବାୟତ ମନ୍ଦିରର ବିଭିନ୍ନ ସ୍ଥାନରେ ନିଜର ସେଲଫି ଫଟୋ ଉଠାଇ ଫେସବୁକ୍‌ରେ ଅପଲୋଡ କରିଥିଲେ। ଏହି ଫଟୋ ଭାଇରାଲ ହେବାପରେ କେତେକ ଗଣମାଧ୍ୟମରେ ଖବରଟି ପ୍ରକାଶ ପାଇଥିଲା। ବୁଧବାର ଏହାକୁ ଗୁରୁତ୍ୱର ଭାବେ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ସେବାୟତଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିବା ଜଣାପଡ଼ିଛି।

## ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ଦାୟିତ୍ୱ ନେଲେ ସୁଲୋଚନା

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁଲୋଚନା ଦାସ। ବୁଧବାର ସକାଳେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସୁଲୋଚନା କାର୍ଯ୍ୟାଳୟରେ ପହଞ୍ଚି କର୍ମଚାରୀ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଭିନ୍ନକ୍ଷମମାନେ ଯେପରି ନିଜ ଅଧିକାର ପାଇପାରିବେ ଏବଂ ସେମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ସୁବିଧା ସୁଯୋଗ ସମ୍ପର୍କରେ ଅବଗତ ହୋଇପାରିବେ ତାହା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଆଗାମୀ ଦିନରେ ସମସ୍ତ ବିଭାଗକୁ ନେଇ, ବିଶେଷକରି ଭିନ୍ନକ୍ଷମଙ୍କ ପାଇଁ ପ୍ରତ୍ୟେକ ବିଭାଗ ଯେପରି ସଚେତନ ହୋଇପାରିବେ ସେଦିଗରେ କାର୍ଯ୍ୟ କରିବେ। ପରିବହନ ବ୍ୟବସ୍ଥାଠାରୁ ଆରମ୍ଭକରି ପବ୍ଲିକ ବିଲ୍ଡିଂ ପର୍ଯ୍ୟନ୍ତ, ସବୁଠାରେ ଭିନ୍ନକ୍ଷମ ଉପଯୋଗୀ ବ୍ୟବସ୍ଥାମାନ କରାଯିବ। ବେସରକାରୀ ସଂସ୍ଥାମାନେ ଯେପରି ନିଜ ସିଏସ୍‌ଆର୍ ଆକ୍ଟିଭିଟିରେ ଭିନ୍ନକ୍ଷମଙ୍କ ପାଇଁ ଉପଯୋଗୀ କାର୍ଯ୍ୟକ୍ରମମାନ କରିବେ ତାହାଉପରେ ସେ ଗୁରୁତ୍ୱ ଦେବେ ବୋଲି ଦାସ କହିଥିଲେ। ପରେ ଭୀମଭୋଇ ବ୍ଲାଇଣ୍ଡ ସ୍କୁଲ୍‌କୁ ପରିଦର୍ଶନରେ ଯାଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ମିଶିବା ସହ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ।



ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅନ୍ୟମାନଙ୍କ ସହ ରାଜ୍ୟ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା ସୁଲୋଚନା ଦାସ।

### ଅପରାହ୍ନ ୫ରେ ବାହାରିଲା ପ୍ରସାଦ

ପୁରୁଣା ଭୁବନେଶ୍ୱର,୨୧।୮(ଡି.ଏନ୍.ଏ.)

**ଶ୍ରୀଲିଙ୍ଗରାଜ ମନ୍ଦିର**

ଶ୍ରୀଲିଙ୍ଗରାଜଙ୍କ ନୀତି ୫ଘଣ୍ଟା ବିଳମ୍ବ ହେବାରୁ ବୁଧବାର ଠାକୁରଙ୍କ ପ୍ରସାଦ ବାହାରିବାରେ ବିଳମ୍ବ ହୋଇଥିଲା। ଏନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୫ଟା ୧୫ରେ ପ୍ରସାଦ ବାହାରିବା ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ। ସୂଚନାନୁଯାୟୀ, ଠାକୁରଙ୍କ ଆନନ୍ଦବଜାରରେ କୋଠ ରୋଷ ପାଇଁ ରୋଷ ଗୃହର ଆବଶ୍ୟକତା ରହିଥିଲା। ସକାଳ ପ୍ରାୟ ସାଢେ ୯ଟା ପରେ ରୋଷ କାର୍ଯ୍ୟ ଆରମ୍ଭ ହୋଇଥିଲା। ସକାଳ ସାଢେ ୯ଟାରୁ ଠାକୁରଙ୍କ ସାହଣମେଳା ଦର୍ଶନ ଜାରି ରହିଥିଲା। ଅପରାହ୍ନ ୨ଟା ୩୦ରେ ସକାଳ ଧୂପରେ ଠାକୁରଙ୍କ ପ୍ରସାଦ ବାହାରିଥିଲା ବୋଲି ସୂଚନା ଦିଆଯାଇଛି।



ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ଅଙ୍କୁର ଫାଉଣ୍ଡେଶନ ପକ୍ଷରୁ ବୁଧବାର ଅନୁଷ୍ଠିତ ଜନ୍ମାଷ୍ଟମୀ ଉତ୍ସବରେ ସାମିଲ କୁନି ପିଲାମାନେ।

## ପୂର୍ବ ଶତ୍ରୁତାକୁ ନେଇ କଟକରେ ବୋମାମାଡ଼

କଟକ ଅଫିସ,୨୧।୮

ଲାଲବାଗ ଥାନା ଅନ୍ତର୍ଗତ ଡଗରପଡା ଭୂତିଆସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ବୋମାମାଡ ହୋଇଛି। ୩ଜଣ ଦୁର୍ବୃତ୍ତ ଦୁଇଟି ବାଇକ୍‌ରେ ଆସି ଗୋଲକ ପରିଡା(୪୦) ଓ ସମ୍ପର୍କୀୟ ଭାଇ ଲିକୁନା (୩୫)ଙ୍କ ଘର ଉପରକୁ ୪ ବୋମା ଫିଙ୍ଗିଛନ୍ତି। ସେଥିମଧ୍ୟରୁ ୩ ବୋମା ଫୁଟିଥିଲା। ବୋମାମାଡରେ କାନ୍ଥଟି ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଥିସହ ବୋମା ନିଷ୍କ୍ରିୟକାରୀ ଦଳ କୋଟିଏ ଅଫୁଟା ବୋମାକୁ ଜବତ କରି ନିଷ୍କ୍ରିୟ କରିଥିବା ଜଣାପଡିଛି। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ଉପୁଜିବା କାରଣରୁ ସେମାନଙ୍କ ନାଁ ପ୍ରକାଶ କରିବାକୁ ମନା କରିଛି। ଏ ନେଇ ଗୋଲକ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଗୋଲକ ଓ ଉକ୍ତ ଅଞ୍ଚଳର ହାଡିଆଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗୋଲକ ଓ ତାଙ୍କ ଭାଇ ପଦ୍ମନାଭଙ୍କର ଅଶ୍ୱିନୀ ହସ୍ପିଟାଲ ପାଖରେ ଦୁଇଟି ଦୋକାନ ଥିଲା। ସେଥିରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଏଥିରେ ହାଡିଆଙ୍କ ସମ୍ପୃକ୍ତି ଥିବା ନେଇ ଗୋଲକ ଓ ପଦ୍ମନାଭ ସନ୍ଦେହ କରିବା ସହ ଏହାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପୂର୍ବରୁ ହାଡ଼ିଆଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବାବେଳେ ସେ କିଛିଦିନ ତଳେ ଜେଲ୍‌ରୁ ଫେରିଥିଲେ। ବୁଧବାର ଅପରାହ୍ନ ୧ଟାରେ ହାଡିଆ ଓ ତାଙ୍କ ଦୁଇ ଖ୍ୱାଇଁ ଦୁଇଟି ବାଇକ୍‌ରେ ଗଳିମୁଣ୍ଡରେ ଆସି ପହଞ୍ଚିଥିଲେ। ଦୁଇ ଖ୍ୱାଇଁ ଗାଡ଼ି ଷ୍ଟାର୍ଟ କରି ଛିଡ଼ା ହୋଇଥିବାବେଳେ ହାଡିଆ ପ୍ରଥମେ ଲିକୁନାଙ୍କ ଘର ଉପରକୁ ଗୋଟିଏ ବୋମା ଫିଙ୍ଗିଥିଲେ। ପରେ ଗୋଲକଙ୍କ ଘର ଉପରକୁ ତିନୋଟି ବୋମାମାଡ଼ କରିଥିଲେ। ସେଥିରୁ ଦୁଇଟି ବୋମା ଫୁଟିଥିଲା ବୋଲି ଗୋଲକ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ବୋମାମାଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ସୂଚନାଯୋଗ୍ୟ, କିଛିଦିନ ତଳେ ଖାନ୍‌ନଗରରେ ବୋମାମାଡ ହୋଇଥିଲା। ଆଗକୁ ପାର୍ବଣ ଆସୁଥିବାବେଳେ ପୁଣି ବୋମାମାଡ଼ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ଏ ନେଇ ଗୋଲକ କହିଛନ୍ତି, ଉକ୍ତ ଘଟଣା ପରଠାରୁ ମୁଁ ଓ ମୋ ପରିବାର ଭୟଭୀତ ଅବସ୍ଥାରେ ରହିଛୁ। ହାଡିଆ ଜଣେ ବଡ଼ ଗୁଣ୍ଡା ଓ ତାଙ୍କ ପାଖରେ ଅର୍ଥବଳ ରହିଛି। ତେଣୁ ସେ ଆଗକୁ ଆମର ଅନେକ କ୍ଷତି ଘଟାଇପାରେ। ପୋଲିସ ତାଙ୍କୁ କଠୋର ଦଣ୍ଡ ଦେବା ସହ ଆମକୁ ସୁରକ୍ଷା ପ୍ରଦାନ କରୁ। ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର ପରିଡା କୁହନ୍ତି, ଘଟଣା ଘଟିବା ସମୟରେ ଛୋଟ ପିଲାମାନେ ଚଳପ୍ରଚଳ ହେଉଥିଲେ। ଠାକୁରଙ୍କ କୃପାରୁ କାହାର କିଛି କ୍ଷତି ହୋଇନି। ଏ ସମ୍ପର୍କରେ ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି, ତଦନ୍ତ ସରିବା ପରେ ଯାହା କହିହେବ।



ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି। ଜବତ ବୋମା(ଇନ୍‌ସେଟ୍)

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



ସର୍ବଦା ପ୍ରାର୍ଥନା କର, ଯେପରି ଶରୀରର ମୃତ୍ୟୁ ପୂର୍ବରୁ ତୁମ ଭିତରେ ଥିବା ଦୁର୍ଗୁଣଗୁଡ଼ିକର ମୃତ୍ୟୁ ହୋଇଯାଉ।
-ଫ୍ରାଙ୍କଲିନ୍



## ସଂକ୍ଷେପରେ

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ, ୨ ଗୁରୁତର

**ନିମାପଡ଼ା,୨୧।୮(ଡି.ଏନ୍.ଏ.):** ନିମାପଡ଼ା ଥାନା ଅଞ୍ଚଳରେ ବୁଧବାର ବଜ୍ରପାତ ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତା ମହିଳା ହେଲେ ମିଟେଇପୁର ପଞ୍ଚାୟତ ଅନ୍ତର୍ଗତ ବନ୍ତୁ ଭୋଇସାହି ଗ୍ରାମର ଗୀତା ଭୋଇ(୪୫)। ଗୁରୁତର ବିଜୟ ଭୋଇ ଓ ଚଞ୍ଚଳି ଭୋଇଙ୍କୁ ଚିକିତ୍ସା ପାଇଁ ପ୍ରଥମେ ନିମାପଡ଼ା ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ବନ୍ତୁ ଭୋଇସାହି ଗ୍ରାମର କେତେଜଣ ଶ୍ରମିକ ବିଲରେ କାମ କରୁଥିବା ବେଳେ ମଧ୍ୟାହ୍ନରେ ହଠାତ୍ ବଜ୍ରପାତ ଘଟିଥିଲା। ଏହି ବଜ୍ରପାତରେ ଗୀତା, ଚଞ୍ଚଳି ଓ ବିଜୟ ଗୁରୁତର ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ଗ୍ରାମବାସୀ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଗୀତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୯)ରୁଜୁ କରି ତଦନ୍ତ ଚଳାଇଛି। ମୃତା ମହିଳାଙ୍କ ପରିବାରକୁ ସରକାରୀ ସହାୟତା ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କୋଣାର୍କ,୨୧।୮(ଡି.ଏନ୍.ଏ.):** କୋଣାର୍କ ଥାନା ଅନ୍ତର୍ଗତ ଶିରିପୁର ଗ୍ରାମରୁ ପୋଲିସ ବୁଧବାର ଝୁଲନ୍ତା ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ରାଜଶ୍ରୀ ସେଠୀ। ସୂଚନା ଅନୁଯାୟୀ, ଶିରିପୁର ଗ୍ରାମର ରାଜଶ୍ରୀ ଗତ ପ୍ରାୟ ୧୦ବର୍ଷ ପୂର୍ବେ ଏହି ଗ୍ରାମର ଦୁଃଖୀଶ୍ୟାମ ସେଠୀଙ୍କୁ ବିବାହ କରିଥିଲେ। ରାଜସ୍ଥାନର ଏକ ଘରୋଇ କମ୍ପାନୀରେ ଦୁଃଖିଶ୍ୟାମ କାର୍ଯ୍ୟରତ ଥିବା ବେଳେ ତାଙ୍କ ସ୍ତ୍ରୀ ଓ ପୁଅ ଜିତେନ୍ଦ୍ର ପରିବାରଠାରୁ ଅଲଗା ରହୁଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଜିତେନ୍ଦ୍ର ଟ୍ୟୁଶନରୁ ଫେରିବା ପରେ ତାଙ୍କ ମା' ଲୁଗାରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହା ପରେ ସେ ଘର ଲୋକଙ୍କୁ ଜଣାଇବା ସହ ତାଙ୍କ ବାପାଙ୍କୁ ଟେଲିଫୋନରେ ଜଣାଇଥିଲେ। ଖବର ଲେଖା ହେବା ବେଳକୁ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ କହିଛନ୍ତି।

### ଏଡିଏମ୍‌ଙ୍କ ଦାୟିତ୍ୱ ଗ୍ରହଣ

**ପୁରୀ ଅଫିସ, ୨୧।୮:** ପୁରୀର ନୂଆ ଅତିରିକ୍ତ ଜିଲାପାଳ (ଏଡିଏମ୍) ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଦୀପ କୁମାର ସାହୁ। ତାଙ୍କୁ ଅନ୍ୟତମ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସାହୁଙ୍କୁ ସାଧାରଣ ବିଭାଗର ଅତିରିକ୍ତ ଜିଲାପାଳ ଏବଂ ଦାଶଙ୍କୁ ସ୍ୱତନ୍ତ୍ର ଭାବେ ପୁନର୍ବାସ ଓ ପୁନଃ ଥଇଥାନ ବିଭାଗର ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି।

■ ମେଘନାଦ ପାଚେରି ପାର୍ଶ୍ୱ ଉଚ୍ଛେଦର ୩ୟ ଦିନ

# କଟାଗଲା ଶତାୟୁ ବରଗଛ

■ଘଟଣାସ୍ଥଳରେ ପ୍ରସ୍ତୁତ ହେଲା କାଗଜପତ୍ର ■ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରକୁ ବିରୋଧ ■ଅଡୁଆରେ ପ୍ରଶାସନ



**ପୁରୀ ଅଫିସ,୨୧।୮**

ଲଗାତର ତୃତୀୟ ଦିନରେ ପହଞ୍ଚିଛି ମେଘନାଦ ପାଚେରି ପାର୍ଶ୍ୱ ଉଚ୍ଛେଦ ପ୍ରକ୍ରିୟା। ବୁଧବାର ମଧ୍ୟ ଦିନତମାମ୍ ପ୍ରଶାସନ ପକ୍ଷରୁ ଅନେକ ନିର୍ମାଣ ଭଙ୍ଗାଯାଇଛି। ଏଥିସହ ଏକ ଶତାୟୁ ପୁରୁଣା ବରଗଛ କାଟି ହଟାଇ ଦିଆଯାଇଛି। ଏହି ଗଛ କାଟିବା ଲାଗି ଘଟଣାସ୍ଥଳରେ କାଗଜପତ୍ର ପ୍ରସ୍ତୁତ କରାଯାଇଥିଲା। ତେବେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ପ୍ରତିମୂର୍ତ୍ତିକୁ ନେଇ ଅଡୁଆରେ ପଡ଼ିଛି ଜିଲା ପ୍ରଶାସନ। ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରଶାସନ ଚିନ୍ତା କରୁଥିବାବେଳେ ଦେଖାଦେଇଛି ବିରୋଧ। ତେଣୁ ଏ ନେଇ ଅଧିକ ବିଚାର ବିମର୍ଶ ଜାରି ରଖିଛି ପ୍ରଶାସନ। ଅନ୍ୟପକ୍ଷରେ ଯାହା କିଛି କାମ ରହିଛି ଗୁରୁବାର କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଗତ ଦୁଇଦିନ ଭଳି ବୁଧବାର ସକାଳୁ ଆରମ୍ଭ ହୋଇଥିଲା ଉଚ୍ଛେଦ ପ୍ରକ୍ରିୟା। ପ୍ରଥମେ ଅଧାଭଙ୍ଗା କେତେକ ପିଲର ଏବଂ କାନ୍ଥକୁ ଭଙ୍ଗାଯାଇଥିଲା। ପୂର୍ବ ପାର୍ଶ୍ୱସ୍ଥ ସୂଚନାକେନ୍ଦ୍ରର କଂକ୍ରିଟ ଏବଂ ଏହା କଡ଼ରେ ନୂଆ କରି ନିର୍ମିତ କୋଠାର କଂକ୍ରିଟ ପିଲରକୁ ଏକାଧିକ ଜେସିବି ଭାଙ୍ଗିଥିଲେ। ସେହିପରି ବଡ଼ଛତା ମଠ ଏବଂ ମେଘନାଦ ପାଚେରି ମଝି ଅଂଶକୁ ସଫା କରାଯାଇଥିଲା। ରାମଦୟା ପରିଷଦ ପଛପଟେ ପାଚେରି କଡ଼କୁ ଲାଗି ରହିଥିବା ଏକ ବହୁ ପୁରାତନ ବରଗଛକୁ ହଟାଇବାକୁ ନାକେଦମ୍ ହେବାକୁ ପଡ଼ିଥିଲା। ଐତିହ୍ୟର ସୁରକ୍ଷା ଦୃଷ୍ଟିରୁ ଏହି ଗଛକୁ ହଟାଇବା ଆବଶ୍ୟକ ପଡ଼ିଲା ବୋଲି କହିଛନ୍ତି ଏଏସ୍‌ଆଇ କନିଷ୍ଠ ସଂରକ୍ଷଣ ସହାୟକ ଜ୍ୟୋତିରଞ୍ଜନ ପ୍ରଧାନ। ଗଛଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଜଣାପଡ଼ିଥିଲା। କେତେବେଳେ ଏହା ଭାଙ୍ଗି ମେଘନାଦ ପାଚେରି ଉପରେ ପଡ଼ିବା ଆଶଙ୍କା ଥିବାରୁ ଏହାକୁ କାଟିବା ଲାଗି ଘଟଣାସ୍ଥଳରୁ ହିଁ ବନ ବିଭାଗକୁ ଲିଖିତ ଭାବେ ଜଣାଇଥିଲା ଏଏସ୍‌ଆଇ। ବନ ବିଭାଗ ପକ୍ଷରୁ ଅନୁମତି ମିଳିବା ପରେ ଓଡ୍ରାଫ୍ ଟିମ୍ ପହଞ୍ଚି ଗଛକୁ କାଟିଥିଲେ। ଏହି ଗଛ ନିକଟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରହିଥିବାରୁ ଅଧିକ ସତର୍କତା ଅବଲମ୍ବନ କରିଥିଲେ ଓଡ୍ରାଫ ଟିମ୍। ଫଳରେ ଗଛ କଟା ବିଳମ୍ବ ହୋଇଥିଲା। ସନ୍ଧ୍ୟା ହୋଇଯିବାରୁ ଲାଇଟ୍ ଲଗାଯାଇ ଗଛକୁ କଟାଯାଇଥିଲା। ତେବେ ସୂଚନାକେନ୍ଦ୍ର କୋଠା ଉପରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଅନ୍ୟତ୍ର ସ୍ଥାନାନ୍ତର ନ କରିବାକୁ ଦାବି କରି ଅନେକ ଗୋପବନ୍ଧୁ ପ୍ରେମୀ ଘଟଣାସ୍ଥଳରେ ପହଞ୍ଚି ଉପଜିଲାପାଳ ଭବତାରଣ ସାହୁ ଏବଂ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶଙ୍କ ସହିତ ଆଲୋଚନା କରିଥିଲେ। ଶ୍ରୀଜଗନ୍ନାଥ ଭକ୍ତ ସେବା ସଂସ୍ଥାର ପ୍ରତିଷ୍ଠାତା ସମ୍ପାଦକ ଗୋବିନ୍ଦ ପ୍ରସାଦ ମହାନ୍ତି କହିଛନ୍ତି, ବର୍ତ୍ତମାନ ଯେଉଁଠାରେ ପୁଣ୍ୟାତ୍ମା ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ରହିଛି ସେହିଠାରେ ହିଁ ପ୍ରଶାସନ ତାଙ୍କୁ ରଖିବାର ବ୍ୟବସ୍ଥା କରୁ। ବାରମ୍ବାର ସ୍ଥାନାନ୍ତର କରିବା ପୂଜ୍ୟପୂଜାଙ୍କ ପ୍ରତି ଅସମ୍ମାନ ହେବ। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ, ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରାଯାଇ ଯାହା କିଛି ନିଷ୍ପତ୍ତି ନିଆଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି। ଏହି ଉଚ୍ଛେଦ ସମୟରେ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ମୁତୟନ ଥିବାବେଳେ ଏକାଧିକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

■ବଦଳି ହୋଇ ଚାଲିଗଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

# ଧାର୍ଯ୍ୟ ହୋଇପାରିଲାନି ମହାପ୍ରସାଦ ଦର

**ତାଲିକା ପ୍ରସ୍ତୁତି ନିଷ୍ପତ୍ତିକୁ ୭ଦିନ ପରେ ବର୍ଷେ ପୂରିବ**



**ପୁରୀ ଅଫିସ, ୨୧।୮**

ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ବଦଳି ହୋଇ ଚାଲିଗଲେ। ସୁଆର ମହାସୁଆର ନିଯୋଗ କର୍ମକର୍ତ୍ତା ମଧ୍ୟ ପରିବର୍ତ୍ତନ ହୋଇଗଲେ। ମାତ୍ର ଆନନ୍ଦବଜାର ଶୃଙ୍ଖଳା ପାଇଁ ଏପର୍ଯ୍ୟନ୍ତ ମହାପ୍ରସାଦ ଦର ତାଲିକା ଧାର୍ଯ୍ୟ ହୋଇପାରିଲା ନାହିଁ। ପୂର୍ବତନ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ସମୟରେ ନିଆଯାଇଥିବା ଅବଢା ଦର ତାଲିକା ନିଷ୍ପତ୍ତି ସେମିତି ଝୁଲିରହିଛି। ଏହି ନିଷ୍ପତ୍ତିକୁ ଆଉ ୭ଦିନ ପରେ ବର୍ଷେ ପୂରିବ। ଦର ତାଲିକା ନିର୍ଦ୍ଧାରଣ ହୋଇ ନ ପାରିବା ଭକ୍ତଙ୍କ ମନକୁ ଆନ୍ଦୋଳିତ କରିଛି। ଏହି ନିଷ୍ପତ୍ତି କ'ଣ ପାଇଁ ଏବଂ କେଉଁଠି ଅଟକି ରହିଛି ତାହା ଏବେ ପ୍ରଶ୍ନବାଚୀ ହୋଇଛି।

୨୦୧୮ ଅଗଷ୍ଟ ୨୯ ତାରିଖ। ଆନନ୍ଦବଜାରକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସୁଆର ମହାସୁଆର ନିଯୋଗ ସହ ଆଲୋଚନା କରିଥିଲା। ସେହିଦିନ ଆନନ୍ଦ ବଜାର ପାଇଁ ନିଆଯାଇଥିଲା ଏକାଧିକ ନିଷ୍ପତ୍ତି। ତନ୍ମଧ୍ୟରେ ମହାପ୍ରସାଦ ଦର ତାଲିକା (କୁଡୁଆ ଚିତ୍ର ସହ କାହାର ମୂଲ୍ୟ କେତେ) ପ୍ରସ୍ତୁତ ପାଇଁ ସହମତି ହୋଇଥିଲା। ଏହାପରେ ମନ୍ଦିର ପ୍ରଶାସନ ଦର ନିର୍ଦ୍ଧାରଣ ଲାଗି ପ୍ରକ୍ରିୟା ଆରମ୍ଭ କରିଥିଲା। ଏଥିଲାଗି ସ୍ୱତନ୍ତ୍ର ଭାବେ ମହାପ୍ରସାଦ ପ୍ରସ୍ତୁତ କରାଯିବା ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ଏକାଧିକ ଥର ବଦଳି ଥିଲା ତାରିଖ। ଶେଷରେ ଗତବର୍ଷ ଡିସେମ୍ବର ୪ରେ ସ୍ୱତନ୍ତ୍ର ଭାବେ ବରାଦି ଭୋଗରେ ରୋଷେଇ ହୋଇଥିଲା ମହାପ୍ରସାଦ। ମନ୍ଦିର ପ୍ରଶାସନ ଆବଶ୍ୟକ ଡାଲି, ଚାଉଳ, ପରିବା, କୁଡୁଆ ପ୍ରଭୃତି ଯୋଗାଇ ଦେଇଥିଲା। ରୋଷେଇ ପରେ ମୁଖ୍ୟ ପ୍ରଶାସକ କହିଥିଲେ ଏଥିରେ ସାମଗ୍ରୀର ମୂଲ୍ୟ, କେତେ କୁଡୁଆ ଲାଗିଛି, ପାରିଶ୍ରମିକ କ'ଣ ରହିବ ତାହା ବିଚାରକୁ ନିଆଯାଇ ଦର ନିର୍ଦ୍ଧାରଣ ହେବ। ନୂଆବର୍ଷରୁ ଅବଢା ଦର ତାଲିକା ଆନନ୍ଦ ବଜାର ସମେତ ଶ୍ରୀମନ୍ଦିରରେ ବିଭିନ୍ନ ସ୍ଥାନରେ ଲଗାଯିବ। ଏହି ତାଲିକାରେ ଓଳି ଚିତ୍ର ରହିବ। ଓଳିର ସାଇଜ ଓ ଦାମ୍ ଏଥିରେ ଉଲ୍ଲେଖ କରାଯିବ। ଏହାଦ୍ୱାରା ମହାପ୍ରସାଦ କିଣିବା ବେଳେ ଭକ୍ତଙ୍କ ମନରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ରହିବ ନାହିଁ। ଏହାକୁ ଶୁଣି ଭକ୍ତମାନେ ଖୁସି ହୋଇଯାଇଥିଲେ। ତେବେ ଇତିମଧ୍ୟରେ ୮ ମାସରୁ ଊର୍ଦ୍ଧ୍ୱ ବିତିଗଲାଣି। ମାତ୍ର ପଦକ୍ଷେପ ଶୂନ। ଅନ୍ୟପକ୍ଷରେ ମହାପ୍ରସାଦ ଦର ନିର୍ଦ୍ଧାରଣ ପାଇଁ ଯେଉଁ ରୋଷେଇ ହୋଇଥିଲା ତାହା ମହଙ୍ଗା ରହିଥିବା ଶୁଣିବାକୁ ମିଳୁଛି। ବର୍ତ୍ତମାନ ଆନନ୍ଦ ବଜାରରେ ଭକ୍ତ ଯେଉଁ ଦାମ୍‌ରେ ଅବଢା ପାଉଛନ୍ତି ତାଲିକା ପ୍ରସ୍ତୁତ ହେଲେ ଅଧିକ ଦାମ୍ ରହିବ। ତେଣୁ ପ୍ରଶାସନ ଏହି ତାଲିକାକୁ ନେଇ ଦୋଛକିରେ ପଡ଼ିଥିବାରୁ କିଛି ନିଷ୍ପତ୍ତି ନେଇପାରୁ ନ ଥିବା କୁହାଯାଉଛି। ଏ ନେଇ ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ପ୍ରୟାସ ଜାରି ରହିଛି। ଖୁବଶୀଘ୍ର ମହାପ୍ରସାଦ ଦର ତାଲିକା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପରିସର ଏବଂ ଆନନ୍ଦ ବଜାରରେ ଲଗାଯିବ।

# ଛାତ୍ରୀଛାତ୍ର କର୍ମଠ, ଉଚ୍ଚାଭିଳାଷୀ ହେବାକୁ ଆହ୍ୱାନ



ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିଥି ଏବଂ ସଙ୍ଗଠନ କର୍ମକର୍ତ୍ତାଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ରମାନେ।

**ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ**

**ପୁରୀ ଅଫିସ,୨୧।୮**

ପୁରୀ ଜିଲା ସ୍କୁଲର ୧୯୮୪ ବ୍ୟାଚ ଛାତ୍ରୀଛାତ୍ରଙ୍କୁ ନେଇ ଗଠିତ ସୁନୀଲ ମିଶ୍ର ଫାଉଣ୍ଡେଶନ ଆନୁକୂଲ୍ୟରେ ବୁଧବାର ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୨୦୧୯ ମାଟ୍ରିକ ପରୀକ୍ଷାରେ ପୁରୀ ଜିଲା ସ୍କୁଲରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ ମହାପାତ୍ର, ମାନସ ବେହେରା ଓ ଦେବରାଜ ନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବାରୁ ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରି ସୁସ୍ଥ ସମାଜ ଗଠନରେ ସହାୟକ ହେବା ଲାଗି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ପରିସରସ୍ଥ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଫାଉଣ୍ଡେଶନର ସମ୍ପାଦକ ରବି ନାରାୟଣ ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ୧୯୮୪ରେ ଜିଲା ସ୍କୁଲରେ ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଗତ ସୁନୀଲ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୨୦୧୩ ମସିହାରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଅନୁଷ୍ଠାନର ବରିଷ୍ଠ ସଭ୍ୟ ପ୍ରଫେସର ସମରେଶ ମିଶ୍ର ଛାତ୍ରୀଛାତ୍ରଙ୍କୁ କର୍ମଠ ଓ ଉଚ୍ଚାଭିଳାଷୀ ହେବାକୁ ପରାମର୍ଶ ଦେଇଥିଲେ। ଯୋଗେନ୍ଦ୍ର ନାୟକ, ଦିଲୀପ ଦେ, ଆଶିଷ ଚକ୍ରବର୍ତ୍ତୀ, ଅମୀୟ ମହାପାତ୍ର, ଘନଶ୍ୟାମ ସେଠୀ, ଶୁଭାଶିଷ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ଣ୍ଣଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### କାକଟପୁର ମଙ୍ଗଳା ମନ୍ଦିର ପାଇଁ ବାର୍ଷିକ ଟେଣ୍ଡର

# କେହି କଲେନି ଆବେଦନ

**କାକଟପୁର,୨୧।୮(ଡି.ଏନ୍.ଏ.)**

କାକଟପୁରସ୍ଥିତ ମା' ମଙ୍ଗଳାଙ୍କ ବେଢାରେ ଥିବା ଭୋଗ ଓ ଦୀପ ଦୋକାନ, ଗାଡିରୁ ପାର୍କିଂ ଦେୟ ଆଦାୟ, ଜୋତାଷ୍ଟାଣ୍ଡ ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ବାର୍ଷିକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୧୯ତାରିଖ ଶେଷ ତାରିଖ ଥିବା ବେଳେ ଗତ ମଙ୍ଗଳବାର ତଥା ୨୦ତାରିଖରେ ଟେଣ୍ଡର ବାକ୍ସ ଖୋଲିବା ପରେ କେହି ବି ଜଣେ ବ୍ୟକ୍ତି ଏହି ଟେଣ୍ଡର ପାଇଁ ଆବେଦନ କରି ନ ଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଚଳିତବର୍ଷ ଭୋଗ ଦୋକାନ ପାଇଁ ସର୍ବନିମ୍ନ ୫୦ଲକ୍ଷ ଟଙ୍କା, ଦୀପ ଦୋକାନ ପାଇଁ ୭୦ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଅନ୍ୟପକ୍ଷରେ ଭୋଗ ପୁଡିଆ ସର୍ବନିମ୍ନ ୫ଟଙ୍କା ଓ ଗୋଟିଏ ଦୀପକୁ ୨ଟଙ୍କାରେ ବିକ୍ରି ପାଇଁ ଦେବୋତ୍ତର ବିଭାଗ ସର୍ତ୍ତ ରଖିଥିଲା। ମଙ୍ଗଳା ମନ୍ଦିର ବେଢା, ଉତ୍ତର ଦ୍ୱାର ଓ ସିଂହଦ୍ୱାର ସମ୍ମୁଖରେ ଭୋଗ, ଦୀପ ବିକ୍ରି ହେଉଥିଲେ ମଧ୍ୟ ମନ୍ଦିର ପ୍ରଶାସନ ଏନେଇ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ଟେଣ୍ଡର ନେଉଥିବା ବ୍ୟବସାୟୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ବ୍ୟବସାୟୀ ପ୍ରଦୀପ ପଣ୍ଡା କହିଛନ୍ତି। ସୂଚନାଥାଉକି, ୨୦୧୭-୧୮ ମସିହାରେ ସର୍ବନିମ୍ନ ମୂଲ୍ୟ ଅତ୍ୟଧିକ ଥିବାରୁ କେହି ବି ଟେଣ୍ଡର ପାଇଁ ଆବେଦନ କରି ନ ଥିଲେ।

# ୧୪ଦଫା ଦାବିରେ ଗଣଧାରଣା


ନିମାପଡ଼ା-ଗୋପ ସୁରକ୍ଷା ମଞ୍ଚ ପକ୍ଷରୁ ବ୍ଲକ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି।

**ନିମାପଡ଼ା,୨୧।୮(ଡି.ଏନ୍.ଏ.)**

ନିମାପଡ଼ା-ଗୋପ ସୁରକ୍ଷା ମଞ୍ଚ ପକ୍ଷରୁ ୧୪ଦଫା ଦାବି ନେଇ ବୁଧବାର ନିମାପଡ଼ା ବ୍ଲକ ଅଫିସ ସମ୍ମୁଖରେ ଗଣଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ତହସିଲଦାର କମଳଜିତ ଦାସଙ୍କୁ ପ୍ରଦାନ କରାଯାଇଥିଲା। ସୁରକ୍ଷା ମଞ୍ଚର ଆବାହକ ପ୍ରତାପ ମଲ୍ଲିକ, ଶୁଭ୍ରଜିତ ବାରିକ, ପବିତ୍ର ପ୍ରଧାନ, ସଞ୍ଜୟ ବାରିକ, ପ୍ରତାପ ପ୍ରଧାନ, ପ୍ରକାଶ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଏହି ଗଣଧାରଣା ଦିଆଯାଇଥିଲା। ଫନୀରେ ଘର ଭାଙ୍ଗିଥିବା ହିତାଧିକାରୀଙ୍କୁ ଘରଭଙ୍ଗା ସହାୟତା, କୃଷକଙ୍କ କୃଷି ଋଣ ଛାଡ, ସ୍କୁଲ ଓ କଲେଜର ପୁନରୁଦ୍ଧାର କାର୍ଯ୍ୟ, ସମସ୍ତ ଚାଷୀଙ୍କୁ ୩ମାସ ପାଇଁ ବିଦ୍ୟୁତ୍ ଶୁଳ୍କ ଛାଡ, ବଳଙ୍ଗା ଓ ନାଗପୁରଠାରେ ଶୀତଳଭଣ୍ଡାର ନିର୍ମାଣ, କୀଟନାଶକ ଔଷଧ ମାଗଣରେ ଯୋଗାଇଦେବା ଆଦି ଦାବିଗୁଡିକ ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ମଞ୍ଚର କର୍ମକର୍ତ୍ତା କହିଛନ୍ତି।

# ଅସଜଡ଼ା ଭିତ୍ତିଭୂମିରେ ଚାଲିଛି ଶିକ୍ଷାଦାନ

**ବ୍ରହ୍ମଗିରି,୨୧।୮(ଡି.ଏନ.ଏ)**


ସ୍କୁଲ ନିକଟ ପୋଖରୀରେ ପିଲାମାନେ ଥାଳି ଧୋଉଛନ୍ତି।

■ଗୋଟିଏ ଗୃହରେ ୫ ଶ୍ରେଣୀ
■ମଧ୍ୟାହ୍ନଭୋଜନ ଖାଇ ପୋଖରୀରେ ଥାଳି ଧୋଉଛନ୍ତି ପିଲା

ବ୍ରହ୍ମଗିରି ବ୍ଲକରେ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡିଛି। ଏହି ବ୍ଲକ ଅନ୍ତର୍ଗତ କାଣ୍ଡୋଗଦା ପଞ୍ଚାୟତର ମୁଣ୍ଡାଳ ଗ୍ରାମସ୍ଥିତ ମୁଣ୍ଡାଳ ଜାଡିପୁର ପ୍ରାଥମିକ ବିଦ୍ୟାଳୟ ଓ ଯୁଗୋଜ୍ୟୋତି ୟୁପି ଏମଇ ବିଦ୍ୟାଳୟ ଦେଖିଲେ ଭିତ୍ତିଭୂମି ଓ ଏହାର ଶିକ୍ଷା ବ୍ୟବସ୍ଥାରୁ ସବୁ ଅନୁମେୟ ହୋଇଯିବ। ମୁଣ୍ଡାଳ ଜାଡିପୁର ପ୍ରାଥମିକ ବିଦ୍ୟାଳୟଟି ୧୯୫୮ରେ ସ୍ଥାପିତ ହୋଇଥିବାବେଳେ ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଛି। ଏହି ୫ଟି ଶ୍ରେଣୀରେ ବର୍ତ୍ତମାନ ୭୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏମାନଙ୍କ ପାଇଁ ୩ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। କିନ୍ତୁ ଏହି ବିଦ୍ୟାଳୟରେ ଥିବା ଏକ ପୁରୁଣା ଶ୍ରେଣୀଗୃହ ୫ବର୍ଷ ତଳୁ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ତାହା ଫନୀ ବାତ୍ୟାରେ ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ପରେ ଏବେ ଗୋଟିଏ ଶ୍ରେଣୀଗୃହରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ର ବସିପାଠ ପଢୁଛନ୍ତି। ଏ ନେଇ ଶିକ୍ଷକ ଶରତ ସେଠୀ କୁହନ୍ତି, ସରକାରଙ୍କ କୁଠାରୀ ନିୟମାନୁଯାୟୀ ଯେତିକି ଶ୍ରେଣୀକୁ ସେତିକି ଗୃହ ରହିବା ଆବଶ୍ୟକ, କିନ୍ତୁ ଆମ ବିଦ୍ୟାଳୟରେ ୫ଟି ଶ୍ରେଣୀ ଥିବାବେଳେ ଗୋଟିଏ ଶ୍ରେଣୀଗୃହ ଅଛି। ଅନ୍ୟ ଗୋଟିଏ ଗୃହ ଫନୀରେ ଭାଙ୍ଗିଯିବାପରେ ଆମେ ପ୍ରଶାସନ ନିକଟରେ ଆବଶ୍ୟକୀୟ ଶ୍ରେଣୀଗୃହ ପାଇଁ ଅଭିଯୋଗ କରିଛୁ। ସେହିଭଳି ଯୁଗୋଜ୍ୟୋତି ୟୁପି ଏମଇ ବିଦ୍ୟାଳୟରେ ୬ଷ୍ଠ ଓ ୭ମ ଶ୍ରେଣୀ ରହିଛି। ଏହାର ପରିବେଶ ବିପଦପୂର୍ଣ୍ଣ ଭାବେ ରହିଥିବାବେଳେ ଚାରିପଟେ ପାଣି ଜମିରହିଛି। ଫଳରେ ସରୀସୃପଙ୍କ ଭୟ ସର୍ବଦା ଲାଗିରହିଛି। ବିଦ୍ୟାଳୟଟି ରୋଡ ପାର୍ଶ୍ୱରେ ଥିବାରୁ ଏହାର ସୁରକ୍ଷା ପ୍ରାଚୀର ମଧ୍ୟ ନାହିଁ। ଏହାସହ ବିଦ୍ୟାଳୟ ନିକଟରେ ରହିଛି ଦୁଇଟି ପୋଖରୀ। ବିଦ୍ୟାଳୟରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ସମୟରେ ପୋଖରୀ ଉପରେ ନିର୍ଭର କରନ୍ତି। ଫଳରେ ଛୋଟ ପିଲାମାନେ ପୋଖରୀକୁ ଯିବା ନିରାପଦ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରନ୍ତି । ତୁରନ୍ତ ଏହାର ଭିତ୍ତିଭୂମି ସଜାଡ଼ିବାକୁ ଦାବି ହେଉଛି।

■ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ପ୍ରସଙ୍ଗ

# ଓକିଲ ସଂଘର ବିରୋଧ, ଆନ୍ଦୋଳନ ଚେତାବନୀ

**ପୁରୀ ଅଫିସ, ୨୧।୮**

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଯେଉଁଠି ଜିଲାପାଳଙ୍କ କାର୍ଯ୍ୟାଳୟ ରହିଛି ସେଠାରେ ରହୁ ବୋଲି ଦାବି ହୋଇଛି। ଏ ନେଇ ବୁଧବାର ପୁରୀ ଓକିଲ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଆବଶ୍ୟକ ପଡ଼ିଲେ ସଂଘ ଆନ୍ଦୋଳନ ପାଇଁ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି।

ବୈଠକରେ ବାର୍ ସଭାପତି ପ୍ରଶାନ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଉପସଭାପତି ଦେବେନ୍ଦ୍ରନାଥ ମିଶ୍ର, ସମ୍ପାଦକ ବିଭୂତି ଭୂଷଣ ତ୍ରିପାଠୀ, ଯୁଗ୍ମ ସମ୍ପାଦକ ସଂଗ୍ରାମ ଦାଶ, କାର୍ଯ୍ୟକାରୀ ସଦସ୍ୟ ଅଶୋକ ପାଣିଗ୍ରାହୀ, ଅନୁପ ପୃଷ୍ଟି, ଅସୀମ ବାନାର୍ଜୀ, ଚିତ୍ତରଞ୍ଜନ ବିଶ୍ୱାଳ, ରତିକାନ୍ତ ପ୍ରତିହାରୀ, ପୂର୍ବତନ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ପୂର୍ବତନ ସାଧାରଣ ସମ୍ପାଦକ ସାରଦା ସାମଲ ପ୍ରମୁଖ ଯୋଗଦେଇ ଉକ୍ତ ନିଷ୍ପତ୍ତିକୁ ବିରୋଧ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥାନାନ୍ତର ହେଲେ ସାଧାରଣ ଲୋକେ ହଇରାଣ ହେବେ। ବହୁ ଦୂରରୁ କୌଣସି କାମରେ ଆସୁଥିବା ଗରିବ, ଖଟିଖିଆ ଲୋକ ଅଧିକ ଖର୍ଚ୍ଚାନ୍ତ ହେବେ। ସୁରକ୍ଷା ନେଇ ମଧ୍ୟ ପ୍ରଶ୍ନବାଚୀ ରହିଛି ବୋଲି ଉପସ୍ଥାପନ କରିଥିଲେ। ବାର୍ ସମ୍ପାଦକ ତ୍ରିପାଠୀ କହିଛନ୍ତି, ଏ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ଜିଲାପାଳଙ୍କ ସହ ଆଲୋଚନା କରାଯିବ। ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଆଗାମୀ ପନ୍ଥା ସ୍ଥିର ହେବ। ଆବଶ୍ୟକ ପଡ଼ିଲେ, ସାଧାରଣ ଜନତାଙ୍କ ସ୍ୱାର୍ଥ ଲାଗି ଓକିଲମାନେ ରାସ୍ତାକୁ ଓହ୍ଲାଇବେ। ତେଣୁ ରାଜ୍ୟ ସରକାର ନିଜ ନିଷ୍ପତ୍ତିର ପୁନଃ ତର୍ଜମା କରନ୍ତୁ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି। ସେହିପରି ଆଇନଜୀବୀ ପୁଷ୍କର ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ଶ୍ୟାମ ସୁନ୍ଦର ହୋତା, ରମେଶ କୁମାର ସିଂହ୍ନା, ବିମଳେନ୍ଦୁ ଦାଶ, ଜ୍ୟୋତି ପ୍ରକାଶ ମିଶ୍ର, ଏମ୍.ଶିବ ପ୍ରସାଦ ରାଓ, ବିଶ୍ୱନାଥ ଜଗଦେବ, ଚିନ୍ମୟ ଦାଶ, ଶରତ ରାୟଗୁରୁ, ଅଶୋକ ଦାସ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ଏଭଳି ନିଷ୍ପତ୍ତିର ପୁନର୍ବିଚାର କରାଯିବା ଉଚିତ ବୋଲି ଯୁକ୍ତି ବାଢିଥିଲେ।

**ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ସରକାର**


ବୈଠକରେ ଓକିଲ ସଂଘର କର୍ମକର୍ତ୍ତା।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଅବଢା ଯୋଜନାରେ ପୁରୀ ସହରର ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏଥିଲାଗି ୨୬୫ କୋଟି ଟଙ୍କା ମଞ୍ଜୁର ହୋଇଛି। ପ୍ରାୟ ୧୦ ଏକର ଜମିରେ ଲୋକସେବା ଭବନ ନିର୍ମାଣ ପ୍ରସ୍ତାବ ରହିଛି। ଏହି ଭବନରେ ଜିଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟ ରହିବ। ଏଥିସହିତ ପୁରୁଣା ଜେଲ, ଦିଗବାରେଣୀ ଖୁଣ୍ଟି, ଯାତ୍ରିକା ନିକଟରେ ବହୁତଳବିଶିଷ୍ଟ ପାର୍କିଂସ୍ଥଳ ନିର୍ମାଣ କରାଯିବ। ପୌରସଂସ୍ଥା ମାର୍କେଟ କମ୍ପ୍ଲେକ୍ସ ଓ ମହୋଦଧି ମାର୍କେଟ ପୁନରୁଦ୍ଧାର ନିର୍ମାଣ ପ୍ରସ୍ତାବ ରହିଛି। ପ୍ରସ୍ତାବିତ ଲୋକସେବା ଭବନ ବଳିଆପଣ୍ଡା କିମ୍ବା ଶିପସରୁବାଲି ମୌଜାରେ ନିର୍ମାଣର ସମ୍ଭାବନା ରହିଛି। ଗୋଟିଏ କୋଠା ତଳେ ସମସ୍ତ କାର୍ଯ୍ୟାଳୟ ଓ ଅଫିସର ରହିଲେ ଲୋକଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ବୋଲି ସରକାର ଆଶା ବାନ୍ଧିଛନ୍ତି।



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ମଣ୍ଡପରେ ପରିବା ରଖିବା ନେଇ ଦୁଇ ବେପାରୀ ସଂଘ ମାର୍‌ପିଟ

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଇନ୍ଦ୍ରଧନୁ ମାର୍କେଟର ଗଣେଶ ପୂଜା ମଣ୍ଡପରେ ପରିବା ରଖିବାକୁ ନେଇ ବୁଧବାର ଦୁଇ ବେପାରୀ ସଂଘ ମଧ୍ୟରେ ମାର୍‌ପିଟ ହୋଇଛି। ଏ ନେଇ କ୍ଷୁଦ୍ର ବେପାରୀମାନେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ସହ ପରିବା ହାଟରେ ବିଳମ୍ବିତ ରାତି ଯାଏ ଧାରଣା ଦେଇଥିଲେ। ସୂଚନା ମୁତାବକ, ଗଣେଶ ପୂଜା ମଣ୍ଡପ ବାରଣ୍ଡାରେ ସକାଳୁ କେହି ବେପାରୀ ପରିବା ରଖିଥିଲେ। ଯାହାକି ଅନ୍ୟ ଏକ ସଂଘ ସେଠାରେ ଗଣେଶ ପୂଜା କରିବା ପାଇଁ ମଣ୍ଡପକୁ ସଫାସୁତରା କରିଥିଲେ। ପରିବା ରଖିବା ପରେ କେତେଜଣ ବ୍ୟକ୍ତି ଫିଙ୍ଗି ଦେଇଥିଲେ। ଏହା ପରେ ଉଭୟ ସଂଘ ମଧ୍ୟରେ ବଚସା ହେବା ପରେ ମାରପିଟ ହୋଇଥିଲା। ଏ ନେଇ ଦିନ ତମାମ ଉତ୍ତେଜନା ଲାଗି ରହିଥିଲା। ସନ୍ଧ୍ୟାରେ କ୍ଷୁଦ୍ର ବେପାରୀମାନେ ଥାନାରେ ଅଭିଯୋଗ କରିବା ପରେ ପରିବା ହାଟରେ ସନ୍ଧ୍ୟାରେ ଧାରଣାରେ ବସିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ସଂଘକୁ ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ଧାରଣାରେ ବସିଥିବା ପରିବା ବେପାରୀମାନେ କୁହନ୍ତି, ମାର୍କେଟରେ ସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନେ ଅନେକ କ୍ଷେତ୍ରରେ ସେମାନଙ୍କୁ ବିଭିନ୍ନ କାମରେ ବାଧା ଦେଉଛନ୍ତି। ଇଚ୍ଛା ମୁତାବକ ବିଜୁଳି ବିଲ ଆଦାୟ କରୁଛନ୍ତି। ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ, ପରିବା ହାଟ ବନ୍ଦ ରହିବ ବୋଲି କହିଥିଲେ।

### ଘରୋଇ ମେଡିକାଲରେ ଗରିବଙ୍କୁ ମିଳୁ ମାଗଣା ଚିକିତ୍ସା

ଭୁବନେଶ୍ୱର,୨୧।୮(ବ୍ୟୁରୋ): ଗରିବ ରୋଗୀଙ୍କୁ କର୍ପୋରେଟ ହସ୍ପିଟାଲ ଓ ଘରୋଇ ମେଡିକାଲ କଲେଜରେ ମାଗଣା ଚିକିତ୍ସା ଦିଆଯାଉ। ସମାଜବାଦୀ ପାର୍ଟି ରାଜ୍ୟ କମିଟି ସଭାପତି ରବି ବେହେରା ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ପତ୍ର ମାଧମରେ ଏହି ଦାବି ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ, ସୁପ୍ରିମକୋର୍ଟ ବିପିଏଲ ଅନ୍ତର୍ଭୁକ୍ତ ଗରିବ ଲୋକମାନଙ୍କୁ ମାଗଣା ଚିକିତ୍ସା ସୁବିଧା ଦେବା ଲାଗି ଆଦେଶ ଦେଇଛନ୍ତି। ସରକାରଙ୍କଠାରୁ ଶସ୍ତାରେ ଜମି ନେଇଥିବା ଘରୋଇ ଓ କର୍ପୋରେଟ ହସ୍ପିଟାଲ ୧୦% ଅନ୍ତଃବିଭାଗ ଚିକିତ୍ସାଧୀନ ଓ ୨୫% ବହିଃବିଭାଗ ରୋଗୀଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଦେବାକୁ ବାଧ ବୋଲି ଏହି ରାୟରେ କହିଥିବା କଥା ପତ୍ରରେ ଉଲ୍ଲେଖ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଏହି ମେଡିକାଲଗୁଡ଼ିକ ମାନୁ ନ ଥିବାରୁ ଗରିବ ଲୋକମାନେ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁ ନାହାନ୍ତି।

### ମଣ୍ଡଳସ୍ତରୀୟ କ୍ରୀଡ଼ା

ନରାଜ,୨୧।୮(ଡି.ଏନ୍.ଏ.): ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ବାଆଁରାରେ ବାଙ୍କୀ ଡମପଡା ବ୍ଲକର ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସମାଜର ପ୍ରାକ୍ତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସମ୍ପାଦକ ଡା. ସତ୍ୟ ରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥିଭାବେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଯୋଗଦେଇଥିଲେ। ଏଥିରେ ବ୍ଲକର ୨୦ଟି ଉଚ୍ଚବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ୧୨୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ପୁଷ୍ପାଞ୍ଜଳି ପ୍ରଧାନ, ସମିତି ସଭ୍ୟା ବିଦ୍ୟୁଲତା ମାହାଲି, ନାଟ୍ୟକାର ପବିତ୍ର ରାଉତ, ବାଙ୍କୀ-ଡମପଡା ମଣ୍ଡଳ କ୍ରୀଡା ସମ୍ପାଦକ ଦୟାନିଧି ମହାପାତ୍ର, ସନ୍ତୋଷ କୁମାର ପାତ୍ର, ସାରଙ୍ଗଧର ରାଉତ, ଭାସ୍କର ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। କ୍ରୀଡା ଶିକ୍ଷକ କୃପାସିନ୍ଧୁ ପ୍ରଧାନ, ଦିଲୀପ ସାହୁ, ଦାଶରଥି ସାହୁ, ନିରଞ୍ଜନ ମହାନ୍ତି, ବିପିନ ବିହାରୀ ରାଉତ, ଶ୍ରଦ୍ଧାଞ୍ଜଳି ସେଠୀ, ରୀତାଞ୍ଜଳି ସେଠୀ, ଶ୍ୱେତାଲୀନା ରାଉତ, ପ୍ରମୋଦ କୁମାର ରାଉତ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ■ ଅପହରଣ କରି ଶିକ୍ଷୟିତ୍ରୀ ଭଉଣୀଙ୍କୁ ବିବାହ କଲେ ବଡ଼ବାପା ପୁଅ

# ବାପା ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ଜରିମାନା

■ ୩ ବର୍ଷ ଧରି ନିର୍ଯାତିତ ହେଉଛନ୍ତି ଶିକ୍ଷୟିତ୍ରୀଙ୍କ ବାପଘର ଲୋକେ
■ ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ବାସନ୍ଦ ପରିବାର

ଖୋର୍ଦ୍ଧା ଅଫିସ,୨୧।୮

ଖୋର୍ଦ୍ଧା ଜିଲା ବାଣପୁର ଥାନାର ହରିଚନ୍ଦନପୁର। ଏଠାରେ ଭାଇ ଭଉଣୀଙ୍କୁ ବିବାହ କରିବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। ଶିକ୍ଷୟିତ୍ରୀ ଭଉଣୀଙ୍କୁ ଅପହରଣ କରି ବିବାହ କରିଛନ୍ତି ବିବାହିତା ବଡବାପା ପୁଅ ଭାଇ। ଭାଇ ଓ ଭଉଣୀଙ୍କ କାରନାମାକୁ ପ୍ରତିବାଦ କରିବାରୁ ଶିକ୍ଷୟିତ୍ରୀଙ୍କ ବାପ ଘରର ଲୋକେ ୩ବର୍ଷ ହେଲା ନିର୍ଯାତନା ପାଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଭାଇ ଭାଉଣୀର କାରନାମାକୁ ପ୍ରତିବାଦର ଫଳ ଗାଁରେ ବିଭିନ୍ନ ସମୟରେ କଙ୍ଗାରୁ କୋର୍ଟ କରାଯାଇ ଦଣ୍ଡ ଓ ଜରିମାନା କରାଯାଇଛି। ଏଭଳିସ୍ଥଳେ ବାସନ୍ଦ ପରିବାର ବୁଧବାର ଖୋର୍ଦ୍ଧା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ନିର୍ଯାତନାରୁ ରକ୍ଷା ସହ ମାନସିକ ଶାନ୍ତି ପାଇଁ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ହରିଚନ୍ଦନପୁର ଗାଁର କପିଳେନ୍ଦ୍ର ନାୟକ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଶିକ୍ଷକତାରୁ ଅବସର ନେଇଥିଲେ ହେଁ ଝିଅଙ୍କୁ ଶିକ୍ଷୟିତ୍ରୀ କରାଇବାରେ ସଫଳ ହୋଇଥିଲେ। ଝିଅଙ୍କୁ ୨୯ ବର୍ଷ ହୋଇଥିଲେ ମଧ ବିବାହ ହୋଇ ପାରୁ ନ ଥିଲା। ଝିଅଙ୍କ ବିବାହ ବଡବାପା ପୁଅ ଭାଇ ଭାଙ୍ଗି ଦେଉଥିଲେ। ଏକଥା କପିଳେନ୍ଦ୍ର ଜାଣି ପାରି ନ ଥିଲେ। ମାନସିକ ଚାପରେ ଥିବା କପିଳେନ୍ଦ୍ର ଝିଅଙ୍କ ମତାମତକ୍ରମେ ସିକୋ ଗାଁରେ ୨୦।୭।୧୬ରେ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ ବିବାହ ଲାଗି ଛୁଟି ମଞ୍ଜୁର ଉଦ୍ଦେଶ୍ୟରେ ବାପ ଝିଅ ୧୬।୭।୧୬ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସକାଳ ୮ଟାରେ ସ୍କୁଲକୁ ଯିବାରେ ଜଣାପଡିଥିଲା ଝିଅଙ୍କୁ କେହି ଅପହରଣ କରି ନେଇଛନ୍ତି। ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ କିଛି କହି ନ ଥିଲେ। ପରେ ବାଣପୁର ଥାନାରେ ଝିଅଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ରଖି ଚୁପ ହୋଇ ରହିଗଲା। ତେବେ ଶିକ୍ଷୟିତ୍ରୀ ଭଉଣୀଙ୍କୁ ବଡବାପା ପୁଅ ଭାଇ ଅପହରଣ କରି ବିବାହ କରିଥିବା ଜଣାପଡିଥିଲା। ଏକଥା ଜଣାପଡିବା ପରେ ଗାଁରେ କଙ୍ଗାରୁ କୋର୍ଟ ବସି କପିଳେନ୍ଦ୍ର ପରିବାରକୁ ୧ ଲକ୍ଷ ଟଙ୍କା ଜରିମାନା ସହ ବାସନ୍ଦ କରିଦେଲେ। ଭୁଲ ଥିଲା ଭଉଣୀ ସହ ଭାଇର ବିବାହକୁ ପ୍ରତିବାଦ କରିବା। ପରେ ଝିଅ ୧୮।୧୦।୨୦୧୬ରେ କାର୍ଯ୍ୟରେ ଯୋଗ ଦେଲେ। ହେଲେ ଝିଅ ଅପହରଣକାରୀଙ୍କ ସପକ୍ଷରେ ରହିଲେ। ଝିଅ ଅପହରଣ, ସ୍କୁଲରେ ଯୋଗ ଦେବା ଓ କଙ୍ଗାରୁ କୋର୍ଟ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ କେବଳ ଚୁକ୍ତିନାମା ଲେଖାଇ ଆଉ ବାସନ୍ଦ ନ କରିବାକୁ ପୋଲିସ ପରାମର୍ଶ ଦେଇଥିଲେ। ହେଲେ ପୋଲିସର ଚୁକ୍ତିନାମାକୁ ଶୀତଳଭଣ୍ଡାରକୁ ଫୋପାଡି ପୁଣି ବାସନ୍ଦ କରାଯାଇଛି। ଗାଁ ଦାଣ୍ଡରେ ଗଲେ ଚୁଗୁଲି, ଅଶ୍ଳୀଳ ଗାଳିଗୁଲଜ, ମାରପିଟ୍ କରାଯାଉଛି। କବାଟ ଭାଙ୍ଗି ଘରେ ପଶି ସାନପୁଅଙ୍କୁ ଉଠାଇ ନେଇ ମାରପିଟ୍ କରାଗଲା। ଘର ଆଗରେ ବାଡ, ପ୍ରାଚୀର କରିଦେଲେ। ଦାଣ୍ଡକୁ ଯାଉଥିବା ଅଗଣା ପାଣିର ନାଳ ମୁହଁରେ ସିମେଣ୍ଟ କଂକ୍ରିଟ କରି ବନ୍ଦ କରିଦେଲେ। ପୁଅ କରିଥିବା ଗ୍ରାହକ ସେବା କେନ୍ଦ୍ର ଭଙ୍ଗାରୁଜା କଲେ। ଗୁଳି କରି ଘର ପୋଡିଦେବୁ ଧମକ ମିଳୁଛି। ପୋଲିସ ଝିଅ ଅପହରଣ ପରେ ବିବାହ ସମୟରେ ସାବାଳକ ହୋଇଥିବାରୁ କୌଣସି ମାମଲା ରୁଜୁ କରି ନ ଥିଲା। ପରେ ଅଭିଯୋଗ ମୁତାବକ ପୋଲିସ ଦଫା ୧୦୭ରେ ନଂ. ୭୪/୧୯ରେ, ଦଫା ୩୪୧, ୨୯୪, ୩୨୩, ୩୭୯, ୪୨୭, ୪୪୮, ୫୦୬, ୩୪ ଆଇପିସି, ୨୭ ଆର୍ମ୍ସ ଆକ୍ଟରେ ୨୨୦/୧୯ରେ ମାମଲା ରୁଜୁ କରି ଚୁପ ହୋଇ ବସି ରହିଛି। ସେପଟେ ଗୋଟିଏ ପରେ ଗୋଟିଏ ମିଥ୍ୟା କେଶ ପାଇଁ ଅଭିଯୋଗ ଚାଲିଛି। ଏବେ କୋର୍ଟରେ ମକଦ୍ଦମା କରିବାକୁ ଯୋଜନା ଚାଲିଛି।



ପିଜି ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବକୁ ନେଇ ବୁଧବାର କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ଧାରଣାରେ ବସିଛନ୍ତି।

## ପିକ୍‌ଅପ ଧକ୍କାରେ ୨ ଗୁରୁତର

ବାଲକାଟୀ,୨୧।୮(ଡି.ଏନ୍.ଏ.)– ଭୁବନେଶ୍ୱର–ବନମାଳୀପୁର ମୁଖ୍ୟରାସ୍ତାର ମା' ଦୁଲ୍ଲାଦେବୀଙ୍କ ମନ୍ଦିର ନିକଟରେ ବୁଧବାର ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବାଇକ ଆରୋହୀ ଓ ସାଇକେଲ ଚାଳକ ଗୁରୁତର ହୋଇଛନ୍ତି। ୨ଗୁରୁତରଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁରୁତରଦ୍ୱୟ ହେଲେ ବାଲିପାଟଣା ଥାନା ତରାପଡା ଗ୍ରାମର ବଂଶୀଧର ସାହୁ(୩୫) ଓ ପିପିଲି ଅଞ୍ଚଳର ବାହନ ନାୟକ। ସୂଚନା ମୁତାବକ, ଅପରାହ୍ନ ୨ଟା ସମୟରେ ଓଡି ୦୨ବି୪ ୧୭୭୨ ନଂ ବିଶିଷ୍ଟ ପିକଅପ ଭ୍ୟାନଟି ଭୁବନେଶ୍ୱରରୁ ବନମାଳିପୁରପଟୁ ଦ୍ରୁତ ଗତିରେ ଆସୁଥିବାବେଳେ ସମଦିଗରୁ ବାଇକ ଆରୋହୀ ବଂଶୀଧର ଓ ସାଇକେଲ ଚାଳକ ବାହନ ବନମାଳିପୁର ଯାଉଥିଲେ। ମନ୍ଦିର ନିକଟରେ ଭ୍ୟାନଟି ଉଭୟଙ୍କୁ ଧକ୍କା ଦେବାରୁ ସେମାନେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ହସ୍ପିଟାଲ ପଠାଇଥିଲେ। ଖବରପାଇ ବାଲକାଟୀ ଫାଣ୍ଡି ପୋଲିସ ପହଞ୍ଚି ପିକଅପ ଭ୍ୟାନ, ବାଇକ ଓ ସାଇକେଲକୁ ଜବତ କରିଥିବାବେଳେ ଘଟଣାସ୍ଥଳରୁ ପିକଅପ ଚାଳକ ଫେରାର ହୋଇଯାଇଛି।

## ପୁନଃ ତଦନ୍ତ ନ ହେଲେ ହେବ ଆନ୍ଦୋଳନ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

କୁନ୍ଦୁଲି ବଳାତ୍କାର ଘଟଣାରେ ତଦନ୍ତ କମିଶନଙ୍କ ରିପୋର୍ଟକୁ ଅବାସ୍ତବ ଓ ଆଶ୍ଚର୍ଯ୍ୟଜନକ କହି ଦଳିତ, ଜନଜାତି ଓ ଅନଗ୍ରସର ବର୍ଗ ମିଳିତ ମଞ୍ଚ ଏହାକୁ ବିରୋଧ କରିଛି। ଏହାସହ ତଦନ୍ତ କମିଶନ ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସକୁ ମଧ୍ୟ ମହାମଞ୍ଚ ବିରୋଧ କରିଛି। ଏହି ଘଟଣା ପୁନଃ ତଦନ୍ତ ସାପେକ୍ଷ ବୋଲି ମଞ୍ଚ ଦାବି କରିଛି। ଉଚ୍ଚ ନ୍ୟାୟାଳୟଙ୍କ ତତ୍ତ୍ୱାବଧାନରେ ବିଚାର ବିଭାଗୀୟ ତଦନ୍ତ କିମ୍ବା ସିବିଆଇ ତଦନ୍ତ କରାଯାଉ। ପୀଡ଼ିତାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ସୁପାରିସର ଆଧାର କ'ଣ ଓ ପରବର୍ତ୍ତୀ ପରିସ୍ଥିତି ଲାଗି ସରକାର ଦାୟୀ ରହିବେ ବୋଲି ମଞ୍ଚ କହିଛି।

## ଆରମ୍ଭ ହେଲା ରାତ୍ରି ଉଚ୍ଛେଦ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

ସହରରେ ଏବେ ଅପରାହ୍ନରୁ ରାତି ଯାଏ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ସ୍ମାର୍ଟ ସିଟିରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଉଠାଦୋକାନୀମାନଙ୍କ କବଳରୁ ଫୁଟ୍ ପାଥ୍‌କୁ ମୁକ୍ତ କରିବା ଲାଗି ଏହି ପ୍ରୟାସ ଆରମ୍ଭ ହୋଇଛି। ଉଠା ଦୋକାନୀ ଓ ରାସ୍ତାକଡ଼ ପାର୍କିଂକୁ ବନ୍ଦ କରିବା ସହ ଭୁବନେଶ୍ୱରକୁ ସ୍ମାର୍ଟ ଲୁକ୍ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷମାନେ ଏହି କାର୍ଯ୍ୟ ହାତକୁ ନେଇଛନ୍ତି। ଫଳସ୍ୱରୂପ ବୁଧବାର ଅପରାହ୍ନରୁ ରାତିଯାଏ ବିଭିନ୍ନ ସ୍ଥାନରେ ଉଚ୍ଛେଦ କରାଯାଇଛି। ୩ଟି ଟିମ୍ ରାଜମହଲ ଛକଠାରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ରାସ୍ତାର ଦୁଇପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ କରିଛନ୍ତି। ତେବେ ଏହି କାମ ପାଇଁ କ୍ୟାପିଟାଲ ଓ ଖାରବେଳନଗର ଥାନାକୁ ଅବଗତ କରାଯିବା ସହ ପୋଲିସ ଫୋର୍ସର ସହାୟତା ନିଆଯାଇଛି। ଉଚ୍ଛେଦରେ ବହୁ ଉଠା ଦୋକାନୀଙ୍କ ସହ ରାସ୍ତାକଡ଼ରେ ପକାଉଥିବା ଠେଲାଗୁଡ଼ିକୁ ଉଠାଇ ଦିଆଯାଇଛି।

ଉଲ୍ଲେଖଥାଉ କି, ପ୍ରାଥମିକ ଭାବେ ସ୍ମାର୍ଟ ଡିଷ୍ଟ୍ରିକ୍ଟ ଶିଶୁଭବନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ପ୍ରତିଦିନ ୩ଟି ନାଇଟ୍ ସ୍କ୍ୱାଡ ଏହି କାମ କରିବେ। ଦିନ ୪ଟାରୁ ଆରମ୍ଭ ହୋଇ ରାତ୍ରି ୯ଟା ପର୍ଯ୍ୟନ୍ତ ଏନ୍‌ଫୋର୍ସମେଣ୍ଟ ଟିମ୍ ବୁଲିବା ସହିତ ରାସ୍ତାର ଦୁଇପାର୍ଶ୍ୱକୁ ଜବରଦଖଲ ମୁକ୍ତ କରାଇବେ। ବୁଧବାରଠାରୁ ଏହି କାମ ଆରମ୍ଭ ହୋଇଥିବା ବେଳେ ଆଗକୁ ମଧ୍ୟ ଏହା ଜାରି ରହିବ।

# ବିଏସ୍‌ଏନ୍‌ଏଲ୍ ପେନ୍‌ସନଧାରୀ କଲ୍ୟାଣ ସଂଘ ସମ୍ମିଳନୀ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଭାରତୀୟ ସଞ୍ଚାର ନିଗମ ପେନ୍‌ସନର ଅବସରପ୍ରାପ୍ତ କଲ୍ୟାଣ ସଂଘ ଓଡିଶା ଶାଖା ପକ୍ଷରୁ ସ୍ଥାନୀୟ ୩ ନମ୍ବର ୟୁନିଟ ସ୍ଥିତ ବୁଦ୍ଧମନ୍ଦିର ପରିସରରେ ୫ମ ଦ୍ୱିବାର୍ଷିକ ମଣ୍ଡଳ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆସୋସିଏଶନର ରାଷ୍ଟ୍ରୀୟ ସଭାପତି ପି.ଏସ. ରମଣକୁଟି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ଦୂର ସଞ୍ଚାର ଓଡିଶା ସର୍କଲର ମୁଖ୍ୟ ମହାପ୍ରବନ୍ଧକ ଉଦୟ ଶଙ୍କର ପଣ୍ଡା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ବିଏସ୍‌ଏନ୍‌ଏଲ୍ ଉପରେ ଆଜି ବି ଜନସାଧାରଣଙ୍କ ଆଶା ଅତୁଟ ରହିଛି। ଆମେ ଏବେ ପ୍ରତିକୂଳ ପରିସ୍ଥିତି ଦେଇ ଗତିକରୁଛୁ। ଖୁବ୍‌ଶୀଘ୍ର ଏହି ସଙ୍କଟର ସମାଧାନ ହେବ ଓ ଲାଭଜନକ ସଂସ୍ଥା ଭାବେ ଛିଡା ହେବ। ଫନୀ ସମୟରେ ବିଏସ୍‌ଏନ୍‌ଏଲ୍ ଏକମାତ୍ର ସଂସ୍ଥା ନିଜର ସେବା ବଜାୟ ରଖିଥିଲା। ଦୁଇଦିନ ମଧ୍ୟରେ ଜରୁରୀ ଟେଲିଫୋନ ସେବାକୁ ଚାଲୁ କରିବାରେ ସଫଳ ହୋଇଥିଲା। ଏଥିପାଇଁ କେନ୍ଦ୍ର ଟେଲିକମ ମନ୍ତ୍ରଣାଳୟ ଓ ରାଜ୍ୟ ସରକାର ଓଡିଶା ଟେଲିକମ ସର୍କଲକୁ ଉଚ୍ଚ ପ୍ରଶଂସା କରିଥିଲେ। ଟେଲିକମ କର୍ମଚାରୀମାନଙ୍କର ଦୀର୍ଘଦିନ ଦାବି ପୂରଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପଣ୍ଡା ସୂଚନା ଦେଇଥିଲେ। ସମ୍ମିଳନୀରେ ସଂଘର ସମ୍ପାଦକ ତଥା ଆନ୍ଧ୍ର ମଣ୍ଡଳ ସମ୍ପାଦକ ଭାରା ପ୍ରସାଦ, ସର୍ବଭାରତୀୟ କେନ୍ଦ୍ର ସରକାରୀ କର୍ମଚାରୀ ପେନସନଭୋଗୀ କଲ୍ୟାଣ ସଂଘର ସଭାପତି ଜୟକୃଷ୍ଣ ତ୍ରିପାଠୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଏସ୍‌ଏନ୍‌ଏଲ୍ ଓ ଏମଟିଏନଏଲର କର୍ମଚାରୀଙ୍କୁ କେନ୍ଦ୍ର ସରକାର ପେନସନ ଯୋଜନା ଅନୁଯାୟୀ ୨୦୧୬ ଜାନୁୟାରୀରୁ ସଂଶୋଧିତ ପେନସନ ପ୍ରଦାନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘର ଓଡିଶା ଶାଖା ସଭାପତି ରମେଶ ଚନ୍ଦ୍ର ମହାନ୍ତି ଅଧକ୍ଷତାରେ ଏହି ଉତ୍ସବରେ ମଣ୍ଡଳ ସମ୍ପାଦକ ବିଶ୍ୱନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କଳ୍ପନାରୁ ବଡ଼ଗଡ଼ ରାସ୍ତା ହେବ ୪ ଲେନ୍

ଭୁବନେଶ୍ୱର/କଟକ ରୋଡ, ୨୧।୮(ବ୍ୟୁରୋ/ଡି.ଏନ.ଏ.)



ଜବରଦଖଲରେ ଥିବା ଏକ ଘରକୁ ଉଚ୍ଛେଦ କରାଯାଉଛି।

■ ହଟିଲା ଜବରଦଖଲ
■ ବର୍ଷକ ମଧରେ ସରିବ କାମ

କଳ୍ପନା ସିନେମା ହାଲ ଛକରୁ ବଡ଼ଗଡ଼ କେନାଲରୋଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାପାର୍ଶ୍ୱରୁ ବୁଧବାର ଜବରଦଖଲ ହଟିଛି। ରାସ୍ତାପାର୍ଶ୍ୱରେ ଥିବା ଜରି ଛପର ଘରୁଠାରୁ ଆରମ୍ଭ କରି ଅସ୍ଥାୟୀ ଦୋକାନ ମନ୍ଦିର ଓ ବଡ ଗଛଗୁଡ଼ିକୁ ଉଚ୍ଛେଦ କରାଯାଇଛି। ରାସ୍ତାଟିକୁ ୪ ଥାକିଆରେ ପରିଣତ କରିବା ସହ ଉପୁଜୁଥିବା ଟ୍ରାଫିକ୍ ସମସ୍ୟାକୁ ଏଡାଇବା ଲାଗି ପୂର୍ତ୍ତ ବିଭାଗ ଦ୍ୱାରା ଜାରି କରାଯାଇଥିବା ଚିଠି ନଂ. ୨୪୪୩କୁ ଭିତ୍ତି କରି ଏହି ଉଚ୍ଛେଦ କରାଯାଇଛି। ମିଳିତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ (ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି), ପୂର୍ତ୍ତ ବିଭାଗ ଅଧିକାରୀ ଓ କମିଶନରେଟ ପୋଲିସ) ପକ୍ଷରୁ ପୂର୍ବାହ୍ନ ସାଢେ ୧୦ଟା ୩୦ରୁ ଏହି ଉଚ୍ଛେଦ ଆରମ୍ଭ ହୋଇଥିଲା। ଏଥିରେ ଦୁଇଟି ମନ୍ଦିର, ୧୨ ଜରିପାଲ ଥିବା ଦୋକାନ, ୯ ଦୋକାନର ବାହାରକୁ ବାହାରିଥିବା ଆଜବେଷ୍ଟସ, ୩୬ ବାଉଁଶ ବନ୍ଧା ଦୋକାନ, ୭ଟି ହୋର୍ଡିଂ ଓ ଗୋଟିଏ ଘରକୁ ଭଙ୍ଗାଯାଇଛି। ସମୟ ନ ହୋଇଯିବାରୁ କଳ୍ପନାରୁ ଟଙ୍କପାଣିରୋଡ ଜଗନ୍ନାଥ ଆଶ୍ରମ ଯାଏ ହେବାକୁ ଥିବା ଏହି ଉଚ୍ଛେଦକୁ କେନାଲରୋଡ ପାଖରେ ଅଟକାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ପୂର୍ବରୁ ୨୦୧୫ରେ ୬୭ଲକ୍ଷ ବ୍ୟୟ ଅଟକଳ କରାଯାଇଥିବା ବେଳେ ଏବେ ଏହା ୨କୋଟି ୯୦ ଲକ୍ଷରେ ପହଞ୍ଚିଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ–୧ ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ପଚାରିବାରେ ୯ଶହ ମିଟର ରାସ୍ତା ୪ ଥାକିଆ ହେବ। ଏନେଇ ଟେଣ୍ଡର ସରିଥିବା ବେଳେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ମୋଟ ୩ ଗୋଟି ବୁଲଡୋଜର ବ୍ୟବହାର ହୋଇଥିଲା। ଉଚ୍ଛେଦରେ ଉଚ୍ଛେଦ ଅଧିକାରୀ ୨ ପ୍ରମୋଦ କୁମାର ପାତ୍ର, ଯୋଗସୂତ୍ର ଅଧିକାରୀ ସୁଧାଂଶୁ ଶେଖର ମହାନ୍ତି, ବିମଳ କୁମାର ଦାସ, ବଡ଼ଗଡ଼ ଥାନାର ଏସ୍‌ଆଇ ସରିତା ଶତପଥୀଙ୍କ ସହ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ, ଗୋଟିଏ ସେକ୍ସନ ମହିଳା ପୋଲିସ, ଉଚ୍ଛେଦ ଦଳ ନଂ. ୧, ୩, ଦକ୍ଷିଣ ପୂର୍ବ ବିଏମ୍‌ସି ଜୋନର ସ୍କ୍ୱାଡ ପ୍ରମୁଖ ଉପସ୍ଥିତ ଥିଲେ।

# ନରଣପୁରରେ ଦାନ୍ତ, ଚକ୍ଷୁ ଚିକିତ୍ସା ଶିବିର

ନରାଜ,୨୧।୮(ଡି.ଏନ୍.ଏ.)

ନରଣପୁରସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଧବାର ମହାବୀର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଏକ ଦାନ୍ତ ଓ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ରୋଟାରୀ କ୍ଲବ ଅଫ କଟକ ସେଣ୍ଟ୍ରାଲର ସଭାପତି ସନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ସିନିୟର ସିଟିଜେନର ସଦସ୍ୟ ବସନ୍ତ ଦାଶ, ରଣଜିତ ସାହୁ, ଅଭିମନ୍ୟୁ ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ପଞ୍ଜୀକୃତ ୯୯ଜଣ ରୋଗୀଙ୍କ ମଧ୍ୟରୁ ୭୬ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୭ ଜଣଙ୍କୁ ମୋତିଆ ବିନ୍ଦୁ ଚିହ୍ନଟ କରି କଟକକୁ ପଠାଯାଇଛି। ଡା. ଭିଭେକ ଅରଭିନ୍ଦ,ସସ୍ମିତା ଓଝା, ସୁପ୍ରୀତି କର ପରୀକ୍ଷା କରିଥିଲେ। କଟକ ମେଡିକାଲ ଡା.ଆଲଫା ମହାନ୍ତି, ଡା.ମନିକେଶ ମିଶ୍ର, ଡା.ଲିପିକା ଲେଙ୍କା ୨୩ଜଣ ଦାନ୍ତ ରୋଗୀଙ୍କ ପରୀକ୍ଷା କରିଥିଲେ।





ନରଣପୁରସ୍ଥିତ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଦାନ୍ତ ଓ ଚକ୍ଷୁ ଶିବିର।

## ■ ୱାର୍ଡରେ ନିୟନ୍ତ୍ରଣ ହେବ କଠିନ ଓ ତରଳ ବର୍ଜ୍ୟବସ୍ତୁ

# ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୧।୮(ବ୍ୟୁରୋ)

■ ପ୍ରଥମ ପର୍ଯ୍ୟାୟରେ ୧୭ ଟେଣ୍ଡର
■ ବର୍ତ୍ତମାନ ସୁଦ୍ଧା ୩୫ଟି ସ୍ଥାନ ଚିହ୍ନଟ
■ ଘରୁ ବ୍ୟାଟେରି ଗାଡ଼ି ନେବ ଆବର୍ଜନା
■ ଗୋଟିଏ ପ୍ଲାଣ୍ଟରେ ଖର୍ଚ୍ଚ ହେବ ୫୧.୭୬ ଲକ୍ଷ

ସହରରେ ବର୍ଜ୍ୟବସ୍ତୁ ପରିଚାଳନା ଲାଗି ଭୁବନେଶ୍ୱର ମହାନଗର ନିଗମ ଗୁରୁତ୍ୱ ଦେଇଛି। ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ଲକ୍ଷ୍ୟ ନେଇ ସହରର ବିଭିନ୍ନ ୱାର୍ଡରେ ମାଇକ୍ରୋ କମ୍ପୋଷ୍ଟିଂ ପ୍ଲାଣ୍ଟ କରିବା ଲାଗି ବିଏମ୍‌ସି ଅଣ୍ଟା ଭିଡ଼ିଛି। ଏ ନେଇ ପ୍ରଥମ ପର୍ଯ୍ୟାୟରେ ୧୭ଟି ଟେଣ୍ଡର ପାସ କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ୨୬ରୁ ସେପ୍ଟେମ୍ବର ୬ ତାରିଖ ଭିତରେ ଅନ୍‌ଲାଇନରେ ଆବେଦନ କରିପାରିବେ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ଗୋଟିଏ ବଡ଼ ୱାର୍ଡରେ ଗୋଟିଏ କିମ୍ବା ୨–୩ଟି ଛୋଟ ୱାର୍ଡକୁ ନେଇ ଗୋଟିଏ ମାଇକ୍ରୋ ପ୍ଲାଣ୍ଟ ବନାଇବା ଲାଗି ବିଏମ୍‌ସି ଯୋଜନା ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୫ଟି ସ୍ଥାନ ଚିହ୍ନଟ ହୋଇଥିବା ବେଳେ ଅନ୍ୟ ସ୍ଥାନଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ଉପଆୟୁକ୍ତ ଶୁଭେନ୍ଦୁ ସାହୁ କହିଛନ୍ତି। ସେ କହିଛନ୍ତି, ପ୍ରତ୍ୟେକ ପ୍ଲାଣ୍ଟରେ କଠିନ ଆବର୍ଜନାଗୁଡ଼ିକୁ ଦହି ଓ ଗୁଡ଼ ଦିଆଯାଇ ଖତ କରାଯିବ। ତରଳ ବର୍ଜ୍ୟଗୁଡ଼ିକୁ ନିଷ୍କାସନ କରିବା ଲାଗି ଉନ୍ନତ କୌଶଳ ଆପଣାଯିବ। ସେହିପରି ବ୍ୟାଟେରି ଗାଡି ସହଯୋଗରେ ସମସ୍ତଙ୍କ ଘରୁ ଆବର୍ଜନାକ ସଂଗ୍ରହ କରାଯିବ। ଉକ୍ତ ଗାଡ଼ିର ଦୁଇପାର୍ଶ୍ୱରେ ଦୁଇଟି ଭିନ୍ନ ଭିନ୍ନ ରଙ୍ଗର ଡ଼ଷ୍ଟବିନ ରହିବ। ଗୋଟିଏରେ ତରଳ ଓ ଅନ୍ୟଟିରେ କଠିନ ବର୍ଜ୍ୟ ସଂଗ୍ରହ କରାଯିବ। ବର୍ଜ୍ୟରୁ ନିଷ୍କାସିତ ପଲିଥିନ ଓ ପ୍ଲାଷ୍ଟିକ୍ ବର୍ଜ୍ୟକୁ ସିମେଣ୍ଟ ଫ୍ୟାକ୍ଟ୍ରିକୁ ଦିଆଯିବାକୁ ଥିବା ବେଳେ ବାଲି, ଗୋଡ଼ି ଓ ଅନ୍ୟ ସାଧାରଣ ବର୍ଜ୍ୟକୁ କନ୍‌ଷ୍ଟ୍ରକ୍ସନ କମ୍ପାନୀଗୁଡ଼ିକୁ ଦିଆଯିବ। ସହରରେ ଡମ୍ପିଂ ୟାର୍ଡର ବ୍ୟବହାର କମାଇବା ସହ ସ୍ୱଚ୍ଛତାକୁ ବିଶେଷ ଭାବେ ଧ୍ୟାନ ଦିଆଯାଇ ବିଏମ୍‌ସି ପକ୍ଷରୁ ଏହି ଯୋଜନା ହାତକୁ ନିଆଯାଇଛି ବୋଲି ଉପଆୟୁକ୍ତ ସାହୁ କହିଛନ୍ତି।

ଉଲ୍ଲେଖଥାଉ କି, ଭୁବନେଶ୍ୱର ଡିଭିଜନ ୧ରେ ଥିବା ୱାର୍ଡ ନଂ. ୧, ୨, ୩, ୫, ୬, ୭, ୮, ୧୦, ୧୩, ୧୪, ୧୬, ୨୦, ୨୧, ୨୨, ୨୩, ୨୪, ୨୫, ୨୬, ୨୭ ଓ ୪୯ର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପାଇଁ ସ୍ଥାନ ଚିହ୍ନଟ ପରେ ଟେଣ୍ଡର ପାସ ହୋଇଛି। ସେହିପରି ଡିଭିଜନ ୨ରେ ଥିବା ୱାର୍ଡ ନଂ. ୩୨, ୩୩, ୬୨, ୬୩, ୬୪, ୬୫, ୬୬ର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର ପାଇଁ ଟେଣ୍ଡର ରିଲିଜ୍ ହୋଇଛି। ଗୋଟିଏ ପ୍ଲାଣ୍ଟ ପାଇଁ ୫୧.୭୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଧାର୍ଯ୍ୟ କରାଯାଇଥିବା ବେଳେ ମୋଟ ୪୭,୭୧,୧୩୦ ଲକ୍ଷ ଟଙ୍କାର ବ୍ୟୟ ଲକ୍ଷ୍ୟ ରଖାଯାଇଛି। ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା ଯୋଜାନାରେ ବିଏମ୍‌ସି ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି।

# ଉତ୍ତର ଭୁବନେଶ୍ୱର ସମସ୍ୟା ବୁଲି ଦେଖିଲେ ମନ୍ତ୍ରୀ

ଭୁବନେଶ୍ୱର,୨୧।୮(ବ୍ୟୁରୋ)

ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ମଙ୍ଗଳବାର ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ୫ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଉକ୍ତ ନିର୍ବାଚନମଣ୍ଡଳୀର ପଞ୍ଚାୟତଗୁଡିକରେ ଜଳ ସମ୍ପଦ ବିଭାଗ ଅନ୍ତର୍ଗତ ଲିଙ୍ଗିପୁର କେନାଲ ଉପରେ ଥିବା ସମସ୍ତ ବ୍ରିଜର ସମୀକ୍ଷା କରିବା ସହିତ ଝିଙ୍କରଡିହ ମରିଚିଆ ଘେରିବନ୍ଧ ରାସ୍ତାରେ ପ୍ରଶସ୍ତୀକରଣ ବିଷୟରେ ଅଞ୍ଚଳର ଚାଷୀ ଓ ବୁଦ୍ଧିଜୀବୀମାନଙ୍କ ସହିତ ଆଲୋଚନା କରିଛନ୍ତି। ସ୍ଥାନୀୟ ବିଧାୟକ ସୁଶାନ୍ତ ରାଉତ ସାଙ୍ଗରେ ମଧ ସବୁ ଅଞ୍ଚଳ ମନ୍ତ୍ରୀଙ୍କୁ ବୁଲାଇ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଦାସ ଜରିପାଟଣା ଠାରୁ ଆରମ୍ଭ କରି ବରିମୁଣ୍ଡ, ଗଣ୍ଡରପୁର, କଲ୍ୟାଣପୁର, ଖଇରପଡା, ବାଲିପଡା, କେନ୍ଦୁପାଟଣା, ମରିଚିଆ, ପଦାସାହି ଏବଂ ଢାଉଆ ଠାରେ ଚାଷୀମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ମଧ ତାଙ୍କୁ ଅବଗତ କରାଯାଇଛି। ସାଙ୍ଗରେ ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନେଇ ସବୁ ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

# ବିଜ୍ଞାନକୁ ଛାଡ଼ି ରହିବା ମୋ ପାଇଁ କଷ୍ଟଦାୟକ



କାର୍ତ୍ତିକ ସ୍ୱାଇଁ

**ଧରିତ୍ରୀ ଆଳାପ**

ଚନ୍ଦ୍ର ଓ ମଙ୍ଗଳକୁ ଯାନ ପଠାଇ ଭାରତ ମହାକାଶ ବିଜ୍ଞାନରେ ଆଗୁଆ ରାଷ୍ଟ୍ରମାନଙ୍କର ସମକକ୍ଷ ହୋଇପାରିଛି। ବିଶ୍ୱରେ ଆଣିଛି ଏକ ନୂଆ ପରିଚୟ। ଭାରତର ମହାକାଶ ବିଜ୍ଞାନର ବିକାଶ ଧାରାରେ ନିଜକୁ ସାମିଲ କରିଥିବା ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁଙ୍କ ସହ ଅଳ୍ପ ଆଳାପ।

**ବୈଜ୍ଞାନିକ ହେବେ, ଏହା କ'ଣ ପିଲାଦିନର ଇଚ୍ଛା ଥିଲା?**

● ଜଗତ୍‌ସିଂହପୁର ନାଉଗାଁ ବ୍ଲକ ନୟାସିଙ୍ଗଡ଼ ଗ୍ରାମରେ ୧୯୫୯ ମସିହାରେ ମୋର ଜନ୍ମ। ଅଙ୍ଗେଶ୍ୱରପଡା ଉଚ୍ଚ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପଢୁଥିବାବେଳେ ରୁଷିଆ ମହାକାଶକୁ ପ୍ରେରଣ କରିଥିବା ସ୍ପୁଟ୍‌ନିକ ମହାକାଶ ଯାନ ସମ୍ପର୍କରେ ଜାଣିବାକୁ ପାଇଥିଲି। ମାଇକେଲ ଫାରାଡେ ଜଣେ ବହି ବନ୍ଧାଳି ହୋଇ ଯଦି ବୈଜ୍ଞାନିକ ହୋଇପାରିଲେ ତେବେ ମୁଁ କାହିଁକି ହୋଇପାରିବିନି?- ଏ ଚିନ୍ତା ସେତେବେଳେ ମୋ ମନକୁ ମଧ୍ୟ ଆସିଥିଲା। ନିଜେ ଜଣେ ବୈଜ୍ଞାନିକ ହେବି ବୋଲି ଆଶା କରିଥିଲି, କିନ୍ତୁ ସ୍ୱପ୍ନ ନ ଥିଲା।

**କେଉଁ ଘଟଣା ବୈଜ୍ଞାନିକ ହେବାକୁ ପ୍ରେରଣା ଦେଇଥିଲା?**

● ରେଭେନ୍ସା କଲିଜିଏଟ୍ ସ୍କୁଲରୁ ଏକାଦଶ ପାସ ଓ ରେଭେନ୍ସା କଲେଜରୁ ଆଇଏସ୍‌ସି ଓ ବିଏସ୍‌ସି (ପଦାର୍ଥ ବିଜ୍ଞାନ ସମ୍ମାନ)ରେ ସ୍ନାତକ ଡିଗ୍ରୀ କରିବାପରେ ଦିଲ୍ଲୀରେ ସ୍ନାତକୋତ୍ତର ଶିକ୍ଷା ଲାଭ କରୁଥିବା ସମୟରେ ଆଇଏଏସ୍ ହେବାକୁ ଚାହିଁଥିଲି। କିନ୍ତୁ ନିୟତିର ଗତି ଥିଲା ଭିନ୍ନ। ବୈଜ୍ଞାନିକ ହେବି- ପିଲାଦିନର ଏହି ଆଶା ପୁଣି ମୋ ମନକୁ ଆସିଥିଲା। ସେଠାରେ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସରେ ନାମ ଲେଖାଇ ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କଲି। ସେହି ସମୟରେ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ)ର ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ସେଥିରେ ନିଯୁକ୍ତି ଲାଗି ଆବେଦନ କରି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇସ୍ରୋରେ ବୈଜ୍ଞାନିକ ସହାୟକ ଭାବେ ଯୋଗଦେଇଥିଲି। ସେଠାରେ ଶିକ୍ଷା ଓ ପ୍ରଶିକ୍ଷଣ ଲାଭ କରି ବୈଜ୍ଞାନିକ ପଦବୀରେ ଅବସ୍ଥାପିତ ହୋଇଥିଲି।

**ଚାକିରିର ପ୍ରଥମ ଓ ଶେଷଦିନ କେମିତି ଥିଲା?**

ଇସ୍ରୋରେ ଯୋଗଦେବା ପରେ ପ୍ରଥମ ଦିନର ଅନୁଭୂତି ଭଲ ନ ଥିଲା। ମୋ ପାଖରେ କିଏ ବୈଜ୍ଞାନିକ ଓ କିଏ ଇଞ୍ଜିନିୟର ତାହା ମୁଁ ଜାଣିପାରି ନ ଥିଲି। ପ୍ରଥମେ ପ୍ରଥମେ ଜେରକ୍ସ କରିବା ମୋର କାମଥିଲା। ମୁଁ ଭାବିଲି ଏହା କ'ଣ ମୋ କାମ? ଏ ପ୍ରକାର ଭାବନା କିଛି ଦିନ ପରେ ଦୂର ହୋଇଯାଇଥିଲା। ଧୀରେଧୀରେ ମୁଁ ପ୍ରଶିକ୍ଷଣ ପାଇ ଗବେଷଣା ଆରମ୍ଭ କଲି। ଯେଉଁଦିନ ଚାକିରିରୁ ଅବସର ନେଲି ସେଦିନ ବି ମୋ ମନ ଦୁଃଖ ନ ଥିଲା। ଦେଶ ପାଇଁ ମହାକାଶ ଗବେଷଣାରେ ଦୀର୍ଘ ବର୍ଷ କାମ କରିଥିବାରୁ ମୁଁ ଗର୍ବ ଅନୁଭବ କରୁଥିଲି।

**ମହାକାଶ ବିଜ୍ଞାନରେ ଭାରତର ଯୋଗଦାନ କେମିତି ରହିଛି?**

● ଭାରତରେ ମହାକାଶ ବିଜ୍ଞାନର ଯୁଗ ଆରମ୍ଭ ହୋଇଛି ୧୯୬୩ ମସିହାରୁ। ଭାରତର ମହାକାଶ ବିଜ୍ଞାନର ଜନକ ଡ.ବିକ୍ରମ ସରାଭାଇ ଓ ଡ.ହୋମି ଭାବା, ଡ.ସତୀଶ ଧାୱନ ଓ ଡ. ଏପିଜେ ଅବଦୁଲ କଲାମଙ୍କ ନେତୃତ୍ୱ ଯୋଗୁ ଭାରତୀୟ ମାହକାଶ ବିଜ୍ଞାନ ବହୁ ଆଗକୁ ଯାଇପାରିଛି। ପିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭି ଆଦି ଉପଗ୍ରହ ମହାକାଶକୁ ପ୍ରେରଣ କରିବାରେ ଆମକୁ ସଫଳତା ମିଳିଛି। ଚନ୍ଦ୍ରୟାନ-୧ ଓ ଚନ୍ଦ୍ରୟାନ-୨ ଆମ ନିଜସ୍ୱ ଜ୍ଞାନକୌଶଳ ବିକାଶର ପରିମାପକ। ଚନ୍ଦ୍ରୟାନ-୨ ଏକ ଗୌରବମୟ ଇତିହାସ ସୃଷ୍ଟିକରିବ। ମଙ୍ଗଳୟାନକୁ ପ୍ରଥମ ପ୍ରୟାସରେ ମଙ୍ଗଳ କକ୍ଷରେ ଅବସ୍ଥାପିତ କରି ଭାରତ ତା'ର ମହାକାଶ ବିଜ୍ଞାନର ଦକ୍ଷତା ପ୍ରତିପାଦିତ କରିଛି।

**ଚନ୍ଦ୍ରୟାନରୁ ମଙ୍ଗଳୟାନରେ କେଉଁ ଭୂମିକା ନିଭାଇଛନ୍ତି?**

● ଚନ୍ଦ୍ରୟାନ-୧ରେ ସକ୍ରିୟ ଭାବେ କାମ କରିଥିଲି। ଆରଏଚ୍ କମ୍ୟୁନିକେଶନ, ଆଣ୍ଟିନା, ରିସିଭର, ଟ୍ରାନ୍ସମିଟର ପ୍ରସ୍ତୁତିରେ ମୁଁ କାର୍ଯ୍ୟ କରିଥିଲି। ମୁନ୍ ଇମ୍ପାକ୍ଟ ପ୍ରୋବ(ଏମ ଆଇ ପି)ର ବିଭିନ୍ନ ଆଣ୍ଟେନା ପରୀକ୍ଷା କରି ସାର୍ଟିଫିକେଟ ଦେଇଥିଲି। ଏମ୍‌ଆଇପି ଯେଉଁଦିନ ଚନ୍ଦ୍ରପୃଷ୍ଠରେ ପଡିଥିଲା ସେହିଦିନ ମୋ ଖୁସିର ସୀମା ନଥିଲା। ଭାବିଥିଲି ସତରେ ଯେମିତି ମୁଁ ଚନ୍ଦ୍ରକୁ ଛୁଇଁ ଦେଇଛି। ମଙ୍ଗଳୟାନ ପ୍ରୋଜେକ୍ଟରେ ମୁଖ୍ୟ ଟିମ୍‌ରେ ନ ଥିଲେ ବି ଅନ୍ୟ ବୈଜ୍ଞାନିକମାନଙ୍କ ସହ ଟିମ୍ ୱର୍କରେ ମୋର କିଛି ଭୂମିକା ରହିଥିଲା।

**ଗବେଷଣା ପାଇଁ କେତେ ସମୟ ଦେଉଥିଲେ?**

● ଗବେଷଣା ସହ ପ୍ରୋଜେକ୍ଟ ଦୁଇଟା ଏକାବେଳକେ କରିବାକୁ ପଡୁଥିଲା। ପ୍ରୋଜେକ୍ଟ ପାଇଁ କେତେ ସମୟ ଓ ଗବେଷଣାରେ କେତେ ସମୟ ଦିଏ ସେମିତି ଗୋଟିଏ ଦିନରେ କିଛି ନିର୍ଦ୍ଦିଷ୍ଟତା ନ ଥାଏ। ମହାକାଶ ବିଜ୍ଞାନ କ୍ଷେତ୍ରରେ କାର୍ଯ୍ୟ ପାଇଁ ଇସ୍ରୋରୁ ମୁଁ ଏକ୍ସଲେଣ୍ଟ ସର୍ଭିସ ଆୱାର୍ଡ ପାଇଛି।

**ଅବସର ପରେ କ'ଣ ଯୋଜନା ରଖିଛନ୍ତି?**

● ଚାକିରିରୁ ଅବସର ନେବା ୧ ମାସରୁ ବେଶି ହୋଇଗଲାଣି। ଜଣେ ବୈଜ୍ଞାନିକ ସବୁବେଳେ ବୈଜ୍ଞାନିକ। ଚାକିରି ଓ ଅବସର ଜୀବନରେ ବି। ବିଜ୍ଞାନକୁ ଛାଡି ରହିବା ମୋ ପାଇଁ କଷ୍ଟଦାୟକ। ଯଦି ଓଡ଼ିଆ ମାଧ୍ୟମ ସ୍କୁଲରୁ ମୋତେ ଅନୁରୋଧ କରାଯାଏ ତେବେ ପିଲାମାନଙ୍କ ପାଖରେ ମହାକାଶ ବିଜ୍ଞାନ ସମ୍ବନ୍ଧରେ ଅନେକ ତଥ୍ୟ ଉପସ୍ଥାପନ କରିବି। ଓଡ଼ିଶାରେ ଅନ୍ତରୀକ୍ଷ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଯାଜନା ରଖିଛି।

**ଲେଖାଲେଖି କରିବା ପାଇଁ ସମୟ କେମିତି ପାଆନ୍ତି?**

● ବୈଜ୍ଞାନିକ ଜୀବନର ବ୍ୟସ୍ତତା ଭିତରେ ମୁଁ ଲେଖିବାକୁ ଭଲ ପାଏ। ମୋର ୧୭ଟି ଗଳ୍ପ ଓ ୫ଟି କବିତା ସଂକଳନ ରହିଛି। ଦୁଇଟି ଉପନ୍ୟାସ ମଧ୍ୟ ଲେଖିଛି। ପିଲାମାନଙ୍କ ପାଇଁ ବିଭିନ୍ନ ବିଜ୍ଞାନଭିତ୍ତିକ ବହି ଲେଖିଛି। ମହାକାଶ ବିଜ୍ଞାନ ସମ୍ବନ୍ଧିତ ବହୁ ଇଂରାଜୀ ବହି ପିଲାମାନଙ୍କ ପାଇଁ ଓଡ଼ିଆରେ ଅନୁବାଦ କରିଛି। କଥାକଳିକାର ସାହିତ୍ୟ ସମ୍ମାନ ଓ ନାଗରା ସମ୍ମାନ ମୋତେ ପ୍ରଦାନ କରାଯାଇଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ ଲେଖା ଲାଗି ଭୁବନେଶ୍ୱର ପୁସ୍ତକମେଳାରେ ମୋତେ ସମ୍ମାନିତ କରାଯାଇଛି।

**ମହାକାଶ ବିଜ୍ଞାନରେ ଓଡ଼ିଶାର ଭୂମିକା କ'ଣ ରହିଛି?**

● ୧୯୮୫ ମସିହାରେ ମୁଁ ଯେତେବେଳେ ଇସ୍ରୋରେ ଯୋଗ ଦେଇଥିଲି ସେତେବେଳେ ସେଠାରେ ପାଖାପାଖି ୩୦ ଜଣ ଓଡ଼ିଆ ଥିଲେ। ଏବେ ଇସ୍ରୋର ବିଭିନ୍ନ କେନ୍ଦ୍ରରେ ଅନେକ ଓଡ଼ିଆ କାର୍ଯ୍ୟରତ। ରିମୋଟ ସେନ୍‌ସିଂ ସାଟେଲାଇଟ୍ ଡାଟାକୁ ବ୍ୟବହାର କରିବାରେ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ। ଚନ୍ଦ୍ରୟାନ ଓ ମଙ୍ଗଳୟାନ ପାଇଁ ସିଟିସି(ଭୁବନେଶ୍ୱର)ରୁ ମଧ୍ୟ କିଛି ପାର୍ଟସ ନିର୍ମାଣ ହୋଇ ସେଥିରେ ଲାଗିଛି। ଆଗକୁ ମହାକାଶ ବିଜ୍ଞାନର ବିକାଶରେ ଓଡ଼ିଶାର ଯୋଗଦାନ ବଢ଼ିବ।

**ସ୍ମରଣୀୟ ଦିନ?**

● ୨୦୦୮ରେ ଯେଉଁଦିନ ଚନ୍ଦ୍ରୟାନ-୧ ମୁନ୍ ଇମ୍ପାକ୍ଟ ପ୍ରୋବ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା ସେହିଦିନଟି ମୋ ପାଇଁ ସବୁଠାରୁ ସ୍ମରଣୀୟ। ବୈଜ୍ଞାନିକ ସହାୟକରୁ ବୈଜ୍ଞାନିକ ହେବା ଦିନଟି ମୋ ପାଇଁ ମଧ୍ୟ ସ୍ମରଣୀୟ ହୋଇ ରହିବ।

**ଡ. ଏପିଜେ ଅବଦୁଲ କଲାମଙ୍କ ସହ ସାକ୍ଷାତ କେମିତି ଥିଲା?**

● ଭାରତର ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ର ଜନକ ଡ.ଏପିଜେ ଅବଦୁଲ କଲାମଙ୍କ ସହ ଅତି ନିକଟରୁ ୨ଥର ସାକ୍ଷାତ ହୋଇଥିଲା। ୧୯୯୦ରେ ମୁଁ ଇସ୍ରୋ ତରଫରୁ ମହାକାଶ ବିଜ୍ଞାନର ଏକ ପ୍ରଦର୍ଶନୀକୁ ଯାଇଥିଲି। ଡ. କଲାମ ମଧ୍ୟ ସେଠାକୁ ଆସିଥିଲେ। ମୋ କାନ୍ଧରେ ହାତ ରଖି ମୋତେ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଥିଲେ। ତା 'ପରେ ଇସ୍ରୋକୁ ବହୁଥର ଆସିଛନ୍ତି ଓ ମୋର ବି ଦେଖା ହୋଇଛନ୍ତି , କିନ୍ତୁ ତାଙ୍କ ସହ ପ୍ରଥମ ସାକ୍ଷାତ ଅଭୁଲା ହୋଇରହିବ।

-ଶିବ ପ୍ରସାଦ ପୁହାଣ



ଶଶାଙ୍କ ଶେଖର

ଖୋର୍ଦ୍ଧା ବାଜପୁରରେ ଜନ୍ମିତ ଶଶାଙ୍କ ଶେଖର ୬ଷ୍ଠ ଶ୍ରେଣୀରୁ ଗୀତ ଶିଖିବା ଆରମ୍ଭ କରି ଏବେ ଓଡ଼ିଶାର ଜଣେ ଆଗଧାଡ଼ିର କଣ୍ଠଶିଳ୍ପୀ। କଭର୍‌ସଙ୍ଗ ପ୍ରସ୍ତୁତ କରି ଜାତୀୟ୍ ସ୍ତରରେ ବି ବେଶ୍ ଜଣାଶୁଣା। ସଫଳତାର ସବୁ ଶ୍ରେୟ୍ ଗୁରୁ ଚନ୍ଦନ କୁମାର ଜେନାଙ୍କୁ ଦେଉଥିବା ଏହି କଣ୍ଠଶିଳ୍ପୀ ୟୁ-ଟ୍ୟୁବ୍ ଜଗତରେ ମଧ ଜଣେ ପରିଚିତ ଚେହେରା। 'ଦିନେ ଫୁଟିଥିଲା ଫୁଲ ଗୀତ...' ପାଇଁ ୨୦୧୮ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଶଶାଙ୍କ ଶେଖରଙ୍କ ଅନୁଭୂତିରୁ କିଛି...

**ଗୋଅନୁଭୂତି**

## ସାଙ୍ଗମାନେ ମୋତେ ମିଛୁଆ ଭାବୁଥିଲେ

ସଙ୍ଗୀତ ଦୁନିଆରେ ପାଦ ଥାପିବା ପରେ ପ୍ରତିଷ୍ଠା ପାଇବାକୁ ବହୁତ ବିଳମ୍ବ ହୋଇଥିଲା। ଓଡ଼ିଶାରେ ଏହା ଜଣେ କଳାକାରଙ୍କ ପାଇଁ ବି ଏତେ ସହଜ ନୁହେଁ। ଏଣୁ ପ୍ରାୟ ୧୦ବର୍ଷ ଧରି ବିଭିନ୍ନ ଜାତୀୟ ଗଣମାଧ୍ୟମର ରିଏଲିଟି ଶୋ'ରେ ଭାଗ ନେଇଛି। ଜାତୀୟ ସ୍ତରରେ ପରିଚୟ ପାଇବାକୁ ଚେଷ୍ଟା କରିଛି। ଯେଉଁ ରିଏଲିଟି ଶୋ'ରେ ଭାଗ ନିଏ ତା'ର ଅପ୍‌ଡେଟ ଖବର ମୁଁ ମୋ ଫେସ୍‌ବୁକରେ ଅପ୍‌ଲୋଡ କରେ। ଏପରିକି ଅଡିଶନ୍‌ରେ ଭାଗ ନେବାଠାରୁ ଆରମ୍ଭ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ପର୍ଯ୍ୟନ୍ତ ସମସ୍ତ ଘଟଣାବଳୀ ମୋ ଫେସ୍‌ବୁକ ଟାଇମ୍‌ଲାଇନରେ ଅପ୍‌ଲୋଡ ହୁଏ। ବିଭିନ୍ନ ଲୋକ ଏହି ପୋଷ୍ଟ ଉପରେ କମେଣ୍ଟ ଦିଅନ୍ତି ଓ ଶୁଭେଚ୍ଛା ଜଣାନ୍ତି। ହେଲେ ରିଏଲିଟି ଶୋ'ରେ ମୋ ଅଂଶଗ୍ରହଣ କରିବା ତଥା ଅଡିଶନ୍‌ର କୌଣସି ଭିଡ଼ିଓ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ହୁଏନି। ସେମାନେ ବଛାବଛା ଭିଡ଼ିଓ କେବଳ ଚ୍ୟାନେଲରେ ପ୍ରଦର୍ଶିତ କରନ୍ତି। ଯାହା ଫଳରେ ମୋ ସାଙ୍ଗମାନେ ଏହାକୁ ନେଇ ମଜା ଉଠାନ୍ତି। ଏପରିକି ମୁଁ କୌଣସି ରିଏଲିଟି ଶୋ'ରେ ଭାଗ ନେଇନି କିମ୍ବା ପରବର୍ତ୍ତୀ ପର୍ଯ୍ୟାୟକୁ ଯାଇନି ବୋଲି ସେମାନେ କୁହନ୍ତି। ମୁଁ ସବୁବେଳେ ମିଛ କହୁଛି ବୋଲି ସେମାନେ କହୁଥିଲେ। ମୋତେ ବି ପୂରା ମିଛୁଆ ଭାବୁଥିଲେ। ହେଲେ ୨୦୧୮ ମସିହାରେ ଟିଭିରେ ରାଇଜିଂ ଷ୍ଟାର୍ ଶୋ'ରେ ମୁଁ ଆସିବା ପରେ ତାଙ୍କର ସବୁ ଆଶଙ୍କା ଦୂର ହୋଇଯାଇଥିଲା। ଏଥିରେ ମୋ ପ୍ରଦର୍ଶନ ବହୁତ ଭଲ ରହିଥିଲା। ଶ୍ରେଷ୍ଠ ୧୦ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସାମିଲ ହୋଇଥିଲି। ଯେଉଁ ସାଙ୍ଗମାନେ ମୋତେ ମିଛୁଆ ବୋଲି ଧରିନେଇଥିଲେ ସେମାନଙ୍କର ସେତେବେଳେ ହିଁ ମୋ ଉପରେ ବିଶ୍ୱାସ ଆସିଥିଲା।

ଆଉ ଏକ ଅନୁଭୂତିର କଥା। ଭୁବନେଶ୍ୱରରେ ଅନୁଷ୍ଠିତ ରାହଗିରି କାର୍ଯ୍ୟକ୍ରମରେ ଏକ ରୋଡ ଶୋ' କରୁଥିଲି। ମୋତେ ଚିହ୍ନି ନ ଥିବା କିଛି ଯୁବକ ମୋ ଗୀତ ଶୁଣିବା ସହ ମୋ ବେଶଭୂଷା ଦେଖି ଅରଜିତ୍ ସିଂ ବୋଲି ଭାବିନେଇଥିଲେ। ସେମାନେ ମୋ ଗୀତ ଗାଇବାର ଦୃଶ୍ୟକୁ ଭିଡ଼ିଓ ରେକର୍ଡିଂ କରି ୟୁ-ଟ୍ୟୁବ୍‌ରେ ମଧ ଅପ୍‌ଲୋଡ କରିଥିଲେ। ତା'ର ଶୀର୍ଷକ ରଖିଥିଲେ 'ଅରଜିତ୍ ଆଟ୍ ଭୁବନେଶ୍ୱର ରାହଗିରି'। ଏହି ଭିଡ଼ିଓ ମୋ ପାଖରେ ପହଞ୍ଚିବା ପରେ ମୁଁ ସେମାନଙ୍କ ସହ ଯୋଗାଯୋଗ କରି ନିଜର ପରିଚୟ ଦେଇଥିଲି।

-କୁମାରଶ୍ରୀ

**ଖାଦ୍ୟ ରୁଚି**

ଇଣ୍ଡିଆନ ଡିଶ୍

## ପନିର ନୁରାନି



ପର୍ଯ୍ୟଟନ ସହର ପୁରୀରେ ପର୍ଯ୍ୟଟକଙ୍କ ସମାଗମକୁ ଦୃଷ୍ଟିରେ ରଖି ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ । ବଳିଆପଣ୍ଡାସ୍ଥିତ ହୋଟେଲ ଲକି ଇଣ୍ଡିଆ ରୟାଲ ହେରିଟେଜରେ ଗ୍ରାହକଙ୍କୁ ସୁସ୍ୱାଦୁ ବ୍ୟଞ୍ଜନ ପ୍ରଦାନ କରାଯାଏ । ଏଠାରେ ଉଭୟ ଆମିଷ ଓ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ ଇଣ୍ଡିଆନ ଡିଶ୍ ପନିର ନୁରାନିର ବେଶ୍ ଚାହିଦା ରହିଛି । ଗୋଟିଏ ପ୍ଲେଟ୍‌ର ଦାମ୍ ୨୯୯ ଟଙ୍କା । ରେଷ୍ଟୁରାଣ୍ଟର ମୁଖ୍ୟ ସେଫ୍ ନିକୁ ବାରିକଙ୍କ ମୁହଁରୁ ଏହାର ପ୍ରସ୍ତୁତି ସମ୍ପର୍କରେ...

### ଆବଶ୍ୟକ ସାମଗ୍ରୀ

- ପନିର: ୧୦୦ ଗ୍ରାମ୍
- ଗ୍ରୀନ୍ ମଟର: ୨୦ ଗ୍ରାମ୍
- ମକା: ୨୦ ଗ୍ରାମ୍
- କ୍ୟାପ୍‌ସିକମ୍: ୨୦ ଗ୍ରାମ୍
- ଛତୁ: ୨୦ ଗ୍ରାମ୍
- ଗୋଟା କାଜୁ: ୨୦ ଗ୍ରାମ୍
- କିସ୍‌ମିସ୍: ୧୦ ଗ୍ରାମ୍
- ଛେନା: ୧୦ ଗ୍ରାମ୍
- ଅଦା: ୫ଗ୍ରାମ
- ରସୁଣ: ୫ ଗ୍ରାମ୍
- ଧନିଆଗୁଣ୍ଡ: ୫ ଗ୍ରାମ୍
- ଗରମ ମସଲା: ୫ ଗ୍ରାମ୍
- ବଟର: ୫ଗ୍ରାମ୍
- ତେଲ: ୧୦ ଗ୍ରାମ୍
- ଟମାଟୋ: ୧୦୦ ଗ୍ରାମ୍
- ଲଙ୍କା ଗୁଣ୍ଡ: ୨ ଗ୍ରାମ୍
- ହଳଦୀ ଗୁଣ୍ଡ: ୨ ଗ୍ରାମ୍
- ଜିରା ଗୁଣ୍ଡ: ୨ ଗ୍ରାମ୍
- କସ୍ତୁରୀ ମେଥି: ୨ ଗ୍ରାମ୍
- ସ୍ୱାଦ ଅନୁଯାୟୀ ଲୁଣ

### ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପନିରକୁ ପତଳା କରି କାଟିଦେବେ। ଏହାପରେ କାଜୁ, କିସ୍‌ମିସ, ମକା, ଗ୍ରୀନ ମଟର, ଛତୁ, କ୍ୟାପ୍‌ସିକମ୍‌କୁ ଛୋଟ, ଛୋଟ କରି କାଟି ଅଳ୍ପ ତେଲରେ ଭାଜିବେ। ଭଜା ସରିଲେ ସେଥିରେ ଛେନା ପକାଇ ମିଶାଇ ଦେବେ। ଏହି ଭଜା ମସଲାକୁ ପୂର୍ବରୁ କଟାଯାଇଥିବା ପନିର ଭିତରେ ପୂରାଇ ରୋଲ୍ କରନ୍ତୁ। ଏହାକୁ ଗୋଲ୍ ଗୋଲ୍ କରି କାଟନ୍ତୁ। ଏହାପରେ ଟମାଟୋ, କାଜୁ, ଅଦା, ରସୁଣକୁ ଭଲ ଭାବେ ପେଷ୍ଟ କରନ୍ତୁ। ନିଆଁରେ ପ୍ୟାନ୍ ବସାଇ ଅଳ୍ପ ତେଲ ପକାନ୍ତୁ। ତେଲ ଗରମ ହୋଇଗଲା ପରେ ପୂର୍ବରୁ ବଟା ଯାଇଥିବା ପେଷ୍ଟକୁ ପକାଇ ପ୍ରାୟ ୨/୩ ମିନିଟ୍ ପର୍ଯ୍ୟନ୍ତ କଷିବାପରେ ସେଥିରେ ଟମାଟୋ ପେଷ୍ଟ, କାଜୁ, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, କସ୍ତୁରୀ ମେଥି, ଧନିଆଗୁଣ୍ଡ ପକାଇ ଆଉ ୧୦ରୁ ୧୫ ମିନିଟ ପର୍ଯ୍ୟନ୍ତ କଷନ୍ତୁ। ଗ୍ରେଭି ହୋଇଗଲା ପରେ ସେଥିରେ ଗରମ ମସଲା, ବଟର ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହାପରେ ଗୋଟିଏ ପାତ୍ରରେ ସେହି ଗ୍ରେଭିକୁ ଢାଳନ୍ତୁ। ସେଥିରେ କଟା ହୋଇଥିବା ଗୋଲ ଗୋଲ ପନିରକୁ ସଜେଇ ରଖନ୍ତୁ ଏବଂ ସେଥିରେ ରେଡ୍ ଚେରି ଦେଇ ପରଷି ଦିଅନ୍ତୁ।



ମୁଖ୍ୟ ସେଫ୍: ନିକୁ ବାରିକ

ରିପୋର୍ଟ: ହେମନ୍ତ ନାୟକ

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfi/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି : metroselfie@gmail.com



ଟୁପ୍ରୀରଞ୍ଜନ



ଜନ୍ମେଜୟ



ମନୋଜ



ଉର୍ମି



ସ୍ନେହା



ସତ୍ୟ



ସଞ୍ଜୟ



ବିରଞ୍ଚି

# ହିନ୍ଦୀ ହିଟ୍, ତାମିଲ ଫ୍ଲପ୍


ମଧୁବାଳା

ଥରେ ମନେପକାନ୍ତୁ ନା ସେହି ଶ୍ରୋତାଦୃତ ଗୀତ 'ପ୍ୟାର କିୟା ତୋ ଡର୍‌ନା କ୍ୟା'କୁ। ୧୯୬୦ରେ ନିର୍ମିତ ବଲିଉଡ୍‌ର ବ୍ଲକବଷ୍ଟର ହିନ୍ଦୀ ସିନେମା 'ମୁଗଲ-ଏ-ଆଜାମ'ରେ ଦୃଶ୍ୟାୟିତ ଏହି ଗୀତ ଏବେ ବି ମନରେ ଶିହରଣ ସୃଷ୍ଟି କରିଥାଏ। ତେବେ ଏହି ସିନେମାଟି ତିନୋଟି ଭାଷା-ହିନ୍ଦୀ, ତାମିଲ, ଇଂଲିଶ୍‌ରେ ପ୍ରସ୍ତୁତ ହୋଇଥିଲା। କିନ୍ତୁ ଫିଲ୍ମଟି ତାମିଲ୍‌ରେ ଫ୍ଲପ୍ ହୋଇଥିବା ବେଳେ ହିନ୍ଦୀରେ ରେକର୍ଡ ସୃଷ୍ଟି କରିଥିଲା। ଅନ୍ୟପକ୍ଷରେ ଇଂଲିଶ୍ ଭାଷାରେ ନିର୍ମିତ ଫିଲ୍ମଟି ଆଶାନୁରୂପ ବିଜନେସ୍ କରିଥିଲା। କେ. ଆସିଫଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ସିନେମାର ମୁଖ୍ୟ ଭୂମିକାରେ ପୃଥ୍ୱୀରାଜ କପୁର, ଦିଲୀପ କୁମାର, ମଧୁବାଳା, ଦୁର୍ଗା ଖୋଟେ ଅଭିନୟ କରିଥିଲେ।

ଅପେରା ହାଲଚାଲ

# ଏ ତ ଟ୍ରେଲର, ପୂରା ଫିଲ୍ମ ତ ବାକି ଅଛି..

"ଏ ତ ଟ୍ରେଲର, ପୂରା ଫିଲ୍ମ ତ ବାକି ଅଛି। ନା ମୁଁ ତୋତେ କେବେ ମା' ବନିବାର ସୁଯୋଗ ଦେବି ନା କେବେ ଭଲ ସ୍ତ୍ରୀର ମାନ୍ୟତା ଦେବି। ତୁ ଭଲ ବୋହୂ ହୋଇପାରିବୁନି କି କେବେ କାହାର ଭଲ ଭଉଣୀ ହୋଇପାରିବୁନି। ନାରୀ ଜନ୍ମର ସାର୍ଥକତା ହେବ ତୋ ପାଇଁ ସାତ ସପନ। ପ୍ରତି ମୁହୂର୍ତ୍ତରେ ନିଜ ଭାଗ୍ୟକୁ ଘୃଣା କରିବୁ ଆଉ ଭାବିବୁ ତୁ ଏ ଧରାପୃଷ୍ଠରେ ଭଗବାନଙ୍କର ଗୋଟିଏ ଅଭିଶାପ।'' ଏପରି ଏକ ଛାତିଥରା ଡାଏଲଗ୍ ତାଙ୍କୁ ଚର୍ଚ୍ଚାର ପରିସରକୁ ଆଣିଛି। ଅପେରା ଜଗତରେ ସେ ଚଳିତ ସିଜନରେ ପାଦ ଦେଇଛନ୍ତି। ହେଲେ ପ୍ରଥମ ନାଟକରୁ ହିଁ ସେ ନିଜର ଦମ୍ ଦେଖାଇ ସାଉଁଟି ଚାଲିଛନ୍ତି ଯାତ୍ରାପ୍ରେମୀଙ୍କ ପ୍ରଶଂସା। ଏହି ଅଭିନେତା ଜଣକ ହେଲେ ସନ୍ଦୀପ କୁମାର ଦାସ ଏବଂ ନାଟକଟି ହେଲା ଅନ୍ୟତମ ଅଗ୍ରଣୀ ଅପେରା ପାର୍ଟି ବାଘାଯତୀନ ଲୋକନାଟ୍ୟ ଦ୍ୱାରା ଚଳିତ ଯାତ୍ରା ସିଜନରେ ପରିବେଷିତ ତଥା ଅରୁଣ ନାୟକଙ୍କ ରଚିତ ଏବଂ ମହେଶ ହାଜରାଙ୍କ ନିର୍ଦ୍ଦେଶିତ 'ସୀତାର ଜଳୁଛି ଚିତା'। ଏହି ନାଟକରେ ସନ୍ଦୀପ ଏକ ଦମଦାର ନେଗେଟିଭ ଚରିତ୍ର (ମୃଗେଶ ମାନସିଂ)ରେ ଅବତୀର୍ଣ୍ଣ ହୋଇଛନ୍ତି। ଏହି ଅପେରା ପାର୍ଟିରେ ଏଣ୍ଟ୍ରି କରିବା ପଛରେ ନିର୍ଦ୍ଦେଶକ ମହେଶଙ୍କ ଭୂମିକାକୁ ସର୍ବାଗ୍ରେ ସ୍ମରଣ କରନ୍ତି ସେ। 'ଅପେରା ଜଗତର ଆଗଧାଡିର ସ୍ୱରକାର ତାପସ ଦାସ (ଟିଟନ)ଙ୍କ ଆକ୍ଟିଂ ଇନଷ୍ଟିଚ୍ୟୁଟ୍ 'ତପସ୍ୟା'ରୁ ପାସ୍ କରିବା ପରେ ମୋତେ ସିଧାସଳଖ ଏହି ସୁଯୋଗ ମିଳିଛି। ଏଥିପାଇଁ ଟିଟନ ସାର୍, ମହେଶ ସାର୍, ନିର୍ଦ୍ଦେଶକ ଆଶୁତୋଷ ସାର୍ (ମହାପାତ୍ର) ଏବଂ ଗୁରୁ ପ୍ରଣୟ ସାହୁଙ୍କ ପ୍ରେରଣାକୁ ମୁଁ କଦାପି ଭୁଲି ପାରିବି ନାହିଁ। ଆଉ ଏକ ସଂଯୋଗ-ମୁଁ ବାଘାଯତୀନ ଲୋକନାଟ୍ୟର ଅନେକ ନାଟକ ଦେଖିଛି। ପୁଣି ସେହି ପାର୍ଟିରୁ ମୁଁ ମୋର ଅପେରା କ୍ୟାରିୟର ଆରମ୍ଭ କରୁଛି।' ବାଲେଶ୍ୱର ଜିଲା ଖନ୍ତାପଡା ଅନ୍ତର୍ଗତ ପଦାଗାଁ ଗ୍ରାମରେ ଜନ୍ମିତ (ମା-ଗୀତାଞ୍ଜଳି ଦାସ, ବାପା-କ୍ଷିତିଶ କୁମାର ଦାସ) ତଥା ଏମବିଏ ଡିଗ୍ରୀ ହାସଲ କରିଥିବା ସନ୍ଦୀପଙ୍କ ଆଗରେ ଲମ୍ବା ଆକ୍ଟିଂ କ୍ୟାରିୟର। ନିଜ ଫିଗର ଅନୁସାରେ ନେଗେଟିଭ ରୋଲକୁ ପ୍ରାଥମିକତା ଦେବି ବୋଲି କହନ୍ତି ଅପେରା ଜଗତର ଏହି ଲମ୍ବା ରେସ୍‌ର ଘୋଡ଼ା।


ସନ୍ଦୀପ୍

## ନୂଆ ସିନେମା
# ରକି

ଓଡ଼ିଆ ସିନେମା 'ସପନର ନାୟିକା'ର ନିର୍ଦ୍ଦେଶକ ରାଜ ପ୍ରଦୀପ କିଛି ବର୍ଷର ଗ୍ୟାପ୍ ପରେ ପୁଣି ଥରେ ମଇଦାନକୁ ଓହ୍ଲାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେବାକୁ ଯାଉଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ରକି'। ଏହାର ଟାଇଟଲ ଭୂମିକାରେ କିଏ ଅଭିନୟ କରିବ ସେନେଇ ଜଣେ ଭଲ ଅଭିନେତା ସନ୍ଧାନରେ ସେ ଥିଲେ। ଶେଷରେ ତାଙ୍କର ଏହି ମିଶନ ପୂରଣ ହୋଇଛି। ଏହି ଫିଲ୍ମ ପାଇଁ ବିଶ୍ୱରୂପଙ୍କୁ ସାଇନ୍ କରାଯାଇଛି। ରିଲିଜ ଅପେକ୍ଷାରେ ଥିବା ଚିତ୍ର 'ବିଶ୍ୱରୂପ-ବର୍ନ ଟୁ ଫାଇଟ୍' ପରେ ଏହା ହେଉଛି ବିଶ୍ୱରୂପଙ୍କ ଦ୍ୱିତୀୟ ସିନେମା। ଏ ସମ୍ପର୍କରେ ସେ କହନ୍ତି, 'ଫିଲ୍ମଟିର କାହାଣୀ ମୋତେ ବେଶ୍ ପ୍ରଭାବିତ କରିଛି। ମୋର ପ୍ରଥମ ସିନେମାରେ ମୋତେ ଜଣେ ବକ୍ସର ଭୂମିକାରେ ଦର୍ଶକ ଦେଖିବାକୁ ପାଇବେ। ହେଲେ 'ରକି'ରେ ମୋତେ ମିଳିଛି ଏକ ଭିନ୍ନ ଭୂମିକା। ଏହି ଭୂମିକାଟି ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି।' ଉକ୍ତ ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି।

# ଇନ୍ଦ୍ରଧନୁ ଓ ରଣବୀର


ରଣବୀର

ରଣବୀର ସିଂ ଏବଂ ଇନ୍ଦ୍ରଧନୁ-ଏହାକୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା। ବର୍ତ୍ତମାନ ସେ କପିଳ ଦେବଙ୍କ ବାୟୋପିକ୍ 'ଏଇଟିଥ୍ରୀ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ନିକଟରେ ଏହାର ଶୁଟିଂ ଚାଲିଥିବା ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଶଟ୍ ଦେଉଥିବା ବେଳେ ନିର୍ଦ୍ଦେଶକ କବୀର ସିଂଙ୍କୁ ରଣବୀର ଅଳ୍ପ ସମୟର ବ୍ରେକ୍ ପାଇଁ କହିଥିଲେ। ନିର୍ଦ୍ଦେଶକ ମଧ୍ୟ ଅନୁମତି ଦେଇଥିଲେ। ବାସ୍, ତା'ପରେ ରଣବୀର ମୋବାଇଲ ଧରି ଆକାଶକୁ ଚାହିଁ ଫଟୋ ଉଠାଇବାକୁ ଲାଗିଲେ। କେବଳ ସେତିକି ନୁହେଁ, ଗ୍ରେ ରଙ୍ଗର ଜ୍ୟାକେଟ ଏବଂ ହ୍ୱାଇଟ୍ ପ୍ୟାଣ୍ଟ ପିନ୍ଧିଥିବା ରଣବୀର ସେଲ୍‌ଫି ମଧ୍ୟ ନେଇଥିଲେ। ହେଲେ କାହା ସହ ଜାଣନ୍ତି? ଆକାଶରେ ପଡ଼ିଥିବା ଇନ୍ଦ୍ରଧନୁ ସହ। ସେହି ଫଟୋଗୁଡିକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାଙ୍କର ପ୍ରଶଂସକମାନେ ସେଗୁଡିକୁ ବେଶ୍ ପ୍ରଶଂସା କରିଛନ୍ତି।



# ଶାହରୁଖ-ଦିଲୀପ-ଅମିତାଭ

କଳାକାରଙ୍କ ଜୀବନରେ ପୁରସ୍କାର ସ୍ମୃତି ହୋଇ ରହିଥାଏ। କେତେକ ପୁରସ୍କାରକୁ ସେମାନେ ସାରାଜୀବନ ମନେ ରଖିଥାଆନ୍ତି। ବଲିଉଡ୍‌ର ଅନ୍ୟତମ ସମ୍ମାନ୍‌ଜନକ ପୁରସ୍କାର ହେଲା ଫିଲ୍ମ ଫେୟାର ପୁରସ୍କାର। ଉଭୟ ଶାହରୁଖ ଏବଂ ଦିଲୀପ କୁମାର ଏହି ପୁରସ୍କାରକୁ ୮ଥର ଲେଖାଏ ପାଇଛନ୍ତି, ଯାହା ଏକ ରେକର୍ଡ। ଅପରପକ୍ଷରେ ଉକ୍ତ ପୁରସ୍କାର ପାଇଁ ମିଲେନିୟମ ଷ୍ଟାର ଅମିତାଭ ବଚ୍ଚନଙ୍କ ନାମ ସର୍ବାଧିକ ୩୦ଥର ସ୍ଥାନିତ ହୋଇଥିଲା।


ସନ୍ତୋଷ-ଲିଜା

❖ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶନାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋର ନିହାତି ଦରକାର'ର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଜ୍ୟୋତି ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ନବାଗତ ସନ୍ତୋଷ, ଲିଜା, ଲିଲି, ପିଣ୍ଟୁ ନନ୍ଦ, ସୁଧାକର, ଲିଲୁ ମିଶ୍ର, ବିଦୁସ୍ମିତା ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

❖ଅଶୋକ ପତିଙ୍କ ନିର୍ଦ୍ଦେଶନାରେ 'ମିଷ୍ଟର ମଜନୁ'ର ଶୁଟିଂ ଚାଲୁ ରହିଛି। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି ବାବୁସାନ୍।

❖ଓଡ଼ିଆ ସିନେମାରେ ପ୍ରଥମ ଥର ପାଇଁ ଅରିନ୍ଦମଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ। 'ବାବୁ ଭାଇଜାନ୍' ଟାଇଟଲ ବିଶିଷ୍ଟ ଏହି ବାୟୋପିକ୍‌ର ନିର୍ଦ୍ଦେଶନା ଦେଉଛନ୍ତି ତାପସ ସରଘରିଆ। ଫିଲ୍ମଟିର ଶୁଟିଂ ଏବେ ଚାଲୁ ରହିଛି।

❖ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ଏକ ନୂଆ ଓଡ଼ିଆ ସିନେମା 'ଅଟୋଗ୍ରାଫ' ଶୁଟିଂ ଚାଲୁ ରହିଛି। ଏଥିରେ ଦୀପକଙ୍କ ନାୟିକା ସାଜିଛନ୍ତି ନବାଗତା ସୁଶ୍ରୀ।

❖ନିର୍ମାଣାଧୀନ ଓଡ଼ିଆ ସିନେମା 'ତୁ ଲୈଲା ମୁଁ ମଜନୁ'ରେ ନିଜ ଭୂମିକାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ଦେବରାଜ। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଚିନ୍ମୟୀ ପ୍ରିୟଦର୍ଶିନୀ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ଏସ. ଦିଲୀପ ପଣ୍ଡା।

# ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରସଙ୍ଗ

ନିକଟରେ ୬୬ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ ହୋଇଛି। ଏ ବର୍ଷ କୌଣସି ଓଡ଼ିଆ ଚଳଚ୍ଚିତ୍ର ଏହି ପୁରସ୍କାର ପାଇବାକୁ ସକ୍ଷମ ହୋଇନାହିଁ। ଆର୍ଥିକ ସମସ୍ୟା ସତ୍ତ୍ୱେ କେତେକ ପ୍ରଯୋଜକ ଓଡ଼ିଆ ସିନେମା ନିର୍ମାଣ କରିବାକୁ ଆଗଭର ହେଉଛନ୍ତି। ସେମାନଙ୍କ ସଂଖ୍ୟା ମଧ୍ୟ ଆଙ୍ଗୁଠି ଅଗରେ ଗଣି ହୋଇଯାଉଛି। ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଏ ନେଇ ଚିନ୍ତା କରିବାର ସମୟ ଆସିଛି। ପୂର୍ବରୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଗୋଟିଏ କିମ୍ବା ଦୁଇଟି ଓଡ଼ିଆ ଚଳଚ୍ଚିତ୍ର ଭାଗ ନେଉଥିଲେ। କିନ୍ତୁ ଆଞ୍ଚଳିକ ଭାଷାରେ ନିର୍ମିତ ତଥା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ତାଲିକାଭୁକ୍ତ ଏପରି ସିନେମା ମଧ୍ୟରୁ ମାତ୍ର ଗୋଟିଏ ଚଳଚ୍ଚିତ୍ରକୁ ପୁରସ୍କାର ଦିଆଯାଉଥିଲା। ସେତେବେଳେ କ୍ୱଚିତ ନିର୍ଦ୍ଦେଶକ ଏପରି ସିନେମା ନିର୍ମାଣ ପାଇଁ କାର୍ଯ୍ୟ କରୁଥିଲେ।

ଓଡ଼ିଶାରୁ ଭଲ ସିନେମାର ନିର୍ଦ୍ଦେଶକ ଭାବରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଗୌର ପ୍ରସାଦ ଘୋଷ, ପ୍ରଫୁଲ୍ଲ ମହାନ୍ତି, ସାଗିର ଅହମ୍ମଦ, ମୃଣାଳ ସେନ୍, ଅପୂର୍ବ କିଶୋର ବୀର, ସାଧୁ ମେହେର, ବିପ୍ଳବ ରାୟ ଚୌଧୁରୀ, ରାଜୁ ମିଶ୍ର, ସୁଶାନ୍ତ ମିଶ୍ର, ପ୍ରଣବ ଦାସ, ଘନଶ୍ୟାମ ମହାପାତ୍ର, ଶାନ୍ତନୁ ମିଶ୍ର, ପ୍ରଶାନ୍ତ ନନ୍ଦ, ଗୌରୀ ଶଙ୍କର ଦାସ, ସୁବାସ ଦାସ, ସବ୍ୟସାଚୀ ମହାପାତ୍ର, ହିମାଂଶୁ ଖଟୁଆ, ଦିଲ୍ଲୀପ ପଟ୍ଟନାୟକ, ଗଦାଦର ପୁଟ୍ଟି, ଚକ୍ରଧର ସାହୁ, ସମ୍ପିତ ମହାପାତ୍ର ପ୍ରମୁଖ କାମ କରିଛନ୍ତି। ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ କେବଳ ଭଲ ଭଲ ହିନ୍ଦୀ ସିନେମା ନୁହେଁ ତେଲୁଗୁ, ତାମିଲ, ବଙ୍ଗଳା ଆଦି ପ୍ରାନ୍ତୀୟ ଭାଷାରେ ନିର୍ମିତ ପୁରସ୍କାର ଜୁରୀ ସଦସ୍ୟଙ୍କୁ ପ୍ରଭାବିତ କରିଛି। ସେପରି ପରିବେଶରେ ଓଡ଼ିଆ ନିର୍ଦ୍ଦେଶକଙ୍କ ଦ୍ୱାରା ନିର୍ଦ୍ଦେଶିତ ସିନେମା ସେମାନଙ୍କ ଦ୍ୱାରା ପ୍ରଶଂସିତ ହୋଇ ପୁରସ୍କୃତ ମଧ୍ୟ ହୋଇଛି। ଭଲ ସିନେମାଟିଏ ନିର୍ମାଣ କଲେ ତାହା ପୁରସ୍କାର ପାଇଁ କେତେ ହକ୍‌ଦାର ତାହା କହିବା ବାହୁଲ୍ୟ। ଭଲ ସିନେମାଟିଏ ନିର୍ମାଣ ନ କରି ନିଷ୍ପତ୍ତିକୁ ଦାୟୀ କରିବା ଠିକ୍ ନୁହେଁ। ଓଡ଼ିଆ ଚଳଚ୍ଚିତ୍ର ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ ଭାଗ ନେବା ପାଇଁ ଯେଉଁ ଭିତ୍ତିଭୂମି ଦରକାର ତାହା ଆମେ କରୁନାହୁଁ। କେବଳ କାମଚଳା ସିନେମାଟିଏ ନିର୍ମାଣ କଲେ ଚଳିବ ନାହିଁ, ତାହାର ନିର୍ମାଣଶୈଳୀ ଏପରି ହେବା ଦରକାର ଯାହା ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିବ। ସାମ୍ପ୍ରତିକ ଘଟଣାକୁ ନେଇ ସିନେମାଟିଏ ପ୍ରସ୍ତୁତ କଲେ କ୍ଷତି କ'ଣ ? ଏଣୁତେଣୁ କାହାଣୀ ଚୟନ କରିବା ଅପେକ୍ଷା ଏପରି କାହାଣୀର ପ୍ରଭାବ ନିଶ୍ଚୟ ଅଧିକ ରହିବ। ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରତିଯୋଗିତାରେ ଭାଗ ନେଉଥିବା ଓଡ଼ିଆ ଚଳଚ୍ଚିତ୍ରଗୁଡ଼ିକ ପ୍ରାୟ ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୁଏନାହିଁ। ହେଲେ କେତେକ ପ୍ରଯୋଜକ ଏପରି ଚଳଚ୍ଚିତ୍ରକୁ ପ୍ରେକ୍ଷାଳୟରେ ପ୍ରଦର୍ଶିତ କରିବାର ନଜିର ରହିଛି।

ନୀରଦ ମହାପାତ୍ରଙ୍କ 'ମାୟା ମିରିଗ', ବିପ୍ଳବ ଚୌଧୁରୀଙ୍କ 'ଚିଲିକା ତୀରେ', ଇତିମାନଙ୍କ ମଧ୍ୟରେ କ୍ୱଚିତ ନିର୍ଦ୍ଦେଶକ ଭଲ ସିନେମା ପ୍ରତି ଦରଦ ଥିଲେ ମଧ୍ୟ ସେମାନେ ଅର୍ଥାଭାବରୁ ନୀରବତା ଅବଲମ୍ବନ କରୁଛନ୍ତି। ତେଣୁ ଭଲ ଓଡ଼ିଆ ସିନେମାଟିଏ ପ୍ରସ୍ତୁତ ହୋଇପାରୁନାହିଁ ତା' ନୁହେଁ, ସେଗୁଡିକ ମଧ୍ୟ ଚଳଚ୍ଚିତ୍ର ପ୍ରତିଯୋଗିତାରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିପାରୁନାହିଁ। ଅଜୟ ରାଉତଙ୍କ 'ହ୍ୟାଲୋ ଆର୍ସି'କୁ ଦେଖିବା ପରେ ଜୁରୀ ଅଧ୍ୟକ୍ଷ ତଥା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସୁଖ୍ୟାତି ଅର୍ଜନ କରିଥିବା ନିର୍ଦ୍ଦେଶକ ଶେଖର କପୁର ବେଶ୍ ପ୍ରଶଂସା କରିଥିଲେ। ଜାତୀୟ ପୁରସ୍କାରର ମର୍ଯ୍ୟାଦା ରହିଛି। ଜାତୀୟ ସ୍ତରରେ ପାର୍ଶ୍ୱ ଅଭିନେତ୍ରୀ ଭାବରେ ମଞ୍ଜୁଳା କୁଅଁର 'ଭଙ୍ଗା ସିଲଟ' ଚଳଚ୍ଚିତ୍ର ପାଇଁ ପୁରସ୍କୃତ ହୋଇଥିଲେ। ସେହି ବର୍ଷ ସଂସ୍କୃତ ଭାଷାରେ ନିର୍ମିତ ଚଳଚ୍ଚିତ୍ର ତଥା ଜେ.ଭି. ଆୟାରଙ୍କ 'ଆଦି ଶଙ୍କରାଚାର୍ଯ୍ୟ'କୁ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଜୁରୀମାନଙ୍କ ନିଷ୍ପତ୍ତିକୁ


ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଓଡ଼ିଆ ଚଳଚ୍ଚିତ୍ର 'ହ୍ୟାଲୋ ଆର୍ସି'ରେ ପାର୍ଥସାରଥି ରାୟ-ପ୍ରକୃତି ମିଶ୍ର

ସାମନ୍ତଙ୍କ ପ୍ରଯୋଜିତ ଏବଂ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ 'କଥାନ୍ତର' ଏବଂ 'କ୍ରାନ୍ତିଧାରା', ଗଦାଧର ପୁଟ୍ଟିଙ୍କ 'ପୂଜା ପାଇଁ ଫୁଲଟିଏ', ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜିତ ଏବଂ ପ୍ରଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶିତ 'ଜୀଅନ୍ତା ଭୂତ' ଏବଂ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ 'ଶଳାବୁଢ଼ା' ଆଦି ଅନ୍ତର୍ଭୁକ୍ତ।

ଓଡ଼ିଆ ଚଳଚ୍ଚିତ୍ରରେ ଓଡ଼ିଆ ନିର୍ଦ୍ଦେଶକ ସମ୍ମାନ ଦେବା ବଡ଼ କଥା। ପାସ୍-ଫେଲ୍‌କୁ ହିସାବ ନ କରି ଏପରି ଓଡ଼ିଆ ସିନେମାଟିଏ ନିର୍ମାଣ କରାଯାଉ, ଯାହା ଜାତୀୟ ସ୍ତରରେ ବେଶ୍ ପ୍ରଶଂସିତ ହେବା ସହ ସଫଳତା ହାସଲ କରିବ।

-ଦିଲୀପ ହାଲି, ସମ୍ପାଦକ, ଓଡ଼ିଶା ସିନେ କ୍ରିଟିକ ଆସୋସିଏଶନ, ବଡ଼ଗଡ଼, ଭୁବନେଶ୍ୱର, ମୋ : ୯୮୬୧୦୦୯୨୫୨

| Dollar | Sensex | Nifty | Gold | Silver |
|---|---|---|---|---|
| 71.55 (16) | 267.64 ↓ 37,060.37 | 98.30 ↓ 10,918.70 | ₹50 ↑ 38,820.00 | ₹1140 ↑ 45,040.00 |

“ସରକାର କେମିକାଲ ଆମଦାନୀ ହ୍ରାସ କରି ଦେଶକୁ ଉତ୍ପାଦନ ହବ୍ ଭାବେ ତିଆରି କରିବାକୁ ଚାହୁଁଛନ୍ତି। କେମିକାଲ ଆମଦାନୀ ବୃଦ୍ଧି ପାଇବା ଚିନ୍ତାଜନକ।

– ପି.ରାଘବେନ୍ଦ୍ର ରାଓ, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସଚିବ




“ୱାନ୍‌ପ୍ଲସ୍ ସେପ୍ଟେମ୍ବରରେ ସ୍ମାର୍ଟ ଟିଭି ଦେଶରେ ପ୍ରଚଳନ କରିବ। ଭାରତରେ ପ୍ରଥମେ ଏହାକୁ ଲଞ୍ଚ କରାଯିବ। ଟିଭି ମୂଲ୍ୟ ସମ୍ପର୍କରେ ଏବେ କହିବା ଉଚିତ୍ ହେବ ନାହିଁ।

– ପିଟ୍ ଲଉ, ୱାନପ୍ଲସ୍ ସିଇଓ



## ସଂକ୍ଷେପରେ

### ସୁନା @ ୩୮,୮୨୦ ଟଙ୍କା

ନୂଆଦିଲ୍ଲୀ,୨୧-୮: ସୁନା ଓ ରୁପା ଦର କ୍ରମାଗତ ରେକର୍ଡ କରିଚାଲିଛି। ଦୈନିକ ଏହା ନୂଆ ସର୍ବୋଚ୍ଚ ସ୍ତର ପାର୍ କରୁଛି। ବୁଧବାର ବଜାର ବନ୍ଦ ହେବା ବେଳକୁ ସୁନା ଦର ପ୍ରତି ୧୦ ଗ୍ରାମ୍ ୩୮,୮୨୦ ଟଙ୍କା ରହିଛି। ସେହିପରି ରୁପା ଦର ପୁନର୍ବାର ୪୫ ହଜାର ଟଙ୍କା ଅତିକ୍ରମ କରିଛି। ଗହଣା ନିର୍ମାତାଙ୍କ ପକ୍ଷରୁ ଚାହିଦା ବୃଦ୍ଧି କାରଣରୁ ଦେଶରେ ଏହି ଦୁଇ ମୂଲ୍ୟବାନ ଧାତୁର ଦର ହୁହୁ ହୋଇ ବଢ଼ିଚାଲିଛି। ତେବେ ବୁଧବାର ବିଶ୍ୱ ବଜାରରେ ଏହି ଦୁଇ ଧାତୁର ଦର କମିଛି। ଦିଲ୍ଲୀ ସର୍ରାଫା ବଜାରରେ ସୁନା ପ୍ରତି ୧୦ ଗ୍ରାମ୍ ୫୦ ଟଙ୍କା ବୃଦ୍ଧି ପାଇ ୩୮,୮୨୦ ଟଙ୍କା ହୋଇଛି। ସେହିପରି ରୁପା ଦର ପ୍ରତି କେଜି ୧୧୪୦ ଟଙ୍କା ବଢ଼ି ୪୫,୦୪୦ ଟଙ୍କାରେ ପହଞ୍ଚିଛି।

### ଏଫ୍‌ପିଆଇଙ୍କ ଲାଗି ନିୟମ କୋହଳ କଲା ସେବି

ମୁମ୍ବାଇ,୨୧-୮: ସିକ୍ୟୁରିଟିଜ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ବିଦେଶୀ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ଲାଗି ବୁଧବାର ନିୟାମକୀୟ ବ୍ୟବସ୍ଥା କୋହଳ କରିଛି। କେୱାଇସି(ନିଜର ଗ୍ରାହକଙ୍କୁ ଜାଣନ୍ତୁ) ନିୟମକୁ ଷ୍ଟକ ମାର୍କେଟ ନିୟନ୍ତ୍ରକ ସରଳ କରାଯାଇଛି। ଏଥିସହିତ ବଜାର ବାହାରେ ପ୍ରତିଭୂତି ନେଣଦେଣକୁ ଅନୁମତି ଦିଆଯାଇଛି। ସେବି ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏଫ୍‌ପିଆଇଙ୍କ ଲାଗି ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଉକ୍ତ ପଦକ୍ଷେପ ନିଆଯିବ। ନୂଆ ବ୍ୟବସ୍ଥା ଅନୁଯାୟୀ ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କୁ ୩ ବଦଳରେ ୨ ଶ୍ରେଣୀରେ ବଣ୍ଟାଯିବ। ସେବି ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ କେୱାଇସି ଲାଗି ଦସ୍ତାବିଜ କାମକୁ ଆହୁରି ସରଳ କରାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଡେପୁଟି ଗଭର୍ନର ଏଚ୍.ଆର୍.ଖାନଙ୍କ ଅଧକ୍ଷତାରେ ଗଠିତ କମିଟିର ସୁପାରିସ୍ ଆଧାରରେ ଏଫ୍‌ପିଆଇ ନିୟମକୁ କୋହଳ କରାଯାଇଛି। ବିଦେଶରେ ଜାରି ଡେରିଭେଟିଭ ଉତ୍ପାଦର ସବ୍‌ସ୍କ୍ରିପଶନ ଓ ଜାରି କରିବାର ଆବଶ୍ୟକତାକୁ ମଧ ତର୍କସଙ୍ଗତ କରାଯାଇଛି। ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଉପସ୍ଥାପିତ ବିଦେଶୀ ପାଣ୍ଠିକୁ ଏଫ୍‌ପିଆଇ ରୂପରେ ପଞ୍ଜୀକରଣ କରିବା ପରେ ଦେଶରେ ନିବେଶ କରିବାକୁ ଅନୁମତି ଦିଆଯିବ।

### ବିକିନି ଏୟାରଲାଇନର ୯ଟଙ୍କାରେ ଉଡ଼ାଣ

ନୂଆଦିଲ୍ଲୀ,୨୧-୮: ସାରା ବିଶ୍ୱରେ ‘ବିକିନି ଏୟାରଲାଇନ’ଭାବେ ଖ୍ୟାତ ଭିଏତନାମର ବଜେଟ ଏୟାରଲାଇନ ବିୟତଜେଟ ଚଳିତବର୍ଷ ଡିସେମ୍ବରରୁ ଭାରତରେ ନିଜର ପାଦ ଥାପିବାକୁ ଯାଉଛି। ଏହି ଏୟାରଲାଇନ କମ୍ପାନୀ ନୂଆଦିଲ୍ଲୀରୁ ହୋ ଚିନ୍ ମିନ୍ ସିଟି ମଧରେ ଡିସେମ୍ବର ୬ରୁ ବିମାନ ଉଡ଼ାଣ ଆରମ୍ଭ କରିବ। ୨୦୧୧ରେ ଉକ୍ତ ଏୟାରଲାଇନ କମ୍ପାନୀର ସମସ୍ତ କ୍ରୁ ସଦସ୍ୟ ବିକିନି ପିନ୍ଧିଥିବା ନେଇ ଏକ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ନେଇ ସେତେବେଳେ ସାରା ବିଶ୍ୱରେ ଚର୍ଚ୍ଚା ହୋଇଥିଲା। ବିୟତଜେଟ୍ ଚଳିତମାସ ୨୦ରୁ ୨୨ ମଧରେ ସ୍ୱେଶାଲ ପ୍ରମୋଶନ ‘ଥ୍ରୀ ଗୋଲ୍ଡେନ ଡେଜ’ ବେଳେ ସୁପର ସେଭିଙ୍ଗ୍ସ ଟିକେଟ ଅଫର କରୁଛି। ଏହାର ମୂଲ୍ୟ ମାତ୍ର ୯ ଟଙ୍କା ରହିଛି। ଡିସେମ୍ବର ୬ରୁ ନୂଆଦିଲ୍ଲୀ ଓ ହୋ ଚିନ୍ ମିନ୍ ମଧରେ ସପ୍ତାହରେ ୪ ଫ୍ଲାଇଟ ଓ ଡିସେମ୍ବର ୭ରୁ ହନୋଇ-ନୂଆଦିଲ୍ଲୀ ମଧରେ ସପ୍ତାହକୁ ୩ ଫ୍ଲାଇଟ୍ ଚଳାଚଳ କରିବ। ଉଲ୍ଲେଖନୀୟ ଯେ, ଆସନ୍ତା ଅକ୍ଟୋବରରୁ ଇଣ୍ଡିଗୋ ହୋ ଚିନ୍ ମିନ୍-କୋଲକାତା ମଧରେ ବିମାନ ଉଡ଼ାଣ ସେବା ଆରମ୍ଭ କରିବାକୁ ଯାଉଛି।

### ସିସିଡିର ଅଂଶଧନ କିଣିପାରେ ଆଇଟିସି

ନୂଆଦିଲ୍ଲୀ,୨୧-୮: ଏସିଆର ସର୍ବବୃହତ୍ ସିଗାରେଟ ନିର୍ମାତା ତଥା ଭାରତର ଅନ୍ୟତମ ପ୍ରମୁଖ ଏଫ୍‌ଏମ୍‌ସିଜି କମ୍ପାନୀ ଇଣ୍ଡିଆନ ଟବାକୋ କମ୍ପାନୀ (ଆଇଟିସି) ଏବେ କ୍ୟାଫେ କଫି ଡେ(ସିସିଡି)ର ଅଂଶଧନ କିଣିପାରେ ବୋଲି ମିଡିଆରେ ଚର୍ଚ୍ଚା ହେଉଛି। ତେବେ ଏ ସଂକ୍ରାନ୍ତରେ ଆଲୋଚନା ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଥିବା କୁହାଯାଉଥିଲେ ହେଁ କମ୍ପାନୀ ମୁଖପାତ୍ର କୌଣସି ଅଗ୍ରଗତି ହୋଇ ନ ଥିବା କହିଛନ୍ତି।

# ଦରମା ବଢ଼ାଇବାରେ ଘରୋଇ କମ୍ପାନୀ କୁଣ୍ଠିତ



ନୂଆଦିଲ୍ଲୀ,୨୧-୮: ଚଳିତ ବର୍ଷ କମ୍ ଲୋକଙ୍କ ଦରମା ସେମାନଙ୍କ ମନମୁତାବକ ବଢ଼ିଛି। ଅର୍ଥନୀତିର ଅବସ୍ଥା ବିଗିଡ଼ିଯିବା କାରଣରୁ ଚଳିତ ବର୍ଷ ଘରୋଇ କମ୍ପାନୀଗୁଡ଼ିକ ହାତ ଖୋଲା ଦରମା ବଢ଼ାଇନାହାନ୍ତି। ସେଣ୍ଟର ଫର୍ ମନିଟରିଂ ଅଫ୍ ଇଣ୍ଡିଆନ ଇକୋନୋମୀ(ସିଏମ୍‌ଆଇଇ) ତଥ୍ୟରୁ ଜଣାପଡୁଛି ଯେ, ଘରୋଇ ସେକ୍ଟରରେ ଚଳିତ ବର୍ଷ ଦରମା ବୃଦ୍ଧି ୧୦ ବର୍ଷର ସର୍ବନିମ୍ନ ସ୍ତରରେ ରହିଛି। ସିଏମ୍‌ଆଇଇ ଡାଟାବେସ୍‌ର ବିଶ୍ଳେଷଣରୁ ଜଣାପଡିଛି ଯେ, ଆୟ ହ୍ରାସ ପାଇବା କାରଣରୁ ଘରୋଇ ସେକ୍ଟରରେ ଦରମା ବୃଦ୍ଧି ଉତ୍ସାହଜନକ ନୁହେଁ। ଏହା ୨୦୦୯-୧୦ ପରେ ସବୁଠାରୁ ଖରାପ ସ୍ଥିତି ରହିଛି। ଏଥିସହିତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ପ୍ରାସଙ୍ଗିକ ଡାଟା ଭାରତୀୟ ଅର୍ଥନୀତି ଏବଂ କମ୍ପାନୀଗୁଡ଼ିକରେ କାମ କରୁଥିବା କର୍ମଚାରୀଙ୍କ ସ୍ପଷ୍ଟ ଚିତ୍ର ଉଜାଗର କରୁଛି।

### ବେକାରି ସଂଖ୍ୟା ଦୁଇଗୁଣା ବଢ଼ିଛି

ପିଏଲ୍‌ଏଫ୍‌ଏସ୍‌ର ରିପୋର୍ଟ ଅନୁଯାୟୀ, ୨୦୧୧-୧୨ ବର୍ଷରେ ବେକାରି ସଂଖ୍ୟା ୧.୦୮ କୋଟି ଥିଲା, ଯାହା କି ୨୦୧୭-୧୮ରେ ଦୁଇଗୁଣା ବଢ଼ି ୨.୮୫ କୋଟିରେ ପହଞ୍ଚିଗଲାଣି। ୧୯୯୯-୨୦୦୦ ତଥା ୨୦୧୧-୧୨ ମଧରେ ବେକାରି ସଂଖ୍ୟା ପ୍ରାୟ ୧ କୋଟି ଥିଲା। ବର୍ଷ ୨୦୧୧-୧୨ ରୁ ୨୦୧୭-୧୮ ମଧରେ ୧.୮ କୋଟି ଶ୍ରମ ବଳଙ୍କୁ ସାମିଲ କରାଯାଇଥିଲା। ଏହି ସମୟରେ ମାତ୍ର ୫ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇପାରିଥିଲା। ଯାହାକୁ ବେକାରି ବୃଦ୍ଧିର ସବୁଠାରୁ ବଡ଼ କାରଣ କୁହାଯାଉଛି।

### ଧିମା ଅର୍ଥନୀତି ଦରମା ବୃଦ୍ଧିରେ ବାଧକ

ସିଏମ୍‌ଆଇଇର ଡାଟା ମୁତାବକ, ଦେଶରେ କାରବାର ଧିମା ପଡିବା କାରଣରୁ କର୍ପୋରେଟ ଇଣ୍ଡିଆର ଦରମା ବୃଦ୍ଧିରେ ବଡ଼ ବାଧକ ହୋଇଛି। ଡାଟା ଅନୁଯାୟୀ, ବର୍ଷ ୨୦୧୨-୧୩ ପରେ ୪ ଆର୍ଥିକ ବର୍ଷରେ କମ୍ପାନୀଗୁଡ଼ିକର ଆୟ ହ୍ରାସ ପାଇଛି।

### ଅର୍ଥନୀତିକୁ ଦୋହରା ଝଟକା

ବେକାରି ବୃଦ୍ଧି ସହିତ ଦରମା କମ୍ ବଢ଼ିବାକୁ ନେଇ ଦେଶର ରୋଜଗାର ଦୃଶ୍ୟପଟ ଦେଖିଲେ ଅର୍ଥନୀତିକୁ ଦୋହରା ଝଟ୍‌କା ଲାଗିଛି। ପିରିଓଡିକ୍ ଲେବର ଫୋର୍ସ ସର୍ଭେ ୨୦୧୭-୧୮ ଅନୁଯାୟୀ ଦେଶରେ ବେକାରିହାର ବର୍ତ୍ତମାନ ୬.୧% ରହିଛି, ଯାହା କି ଅଦ୍ୟାବଧି ସର୍ବାଧିକ ସ୍ତର କୁହାଯାଉଛି। ବର୍ତ୍ତମାନ ପୁରୁଷଙ୍କ ବେକାରି ୧୯୭୭-୭୮ ପରେ ସର୍ବାଧିକ ଉଚ୍ଚ ସ୍ତରରେ ରହିଛି ଓ ୧୯୮୩ ପରେ ମହିଳାଙ୍କ କ୍ଷେତ୍ରରେ ସର୍ବୋଚ୍ଚ ସ୍ତରରେ ରହିଛି। ଅନ୍ୟପକ୍ଷରେ କେୟାର ରେଟିଂର ସର୍ଭେ ଅନୁଯାୟୀ, ଦେଶରେ ନିଯୁକ୍ତି ଦୃଶ୍ୟପଟ ଦିନକୁ ଦିନ ଖରାପ ହୋଇଚାଲିଛି। ଏହାକୁ ଗ୍ରହଣ କରାଗଲେ ଅର୍ଥନୀତି ଲାଗି ଏହା ଦୋହରା ଝଟ୍‌କା କୁହାଯାଇପାରେ।

### ରୋଜଗାର ଦୃଶ୍ୟପଟ ଅସ୍ପଷ୍ଟ

ବ୍ୟାଙ୍କ, ବୀମା, ଅଟୋମୋବାଇଲ, ଲଜିଷ୍ଟିକ୍ସ ଓ ଇନ୍‌ଫ୍ରାଷ୍ଟ୍ରକ୍‌ଚର କମ୍ପାନୀଗୁଡ଼ିକ ନିଯୁକ୍ତି ସଂଖ୍ୟା ହ୍ରାସ କରିସାରିଛନ୍ତି। ଅଧିକାଂଶ ସେକ୍ଟରରେ ଭର୍ତ୍ତି ଗତିବିଧି ଧିମା ହୋଇଗଲାଣି। ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଦେଶରେ ନିଯୁକ୍ତି ଦୃଶ୍ୟପଟ ବେଶ୍ ଅସ୍ପଷ୍ଟ ହୋଇଛି।

# ୧୦ ହଜାର କର୍ମଚାରୀ ଛଟେଇ କରିବ ପାର୍ଲେ ଜି

ନୂଆଦିଲ୍ଲୀ,୨୧-୮




### ଜିଏସ୍‌ଟି ମାଡ଼ର ପ୍ରଭାବ

ଭାରତର ଅର୍ଥନୀତି ଧିମା ହେବାର ପ୍ରଭାବ ଏବେ ଦେଶର ସର୍ବବୃହତ୍ ବିସ୍କୁଟ ନିର୍ମାତା କମ୍ପାନୀ ପାର୍ଲେ ଜି ଉପରେ ପଡିଛି। ଏହି କାରଣରୁ ଆଗାମୀ ଦିନରେ କମ୍ପାନୀ ପ୍ରାୟ ୧୦ ହଜାର କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି।

କମ୍ପାନୀର କ୍ୟାଟେଗରି ମୁଖ୍ୟ ମୟଙ୍କ ଶାହ କହିଛନ୍ତି ଯେ, ଦେଶରେ ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଲାଗୁ ହେବା ପରେ ବିସ୍କୁଟ ଉଦ୍ୟୋଗ ଧିମା ହୋଇଯାଇଛି। ବିସ୍କୁଟ୍ ଉପରୁ ଜିଏସ୍‌ଟି କମାଇବା ଲାଗି ସରକାରଙ୍କୁ ବାରମ୍ବାର କୁହାଯାଇଛି। ସରକାର ବିସ୍କୁଟ ଉଦ୍ୟୋଗ ଜଗତର ଗୁହାରି ନ ଶୁଣିଲେ କମ୍ପାନୀ ନିକଟରେ ଆଉ କୌଣସି ବିକଳ୍ପ ରହିବ ନାହିଁ। ବାଧ ହୋଇ କମ୍ପାନୀ ଆଗାମୀ ଦିନରେ ୮ରୁ ୧୦ ହଜାର କର୍ମଚାରୀଙ୍କୁ ଛଟେଇ କରିବ। ଶାହ କହିଛନ୍ତି ଯେ, ୧୦୦ ଟଙ୍କା ପ୍ରତି କେଜି ମୂଲ୍ୟ ଥିବା ବିସ୍କୁଟ ଉପରେ ଜିଏସ୍‌ଟି ହ୍ରାସ ଲାଗି ସରକାରଙ୍କୁ ଅନୁରୋଧ କରାଯାଇଛି। ବାସ୍ତବରେ ଜିଏସ୍‌ଟି ଲାଗୁ ହେବା ପୂର୍ବରୁ ୧୦୦ ଟଙ୍କା ପ୍ରତି କେଜିରୁ କମ୍ ମୂଲ୍ୟର ବିସ୍କୁଟ ଉପରେ ୧୨% ଟିକସ ଆଦାୟ ହେଉଥିଲା। କିନ୍ତୁ ସରକାର ଦୁଇ ବର୍ଷ ପୂର୍ବେ ଲାଗୁ କରିଥିବା ଜିଏସ୍‌ଟିରେ ୧୮ ପ୍ରତିଶତ ଟିକସ ଆଦାୟ କରାଯାଉଛି। ୫ ଟଙ୍କାର ପ୍ୟାକେଟ ଉପରେ ଅଧିକ ଜିଏସ୍‌ଟି ଲାଗୁ ହେଉଛି। ଫଳରେ ବିସ୍କୁଟ କମ୍ପାନୀଗୁଡ଼ିକ ଦର ବଢ଼ାଇବାକୁ ବାଧ ହୋଇଛନ୍ତି। ଦରକୁ ନେଇ ଭାରତୀୟ ଗ୍ରାହକ ଅତ୍ୟନ୍ତ ସମ୍ବେଦନଶୀଳ। ସେମାନେ ଗୋଟିଏ ପ୍ୟାକେଟରେ ଥିବା ବିସ୍କୁଟ ଗଣୁଛନ୍ତି। ଦରବୃଦ୍ଧି କାରଣରୁ ବିକ୍ରି ଦିନକୁ ଦିନ ହ୍ରାସ ପାଇଚାଲିଛି। ସୂଚନାଥାଉ କି, ୯୦ ବର୍ଷ ପୁରୁଣା ପାର୍ଲେ ଜିର ନିଜସ୍ୱ ୧୦ କାରଖାନା ରହିଥିବା ବେଳେ ସାରା ଦେଶରେ କଣ୍ଟ୍ରାକ୍ଟରେ ୧୨୫ କାରଖାନା ରହିଛି। ଏଥିରେ ପ୍ରାୟ ୧ ଲକ୍ଷ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। କମ୍ପାନୀର ବାର୍ଷିକ ରାଜସ୍ୱ କାରବାର ପ୍ରାୟ ୯୯୪୦ କୋଟି ଟଙ୍କା ରହିଛି। ଉଲ୍ଲେଖଥାଉ କି, ନିକଟରେ ପାର୍ଲେର ବଡ଼ ପ୍ରତିଦ୍ୱନ୍ଦ୍ୱୀ ବ୍ରିଟାନିଆ ଇଣ୍ଡଷ୍ଟ୍ରିଜର ଏମ୍‌ଡି ବରୁଣ ବେରୀ ମଧ ବିସ୍କୁଟ ବିକ୍ରି ହ୍ରାସ ପାଉଥିବା ସ୍ୱୀକାର କରିଥିଲେ। ସେ କହିଥିଲେ ଯେ, ଦରବୃଦ୍ଧି କାରଣରୁ ଲୋକେ ୫ ଟଙ୍କାର ବିସ୍କୁଟ ପ୍ୟାକେଟ ମଧ କିଣିବାକୁ ଚାହୁଁନାହାନ୍ତି। ବ୍ରିଟାନିଆର କାରବାର ଅଭିବୃଦ୍ଧି ମାତ୍ର ୬% ରହିଛି। ମାର୍କେଟ ରିସର୍ଚ୍ଚ ଫାର୍ମ ନିଲସେନ ରିପୋର୍ଟ ମୁତାବକ, ଆର୍ଥିକ ମାନ୍ଦାବସ୍ଥା କାରଣରୁ କଞ୍ଜ୍ୟୁମର ଗୁଡ୍ସ ଉଦ୍ୟୋଗ ଧିମା ହେଲାଣି।

# ଗୁଜରାଟ ହୀରା କାରବାର ମାନ୍ଦା, ୧୫% ନିଯୁକ୍ତି ହ୍ରାସ

ନୂଆଦିଲ୍ଲୀ,୨୧-୮

ଆମେରିକା ଓ ଚାଇନା ମଧରେ ଆରମ୍ଭ ହୋଇଥିବା ଟ୍ରେଡ୍ ୱାର୍ ପ୍ରଭାବ ଏବେ ଧୀରେ ଧୀରେ ଦୁଇଦେଶର ସୀମାସରହଦ ଅତିକ୍ରମ କରି ଅନ୍ୟ ଦେଶର ବାଣିଜ୍ୟକୁ ପ୍ରଭାବିତ କରିବା ଆରମ୍ଭ କରିଛି। ଭାରତ ମଧ ଏଥିରୁ ଅଛୁଆଁ ରହିନାହିଁ। ଗୁଜରାଟର ହୀରା କାରବାର ଉପରେ ଟ୍ରେଡଖ ୱାର୍‌ର ବେଶ୍ ପ୍ରଭାବ ପଡିଛି। ଫଳରେ ଚାଇନା ଓ ପଶ୍ଚିମ ଏସିଆ ଦେଶଗୁଡ଼ିକରେ ହୀର ଚାହିଦା ହ୍ରାସ ପାଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସ ମଧରେ ଗୁଜରାଟର ଡାଏମଣ୍ଡ କଟିଂ ଓ ପଲିସିଂ କାରବାରରେ ୧୦ରୁ ୧୫ ପ୍ରତିଶତ ନିଯୁକ୍ତି ହ୍ରାସ ପାଇଛି। ଚାହିଦା କମିବା କାରଣରୁ ପରିଷ୍କୃତ ହୀରା ମୂଲ୍ୟ ୬ରୁ୧୦ ପ୍ରତିଶତ କମିଯାଇଛି। ଆଗାମୀ ଦିନରେ ଚାହିଦା ବଢ଼ିବାର କୌଣସି ସମ୍ଭାବନା ନାହିଁ ବୋଲି ହୀରା ଉଦ୍ୟୋଗ ଜଗତରେ ମତପ୍ରକାଶ ପାଇଛି।

ଜେମ୍ସ ଆଣ୍ଡ ଜୁଏଲେରୀ କାଉନସିଲ ଉପାଧ୍ୟକ୍ଷ କଲିନ ଶାହ କହିଛନ୍ତି ଯେ, ହୀରା ଉଦ୍ୟୋଗରେ ନିଯୁକ୍ତି ୧୫% ହ୍ରାସ ପାଇସାରିଲାଣି। ଏହାର ପ୍ରଭାବ ସୁରଟ, ଅମରୋଲିର ଛୋଟ କେନ୍ଦ୍ର ଓ ଭାବନଗରରେ ଦେଖିବାକୁ ମିଳୁଛି। ବିଶ୍ୱରେ ଚାହିଦାର ଅଭାବ କାରଣରୁ ନଗଦ ସଙ୍କଟ ଦେଖାଦେଇଛି। ଆମେରିକା ଓ ୟୁରୋପରେ ଚାହିଦା କମିଥିବା ବେଳେ ଚାଇନାରେ ଏହା ୧୫ରୁ ୨୦ ପ୍ରତିଶତ କମିଛି। ଗଲ୍ଫ ଦେଶରେ ମଧ ଚାହିଦା ବଢୁନାହିଁ। ଟ୍ରେଡ ୱାର କାରଣରୁ ଜୁଲାଇରେ କଟ ଆଣ୍ଡ ପଲିସଡ ହୀରା ରପ୍ତାନି ଗତବର୍ଷ ତୁଳନାରେ ୧୮.୧୫ ପ୍ରତିଶତ କମିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ ମାସରେ ରପ୍ତାନୀ ୧୫.୧୧ ପ୍ରତିଶତ ହ୍ରାସ ପାଇଛି। ଏହି ଅବଧିରେ ଜେମ୍ସ ଆଣ୍ଡ ଜୁଏଲେରି ରପ୍ତାନି ୬.୬୭ ପ୍ରତିଶତ କମିଛି।

# ଓଡ଼ିଶା ବଜାରରେ ହ୍ୟୁଣ୍ଡାଇ ଇଲେକ୍‌ଟ୍ରୋନିକ୍ସ

ଭୁବନେଶ୍ୱର, ୨୧-୮(ବ୍ୟୁରୋ)

ହ୍ୟୁଣ୍ଡାଇ ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ଓଡ଼ିଶା ବଜାରରେ ଏହାର ପ୍ରଡକ୍ଟଗୁଡିକର ଶୁଭାରମ୍ଭ ଘୋଷଣା କରାଯାଇଛି। କମ୍ପାନୀର ଚିଫ୍ ଅପରେଟିଂ ଅଫିସର (ସିଓଓ) ଅଭିଷେକ ମାଲପାନି, ବିତରକ ପପୁ ହଂସ ଏବଂ କମ୍ପାନୀର ଜୋନାଲ ମ୍ୟାନେଜର ରାହୁଲ ଛିବେର ପ୍ରଡକ୍ଟଗୁଡ଼ିକୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଜାର ପ୍ରବେଶ କରାଇଛନ୍ତି। କମ୍ପାନୀ ପ୍ରାଥମିକ ପର୍ଯ୍ୟାୟରେ ୪ଟି ବର୍ଗରେ ଏହାର ପ୍ରଡକ୍ଟ ଆଣିଛି। ଏହା ମଧରେ ଟିଭି, ରେଫ୍ରିଜରେଟର, ୱାଶିଂମେଶିନ ଏବଂ ଏସି ରହିଛି। ଆଗାମୀ ଦିନରେ ଅଧିକ ପ୍ରଡକ୍ଟ ଆଣିବା ନେଇ କମ୍ପାନୀ ଲକ୍ଷ୍ୟଧାର୍ଯ୍ୟ କରିଛି। ଓଡ଼ିଶା ବଜାରକୁ ନେଇ ଆଶାବାଦୀ ଥିବାବେଳେ ଏଠାରେ ପ୍ରଡକ୍ଟ ଗୁଡ଼ିକ ଲୋକଙ୍କ ଦ୍ୱାରା ପସନ୍ଦ ଆସିବ ବୋଲି ସିଓଓ ମାଲପାନି କହିଛନ୍ତି। ହ୍ୟୁଣ୍ଡାଇ କର୍ପୋରେଶନ ଘରୋଇ ବଜାରରେ ଏହାର ଗାଡି ସେଗ୍‌ମେଣ୍ଟ ଲାଗି ଲୋକଙ୍କ ମଧରେ ବେଶ ପରିଚିତ ଥିବା ବେଳେ ଏହି ନୂଆ ସେଗମେଣ୍ଟରେ ଆସିଥିବାରୁ ବେଶ୍ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ରହିଥିବା ବିତରକ ପପୁ ହଂସ କହିଛନ୍ତି। ଏହି ଅବସରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଡିଲରମାନେ ଯୋଗଦେଇଥିଲେ। ସେହିଭଳି କମ୍ପାନୀର ପ୍ରଡକ୍ଟ ଏହି ଅବସରରେ ପ୍ରଦର୍ଶନ କରାଯାଇଥିଲା।




ପ୍ରଡକ୍ଟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କମ୍ପାନୀର ବରିଷ୍ଠ ଅଧିକାରୀ।

## ଅର୍ଥର ଅର୍ଥ

# ଇପିଏସ୍ ସ୍କିମ୍‌ର ସୁବିଧାକୁ ଅଣଦେଖା କରନ୍ତୁନି



Rupkumar Pradhan
CERTIFIED FINANCIAL PLANNER$^{CM}$, CHARTERED WEALTH MANAGER
“Director, SmartFin Wealth Management Pvt. Ltd.”

‘ଧରିତ୍ରୀ’ ପକ୍ଷରୁ ‘ଅର୍ଥର ଅର୍ଥ’ ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**ପିଏଫ୍ ଆକାଉଣ୍ଟରୁ ସବୁ ଟଙ୍କା ଉଠାଣ କରିସାରିଛି। ଏ କ୍ଷେତ୍ରରେ ପେନ୍‌ସନ୍ ପାଇବାକୁ ମୁଁ ଯୋଗ୍ୟ କି ? ମୋର ପେନ୍‌ସନ ଟଙ୍କା କେତେ ହେବ?**

**–ଆର୍.କେ. ବର୍ମା, ବ୍ରହ୍ମେଶ୍ୱରପାଟଣା, ଭୁବନେଶ୍ୱର**

● କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍)ରୁ ପେନ୍‌ସନ ପାଇବାକୁ ହେଲେ ପ୍ରତ୍ୟେକ ମାସରେ ନିଜର ଦରମାରୁ ଇପିଏଫ୍ କିସ୍ତି ସଞ୍ଚୟ କରିବାକୁ ପଡ଼ିବ। ଜଣେ ବ୍ୟକ୍ତି ଇପିଏଫ୍ ସ୍କିମ୍‌ରୁ ପେନ୍‌ସନ ପାଇବା ପାଇଁ ସେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନର ଜଣେ ସଦସ୍ୟ ହୋଇଥିବା ଦରକାର। ସେହିଭଳି ଅନ୍ତତଃ ପକ୍ଷେ ୧୦ ବର୍ଷ ପର୍ଯ୍ୟନ୍ତ ଚାକିରି କରିଥିବେ। ଏହା ସହିତ ଇପିଏଫ୍ ମାସିକ କିସ୍ତି ସଞ୍ଚୟ କରିଥିବେ ବା ଇପିଏଫ୍ ଆକାଉଣ୍ଟରେ ଜମା କରିଥିବେ। ଇପିଏଫ୍ ସ୍କିମ୍ ଭିତରେ କର୍ମଚାରୀ ପେନ୍‌ସନ୍ ସ୍କିମ୍ (ଇପିଏସ୍) ଅଛି। ଏହି ସାର୍ଟିଫିକେଟ ବ୍ୟବହାର କରି ଆପଣ ନିଜର ପେନ୍‌ସନ ୫୮ କିମ୍ବା ୫୦ ବର୍ଷରୁ ପାଇପାରିବେ। ଯଦି ଆପଣ ୫୮ ବର୍ଷ ବୟସରେ ପେନ୍‌ସନ ନିଅନ୍ତ ତେବେ ଏହାକୁ ସୁପରଆନୁଏସନ୍ କୁହାଯାଏ।

ଆପଣଙ୍କ କ୍ଷେତ୍ରରେ ଆପଣ ସମସ୍ତ ଟଙ୍କା ଉଠାଣ କରିସାରିଛନ୍ତି। ଇପିଏସ୍ ଆକାଉଣ୍ଟ ଟଙ୍କା ବିଷୟରେ କିଛି ଜଣାଇନାହାନ୍ତି। ଯଦିଓ ୧୦ବର୍ଷରୁ ଅଧିକ ଚାକିରି କରିଛନ୍ତି କିନ୍ତୁ ସମସ୍ତ ଟଙ୍କା ଉଠାଣ କରିସାରିଛନ୍ତି। ବିଗତ କମ୍ପାନୀର ଇପିଏଫ୍ ଆକାଉଣ୍ଟରୁ ଟଙ୍କା ଉଠାଣ କରିଛନ୍ତି କି ନାହିଁ ତନଖି କରିନେବା ଉଚିତ ହେବ। ଯଦି ଆପଣ ସମସ୍ତ ଟଙ୍କା ଇପିଏଫ୍ ଓ ଇପିଏସ୍‌ରୁ ଉଠାଣ କରିସାରିଛନ୍ତି ତେବେ ଆପଣଙ୍କୁ ପେନ୍‌ସନ ମିଳିବ ନାହିଁ।

**ଚାକିରି କରିଥିବା ବ୍ୟକ୍ତିଙ୍କ ପାଇଁ ଇପିଏଫ୍‌ର ୫ଟି ସୁବିଧା**

- **ଆୟକର ଛାଡ଼ ସୁବିଧା**
- **ଜୀବନସାରା ପେନ୍‌ସନ**
- **ଜୀବନବୀମା ସୁରକ୍ଷା (ଇଡିଏଲ୍‌ଆଇ ସ୍କିମ୍ ଦ୍ୱାରା ପରିଚାଳିତ)**
- **ସମୟ ପୂର୍ବରୁ ଉଠାଣ ସୁବିଧା**
- **ଅଧିକ ସୁଧହାର ପାଇବା ସମ୍ଭାବନା ଏବଂ ଆୟକର ମୁକ୍ତ ସୁଧରାଶି**

ଇପିଏଫ୍ ସ୍କିମର ସୁବିଧା ସବୁକୁ ଜମା ଅଣଦେଖା କରନ୍ତୁ ନାହିଁ। ଭବିଷ୍ୟତରେ ଏହା ଆପଣଙ୍କ ଅବସରକାଳୀନ ସମୟ ଖର୍ଚ୍ଚ ପାଇଁ କାମରେ ଆସିବ।

**ମାସିକ ୪୦୦୦ ଟଙ୍କା ଆଇଆଇସିଆଇ ପ୍ରୁଡେନସିଆଲ ମଲ୍ଟି-କ୍ୟାପ୍ ଫଣ୍ଡ ଏବଂ ୨୦୦୦ ଟଙ୍କା ୟୁନିୟନ ମଲ୍ଟି-କ୍ୟାପ୍ ଫଣ୍ଡରେ ନିବେଶ କରୁଛି। ଗତ ୨ବର୍ଷ ହେବ ମାସିକ ସଞ୍ଚୟ କରିଆସୁଛି। ବର୍ତ୍ତମାନ ଭଲ ଲାଭ ନାହିଁ। ଏ କ୍ଷେତ୍ରରେ ମୋର କିଛି ପରିବର୍ତ୍ତନ କରିବା ଦରକାର କି ? ୧୫-୨୦ ବର୍ଷ ପର୍ଯ୍ୟନ୍ତ ନିବେଶ କରିବି ବୋଲି ଭାବିଛି। କ’ଣ କରିବା ଠିକ୍ ହେବ ?**

**–ମାଳତୀ ମିଶ୍ର, କଟକ**

● ଆପଣଙ୍କ ଦୀର୍ଘକାଳୀନ ନିବେଶ ସମୟସୀମା ଅନୁଯାୟୀ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡ ଏକ ଆସେଟ ଶ୍ରେଣୀ ହିସାବରେ ମୁଦ୍ରାସ୍ଫୀତି ହାରଠାରୁ ଦୀର୍ଘକାଳୀନ ହିସାବ ଅଧିକ ଲାଭପ୍ରଦାନ କରିପାରିବ। ବର୍ତ୍ତମାନର ପୁଞ୍ଜିବଜାରର ନିମ୍ନଗାମୀ ବା ଅସ୍ଥିରତା କାରଣ ପାଇଁ ପ୍ରାୟତଃ ଅଧିକାଂଶ ମ୍ୟୁଚୁଆଲ ଫଣ୍ଡସବୁ ନିମ୍ନ ବା ନାସ୍ତିସୂଚକ ଲାଭ ପ୍ରଦାନ କରୁଥିବା ଦେଖାଯାଉଛି। ଆପଣ ଉପରୋକ୍ତ ସ୍କିମ୍‌ରେ ନିବେଶ ଜାରି ରଖନ୍ତୁ।

ଯେହେତୁ ସ୍କିମ୍‌ସବୁ ଦୀର୍ଘକାଳୀନ ହିସାବରେ ଭଲ ପ୍ରଦର୍ଶନ କରିଛନ୍ତି ଓ ରିସ୍କ ବହନ କରି ଲାଭ ପ୍ରଦାନ କରିଛନ୍ତି।

ଆପଣଙ୍କ ଦୀର୍ଘକାଳୀନ ନିବେଶ ସମୟସୀମାକୁ ଦୃଷ୍ଟିରେ ରଖି ମିରାଇ ଆସେଟ୍ ଲାର୍ଜ-କ୍ୟାପ୍ ଫଣ୍ଡ ଓ ଏଚ୍‌ଏଫ୍‌ଡିସି ସ୍ମଲ-କ୍ୟାପ ଫଣ୍ଡରେ ନିବେଶ କରିବା ପାଇଁ ପସନ୍ଦ କରିପାରନ୍ତି। ସବୁଠାରୁ ମୁଖ୍ୟ ଦିଗ ହେଉଛି ନିବେଶ କରିବା ସମୟରେ ନିବେଶକୁ ଆର୍ଥିକ ଲକ୍ଷ୍ୟ ସହିତ ସଂଯୁକ୍ତ କରିବା ଉଚିତ ଏବଂ ନିୟମିତ ବ୍ୟବଧାନରେ ନିବେଶ ପୋର୍ଟଫୋଲିଓ ସମୀକ୍ଷା କରିବା ନିହାତି ଜରୁରୀ।

**ମୁଁ କିଛି ଟଙ୍କା ୧ ବର୍ଷ ପର୍ଯ୍ୟନ୍ତ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ଚାହୁଁଛି। ବ୍ୟାଙ୍କ ସ୍ଥାୟୀ ଜମାରେ ଆୟକର ପ୍ରଭାବ ଯୋଗୁ ମୋର ଆୟକର- ପ୍ରଭାବୀ- ସୁଧହାର ବହୁତ କମ୍ ରହୁଛି। ଇକ୍ୟୁଟି ସ୍କିମ୍‌ରେ କମ୍ ରିସ୍କ ନେଇ ୬.୭% ପାଇ ପାରିବି କି?**

**–ସାଗର ସ୍ୱରୂପ ସାହୁ, ପାରାଦୀପ**

● ଆପଣ ଡେଟ୍ ମ୍ୟୁଚୁଆଲ ଫଣ୍ଡ ସବୁରେ ନିବେଶ କରିପାରିବେ। ଆୟକର- ପ୍ରଭାବୀ- ସୁଧହାର ବ୍ୟାଙ୍କ ସ୍ଥାୟୀ ଜମାଠାରୁ ଅଧିକ ରହିବ। ଯଦି ଇକ୍ୟୁଟି ସ୍କିମ୍‌ରେ ନିବେଶ କରିବାକୁ ଚାହୁଁଛନ୍ତି ତେବେ ଇକ୍ୟୁଟି ଆର୍ବିଟ୍ରାଜ୍ ଫଣ୍ଡରେ ନିବେଶ କରିପାରିବେ ଓ ରିସ୍କ ମଧ କମ୍ ରହିବ। ଆମର ପରାମର୍ଶ ଆପଣ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଭଲଭାବରେ ବୁଝିବା ଓ ରିସ୍କ ବିଷୟରେ ବୁଝିବା ଉଚିତ ହେବ। ଏ କ୍ଷେତ୍ରରେ ଆପଣ ଜଣେ ଚାର୍ଟାର୍ଡ ୱେଲ୍‌ଥ ମ୍ୟାନେଜର କିମ୍ବା ସାର୍ଟିଫିକେଟ ଫାଇନାନ୍ସିଆଲ ପ୍ଲାନରଙ୍କୁ ସାକ୍ଷାତ କରି ପରାମର୍ଶ ନିଅନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**

## ସଂକ୍ଷେପରେ

### ଆଶେସ: ତୃତୀୟ ଟେଷ୍ଟ ଆଜିଠାରୁ

ଲିଡ୍ସ,୨୧।୮(ଏଏଫ୍‌ପି): ଇଂଲଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଚାଲିଥିବା ଆଶେସର ତୃତୀୟ ଟେଷ୍ଟ ଗୁରୁବାରଠାରୁ ଆରମ୍ଭ ହେବ। ପ୍ରଥମ ଟେଷ୍ଟରେ ଅଷ୍ଟ୍ରେଲିଆ ୨୫୧ ରନରେ ବିଜୟୀ ହୋଇଥିଲା। ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ଟେଷ୍ଟ ଅମୀମାଂସିତ ରହିବାରୁ ଅଷ୍ଟ୍ରେଲିଆ ଏହି ୫ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ଫଳରେ ଲିଡ୍ସର ହେଡିଂଲି ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ ଅଷ୍ଟ୍ରେଲିଆ ଅପେକ୍ଷା ଇଂଲଣ୍ଡ ପାଇଁ ଅଧିକ ଗୁରୁତ୍ୱ ବହନ କରୁଛି। ଲର୍ଡ୍ସରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ଇଂଲଣ୍ଡ ଯୁବ ଦ୍ରୁତ ବୋଲର ଜୋଫ୍ରା ଆର୍ଚରଙ୍କ ବଲ୍‌ରେ ଅଭିଜ୍ଞ ଷ୍ଟିଭ୍ ସ୍ମିଥ୍ ଆହତ ହୋଇଥିଲେ। ଘଣ୍ଟା ପ୍ରତି ୯୨ ମାଇଲ ବେଗରେ ଆସି ବଲ୍ ତାଙ୍କ ବେକରେ ବାଜିଥିଲା। ଫଳରେ ସେ ତୃତୀୟ ଟେଷ୍ଟରୁ ବାଦ୍ ପଡିଛନ୍ତି। ସ୍ମିଥ୍‌ଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ପାଇଁ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସ୍ମିଥ୍ ପ୍ରଥମ ଟେଷ୍ଟରେ ଉଭୟ ଇନିଂସରେ ୧୪୪ ଓ ୧୪୨ ରନର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ମଧ୍ୟ ଦ୍ୱିତୀୟ ଟେଷ୍ଟରେ ୯୨ ରନର ଲଢୁଆ ପାଳି ଖେଳିଥିଲେ। ଅଷ୍ଟ୍ରେଲିଆ ଦଳରେ ପ୍ୟାଟ୍ କମିନ୍ସ, ଜୋଶ ହାଜେଲଉଡ୍ ଓ ମିଚେଲ ଷ୍ଟାର୍କଙ୍କ ଭଳି ତାରକା ଦ୍ରୁତ ବୋଲର ରହିଛନ୍ତି। ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ୧୮ ବର୍ଷ ପରେ ଆଶେସ ବିଜୟୀ ହେବ ବୋଲି କୋଚ୍ ଜଷ୍ଟିନ ଲାଙ୍ଗର କହିଛନ୍ତି। ଇଂଲଣ୍ଡକୁ ହରାଇବାକୁ ଆମେ ରଣନୀତି ପ୍ରସ୍ତୁତ କରିଛୁ। ମ୍ୟାଚ୍ ଜିତିବା ପାଇଁ ଆମେ ଏଠାରେ ଆସି ପହଞ୍ଚିଛୁ ବୋଲି ସେ କହିଛନ୍ତି।

### ଡୁରାଣ୍ଡ କପ୍: ମୋହନ ବାଗାନ-ଗୋକୁଲମ କେରଳ ଫାଇନାଲ

କୋଲକାତା, ୨୧।୮ (ପି.ଟି.)- ମୋହନ ବାଗାନ ଓ ଗୋକୁଲମ କେରଳ ମଧ୍ୟରେ ୧୨୯ତମ ଡୁରାଣ୍ଡ କପ୍‌ର ଫାଇନାଲ ଅନୁଷ୍ଠିତ ହେବ। ବୁଧବାର ଖେଳାଯାଇଥିବା ଏକ ରୋମାଞ୍ଚକ ସେମିଫାଇନାଲ ମୁକାବିଲାରେ ଇଷ୍ଟ ବେଙ୍ଗଲକୁ ୨-୩ ଗୋଲରେ ପରାସ୍ତ କରି ଗୋକୁଲମ କେରଳ ଏଫ୍‌ସି ଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ସଟ୍‌ଲେକ୍ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲସ୍କୋର କରିଥିଲେ। ଫଳରେ ଫଳାଫଳ ପାଇଁ ରେଫରି ପେନାଲ୍ଟି ଶୁଟ୍‌ଆଉଟ୍‌ର ସହାୟତା ନେଇଥିଲେ। ଏଥିରେ ଗୋକୁଲମ ୩-୨ ଗୋଲରେ ବାଜିମାତ୍ କରି ନେଇଥିଲା। ସେହିଭଳି ଅନ୍ୟ ଏକ ସେମିଫାଇନାଲରେ ମୋହନ ବାଗାନ ୩-୧ ଗୋଲରେ ରିଅଲ କଶ୍ମୀରକୁ ପରାସ୍ତ କରି ଫାଇନାଲ ଟିକେଟ୍ ହାସଲ କରିଛି।

"ଜୋଫ୍ରା ଆର୍ଚର ଜଣେ ଯୁବ ଓ ପ୍ରତିଭାବାନ ଦ୍ରୁତ ବୋଲର। କିନ୍ତୁ ତାଙ୍କ ବୋଲିଂରେ ଅଷ୍ଟ୍ରେଲିଆ ଦଳ ଭୟଭୀତ ହୋଇନାହିଁ।
–ଟିମ୍ ପାଇନ୍, ଅଷ୍ଟ୍ରେଲିଆ ଟେଷ୍ଟ ଦଳର ଅଧିନାୟକ



"ନିକଟ ଅତୀତରେ ଟେଷ୍ଟ କ୍ରିକେଟ୍ ବହୁତ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଯାଇଛି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏଥିରେ ରୋମାଞ୍ଚ ଆଣିବ।
–ବିରାଟ କୋହଲି, ଭାରତୀୟ କ୍ରିକେଟ ଦଳର ଅଧିନାୟକ



# ଭାରତୀୟ ମହିଳା, ପୁରୁଷ ଦଳ ଚାମ୍ପିୟନ

**ଟୋକିଓ(ଜାପାନ),୨୧।୮: ଏଠାରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି ଟୁର୍ନାମେଣ୍ଟରେ ଭାରତର ଉଭୟ ମହିଳା ଓ ପୁରୁଷ ଦଳ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ମହିଳା ଦଳ ଜାପାନକୁ ୨-୧ ଗୋଲରେ ହରାଇଥିବାବେଳେ ପୁରୁଷ ଦଳ ନ୍ୟୁଜିଲାଣ୍ଡକୁ ୫-୦ ଗୋଲରେ ପରାସ୍ତ କରିଛି।**

**ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ହକି**

## ମହିଳା: ଭାରତ ୨, ଜାପାନ ୧

ଭାରତ-ଜାପାନ ମ୍ୟାଚ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମ କ୍ୱାର୍ଟରରୁ ହିଁ ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ। ପ୍ରଥମ ୧୦ ମିନିଟରେ ପ୍ରଭାବ ବିସ୍ତାର କରି ଖେଳିଥିବା ଭାରତ ୧୧ତମ ମିନିଟରେ ନଭଜୋତ କୌରଙ୍କ ଏକ ଫିଲ୍ଡ ଗୋଲ ମାଧ୍ୟମରେ ଅଗ୍ରଣୀ ନେଇଥିଲା। ମାତ୍ର ଦଳର ଏହି ଖୁସି ବେଶି ସମୟ ରହି ନ ଥିଲା। ଏହାର ୧ ମିନିଟ ପରେ ଅର୍ଥାତ୍ ୧୧ତମ ମିନିଟରେ ମିନାମି ଶିମିଜୁ ଏକ ଗୋଲ ଦେଇ ମ୍ୟାଚକୁ ୧-୧ ସ୍ଥିତିକୁ ନେଇଆସିଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭିନ୍ନ ରଣନୀତିରେ ଉଭୟ ଦଳ ରକ୍ଷଣାତ୍ମକ ବିଭାଗକୁ ଦୃଢ଼ କରି ଖେଳିଥିଲେ ଏବଂ ସତର୍କତାର ସହ ପ୍ରତିପକ୍ଷ ଗୋଲ୍‌ପୋଷ୍ଟ ଉପରେ ଆକ୍ରମଣ କରୁଥିଲେ। ବନ୍ଦନା କାଟାରିଆ ଓ ନଭଜୋତ କେତେକ ସୁଯୋଗ ସୃଷ୍ଟି କରିଥିଲେ ହେଁ ତାହାକୁ ଗୋଲରେ ପରିଣତ କରିପାରି ନ ଥିଲେ। ଜାପାନ ମଧ୍ୟ ସୁଯୋଗ ହାତଛଡ଼ା କରିବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଉଭୟ ଦଳ ବରାବର ସ୍ଥିତିରେ ଥିଲେ।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଭାରତ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଫଳସ୍ୱରୂପ ୩୩ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଭାରତୀୟ ଡ୍ରାଗ୍‌ଫ୍ଲିକର ଗୁରଜିତ କୌରଙ୍କ ଶଟ୍‌କୁ ଜାପାନ ଗୋଲକିପର ମିଗୁମି କାଗେୟାମା ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ମାତ୍ର ତାଙ୍କ ନିକଟରୁ ଫେରି ଆସୁଥିବା ବଲ୍‌କୁ ନିକଟରେ ପାଇ ସୁଯୋଗ ହାତଛଡ଼ା କରି ନ ଥିଲେ ଲାଲରେମସିଆମି। ସେ ରିବାଉଣ୍ଡ ଶଟ୍ ମାଧ୍ୟମରେ ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ। ଏହାପରେ ଭାରତୀୟ ଦଳ ଚମତ୍କାର ରିଦମରେ ଖେଳିଥିବାରୁ ଜାପାନ ଖେଳାଳିମାନେ ରକ୍ଷଣଭାଗ ଭେଦ କରି ଗୋଲ ପରିଶୋଧ କରିବାକୁ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ୪୨ତମ ମିନିଟରେ ଦଳ କ୍ରମାଗତ ୨ଟି ଏବଂ ୪୫ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଡିଫେଣ୍ଡରମାନେ ତାହାକୁ ସଫଳତାର ସହ ପ୍ରତିହତ କରିଥିଲେ। ଅନ୍ତିମ କ୍ୱାର୍ଟରରେ ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା ଜାପାନ। ମ୍ୟାଚ ଶେଷ ହେବାକୁ ଅଳ୍ପ ସମୟ ଥିବାବେଳେ ଜାପାନ ଲଗାତର ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲକିପର ସବିତାଙ୍କ ଚମତ୍କାର ସେଭ୍ ଯୋଗୁ ଭାରତ ବିଜୟ ମୁକୁଟ ପିନ୍ଧିଥିଲା। ଚାପ ପରିସ୍ଥିତିରେ ଭାରତୀୟ ଡିଫେଣ୍ଡର ଓ ଗୋଲକିପର ଚମତ୍କାର ପ୍ରଦର୍ଶନ କରିଥିଲେ। ଅନ୍ୟ ଏକ ମ୍ୟାଚରେ ଚାଇନାକୁ ୩-୧ ଗୋଲରେ ହରାଇ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନ ଅଧିକାର କରିଛି।



ଭାରତୀୟ ମହିଳା ହକି ଦଳର ଫରୱାର୍ଡ ଲାଲରେମସିଆମି।

## ପୁରୁଷ: ଭାରତ ୫, ନ୍ୟୁଜିଲାଣ୍ଡ ୦

ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟର ଫାଇନାଲରେ ନ୍ୟୁଜିଲାଣ୍ଡକୁ ୫-୦ ଗୋଲରେ ହରାଇ ଲିଗ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି ଭାରତ। ଲିଗ୍ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡ ୨-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଟାଇଟଲ ପର୍ଯ୍ୟାୟରେ କିନ୍ତୁ ହରମନପ୍ରୀତ ସିଂଙ୍କ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲା। ଉଭୟ ଦଳ ସତର୍କତାର ସହ ଖେଳ ଆରମ୍ଭ କରିଥିଲେ। ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଥମେ ପୋଷଣ କରିଥିଲା ଭାରତ। ଫଳରେ ୭ମ ମିନିଟରେ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ଭାରତୀୟ ଦଳ ଅଧିନାୟକ ହରମନପ୍ରୀତ ଏହାକୁ ଗୋଲରେ ପରିଣତ କରିବାରେ ବିଫଳ ହୋଇଥିଲେ। ମାତ୍ର ନ୍ୟୁଜିଲାଣ୍ଡ ଖେଳାଳିଙ୍କ ତ୍ରୁଟି ଯୋଗୁ ଭାରତକୁ କ୍ରମାଗତ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ କୌଣସି ଭୁଲ କରି ନ ଥିଲେ ହରମନପ୍ରୀତ। ପ୍ରଥମ କ୍ୱାର୍ଟର ଶେଷସୁଦ୍ଧା ଭାରତ ୧-୦ ଗୋଲରେ ଅଗ୍ରଣୀ ରହିଥିଲା।

ପ୍ରଥମ କ୍ୱାର୍ଟରରେ ମିଳିଥିବା ମୋମେଣ୍ଟମ୍‌କୁ ଭାରତ ଦ୍ୱିତୀୟ କ୍ୱାର୍ଟରରେ ହାତଛଡ଼ା କରି ନ ଥିଲା। ୧୮ତମ ମିନିଟରେ ପେନାଲ୍ଟି କର୍ନରରୁ ଭାରତ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ ସମସେର ସିଂ। ଦ୍ୱିତୀୟ କ୍ୱାର୍ଟରରେ ନ୍ୟୁଜିଲାଣ୍ଡ ମାତ୍ର ୨ଥର ଭାରତୀୟ ସର୍କଲ ଭେଦ କରିବାରେ ସକ୍ଷମ ହୋଇଥିବାବେଳେ ଭାରତ ମୋଟ ୪ଟି ଗୋଲ ଦେଇଥିଲା। ୨୨ତମ ମିନିଟରେ ନୀଳକାନ୍ତ ଶର୍ମା, ୨୬ତମ ମିନିଟରେ ଗୁରସାହିବଜିତ ସିଂ ଓ ମନଦୀପ ସିଂ ୨୭ତମ ମିନିଟରେ ଗୋଲ ଦେଇଥିଲେ। ମନଦୀପ ସିଂ ୨୭ତମ ମିନିଟରେ ପେନାଲ୍ଟି କର୍ନରରୁ ଗୋଲ ଦେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୫-୦ରେ ପହଞ୍ଚି ଯାଇଥିଲା। ତୃତୀୟ କ୍ୱାର୍ଟରରେ ଗୋଲ ପରିଶୋଧ ପାଇଁ ନ୍ୟୁଜିଲାଣ୍ଡ ଭରପୂର ଉଦ୍ୟମ କରିଥିଲେ ହେଁ ସଫଳ ହୋଇ ନ ଥିଲା। ୩୭ତମ ମିନିଟରେ ଦଳର ଖେଳାଳିମାନେ ମାରିଥିବା ଶଟ୍ ଭାରତୀୟ ଗୋଲପୋଷ୍ଟ ବାହାରେ ଚାଲି ଯାଇଥିଲା। ଏହାର ୧ ମିନିଟ ପରେ ଦଳ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତର ହରମନପ୍ରୀତ ସିଂ ଏହାକୁ ସେଭ୍ କରି ଦେଇଥିଲେ। ୪ର୍ଥ ତଥା ଶେଷ କ୍ୱାର୍ଟରରେ ଗୋଲ ବରଣ ନ କରିବା ଉପରେ ଭାରତ ଗୁରୁତ୍ୱ ଦେଇଥିଲା। ରକ୍ଷଣଭାଗକୁ ଦୃଢ଼ କରି ଦଳ ନ୍ୟୁଜିଲାଣ୍ଡ ଖେଳାଳିଙ୍କୁ ରୋକିବାରେ ସକ୍ଷମ ହୋଇଥିଲା। ଅନ୍ୟ ଏକ ମ୍ୟାଚରେ ଆୟୋଜକ ଜାପାନ ୬-୧ ଗୋଲରେ ମାଲେସିଆକୁ ହରାଇ ୩ୟ ସ୍ଥାନ ଅଧିକାର କରିଛି।



ମନଦୀପ ସିଂ

# ଦ୍ୱିତୀୟ ରାଉଣ୍ଡରେ ନାଗଲ

ନୂଆଦିଲ୍ଲୀ,୨୧।୮(ପିଟି)

ଯୁବ ଭାରତୀୟ ଟେନିସ ଖେଳାଳି ସୁମିତ ନାଗଲ ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ୟୁଏସ୍ ଓପନର କ୍ୱାଲିଫାୟର୍ସର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ସେ ସିଧାସଳଖ ସେଟ୍‌ରେ ନିଜଠାରୁ ଉନ୍ନତ ର୍ୟାଙ୍କଧାରୀ ଜାପାନର ତାସୁମଙ୍କୁ ହରାଇ ଦେଇଛନ୍ତି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୯୦ତମ ମାନ୍ୟତାପ୍ରାପ୍ତ ନାଗଲ ୭-୬(୮/୬), ୬-୨ ସେଟ୍‌ରେ ୧୩୩ତମ ର୍ୟାଙ୍କଧାରୀ ଖେଳାଳିଙ୍କୁ ହରାଇ ଦେଇଛନ୍ତି। ଗତ ବର୍ଷ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ, ଫ୍ରେଞ୍ଚ ଓ ୱିମ୍ବେଲଡନ ଓପନର ଯୋଗ୍ୟତା ପର୍ଯ୍ୟାୟ ଖେଳିଥିଲେ ମଧ୍ୟ ପ୍ରଥମ ରାଉଣ୍ଡ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲେ। ୨୨ ବର୍ଷୀୟ ଭାରତୀୟ ଖେଳାଳି ପରବର୍ତ୍ତୀ ମ୍ୟାଚ୍‌ରେ ପିଟର ପୋଲାସ୍କିଙ୍କୁ ଭେଟିବେ।

# ଲିଲିମା ଖେଳିଲେ ୧୫୦ତମ ମ୍ୟାଚ

ନୂଆଦିଲ୍ଲୀ, ୨୧।୮

ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟ ମହିଳା ହକିରେ ଜାପାନ ବିପକ୍ଷ ଫାଇନାଲ ଖେଳି ଏକ ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି ଓଡ଼ିଶାର ଲିଲିମା ମିଞ୍ଜ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ୨୫ ବର୍ଷୀୟା ଲିଲିମାଙ୍କ ପାଇଁ ଏହା ଥିଲା ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ। ଏଥିପାଇଁ ଏହି ଓଡ଼ିଆ ମିଡ୍‌ଫିଲ୍ଡରଙ୍କୁ ହକି ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

ସୁନ୍ଦରଗଡ଼ ଜିଲାର ବିହାବନ୍ଧ-ତାନାତୋଲି ଗ୍ରାମର ଲିଲିମା ୨୦୧୧ରେ ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଘରୋଇ ହକିରେ କ୍ରମାଗତ ଭଲ ପ୍ରଦର୍ଶନ ପାଇଁ ତାଙ୍କୁ ଜାତୀୟ କ୍ୟାମ୍ପରେ ସାମିଲ କରାଯାଇଥିଲା। ୨୦୧୨ ଡିସେମ୍ବରରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜ ପରଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ପାଲଟି ଯାଇଛନ୍ତି। ୨୦୧୩ ମହିଳା ହକି ୱାର୍ଲ୍ଡ ଲିଗ୍‌ର ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳର ମଧ୍ୟ ସେ ସଦସ୍ୟା ଥିଲେ। ୨୦୧୪ରେ ମାଲେସିଆ ବିପକ୍ଷରେ ୬-୦ରେ ହକି ଟେଷ୍ଟ ସିରିଜ ଜିତିଥିବା ଭାରତ ପକ୍ଷରୁ ମଧ୍ୟ ସେ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ, ୨୦୧୬ ରିଓ ଅଲିମ୍ପିକ୍ସ(ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଭାରତୀୟ ମହିଳା ଦଳ ଅଲିମ୍ପିକ୍ସ ଖେଳିଥିଲା), ୨୦୧୭ ମହିଳା ଏସିଆ କପ୍‌ରେ ଚାମ୍ପିୟନ, ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ୨୦୧୮ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ, ୨୦୧୮ ମହିଳା ହକି ବିଶ୍ୱକପ, ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ।

"ଦେଶ ପକ୍ଷରୁ ୧୫୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବାରୁ ମୁଁ ଗର୍ବିତ। ରାଉରକେଲା ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରୁ ହିଁ ମୋ କ୍ୟାରିୟରର ମୂଳଦୁଆ ପଡ଼ିଥିଲା। କ୍ୟାରିୟରର ଆଦ୍ୟକାଳରେ ମୋତେ ସାହାଯ୍ୟ କରିଥିବା ଓଡ଼ିଶାର କୋଚ୍‌ମାନଙ୍କୁ ମୁଁ ଧନ୍ୟବାଦ ଜଣାଉଛି। ମୁଁ ଏକ ପ୍ରତିଭାସମ୍ପନ୍ନ ଖେଳାଳି ବିଶିଷ୍ଟ ଭାରତୀୟ ଦଳର ସଦସ୍ୟା ହୋଇପାରିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ସାଥି ଖେଳାଳି ଓ ସପୋର୍ଟ୍‌ଷ୍ଟାଫ୍‌ମାନେ ପରିବାରର ସଦସ୍ୟଙ୍କ ପରି ବାତାବରଣ ସୃଷ୍ଟି କରିଥାନ୍ତି। ଦେଶ ପକ୍ଷରୁ ୧୫୦ତମ ମ୍ୟାଚ ଖେଳିବାର ଅନୁଭବ ଅନନ୍ୟ ଏବଂ ଦୀର୍ଘବର୍ଷ ମଧ୍ୟରେ ଅନେକ ପଦକ ଜିତିପାରିଥିବାରୁ ନିଜକୁ ଧନ୍ୟ ମନେକରୁଛି। ଆସନ୍ତା ବର୍ଷ ଅଲିମ୍ପିକ୍ସ ଆସୁଥିବାରୁ ଆମେ ଲକ୍ଷ୍ୟ ପଥରେ ପହଞ୍ଚି ଦେଶକୁ ଗର୍ବିତ କରିବା ଦିଗରେ ଆମେ ଏକାଗ୍ର ହେଉଛୁ" ବୋଲି ଲିଲିମା ପ୍ରକାଶ କରିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ସଭାପତି ମହମ୍ମଦ ମୁସ୍ତାକ ଅହମ୍ମଦ ଲିଲିମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





କୋଚ୍ ଜୋର୍ଡେ ମାରିଜନେଙ୍କଠାରୁ ୧୫୦ ନମ୍ବର ଜର୍ସି ଗ୍ରହଣ କରୁଛନ୍ତି ଲିଲିମା ମିଞ୍ଜ।

■ ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ

# ୟୁନିଟ-୧, ସୈନିକ ସ୍କୁଲ କ୍ୱାର୍ଟରରେ

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ବିଜୟ ହାସଲ କରି ୟୁନିଟ-୧ ବାଳକ ଉଚ୍ଚ ବିଦ୍ୟାଳୟ ଓ ସୈନିକ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ସୈନିକ ସ୍କୁଲ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ମ୍ୟାଚକୁ ଏକପାଖିଆଭାବେ ୬-୦ ଜିତିଥିଲା। ୧ମ ମିନିଟରେ ଏହି ଦଳର ରବି କୁମାର ଗୋଲ ଦେଇଥିବାବେଳେ ୨ୟ ମିନିଟରେ ଫ୍ୟୁଚର ସ୍କୁଲର ସୌରଭ ରାୟ ଏକ ଆତ୍ମଘାତୀ ଗୋଲ ସ୍କୋର କରିଥିଲେ। ୪ର୍ଥ ମିନିଟରେ ଅର୍ଜୁନ ରେଞ୍ଜୀ ଆଉ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ସୈନିକ ସ୍କୁଲ ପକ୍ଷରୁ ଇନ୍ଦ୍ରଜିତ ବାରଦା, ଅଭୟ ଶର୍ମା ଓ ବାଙ୍ଗମ୍ ହାଁସଦା ଆଉ ୩ଟି ଗୋଲ ସ୍କୋର କରିଥିଲେ। ଓଡ଼ିଶା ଜିମ୍ନାଷ୍ଟିକ୍ ଆସୋସିଏଶନର ଉପସଭାପତି ନରେନ୍ଦ୍ର ସେଠୀ ଅତିଥିଭାବେ ଯୋଗଦେଇ ସୈନିକ ସ୍କୁଲର ଦୁଃଖ ମାର୍ଶାଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଶଙ୍ଖ ହେମ୍ବ୍ରମଙ୍କ ହ୍ୟାଟ୍ରିକ ଗୋଲ ବଳରେ ୟୁନିଟ-୧ ବାଳକ ବିଦ୍ୟାଳୟ ୫-୦ ଗୋଲରେ ଜାଭିଅର ଖଣ୍ଡଗିରିକୁ ପରାସ୍ତ କରିଥିଲା। ଶଙ୍ଖ ହେମ୍ବ୍ରମ ମ୍ୟାଚର ୫ମ, ୩୦ ଓ ୪୦ତମ ମିନିଟରେ ୩ଟି ଗୋଲ ଦେଇଥିଲେ। ସୁନ୍ଦର ମୋହନ କିସ୍କୁ ଅନ୍ୟ ୨ଟି ଗୋଲ ୪ର୍ଥ ଓ ୪୫ତମ ମିନିଟରେ ସ୍କୋର କରିଥିଲେ। ସତ୍ୟଜିତ ମିଶ୍ର ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଶଙ୍ଖ ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଚନ୍ଦ୍ରକାନ୍ତ ବାରିକ, ଶେଖାୱତ ଖାଁ, ଦେବଜ୍ୟୋତି ସିଂ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଶ୍ରୀକାନ୍ତ ପଣ୍ଡା ଖେଳ ପରିଚାଳନା କରିଥିବାବେଳେ ମହେଶ୍ୱର ସିଂ ମ୍ୟାଚ କମିଶନର ଦାୟିତ୍ୱରେ ଥିଲେ।





ଦୁଇଦଳର ଶ୍ରେଷ୍ଠ ଖେଳାଳି ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି

# ଭାରତ ଉପରେ ଚାପ ରହିବ

ଗୌତମ ଗମ୍ଭୀର

ପ୍ରଥମ ଟେଷ୍ଟ ପୂର୍ବରୁ ବିଶାଳକାୟ ଶରୀର ପାଇଁ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ରାଖିମ କର୍ନୱାଲ ଏବେ ଚର୍ଚ୍ଚାରେ ରହିଛନ୍ତି। ୧୪୦ କେ.ଜି. ଓଜନ ଓ ୬ ଫୁଟ ୬ ଇଞ୍ଚ ଉଚ୍ଚତା ବିଶିଷ୍ଟ ରାଖିମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଓ ଏଥିରେ ମଧ୍ୟ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କୋଲକାତା ନାଇଟ ରାଇଡର୍ସ ସହ ଜଡିତ ଥିବା ବେଳେ ସୁନୀଲ ନାରିନଙ୍କଠାରୁ ତାଙ୍କ ବିଷୟରେ ଶୁଣିଥିଲି। ସେ ଜଣେ ଭଲ ଅଫ୍ ସ୍ପିନର ବୋଲି ଜାଣିବାକୁ ପାଇଥିଲି। ସେ ଭାରି କଠିନ ପରିଶ୍ରମୀ। ବିରାଟକାୟ ଶରୀର ପାଇଁ ତାଙ୍କୁ କେତେକେ ପରିହାସ କରୁଛନ୍ତି। କିନ୍ତୁ ଯଦି ସେ ମନ ଦିଅନ୍ତି ତେବେ ସେ ଅଲିମ୍ପିକ ୱେଟଲିଫ୍ଟର ହୋଇପାରିବେ ବୋଲି ଭାବୁଛି। ସଫଳତା ପାଇଁ ସେ ବ୍ୟଗ୍ର ହେବା ସବୁଠାରୁ ବଡ଼ କଥା। ସେ ପ୍ରଥମ ଟେଷ୍ଟ କିଭଳି ପ୍ରଦର୍ଶନ କରୁଛନ୍ତି ତାହା ଖେଳିବା ପରେ ଜଣାପଡିବ।

ୱେଷ୍ଟଇଣ୍ଡିଜ୍‌ରେ ଟେଷ୍ଟ କ୍ରିକେଟ ଭିନ୍ନ ହୋଇଥିବାରୁ ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଭଲ ପ୍ରଦର୍ଶନ କରିବା ନେଇ ଚାପ ରହିବ। ଡ୍ୟୁକ୍ କ୍ରିକେଟ ବଲ୍ ନେଇ ଖେଳିବା ନିଶ୍ଚିତ ଭାବେ ଭଲ କଥା। ପୂର୍ବରୁ ୱେଷ୍ଟଇଣ୍ଡିଜ କୁକାବୁରା ବଲ୍‌ରେ ଖେଳିଆସୁଥିଲା। ଇଂଲଣ୍ଡରେ ଡ୍ୟୁକ୍ ବଲ୍ ପ୍ରସ୍ତୁତ ହୋଇଥାଏ। କୁକାବୁରା ତୁଳନାରେ ଡ୍ୟୁକ ବଲ୍ ବ୍ୟାଟ୍ସମ୍ୟାନଙ୍କ ପାଇଁ ଅଧିକ ଚ୍ୟାଲେଞ୍ଜ୍ ସୃଷ୍ଟି କରିଥାଏ। ଗତ ଘରୋଇ ସିରିଜରେ ୱେଷ୍ଟଇଣ୍ଡିଜ ଇଂଲଣ୍ଡକୁ ହରାଇଥିଲା। ତେଣୁ ଏହି ସିରିଜରେ ମଧ୍ୟ ୱେଷ୍ଟଇଣ୍ଡିଜର ଉନ୍ନତ କ୍ରିକେଟ ଦେଖିବାକୁ ମିଳିବ ବୋଲି କୁହାଯାଇପାରେ।

ମୟଙ୍କ ଅଗ୍ରୱାଲ ଓ ଲୋକେଶ ରାହୁଲ ଇନିଂସ ଓପନ୍ କରିବା ଉଚିତ। ହନୁମା ବିହାରୀ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ହୋଇଥିବାରୁ ତାଙ୍କୁ ଇନିଂସ ଓପନ କରିବାକୁ ଛଡାଯିବା ଠିକ୍ ହେବ ନାହିଁ। ପୂଜାର ୩, କୋହଲି ୪ ଓ ରୋହିତ ୫ ନମ୍ବରରେ ବ୍ୟାଟିଂକଲେ ଭଲ ହେବ। ଦିନିକିଆ ଭଳି ଟେଷ୍ଟରେ ମଧ୍ୟ ରୋହିତ ସଫଳ ହେବ। ଉଇକେଟକିପର ହିସାବରେ ରିଷଭ ପନ୍ତ ମୋର ପ୍ରଥମ ପସନ୍ଦ। ରବୀନ୍ଦ୍ର ଜାଡେଜା ଓ ୩ ଦ୍ରୁତ ବୋଲରଙ୍କୁ ସୁଯୋଗ ମିଳିବ। ତେବେ ଯଦି ଉଇକେଟ ଶୁଖିଲା ରହିବ ତେବେ ରବିଚନ୍ଦ୍ରନ ଅଶ୍ୱିନ ଓ ଜାଡେଜା ଉଭୟଙ୍କୁ ଖେଳାଇବା ଦରକାର।

ଦିନିକିଆ ଭଳି ଭାରତ ପାଇଁ ଏହି ଟେଷ୍ଟ ସିରିଜ ଆଦୌ ସହଜ ହେବ ନାହିଁ। ବୋଲିଂ ପାଇଁ ଅପେକ୍ଷାକୃତ ଅନୁକୂଳ ପରିବେଶ ରହିଛି। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ଥିବ ଭାରତ ପରୀକ୍ଷାର ସମ୍ମୁଖୀନ ହେବ। ତେଣୁ ଭାରତ ଉପରେ ଚାପ ରହିବା ସ୍ୱାଭାବିକ୍।

(ଗେମ୍ ପ୍ଲାନ/ ଦୀନେଶ ଚୋପ୍ରା ମିଡିଆ)



ଭଲ ପ୍ରଦର୍ଶନ କରୁଥିବା ବକ୍ସରଙ୍କ ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ କୋଟା ଦ୍ୱାରା ଚାମ୍ପିୟନଶିପ୍ କିମ୍ବା ଟୁର୍ନାମେଣ୍ଟକୁ ଯୋଗ୍ୟତା ବ୍ୟବସ୍ଥା ରଖିବା ଦରକାର।

–ଏମ୍.ସି. ମେରୀକମ୍, କିମ୍ବଦନ୍ତୀ ଭାରତୀୟ ବକ୍ସର



ଅନିଲ କୁମ୍ବଲେ ଚୟନ କମିଟିର ଅଧ୍ୟକ୍ଷ ହେବା ଆବଶ୍ୟକ। କିନ୍ତୁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡକୁ ଏଥିଲାଗି ବେତନ ବଢ଼ାଇବା ଦରକାର।

–ବୀରେନ୍ଦ୍ର ସେହ୍ୱାଗ, ପୂର୍ବତନ ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ସମୁଦ୍ର କୂଳରେ ସମୟ ବିତାଇଲେ ବିରାଟ ବାହିନୀ

ନୂଆଦିଲ୍ଲୀ,୨୧।୮: ଏଠାରେ ଗୁରୁବାରଠାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ମ୍ୟାଚ୍ ପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଓ ସପୋର୍ଟ ଷ୍ଟାଫ ଆଣ୍ଟିଗୁଆର ଜଲି ବିଚ୍‌ରେ ମଜା ନେଇଛନ୍ତି। ୩୦ ବର୍ଷୀୟ ବ୍ୟାଟ୍ସମ୍ୟାନ ଇନ୍‌ଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସାଥୀ ଖେଳାଳି ମୟଙ୍କ ଅଗ୍ରୱାଲ, ଯଶପ୍ରୀତ ବୁମରା, ଈଶାନ୍ତ ଶର୍ମା ଓ ରିଷଭ ପନ୍ତ, ରୋହିତ ଶର୍ମା ଓ ଲୋକେଶ ରାହୁଲ ରହିଛନ୍ତି। ଏହାର କ୍ୟାପଶନ ଦେଇଛନ୍ତି, ସମୁଦ୍ର ବେଳାଭୂମିରେ ସାଥୀ ଖେଳାଳିଙ୍କ ସହ ଚମତ୍କାର ଦିନ।

### ହରିୟାଣା ଝିଅଙ୍କୁ ବିବାହ କଲେ ପାକିସ୍ତାନ କ୍ରିକେଟର



ଦୁବାଇ,୨୧।୮: ଏଠାରେ ଆୟୋଜିତ ଏକ ଉତ୍ସବରେ ପାକିସ୍ତାନ କ୍ରିକେଟ ଦଳର ପେସର ହାସନ ଅଲୀ ମଙ୍ଗଳବାର ଭାରତୀୟ ନାଗରିକ ଶାମିଆ ଆର୍‌ଜୁଙ୍କୁ ବିବାହ କରିଛନ୍ତି। ଏହି ନୂଆ ଯୋଡ଼ିଙ୍କ ବିବାହ ହେବା ପୂର୍ବରୁ ସୋସିଆଲ ମିଡିଆଲରେ ବହୁ ଫଟୋ ଓ ଭିଡିଓ ଭାଇରାଲ ହେଇସାରିଥିଲା। ହରିୟାଣାର ମେୱାତଠାରେ ରହୁଥିବା ଆର୍‌ଜୁ ପାକିସ୍ତାନ କ୍ରିକେଟରଙ୍କ ସହ ଦୁବାଇଠାରେ ଏକ ରାତ୍ରଭୋଜନରେ ଭେଟିଥିଲେ। ସେଠାରେ ଆର୍‌ଜୁଙ୍କ ସଚ୍ଚୋଟତା ଅଲୀଙ୍କୁ ପ୍ରଭାବିତ କରିଥିଲା। ଏହାପରେ ଅଲୀ ମେସେଜ ଜରିଆରେ ବିବାହ ପ୍ରସ୍ତାବ ଦେଇଥିଲେ। ତାଙ୍କ ବିବାହ ଉତ୍ସବକୁ ଭାରତୀୟ କ୍ରିକେଟରଙ୍କୁ ଆମନ୍ତ୍ରଣ କରିଥିଲେ। ତେବେ ଭାରତୀୟ ନାଗରିକଙ୍କୁ ବିବାହ କରିବାରେ ଅଲୀ ୪ର୍ଥ ପାକିସ୍ତାନ କ୍ରିକେଟର। ତାଙ୍କ ପୂର୍ବରୁ ଜାହିର ଆବାସ, ମୋହସିନ ଖାନ ଓ ସୋଏବ ମଲିକ ଭାରତୀୟ ନାଗରିକଙ୍କୁ ବିବାହ କରିଥିଲେ।

### ଇଣ୍ଡିପେଣ୍ଡେଣ୍ଟ, ସନରାଇଜ ବିଜୟୀ

କଟକ ଅଫିସ,୨୧।୮ - କଟକରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗରେ ବୁଧବାର ୨ଟି ଲିଗ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚ୍‌ରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ୫-୧ ଗୋଲରେ ଟାଉନ କ୍ଲବକୁ ପରାସ୍ତ କରିଥିଲା। ଇଣ୍ଡିପେଣ୍ଡେଣ୍ଟ କ୍ଲବ ପକ୍ଷରୁ ଶିବ କିଣ୍ଡୋ ୨ଟି, ପବିତ୍ର ମିଞ୍ଜ ୨ଟି ଓ ଯୁଗେଶ୍ୱର ବାଗ ଗୋଟିଏ ଗୋଲ ସ୍କୋର କରିଥିଲେ। ଟାଉନ କ୍ଲବ ପକ୍ଷରୁ ଏକମାତ୍ର ଗୋଲ ଦେଇଥିଲେ ମିହିର ଭୋଇ। ଦ୍ୱିତୀୟ ମ୍ୟାଚ୍‌ରେ ସନରାଇଜ କ୍ଲବ ୪-୦ ଗୋଲରେ ୟଙ୍ଗ ଉତ୍କଳ କ୍ଲବକୁ ହରାଇଥିଲା। ମହମ୍ମଦ ଫୟାଜ, ରମେଶ ଓରାମ, ଅମ୍ବିକା ଲାକ୍ରା, ଅର୍ପଣ ଲାକ୍ରା ସନରାଇଜ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଭାରତ–ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟ ଆଜିଠାରୁ

**ନର୍ଥ ସାଉଣ୍ଡ(ଆଣ୍ଟିଗୁଆ), ୨୧।୮(ପି.ଟି.)**

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରାରମ୍ଭିକ ସଂସ୍କରଣରେ ଭାରତ ଗୁରୁବାରଠାରୁ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରୁ ତା'ର ଅଭିଯାନ ଆରମ୍ଭ କରିବ। ସ୍ଥାନୀୟ ଭିଭିଆନ ରିଚାର୍ଡ୍ସ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ବିଜୟୀ ହୋଇ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ଏହି ଟେଷ୍ଟରେ ବିଜୟୀ ହେଲେ କୋହଲିଙ୍କ ନେତୃତ୍ୱରେ ଭାରତ ୨୭ତମ ବିଜୟ ହାସଲ କରିବ। ଏଥି ସହ କୋହଲି ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସମକକ୍ଷ ହେବେ। ପୁଣି କୋହଲି ଶତକ ହାସଲ କଲେ ଅଧିନାୟକ ହିସାବରେ ସେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂଙ୍କ ୧୯ଟି ଶତକ ରେକର୍ଡର ସମକକ୍ଷ ହେବେ। କାଗଜକଲମରେ ଭାରତ ଅପେକ୍ଷାକୃତ ଶକ୍ତିଶାଳୀ ମନେହେଉଛି। କୋହଲି, ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ, ରୋହିତ ଶର୍ମା ଓ ରିଷଭ ପନ୍ତଙ୍କୁ ନେଇ ଭାରତୀୟ ବ୍ୟାଟିଂ ଲାଇନ ଦୃଢ଼ ମନେହେଉଛି। ମ୍ୟାଚ୍‌ରେ ଭାରତ ଫେଭରାଇଟ୍ ମନେହେଉଥିଲେ ମଧ୍ୟ ଜାସନ ହୋଲ୍ଡରଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜକୁ ମଧ୍ୟ ଆଦୌ ଦୁର୍ବଳ ମନେ କରିହେବ ନାହିଁ।

ଗତ ସିରିଜରେ ୱେଷ୍ଟଇଣ୍ଡିଜ ୨–୧ରେ ଭ୍ରମଣକାରୀ ଇଂଲଣ୍ଡକୁ ଟେଷ୍ଟ ସିରିଜରେ ପରାସ୍ତ କରିଥିଲା। ଆଣ୍ଟିଗୁଆର ଏହି ଉଇକେଟରେ ଦ୍ରୁତ ବୋଲରଙ୍କୁ ବେଶ୍ ସହାୟତା ମିଳିବ। ଫଳରେ କୋହଲି ଓ ତାଙ୍କ ଖେଳାଳିମାନେ ପରୀକ୍ଷାର ସମ୍ମୁଖୀନ ହେବେ। ଟେଷ୍ଟ କ୍ରିକେଟର ମାନ ଓ ଲୋକପ୍ରିୟତା କମୁଛି ବୋଲି ଚର୍ଚ୍ଚା ହେଉଛି। ତେବେ ଗତ କେତେବର୍ଷ ମଧ୍ୟରେ ଟେଷ୍ଟ ଫର୍ମାଟର ଚମକ ଓ ଲୋକପ୍ରିୟତା ବଢ଼ିଛି। ବିଭିନ୍ନ ଚ୍ୟାଲେଞ୍ଜ ଗ୍ରହଣ କରି ଦଳକୁ ଜିତାଇବାକୁ ଚେଷ୍ଟା କରିବାର ପ୍ରୟାସ ଖେଳାଳିମାନଙ୍କ ଉପରେ ନିର୍ଭର କରେ ବୋଲି କୋହଲି କହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ପ୍ରାରମ୍ଭିକ ସଂସ୍କରଣ ଉପରେ ମତ ଦେଇ ସେ ଏହି କଥା କହିଛନ୍ତି। ଏହି ଚାମ୍ପିୟନଶିପ୍‌ରେ ଆଗାମୀ ଦିନରେ ମ୍ୟାଚ୍‌ଗୁଡିକରେ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱୀତା ଦେଖିବାକୁ ମିଳିବ। ଠିକ୍ ସମୟ ଓ ଅବକାଶରେ ଏହି ଚାମ୍ପିୟନଶିପ୍ ଆରମ୍ଭ ହୋଇଛି ବୋଲି ସେ କହିଛନ୍ତି। ଏହି ଗ୍ରାଉଣ୍ଡରେ ଶେଷଥର ପାଇଁ ଇଂଲଣ୍ଡ ଘରୋଇ ୱେଷ୍ଟଇଣ୍ଡିଜ ବିପକ୍ଷରେ ଟେଷ୍ଟ ଖେଳିଥିଲା। ଏଥିରେ ଇଂଲଣ୍ଡ ୧୮୭ ଓ ୧୩୨ ରନ ସଂଗ୍ରହ କରିଥିଲା। ତେବେ ଏହା ବର୍ଷର ଭିନ୍ନ ସମୟରେ ଖେଳାଯାଇଥିଲା।

ଘରୋଇ ଦ୍ରୁତ ବୋଲରଙ୍କୁ କିଭଳି ସାମ୍ନା କରାଯିବ ସେ ନେଇ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ଚିନ୍ତିତ ଥିବେ। କୋଚ୍ ପଦ ବଜାୟ ରଖିବା ପରେ ଶାସ୍ତ୍ରୀଙ୍କ ପାଇଁ ଏହି ସିରିଜ ପ୍ରଥମ ପରୀକ୍ଷା ସୃଷ୍ଟି କରିଛି। ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର କେମର ରୋଚ ଓ ଶାନନ ଗାବ୍ରିଏଲ ଓ ଜାସନ ହୋଲ୍ଡର ନୂଆ ବଲ୍‌ରେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ। ଯଦି ଉଇକେଟରେ ପେସ୍ ଓ ବାଉନ୍ସ ଦେଖିବାକୁ ମିଳିବ ତା,ହେଲେ କୋହଲି ୪ଜଣ ସ୍ପେଶାଲିଷ୍ଟ ବୋଲରଙ୍କୁ ନେଇ ପଡିଆକୁ ଓହ୍ଲାଇବେ। ରବିଚନ୍ଦ୍ରନ ଅଶ୍ୱିନ ଓ କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ସ୍ପିନରଙ୍କୁ ଅନ୍ତିମ ଏକାଦଶରେ ସ୍ଥାନ ମିଳିବ। ୩ଜଣ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା, ଈଶାନ୍ତ ଶର୍ମା ଓ ମହମ୍ମଦ ସାମି ଖେଳିବା ଏକ ପ୍ରକାର ନିଶ୍ଚିତ। ତେବେ ବ୍ୟାଟିଂ କମ୍ବିନେଶନ ନେଇ କୋହଲି ଦ୍ୱନ୍ଦ୍ୱରେ ରହିଛନ୍ତି। ଯଦି ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇଥାନ୍ତେ ତା,ହେଲେ କୋହଲି ରୋହିତ କିମ୍ବା ରାହାନେଙ୍କ ମଧ୍ୟରୁ ଜଣକୁ ଦଳରୁ ବାଦ୍ ଦେଇଥାନ୍ତେ। ତେବେ ଟେଷ୍ଟରେ ୱେଷ୍ଟଇଣ୍ଡିଜର ଗତ କିଛିଦିନର ରେକର୍ଡକୁ ଦୃଷ୍ଟିରେ ରଖି ସେ ଜଣେ ଅତିରିକ୍ତ ବ୍ୟାଟ୍ସମ୍ୟାନଙ୍କୁ ଖେଳାଇବେ। ଏପରି ହେଲେ ରୋହିତ ଓ ରାହାଣେ ଉଭୟେ ଖେଳିବା ସମ୍ଭାବନା ରହିଛି।

ଯଦି ଉଇକେଟ ସବୁଜ ହୁଏ ତେବେ ବଲ୍ ଫାଷ୍ଟ ଓ ବାଉନ୍ସ ହେବ। ଏପରି ହେଲେ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ସମେତ ୫ ବୋଲରଙ୍କୁ ଭାରତ ଖେଳାଇବ। ପୁଣି ମୟଙ୍କ ଅଗ୍ରୱାଲଙ୍କ ସହ ଦ୍ୱିତୀୟ ଓପନର ଭାବେ କିଏ ଇନିଂସ ଓପନ କରିବ ସେ ନେଇ ଭାରତୀୟ ଟିମ୍ ମ୍ୟାନେମେଣ୍ଟ ଚିନ୍ତିତ ଥିବ। ଲୋକେଶ ରାହୁଲ ଜଣେ ସ୍ପେଶାଲିଷ୍ଟ ଓପନର ହୋଇଥିବାରୁ ତାଙ୍କୁ ସୁଯୋଗ ଦିଆଯାଇପାରେ। ତେବେ ଗତ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ହନୁମା ବିହାରୀ ଓପନର ଭାବେ ଭଲ ପ୍ରଦର୍ଶନ କରିଥିଲେ। ପୁଣି ଅଷ୍ଟ୍ରେଲିଆ ତୁଳନାରେ ୱେଷ୍ଟଇଣ୍ଡିଜ୍‌ର ପେସ୍ ଆକ୍ରମଣ ସେତେଟା ଶାଣିତ ନୁହେଁ। ବିହାରୀଙ୍କୁ ସୁଯୋଗ ଦିଆ ନ ଗଲେ ଠିକ୍ ହେବ ନାହିଁ। ଏ ନେଇ କୋହଲି ଦ୍ୱନ୍ଦ୍ୱରେ ଥିବେ।

ଅପରପକ୍ଷରେ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଫର୍ମାଟରେ ଗତ କିଛି ବର୍ଷ ମଧ୍ୟରେ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇନାହିଁ। ତେବେ ଦଳରେ କେତେଜଣ ପ୍ରତିଭାସମ୍ପନ୍ନ ଖେଳାଳି ରହିଛନ୍ତି। ସାଇ ହୋପ, ଜନ୍ କ୍ୟାମ୍ପବେଲ ଓ ଶିମରନ ହେଟମେୟରଙ୍କ ଭଳି ୩ଜଣ ଯୁବ ପ୍ରତିଭାସମ୍ପନ୍ନ ଖେଳାଳି ଦଳ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ। ରୋଷ୍ଟନ ଚେଜ୍ ମଧ୍ୟ ୨୦୧୬ରେ ଅନୁଷ୍ଠିତ କିଙ୍ଗଷ୍ଟନ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ମଧ୍ୟ ଭଲ ଅଫ୍ ସ୍ପିନ୍ ବୋଲିଂ କରିପାରନ୍ତି। ଏପର୍ଯ୍ୟନ୍ତ ସେ ୫୦ ଟେଷ୍ଟ ଉଇକେଟ ହାସଲ କରିଛନ୍ତି। ଡାରେନ ବ୍ରାଭୋ ୱେଷ୍ଟଇଣ୍ଡିଜର ସବୁଠାରୁ ଅଭିଜ୍ଞ ବ୍ୟାଟ୍ସମ୍ୟାନ। ସେ ଏପର୍ଯ୍ୟନ୍ତ ୫୨ଟି ଟେଷ୍ଟ ଖେଳି ପାଖାପାଖି ୩୫୦୦ ରନ ସଂଗ୍ରହ କରିଛନ୍ତି। ତେବେ ବିଶ୍ୱର ସବୁଠାରୁ ଓଜନିଆ କ୍ରିକେଟର ରାଖିମ କର୍ନୱାଲଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିବ କି ନା ତାହା ଦେଖିବାକୁ ବାକି ରହିଲା। ତାଙ୍କର ବିଶାଳକାୟ ଶରୀରକୁ ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ସେ ଭଲ ଅଫ୍ ସ୍ପିନ୍ ବୋଲିଂ କରିବା ସହ ଲୋୟର ମିଡଲ ଅର୍ଡରରେ ଭଲ ବ୍ୟାଟିଂ କରିବାର କ୍ଷମତା ରଖିଥାନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଏହି ମ୍ୟାଚ୍ ଭାରତ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି।



ବୁଧବାର ସମୁଦ୍ର ସ୍ନାନର ମଜା ନେଉଛନ୍ତି ଭାରତୀୟ ଖେଳାଳି।

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍**

**ଭାରତୀୟ ଦଳ**

ବିରାଟ କୋହଲି (ଅଧିନାୟକ), ମୟଙ୍କ ଅଗ୍ରୱାଲ, ଲୋକେଶ ରାହୁଲ, ଚେତେଶ୍ୱର ପୂଜାରା, ହନୁମା ବିହାରୀ, ଅଜିଙ୍କ୍ୟ ରାହାନେ, ରୋହିତ ଶର୍ମା, ରିଷଭ ପନ୍ତ (ଉଇକେଟକିପର), କୁଲଦୀପ ଯାଦବ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଇଶାନ୍ତ ଶର୍ମା, ମହମ୍ମଦ ସାମି, ଯଶପ୍ରୀତ ବୁମ୍‌ରା, ଉମେଶ ଯାଦବ, ଭୁବନେଶ୍ୱର କୁମାର ଓ ରିଦ୍ଧିମାନ ଶାହା (ଉଇକେଟକିପର)।

**ୱେଷ୍ଟଇଣ୍ଡିଜ ଦଳ**

ଜାସନ ହୋଲ୍ଡର (ଅଧିନାୟକ), କ୍ରେଗ୍ ବ୍ରାଥୱେଟ୍, ଡାରେନ ବ୍ରାଭୋ, ଶମରାହ ବ୍ରୁକ୍ସ, ଜନ୍ କ୍ୟାମ୍ପବେଲ, ରଷ୍ଟନ ଚେଜ୍, ରାଖିମ କର୍ନୱାଲ, ଶେନ ଡୋରିଚ୍, ଶାନନ ଗାବ୍ରିଏଲ୍, ଶିମରନ ହେଟମେୟର, ସାଇ ହୋପ୍, କିମୋ ପଲ ଓ କେମର ରୋଚ୍।

**ସମୟ: ସନ୍ଧ୍ୟା ୭ଟା**
**ସ୍ଥାନ: ନର୍ଥ ସାଉଣ୍ଡ, ଆଣ୍ଟିଗୁଆ**
**ସିଧା ପ୍ରସାରଣ: ସୋନୀ ନେଟ୍‌ୱର୍କ**



ଆଣ୍ଟିଗୁଆ ସମୁଦ୍ର କୂଳରେ କ୍ରିକେଟର ବିରାଟ କୋହଲି ଓ ତାଙ୍କ ସ୍ତ୍ରୀ ଅନୁଷ୍କା ଶର୍ମା।

## ୬୫ କ୍ରିକେଟରଙ୍କ ଟିଡବ୍ଲ୍ୟୁ–୩ ପରୀକ୍ଷା ହେବ

**କଟକ ଅଫିସ,୨୧।୮**

ବୟସ ନିର୍ଦ୍ଧାରଣର ମାପକାଠି କୁହାଯାଉଥିବା ଟାନର ହ୍ୱାଇଟହାଉସ–୩(ଟିଡବ୍ଲ୍ୟୁ–୩) ପରୀକ୍ଷାରେ ଗୁରୁବାର ସମ୍ମୁଖୀନ ହେବେ ରାଜ୍ୟର ୬୫ଜଣ ଜୁନିୟର ବର୍ଗର ଖେଳାଳି। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ରାଣୀହାଟସ୍ଥିତ ଏକ ଘରୋଇ ମେଡ଼ିକାଲ ଲାବରେଟୋରିରେ ଏହି ପରୀକ୍ଷା ହେବ। କେବଳ ୧୬ବର୍ଷରୁ କମ ବୟସର କ୍ରିକେଟ ଖେଳାଳି ଏଥିରେ ସାମିଲ ହେବେ। ବୟସ ଜାଲିଆତିକୁ ଏଡାଇବା ପାଇଁ ଏହି ମେଡ଼ିକାଲ ପରୀକ୍ଷା କରିବା ଓସିଏ ଲାଗି ନିହାତି ଗୁରୁତ୍ୱପୂର୍ଣ୍ଣ। ଖେଳାଳିମାନଙ୍କ ବାମହାତର ପାପୁଲି, ମଣିବନ୍ଧ, ସମ୍ମୁଖବାହୁର ଏକ୍ସ–ରେ କରାଯାଇ ସେମାନଙ୍କ ଶାରୀରିକ ବିକାଶକୁ ଅନୁମାନ ଲଗାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ଜଣେ ଅଧିକାରୀ ମଧ୍ୟ ଏହି ପରୀକ୍ଷାର ପରିଚାଳନା ଦାୟିତ୍ୱରେ ରହିବେ ବୋଲି ଜଣାପଡ଼ିଛି। ସୂଚନା ଥାଉକି, ବିଗତ କିଛି ବର୍ଷ ଧରି ଓସିଏ ମୁଣ୍ଡରେ ବୟସ ଜାଲିଆତିର ଅଭିଯୋଗ ଅନେକ ମାତ୍ରାରେ ଲାଗିଛି। ସିନିୟର ବର୍ଗ ତୁଳନାରେ ଅଧିକ ମାତ୍ରାରେ ଜୁନିୟର ବର୍ଗର ଖେଳାଳି ବୟସ ଜାଲିଆତି କରୁଥିବା ଦେଖିବାକୁ ମିଳିଛି। ଟିଡବ୍ଲ୍ୟୁ–୩ ପରୀକ୍ଷା ହେଉଥିଲେ ମଧ୍ୟ ବୟସ ପ୍ରମାଣପତ୍ର ସତ୍ୟପାଠ ଦାଖଲ ସମୟରେ ଖେଳାଳିମାନେ ସାର୍ଟିଫିକେଟରେ ଜାଲିଆତି କରୁଥିବା ପ୍ରମାଣ ରହିଛି। ଏହି ଅଭିଯୋଗକୁ ନଜରରେ ରଖି ଟିଡବ୍ଲ୍ୟୁ–୩ ପରୀକ୍ଷା ବାଧତାମୂଳକ ହୋଇଛି ବୋଲି ଓସିଏର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

## ଏବେ ବି କ୍ଲବଙ୍କୁ ନେଇ ସରିନି ଅଙ୍କକଷା

**କଟକ ଅଫିସ,୨୧।୮**

**ଓସିଏ ନିର୍ବାଚନ**
- ନିର୍ବାଚନ ପରେ ଚୂଡ଼ାନ୍ତ ହେବ କ୍ଲବ ତାଲିକା
- ଆବେଦନ କଲେଣି ରାଜ୍ୟରୁ ୪୦ କ୍ଲବ
- ସଂଖ୍ୟା ୨୦୦ ଟପିବା ଆଶା

କ୍ଲବଙ୍କୁ ସଦସ୍ୟତା ଦିଆଯିବା ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ବିବାଦର ମୂଳମଞ୍ଜି ପଡ଼ିଥିଲା। ଏହି ମଞ୍ଜି ମହାଦ୍ରୁମରେ ପରିଣତ ହେବା ପୂର୍ବରୁ ସୁପ୍ରିମକୋର୍ଟ ପକ୍ଷରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)ର ପରିଚାଳନା ପାଇଁ ନିଯୁକ୍ତ କମିଟି ଅଫ୍ ଆଡମିନିଷ୍ଟ୍ରେଟର(ସିଓଏ) ଗତ ୧୩ରେ ଯେଉଁ ଘୋଷଣା କଲେ ତାହା ଓସିଏ ଓ କ୍ଲବମାନଙ୍କ ପାଇଁ ସମାଧାନର ବାଟ ଦେଖାଇଦେଲା। ହେଲେ ଏହି ଘୋଷଣା ପରେ ଏବେ ବି ଶେଷ ହୋଇନି କ୍ଲବମାନଙ୍କ ସଦସ୍ୟତା ପାଇବାର ଅଙ୍କକଷା। ସେପ୍ଟେମ୍ବର ୧୪ ସୁଦ୍ଧା ରାଜ୍ୟ ଆସୋସିଏଶନ ଗୁଡ଼ିକର ନିର୍ବାଚନ ହେବ ବୋଲି ସିଓଏ ସ୍ଥିର କରିଛି। ଉକ୍ତ ନିର୍ଦ୍ଧାରିତ ତାରିଖ ନ ଘୁଞ୍ଚିଲେ ଓସିଏର କର୍ମକର୍ତ୍ତା ନିର୍ବାଚନ ମଧ୍ୟ ଏହା ଭିତରେ କରାଯିବ। ସିଓଏର ନିର୍ଦ୍ଦେଶ, ସମସ୍ତ ନିଷ୍ପତ୍ତି ସମ୍ବିଧାନକୁ ଅବଲମ୍ବନ କରି ହେଉ। ଚୂଡାନ୍ତ କ୍ଲବ ତାଲିକା ମଧ୍ୟ ସମ୍ବିଧାନର ନିୟମ ବାହାରେ କରାଯାଇ ପାରିବ ନାହିଁ। ସାଧାରଣ ପରିଷଦ ବୈଠକ ବିନା ଚୂଡ଼ାନ୍ତ କ୍ଲବ ତାଲିକା ବାଛିବା ମଧ୍ୟ ସମ୍ବିଧାନର ନିୟମ ବାହାରେ। ଏଣୁ କ୍ରୀଡ଼ା ସମୀକ୍ଷକଙ୍କ ମତରେ କ୍ଲବମାନେ ଏବେ ନିର୍ବାଚନରେ ଅଂଶ ଗ୍ରହଣ କରିବାର ଆଶା କ୍ଷୀଣ। ନିର୍ବାଚନ ଅନୁଷ୍ଠିତ ହୋଇ ସାଧାରଣ ପରିଷଦ ବୈଠକ ହେବା ପରେ କେଉଁ କ୍ଲବ ସଦସ୍ୟତା ହାସଲ କରିବ ତାହା ନିଷ୍ପତ୍ତି ହେବ। ଏବେ ଯେଉଁ ୫ଜଣିଆ କମିଟି ଗଠନ ହୋଇ କ୍ଲବ ତାଲିକା ବଛାଯାଉଛି ତାହା ଅସାମ୍ବିଧାନିକ ଓ କେବଳ ଓସିଏର ଏକ ବ୍ୟକ୍ତିଗତ ପ୍ରକ୍ରିୟା ବୋଲି ଜନୈକ କ୍ରୀଡ଼ା ସମୀକ୍ଷକ କହିଛନ୍ତି।

ସିଓଏର ପୂର୍ଣ୍ଣ ଅନୁମୋଦନ ପ୍ରାପ୍ତ ଓସିଏ ପାଇଁ ନିର୍ବାଚନ କରିବାର ବାଟ ଫିଟି ସାରିଛି। ବିହାରର ପୂର୍ବତନ ନିର୍ବାଚନ କମିଶନର ଏମ୍.ଏଲ୍. ମଜୁମଦାର ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ ହେବା ନେଇ ବିସିସିଆଇର ଅଫିସିଆଲ ୱେବସାଇଟରେ ଘୋଷଣା ମଧ୍ୟ ହୋଇଛି। ଏବେ କେବଳ ଅପେକ୍ଷା ସଦସ୍ୟ ତାଲିକା ଘୋଷଣା କରି ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା। ହେଲେ ସଦସ୍ୟ ହେବାର ଦାବି କରି ଆଇନର ଦ୍ୱାରସ୍ଥ ହୋଇଥିବା କ୍ଲବ ସଂଘଗୁଡ଼ିକ ଯୋଗୁ ଏହି ପ୍ରକ୍ରିୟା ବିଳମ୍ବ ହୋଇଛି। ଚୂଡ଼ାନ୍ତ କ୍ଲବ ବାଛିବା ପାଇଁ ସିଓଏର ଘୋଷଣା ଥିଲା ଯେ, କ୍ରିକେଟ ଖେଳ ସହ ଜଡ଼ିତ ଥିବା କିମ୍ବା କ୍ରିକେଟକୁ ପ୍ରୋତ୍ସାହିତ କରୁଥିବା କ୍ଲବମାନେ ହିଁ ସଦସ୍ୟତା ପାଇବେ। ଏହି ଘୋଷଣା ପରେ ଓସିଏ ନିକଟରେ ୫ଜଣିଆ କମିଟି ଗଠନ କରିଛି। ଶିବ ପ୍ରସାଦ ତ୍ରିପାଠୀ କମିଟିର ଅଧ୍ୟକ୍ଷ ଥିବା ବେଳେ ଅଶୋକ ସାହୁ, ଚିନ୍ମୟାନନ୍ଦ ଜେନା, ସିଦ୍ଧାର୍ଥ କୁମାର ସାହୁ, ଏଫ.ସି. ନର୍ଥ ଏହାର ସଦସ୍ୟ ରହିଛନ୍ତି। ସଦସ୍ୟତା ପାଇବାକୁ ଇଚ୍ଛୁକ କ୍ଲବମାନେ ଆବେଦନ କରି ପାରିବେ ବୋଲି ଓସିଏ ଘୋଷଣା କରିବା ପରେ ଏବେ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରୁ ୪୦ଟି କ୍ଲବ ଆବେଦନ କରି ସାରିଲେଣି। ଏହି ସଂଖ୍ୟା ୨୦୦ ଟପିବ ବୋଲି ଆଶା ରହିଥିବା ଓସିଏର ଜଣେ ଅଧିକାରୀ କହିଛନ୍ତି। ଆସନ୍ତା ୨୫ ହେଉଛି ଆବେଦନର ଶେଷ ତାରିଖ। ଜଣେ କ୍ରୀଡ଼ା ସମୀକ୍ଷକ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଏବେ ନିର୍ବାଚନ କରାଯିବାରେ କୌଣସି ଦ୍ୱିଧା ନାହିଁ। ଓସିଏର ଯାହା ସମ୍ବିଧାନ ରହିଛି ତାହା ସଠିକ ଭାବେ ପାଳନ କରାଗଲେ ନିର୍ବାଚନ ଓ କ୍ଲବ ବାଛିବାରେ ସମସ୍ୟା ସୃଷ୍ଟି ହେବନି। ସାଧାରଣ ପରିଷଦ ବୈଠକ ବିନା କ୍ଲବଗୁଡ଼ିକୁ ସଦସ୍ୟତା ଦେବା ଅସମ୍ଭବ। ଏଣୁ ନିର୍ବାଚନ ଆସନ୍ତା ୧୪ ତାରିଖ ଭିତରେ କରାଯାଇ ସାଧାରଣ ପରିଷଦ ଡାକି କ୍ଲବମାନଙ୍କ ସଦସ୍ୟତା ପ୍ରତି ଦୃଷ୍ଟି ଦିଆଯାଉ ବୋଲି ସେ କହିଛନ୍ତି।

## ପେଟିଏମ୍ ଘରୋଇ ସିରିଜ୍ ସ୍ପନଶର

**ନୂଆଦିଲ୍ଲୀ,୨୧।୮(ପିଟି)**

ଚଳିତ ବର୍ଷଠାରୁ ୨୦୨୩ ପର୍ଯ୍ୟନ୍ତ ଦେଶରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ ସିରିଜ୍ ଓ ଘରୋଇ ଟୁର୍ନାମେଣ୍ଟର ସ୍ପନଶର ଅଧିକାର ପୁଣି ଥରେ ପେଟିଏମ୍ ହାସଲ କରିଛି। ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଘୋଷଣା କରିଛି। ୱାନ ୯୭ କମ୍ୟୁନିକେଶନ ପ୍ରାଇଭେଟ ଲିମିଟେଡ୍ (ପେଟିଏମ୍) ଚଳିତ ବର୍ଷ ସେପ୍ଟେମ୍ବର ୧ରୁ ୨୦୨୩, ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଭାରତରେ ଖେଳାଯିବାକୁ ଥିବା ପ୍ରତ୍ୟେକ ମ୍ୟାଚ୍ ଓ ସିରିଜ୍ ସ୍ପନଶର କରିବ। ଏହି ସ୍ପନଶରସିପ ଲାଗି ପେଟିଏମ୍‌କୁ ୩୨୬.୮୦ କୋଟି ଟଙ୍କା ଦେବାକୁ ପଡ଼ିଛି। ଏହି ଅର୍ଥକୁ ହିସାବ କଲେ ପ୍ରତ୍ୟେକ ମ୍ୟାଚ୍ ପିଛା ବିସିସିଆଇ ୩.୮୦ କୋଟି ଟଙ୍କା ପାଇଛି। ଏହା ପୂର୍ବ ଅପେକ୍ଷା ୫୮ ପ୍ରତିଶତ ଅଧିକ। ପୂର୍ବରୁ ପ୍ରତ୍ୟେକ ମ୍ୟାଚ୍‌ର ମୂଲ୍ୟ ୨.୪ କୋଟି ଥିଲା। ୨୦୧୫ରେ ସମାନ କମ୍ପାନୀ ୪ ବର୍ଷ ପାଇଁ ୨୦୩ କୋଟି ଟଙ୍କା ବ୍ୟୟରେ ସ୍ପନଶରସିପ ହାସଲ କରିଥିଲା। ପେଟିଏମ୍ ପୂର୍ବରୁ ମ୍ୟାଇକ୍ରୋମ୍ୟାକ୍ସ ୨୦୧୪–୧୫ ସିଜନର ସ୍ପନଶର ରାଇଟ୍ସ ହାତେଇଥିଲା। ବିସିସିଆଇ ଟେଣ୍ଡର ମାଧ୍ୟମରେ ବିଡ୍ ଡକାଇଥିଲା। ଗତ ୧୯ ତାରିଖକୁ ଟେଣ୍ଡର ଦାଖଲ କରିବା ପାଇଁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଥିଲା।

## ଟେଷ୍ଟ ହିଁ କ୍ରିକେଟର ଶ୍ରେଷ୍ଠ ଫର୍ମାଟ

**ସୌରଭ ଗାଙ୍ଗୁଲି**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ପାଇଁ ୱେଷ୍ଟଇଣ୍ଡିଜ ଗସ୍ତ ଏକ ନୂଆ ଆରମ୍ଭ ସାବ୍ୟସ୍ତ ହୋଇଛି। ଟି୨୦ ଓ ଦିନିକିଆ ସିରିଜ ବିଜୟ ପରେ ଭାରତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ଚାମ୍ପିୟନଶିପ୍‌ରେ ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଟେଷ୍ଟ ଫର୍ମାଟକୁ ଆହୁରି ରୋମାଞ୍ଚକ ଓ ମଜାଦାର କରିବା ପାଇଁ ଆଇସିସି ଏହି ଚାମ୍ପିୟନଶିପ୍ ଆରମ୍ଭ କରିଛି। ଟେଷ୍ଟ ଫର୍ମାଟ ଏବେ ମଧ୍ୟ କ୍ରିକେଟର ଶ୍ରେଷ୍ଠ ଫର୍ମାଟ। ଚଳିତ ଆଶେସରୁ ଏହା ପ୍ରମାଣିତ ହୋଇଛି।

ୱେଷ୍ଟଇଣ୍ଡିଜ ପୂର୍ବପରି ଶକ୍ତିଶାଳୀ ହୋଇ ରହିନାହିଁ। ପୂର୍ବର ଗୌରବକୁ ଏହି ଦଳ ହରାଇଛି। ବିଶ୍ୱକପ୍ ଓ ଭାରତରେ ଆୟୋଜିତ ସିରିଜରେ ଏହା ପ୍ରମାଣିତ ହୋଇଛି। ଦଳ ପୁନର୍ଗଠନ ପ୍ରକ୍ରିୟାରେ ରହିଛି। ୱେଷ୍ଟଇଣ୍ଡିଜ ଦଳରେ କେତେଜଣ ପ୍ରତିଭାସମ୍ପନ୍ନ କ୍ରିକେଟର ରହିଛନ୍ତି। କେବଳ ପ୍ରତିଭାସମ୍ପନ୍ନ ହେଲେ ଚଳିବ ନାହିଁ। କଠିନ ପରିଶ୍ରମ ଓ ଖେଳିବା ପାଇଁ ମାଇଣ୍ଡ ସେଟ୍ ବା ମନୋଭାବ ଆବଶ୍ୟକ ବୋଲି ବ୍ରାଏନ ଲାରା କହିଛନ୍ତି। ଲାରାଙ୍କ ସହିତ ମୁଁ ମଧ୍ୟ ଏକମତ। ଗତ ସିରିଜରେ ଭ୍ରମଣକାରୀ ଇଂଲଣ୍ଡକୁ ହରାଇଥିଲେ ମଧ୍ୟ ଘରୋଇ ପରିବେଶରେ ଭାରତକୁ ହରାଇବା ସେତେଟା ସହଜ ନୁହଁ।

ଭାରତ ପାଇଁ ଦଳ ଅନ୍ତିମ ଏକାଦଶ ଚୟନ ଗୁରୁତ୍ୱପୂର୍ଣ୍ଣ। ଅଭିଜ୍ଞ ରିଦ୍ଧିମାନ ଶାହଙ୍କ ବଳଦରେ ଅଷ୍ଟ୍ରେଲିଆ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦମ୍‌ଦାର ପ୍ରଦର୍ଶନ କରିଥିବା ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ପ୍ରଥମ ଟେଷ୍ଟରେ ସୁଯୋଗ ଦିଆଯିବା ଉଚିତ୍। ଆହତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ଇଶାନ୍ତ ଶର୍ମା ଓ ଯଶପ୍ରୀତ ବୁମ୍‌ରା ଖେଳିବା ନିଶ୍ଚିତ ମନେହେଉଛି। ତେବେ ଭୁବନେଶ୍ୱର କୁମାରଙ୍କ ବଳରେ ମହମ୍ମଦ ସାମିଙ୍କୁ ଅଗ୍ରାଧିକାର ଦେବି। ଟେଷ୍ଟରେ ସାମି ଅଧିକ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ସ୍ପିନ୍‌ରେ ଅଭିଜ୍ଞତା ଦୃଷ୍ଟିକୋଣରୁ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଯିବା ଉଚିତ୍ ହେବ। ଏହା ହେଲେ ଜାଡେଜା ଓ ଅଶ୍ୱିନ ଦୀର୍ଘଦିନ ପରେ ଏକଠୀ ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ।

ରୋହିତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ମଧ୍ୟରୁ କାହାକୁ ଖେଳାଯିବ ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ମଧ୍ୟ ରୋହିତ ଟେଷ୍ଟରେ ସେତେଟା ସଫଳ ହୋଇନାହାନ୍ତି। ଅନ୍ୟପଟେ ରାହାନେ ଗତ ଦକ୍ଷିଣ ଆଫ୍ରିକା ଗସ୍ତରେ କେତୋଟି ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଛନ୍ତି। ତେବେ ଅଷ୍ଟ୍ରେଲିଆ ଗସ୍ତରେ ସେ ଫେଲ୍ ମାରିଥିଲେ। ମୋ ମତରେ ଓପନର ହିସାବରେ ରୋହିତ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବାରୁ ତାଙ୍କୁ ଟେଷ୍ଟରେ ମଧ୍ୟ ଇନିଂସ ଓପନ କରିବାର ସୁଯୋଗ ଦିଆଯିବା ଦରକାର। ଅନ୍ୟପଟେ ରାହାନେଙ୍କୁ ମିଡଲ–ଅର୍ଡରରେ ପୂର୍ବପରି ସୁଯୋଗ ଦିଆଗଲେ ସେ ଭଲ ପ୍ରଦର୍ଶନ କରିବେ। (ଗେମ୍‌ପ୍ଲାନ)




## ସିନ୍ଧୁ, ସାଇନାଙ୍କ ସହଜ ବିଜୟ

**ବାସେଲ(ସୁଇଜରଲାଣ୍ଡ), ୨୧।୮ (ପି.ଟି.)**

ଅଲିମ୍ପିକ ରୌପ୍ୟ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ପ୍ରତିଯୋଗିତା ବିଶ୍ୱ ଚାମ୍ପିୟନଶିପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ସେ ୨୧–୧୪, ୨୧–୧୪ ସିଧାସଳଖ ଗେମ୍‌ରେ ଚାଇନିଜ ତାଇପେଇର ପାଇ ୟୁ ପୋ'ଙ୍କୁ ପରାସ୍ତ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ସିନ୍ଧୁଙ୍କ ଏହା ୧୭ତମ ବିଜୟ ଥିଲା। ୨୦୧୩ରୁ ସେ ଏହି ଟୁର୍ନାମେଣ୍ଟ ଖେଳିଆସୁଛନ୍ତି। ଏଥିସହ ଏହି ସମ୍ମାନଜନକ ପ୍ରତିଯୋଗିତାରେ ସର୍ବାଧିକ ମହିଳା ସିଙ୍ଗଲ୍ସ ମ୍ୟାଚ୍ ଜିତିବାରେ ସେ ସ୍ପାନିଶ ବ୍ୟାଡ୍‌ମିଣ୍ଟନ ତାରକା କାରୋଲିନା ମାରିନ୍‌ଙ୍କ ସମକକ୍ଷ ହୋଇଛନ୍ତି। ପ୍ରି–କ୍ୱାର୍ଟର ଫାଇନାଲରେ ୫ମ ସିଡ୍ ସିନ୍ଧୁଙ୍କ ମୁକାବିଲା ଆମେରିକାର ବେଇୱିନ ଝାଙ୍ଗ୍‌ଙ୍କ ସହ ହେବ। ଗତବର୍ଷ ଇଣ୍ଡିଆ ଓପନ୍ ଫାଇନାଲରେ ଝାଙ୍ଗ୍‌ଙ୍କ ନିକଟରୁ ପରାସ୍ତ ହୋଇଥିଲେ। ଅପରପକ୍ଷରେ ଅନ୍ୟ ଏକ ମହିଳା ସିଙ୍ଗଲ୍ସରେ ସାଇନା ୨୧–୧୦, ୨୧–୧୧ ସିଧାସଳଖ ଗେମ୍‌ରେ ନେଦରଲାଣ୍ଡ୍ସର ସୋରୟା ଡି ଭିଶ୍ଚ ଇଜବର୍ଗେନଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ଜାକ୍କାପୁଡି ମେଘନା ଓ ପୁରଭିଶା ଏସ୍. ରାମ ହାରିଯାଇଛନ୍ତି।



ପି.ଭି. ସିନ୍ଧୁ





# ଫିଜିକାଲ ଏଜୁକେଶନ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର

## ଅନ୍ଧାରରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ

ଭୁବନେଶ୍ୱର, ୨୧।୮(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାରେ ଖେଳ ଭିତ୍ତିଭୂମି ବଢ଼ିଛି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଓଡ଼ିଶାର ଖେଳ ଭିତ୍ତିଭୂମିକୁ ନେଇ ଚର୍ଚ୍ଚା। ଭୁବନେଶ୍ୱର ଏବେ ଦେଶର ଅଘୋଷିତ କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ଏଠାରେ ଏବେ ବିଭିନ୍ନ କ୍ରୀଡ଼ାର ହାଇ ପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା ହୋଇଛି। ମାତ୍ର ତୃଣମୂଳସ୍ତରରେ କ୍ରୀଡ଼ାର ବିକାଶ ପାଇଁ ଆନ୍ତରିକତାର ଅଭାବ ପରିଲକ୍ଷିତ ହୋଇଛି। ସ୍କୁଲସ୍ତରରେ ପିଲାମାନଙ୍କୁ ଖେଳ ସମ୍ପର୍କରେ ଜ୍ଞାନ ଦେବା ଏବଂ ପ୍ରତିଭା ଚିହ୍ନଟ କରିବା କ୍ଷେତ୍ରରେ ଖେଳ ଶିକ୍ଷକଙ୍କ ଭୂମିକା ଅନସ୍ୱିକାର୍ଯ୍ୟ। ମାତ୍ର ଖେଳର ମୂଳଦୁଆ ପକାଉଥିବା ଏହି ଖେଳ ଶିକ୍ଷକଙ୍କ ପାଇଁ କାହାରି ଆଗ୍ରହ ନାହିଁ। ଏପରିକି ଆଗକୁ ଆଉ ଖେଳ ଶିକ୍ଷକ ନ ବାହାରିବା ପରି ପରିସ୍ଥିତି ସୃଷ୍ଟି ହୋଇଛି। ଓଡ଼ିଶାରେ ଥିବା ୨ଟି ସରକାରୀ କଲେଜରୁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ସ୍ୱୀକୃତି ପ୍ରତ୍ୟାହାର କରି ନେଇଛି। ଫଳରେ ଖେଳ ଶିକ୍ଷକଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଚାଲିଯାଇଛି।

ଓଡ଼ିଶାରେ ୨ଟି ସରକାରୀ ଫିଜିକାଲ ଏଜୁକେଶନ କଲେଜ ଅଛି। ଗୋଟିଏ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏବଂ ଅନ୍ୟଟି ସମ୍ବଲପୁରସ୍ଥିତ କୁଲୁଣ୍ଡିରେ। ୨ଟି ଯାକ କଲେଜ ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଅଧୀନରେ ଅଛି। କେତେ ଫାକଲ୍ଟି ଅଛନ୍ତି, ଗ୍ରାଉଣ୍ଡ ଏବଂ କଲେଜ ପାଇଁ ଘର ଆଦି ସମ୍ପର୍କରେ ସବିଶେଷ ବିବରଣୀ ଦେବା ପାଇଁ ନ୍ୟାଶନାଲ କାଉନ୍‌ସିଲ ଅଫ ଟିଚର ଏଜୁକେଶନ (ଏନ୍‌ସିଟିଇ) ପକ୍ଷରୁ ନୋଟିସ ଜାରି କରାଥିଲା। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ କର୍ତ୍ତୃପକ୍ଷଙ୍କୁ ପ୍ରଥମେ ୨୦୧୮ ଏପ୍ରିଲ ୨୦ ଏବଂ ୨୦୧୮ ନଭେମ୍ବର ୨୮ରେ ୨ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ସେହିପରି କୁଲୁଣ୍ଡି କଲେଜ କର୍ତ୍ତୃପକ୍ଷଙ୍କୁ ୨୦୧୯ ଫେବୃୟାରୀ ୨୧ ଏବଂ ମେ' ୨୧ରେ ୨ ଥର କାରଣଦର୍ଶାଅ ନୋଟିସ ହୋଇଥିଲା। ମାତ୍ର ସନ୍ତୋଷଜନକ ଉତ୍ତର ଦିଆଯାଇପାରି ନ ଥିବାରୁ ଏନ୍‌ସିଟିଇ ପକ୍ଷରୁ ଏହି ୨ଟି କଲେଜରେ ୨୦୨୦-୨୧ ଶିକ୍ଷାବର୍ଷ ପାଇଁ ଆଡ୍‌ମିଶନ ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଛି। କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜ ଭାରତର ଦ୍ୱିତୀୟ ସର୍ବପୁରାତନ କଲେଜ। ମାତ୍ର ଏପର୍ଯ୍ୟନ୍ତ ଏହି କଲେଜର ନିଜସ୍ୱ ଗ୍ରାଉଣ୍ଡ ନାହିଁ କି ଆବଶ୍ୟକ ଫାକଲ୍‌ଟି ନାହାନ୍ତି। ଏବେ ଏହି କଲେଜ ପାହାଲସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠି ଯାଉଥିବା ଶୁଣିବାକୁ ମିଳୁଛି। ମାତ୍ର ସେଠାରେ ମଧ୍ୟ ଉପଯୁକ୍ତ ପଡ଼ିଆ ନାହିଁ କିମ୍ବା ସରକାରଙ୍କ ପକ୍ଷରୁ ଏ ସମ୍ପର୍କରେ ଏନସିଟିଇକୁ ଅବଗତ କରାଯାଇ ନାହିଁ ବୋଲି ଜାଣିବାକୁ ମିଳିଛି। କଲେଜ ପାହାଲକୁ ଉଠାଇ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ବ୍ୟବହାର କରିବାକୁ ସମ୍ଭବତଃ ସରକାର ଚାହୁଁଛନ୍ତି। ମାତ୍ର ସେଠାରେ ମଧ୍ୟ ଏନସିଇଟିର ଆବଶ୍ୟକ ପୁରଣ ହେବାଭଳି ଭିତ୍ତିଭୂମି ନାହିଁ। ତେଣୁ ଫିଜିକାଲ ଏଜୁକେଶନ ଟିଚର୍ସ ଟ୍ରେନିଂ କଲେଜ ପାଇଁ କେହି ଆଗ୍ରହ ଦେଖାଉ ନ ଥିବା ପରିଲକ୍ଷିତ ହେଉଛି। ଘରୋଇ ଫିଜିକାଲ ଏଜୁକେଶନ କଲେଜ ଗୁଡ଼ିକ ଯେତେବେଳେ ଏନସିଟିଇର ସମସ୍ତ ନିୟମକୁ ପାଳନ କରୁଛନ୍ତି ସେ କ୍ଷେତ୍ରରେ ସରକାରୀ କ୍ଷେତ୍ରରେ ପାଳନ ହୋଇ ନ ପାରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁରି ମୂଳରେ ହେଲା କଳିଙ୍ଗ ଷ୍ଟାଡିୟମରେ ଥିବା କଲେଜର ଆବଶ୍ୟକ ଫାକ୍‌ଲଟି ନାହାନ୍ତି। ନିଜସ୍ୱ ଗ୍ରାଉଣ୍ଡ କିମ୍ବା ଘର ନାହିଁ। ଆବଶ୍ୟକ ଷ୍ଟାଫ୍ ନ ଥିଲେ କେମିତି କଲେଜ ଚାଲିବ ବୋଲି ଜଣେ ପୂର୍ବତନ ଛାତ୍ର ପ୍ରଶ୍ନ କରିଛନ୍ତି।

କଲେଜର ପୂର୍ବତନ ପ୍ରିନ୍ସିପାଲମାନେ ମଧ୍ୟ ଅନୁରୂପ ମତ ଦେଇଛନ୍ତି। କଳିଙ୍ଗ ଷ୍ଟାଡିୟମ ପରିସର କଲେଜ ୧୯୫୭ ମସିହାର। ତେବେ ଏପର୍ଯ୍ୟନ୍ତ ଏହାର ନିଜସ୍ୱ ଜାଗାବାଡ଼ି କିଛି ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ହିଁ ହେଉଛି ବାସ୍ତବତା। ୧୯୫୭ରୁ ୧୯୯୪ ପର୍ଯ୍ୟନ୍ତ ଏହା ବାରବାଟୀ ଷ୍ଟାଡିୟମରେ ପରିଚାଳିତ ହେଉଥିଲା। ୧୯୯୪ରୁ ଏହା କଳିଙ୍ଗ ଷ୍ଟାଡିୟମରେ ଚାଲୁଛି। ଏନ୍‌ସିଟିଇ ପକ୍ଷରୁ ୧୯୯୬ରେ ସର୍ବଭାରତୀୟ ସ୍ତରରେ ଗାଇଡ୍‌ଲାଇନ ପ୍ରସ୍ତୁତ କରାଯାଇଥିଲା। ଏପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମର ଜାଗା ଜମି ଦେଖାଇ ଏହି କଲେଜର ସମସ୍ତ ଔପଚାରିକତା ପୂରଣ କରାଯାଉଥିଲା। ମାତ୍ର ଏବେ ଏନ୍‌ସିଟିଇ ଅନୁଭବ କଲା ଯେ, ଏହି କଲେଜର ନିଜସ୍ୱ ବିଲ୍ଡିଂ କିମ୍ବା ପଡ଼ିଆ ନାହିଁ କି ନିୟମ ଅନୁସାରେ ଆବଶ୍ୟକ ଷ୍ଟାଫ୍ ନାହାନ୍ତି। ତେଣୁ ୨୦୨୦-୨୧ ପାଇଁ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ପୂର୍ବତନ ପ୍ରିନ୍ସିପାଲ ପ୍ରକାଶ କରିଛନ୍ତି। ୧୯୫୭ରେ ଗ୍ୱାଲିୟରରେ ଏଲଏନ୍‌ଇପି ଫିଜିକାଲ ଏଜୁକେଶନ କଲେଜ ପ୍ରତିଷ୍ଠା ହୋଇଥିଲା। ତାହା ଏବେ ୟୁନିଭର୍ସିଟି ହୋଇ ଅନ୍ତର୍ଜାତୀୟସ୍ତରର ହୋଇସାରିଲାଣି। ଏକା ବର୍ଷ ୨ଟି ଯାକ କଲେଜ ଆରମ୍ଭ ହୋଇଥିଲେ ହେଁ ଆମେ ପଛରେ ପଡ଼ିଯାଇଛୁ। ଏଥିପାଇଁ ସରକାରୀସ୍ତରରେ କେହି ଆନ୍ତରିକତା ଦେଖାଉନାହାନ୍ତି। ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି ବୋଲି ସେ କହିଛନ୍ତି। ମୋ ସମୟରେ ଯେତେବେଳେ ଏନ୍‌ସିଟିଇ ଟିମ୍ ଆସିଥିଲା, ସେତେବେଳେ କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମିକୁ ଦେଖାଇ ଆମେ ସ୍ଥିତିକୁ ସମ୍ଭାଳି ନେଇଥିଲୁ। ପରେ ବୋଧହୁଏ ଏହାକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଇ ପାରିନାହିଁ। ଫଳରେ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି ବୋଲି ସେ କହିଛନ୍ତି। କଲେଜ ଏବେ ପାହାଲସ୍ଥିତ ଆପେକ୍ସ ଇଞ୍ଜିନିୟରିଂ କଲେଜକୁ ଉଠିଯାଉଛି ବୋଲି ଶୁଣିବାକୁ ପାଉଛି। ତାହା ହେଲେ ସ୍ଥିତି ଆହୁରି ସାଂଘାତିକ ହେବ। କଲେଜ ପୂରା ବନ୍ଦ ହୋଇଯିବ। ଏନ୍‌ସିଟିଇ ନିୟମ ଅନୁସାରେ କଲେଜ ନାମରେ ଅତିକମ୍‌ରେ ୮ ଏକର ଜମି ଏବଂ ଖେଳପଡ଼ିଆ ଥିବା ଆବଶ୍ୟକ। ଟ୍ରାକ୍, ଫୁଟ୍‌ବଲ ପଡ଼ିଆ, ହଷ୍ଟେଲ, ଷ୍ଟାଫ୍ ଥିବା ଆବଶ୍ୟକ। ଏତେସବୁ ସୁବିଧା ସୁଯୋଗ ଆପେକ୍ସରେ ନାହିଁ। ତେଣୁ ଏହି କଲେଜକୁ ଦେଖିଲେ ଏନ୍‌ସିଟିଇ ପୂରା କଲେଜକୁ ରିଜେକ୍ଟ କରିଦେବା ସମ୍ଭାବନା ରହିଛି। ଏବେ ୨ଟି ଯାକ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ଦ୍ୱାରା ଏହାକୁ ପେସା କରିବାକୁ ଚାହୁଁଥିବା ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଗଲା ବୋଲି କହିବାକୁ ହେବ। ସମ୍ବଲପୁର କଲେଜରେ ଜମି କିମ୍ବା ବିଲ୍ଡିଂ ସମସ୍ୟା ନାହିଁ। ସେଠାରେ କେବଳ ଫାକଲ୍‌ଟି ସମସ୍ୟା ରହିଛି। ସରକାର ନିଯୁକ୍ତି ଦେବାକୁ କୁଣ୍ଠିତ ହେଉଛନ୍ତି। ଗେଷ୍ଟ ଫାକଲ୍‌ଟି ନେଇ ମଧ୍ୟ କାମ ଚଳାଇ ହୁଅନ୍ତା, ମାତ୍ର ତାହା ବି ହେଉନି। ତେଣୁ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର ପର୍ଯ୍ୟନ୍ତ କଥା ଯାଇଛି। ଏବେ ରି-ଆପ୍ଲାଏ କରିବାକୁ ପଡ଼ିବ। ଏନ୍‌ସିଟିଇର ସମସ୍ତ ଆବଶ୍ୟକତାକୁ ପୂରଣ କରି ଆବେଦନ କଲେ ଯାଇ କିଛି ହୋଇପାରିବ ବୋଲି ସେ କହିଛନ୍ତି।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
-କନ୍‌ଫୁସିଅସ୍



## ସଂକ୍ଷେପରେ

### ମାଳଦ୍ୱୀପ ବିଶ୍ୱଶାନ୍ତି ପଦଯାତ୍ରାକୁ ନରସିଂହପୁର ସାମାଜିକ କର୍ମୀ ନିମନ୍ତ୍ରିତ

ନରସିଂହପୁର,୨୧।୮(ସ୍ୱ.ପ୍ର.): ଅଗଷ୍ଟ ୨୮ ରୁ ୩୦ ପର୍ଯ୍ୟନ୍ତ ମାଳଦ୍ୱୀପରେ ବିଶ୍ୱଯୁବ ଶକ୍ତି ଶାନ୍ତି ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ପଦଯାତ୍ରା କରିବାଲାଗି ମାଳଦ୍ୱୀପ ସରକାରଙ୍କ କ୍ରୀଡା,ଯୁବସେବା ଗୋଷ୍ଠୀ ସଶକ୍ତୀକରଣ ବିଭାଗ ଓ ଅନ୍ତର୍ଜାତୀୟ ଯୁବ ସଂଗଠନ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ନରସିଂହପୁର ବ୍ଲକର ଯୁବ ଖବରଦାତା ତଥା ସାମାଜିକ କର୍ମୀ ବିଜୟ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱର ୩୦ ରାଷ୍ଟ୍ରରୁ ୨୦୦ ପ୍ରତିନିଧି ଯୋଗ ଦେଉଥିବାବେଳେ ମାଳଦ୍ୱୀପ ସଂସଦର ବାଚସ୍ପତି ଡ. ମହମଦ ନସିଦ୍ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବଡ଼ମ୍ବା - ନରିସଂହପୁର ଅଞ୍ଚଳରେ ମହାମାରୀ ଭଳି ବ୍ୟାପୁଥିବା କିଡ୍‌ନୀ ରୋଗର ନିରାକରଣ ପାଇଁ ଉଦ୍ୟମ ସହ ରୋଗୀଙ୍କୁ ମାଗଣା ସହାୟତା ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ଇଣ୍ଟରନ୍ୟାଶନାଲ ଯୁଥ୍ କମିଟି ତରଫରୁ ବିଜୟ କୁମାର ପଣ୍ଡାଙ୍କ ବିଶେଷ ଅବଦାନ ରହିଛି। ଏନେଇ ତାଙ୍କୁ ଏହି ବିଶ୍ୱଶାନ୍ତି ପଦଯାତ୍ରାରେ ଭାରତର ପ୍ରତିନିଧିଭାବେ ମନୋନୀତ କରାଯାଇଛି। ଏଥିରେ ଯୋଗ ଦେବାପାଇଁ କାର୍ଯ୍ୟକ୍ରମର ଅଧକ୍ଷ ଆଇ ସ୍ମଥ୍ ରାତିଆ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପଠାଇଛନ୍ତି।



### ସାପ କାମୁଡ଼ାରେ ଜଣେ ମୃତ

ନିଶ୍ଚିନ୍ତକୋଇଲି, ୨୧।୮(ସ୍ୱ.ପ୍ର.):ସାପ କାମୁଡାରେ ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବୁହାଳପୁର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ଶ୍ରୀଚରଣ ନାୟକ(୬୫)। ମଙ୍ଗଳବାର ରାତିରେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ନେଇ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକସନ୍ ମିଳୁ ନଥିବାରୁ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୋଲି ଅଭିଯୋଗ ହୋଇଛି। ତୁରନ୍ତ ସେଠାରେ ସାପ କାମୁଡା ଇଞ୍ଜେକ୍ସନ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

### ଦୁର୍ଘଟଣା ମାମଲାରେ ଜଣେ ଗିରଫ

ନିଶ୍ଚିନ୍ତକୋଇଲି, ୨୧।୮(ସ୍ୱ.ପ୍ର.): କଟକ - ଚାନ୍ଦବାଲି ରାସ୍ତାର ବାହାବଲପୁର ତେଲ ଟାଙ୍କି ନିକଟରେ ୭ ଜୁଲାଇ ୨୦୧୯ରେ ଏକ କାର ଧକ୍କାରେ ଡେରାବିଶ ଥାନା ଅଧୀନ ଡାଲଚି ଗ୍ରାମର ସତ୍ୟପ୍ରିୟ ପଲେଇଙ୍କ ମୃତ୍ୟୁ ଘଟିଥିଲା। ଏନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ-୮୨/୧୯) ରୁଜୁ ହୋଇଥିଲା। ଏହି ଅଭିଯୋଗରେ ପୋଲିସ ବୁଧବାର କଟକସ୍ଥିତ ମଧୁପାଟଣା ଅଧୀନ କାଜିଡିଅ ଗ୍ରାମରୁ କାର ଚାଳକ କିଶୋର କୁମାର ଦାସଙ୍କୁ ଗିରଫ କରି ସାଲେପୁର କୋର୍ଟ ଚାଲାଣ କରିଛି।

### ବରିଷ୍ଠ ନାଗରିକ ଦିବସ ପାଳିତ

ନରସିଂହପୁର,୨୧।୮(ସ୍ୱ.ପ୍ର.): ନରସିହପୁର ଅଞ୍ଚଳର ରଘୁନାଥଜୀଉ ପାଠାଗାର ପରିସରରେ ବୁଧବାର ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏଥିଲାଗି ଆୟୋଜିତ ବୈଠକରେ ନରସିଂହପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ତ୍ରିଲୋଚନ ମହାପାତ୍ର ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ନାଗରିକମାନଙ୍କ ସ୍ଥିତି, ସୁରକ୍ଷା ଓ ସେମାନଙ୍କ ପାଇଁ ଥିବା ଆଇନଗତ ସହାୟତା ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା ହୋଇଥିଲା। ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ପରିଚୟ ପତ୍ର ପାଇଁ ସରକାରଙ୍କୁ ଅନୁରୋଧ କରିବା ଲାଗି ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ଅବସରପ୍ରାପ୍ତ ପ୍ରାଧାପକ କୂଳମଣୀ ବାରିକ, ଶିକ୍ଷାବିତ୍ ଦେବରାଜ ସ୍ୱାଇଁ, ସନାତନ ସ୍ୱାଇଁ, ଅଗାଧୁ ନାୟକ ଓ ରବିନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# '୫-ଟି ଆଭିମୁଖ୍ୟକୁ ଉନ୍ନୟନ କାର୍ଯ୍ୟରେ ଉପଯୋଗ କର'

ଷଷ୍ଠ ଜିଲା ପରିଷଦ ବୈଠକ

■ତାଳଦଣ୍ଡା କେନାଲର ଉନ୍ନତି ପାଇଁ ଗୁରୁତ୍ୱାରୋପ

କଟକ ଅଫିସ, ୨୧।୮

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଉଚ୍ଚ ଶିକ୍ଷା ଓ ପ୍ରାଥମିକ ଶିକ୍ଷାର ମାନବୃଦ୍ଧି, ମହିଳା ଶିଶୁ ବିକାଶ କାର୍ଯ୍ୟକ୍ରମ, କୃଷି, ଉଦ୍ୟାନ କୃଷି, ଜଳସେଚନ, ମତ୍ସ୍ୟ, ଗ୍ରାମ ସଡ଼କ ଯୋଜନା ଓ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପଞ୍ଚାୟତିରାଜ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସରକାରଙ୍କ ୫-ଟି ଆଭିମୁଖ୍ୟକୁ ଜିଲାର ସମସ୍ତ ଉନ୍ନୟନ କାର୍ଯ୍ୟରେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

ଚଳିତବର୍ଷ ଜିଲାରେ ୧ ଲକ୍ଷ ୮୮ହଜାର ୧୫୦ ହେକ୍ଟର ଜମି ଚାଷ ଉପଯୋଗୀ ହୋଇଥିବାବେଳେ ସେଥିମଧ୍ୟରୁ ୧୩୬ ହଜାର ହେକ୍ଟରେ ଧାନଜମି ଓ ୫୨ ହଜାର ୧୫୦ ହେକ୍ଟର ଅଣଧାନ ଜମି ରହିଛି। ସେହିପରି ଖରିଫ ଚାଷ ପାଇଁ ୧ ଲକ୍ଷ ୨୨ହଜାର ୮୪୩ ହେକ୍ଟର ଜମି ଓ ରବିଚାଷ ପାଇଁ ୬୧ହଜାର ୫୮ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ଗ୍ରାମରେ ଥିବା କେନାଲ, ଉପକେନାଲଗୁଡ଼ିକର ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚାଇବା ବ୍ୟବସ୍ଥା କରିବା ପାଇଁ ନିଆଳି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ମଲ୍ଲିକ ବୈଠକରେ କହିଛନ୍ତି। ଚଳିତବର୍ଷ ୮୨ହଜାର ହେକ୍ଟର ଜମିରେ ଧାନଚାଷ ଓ ୩୯୮ ହେକ୍ଟର ଜମିରେ ମୁଗ, ବିରି ଚାଷ କରାଯାଇଥିଲା। ସେହିପରି ୨୧୭ ହେକ୍ଟର ଜମିରେ ଡାଲି, ୭୦୪ ହେକ୍ଟର ଜମିରେ ତୈଳବୀଜ ଏବଂ ୩୦ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା।



ଜିଲା ପରିଷଦ ବୈଠକରେ ଉପସ୍ଥିତ ଏମ୍‌ପି, ମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

ବିଜୁ କୃଷକ କଲ୍ୟାଣ ଯୋଜନାରେ ୩ ଲକ୍ଷ ୧୬ହଜାର ୫୮୮ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଆସନ୍ତା ୨୭ରେ ସୁଦ୍ଧା କାଳିଆ ଯୋଜନାର ତାଲିକା ଯାଞ୍ଚ ପ୍ରକ୍ରିୟା ଶେଷ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲାର ସମସ୍ତ ଚାଷୀଙ୍କୁ ସେପ୍ଟେମ୍ବର ୨୫ ସୁଦ୍ଧା ମୁଗ, ବିରି ଓ ଡାଲିଜାତୀୟ ବିହନ ଯୋଗାଇ ଦିଆଯିବ ବୋଲି କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୨ ଅନ୍ତର୍ଗତ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ଉନ୍ନତୀକରଣ କରାଯାଉଛି। ଏ ନେଇ ୨୪ଟି ରାସ୍ତା ନିର୍ମାଣ ପାଇଁ ୨୨୮.୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଗ୍ରାମ୍ୟ ନିର୍ମାଣ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ଯୋବ୍ରାରୁ ନୂଆବଜାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉନ୍ନତି ଏବଂ ବିପର୍ଯ୍ୟସ୍ତ ସୋଧନ ସମ୍ପର୍କରେ ଏମ୍‌ପି ଭର୍ତ୍ତୃହରି ମହତାବ ଗୁରୁତ୍ୱାରୋପ କରିଥିଲେ। ନରସିଂହପୁର ଅଞ୍ଚଳରେ ନଦୀବନ୍ଧ ଦୃଢ଼ୀକରଣ, ବନୀକରଣ ଏବଂ କଟରାପାଳ କ୍ଷୁଦ୍ର ଜଳସେଚନ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର ମତ ଦେଇଥିଲେ। ଏଥିସହିତ ପ୍ରାଚୀ ଡିଭିଜନ ନଦୀବନ୍ଧ ଓ କେନାଲ ବନ୍ଧର ଉନ୍ନତି, ଡ୍ରେନେଜ ଡିଭିଜନ ପକ୍ଷରୁ ଜଳ ନିଷ୍କାସନ ଉନ୍ନତୀକରଣ ନିମନ୍ତେ ଯୋଜନା କରାଯାଉଥିବା ସମ୍ପର୍କରେ ବୈଠକରେ ମତ ରଖିଥିଲେ। ସେହିପରି ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ଛତୁଆ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଅଖତର, ଜିଲା ପରିଷଦ ଉପସଭାପତି ସୁନୀଲ କୁମାର ପରିଡ଼ାଙ୍କ ସମେତ ଜିଲାର ସମସ୍ତ ଜିଲା ପରିଷଦ ସଦସ୍ୟାସଦସ୍ୟ, ଜିଲାସ୍ତରୀୟ ପଦାଧିକାରୀ ଓ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହାବିଦ୍ୟାଳୟରେ ପାଠ୍ୟ ସମିତି ସଭା

ସାଲେପୁର,୨୧।୮(ଡି.ଏନ୍.ଏ.)

ସାଲେପୁର ସ୍ୱୟଂଶାସିତ କଲେଜର ଇଂଲିଶ ବିଭାଗ ପକ୍ଷରୁ ଏକ ପାଠ୍ୟ ସମିତି ସଭା ବୁଧବାର ଅନୁଷ୍ଠିତ ହୋଇଥିଲା। ଇଂଲିଶ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଉମାକାନ୍ତ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂଲିଶ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷ ଡ. ମନୋଜ କୁମାର ମିଶ୍ର, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପିକା ପ୍ରଭାମୟୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଇଂଲିଶ ସମ୍ମାନ ପାଠ୍ୟ ଖସଡ଼ା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନୂତନ ପାଠ୍ୟଖସଡା ପ୍ରସ୍ତୁତି କରାଯିବା ସହ ଏଥିରେ ବିଷୟଭିତ୍ତିକ ପରିବର୍ତ୍ତନ ଉପରେ ସମୀକ୍ଷା ଓ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ଡ. ଦିଲୀପ କୁମାର ମିଶ୍ର, ପ୍ରାଧ୍ୟାପକ ଜୈନୁର୍ ରହିମ୍, ଅଧ୍ୟାପକ ସେକ୍ ଅବ୍ରାର୍ ଅହମ୍ମଦ ଓ ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ ଅଫିସ, ୨୧।୮

ଜଗତ୍‌ପୁର-କେନ୍ଦ୍ରାପଡ଼ା କେନାଲରେ ମଙ୍ଗଳବାର ବୁଡ଼ି ଯାଇ ନିଖୋଜ ହୋଇଥିବା କଟକ ଲିଙ୍କରୋଡ଼ ଅଞ୍ଚଳର ରାହୁଲ ଜୈନଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ଏହି ଘଟଣା ସାତବାଟିଆ ନିକଟରେ ଘଟିଥିବାବେଳେ ସକାଳେ ଏହାଠାରୁ ପ୍ରାୟ ୫ କିମି ଦୂର ଆଟୋଡ଼ା କଲଭର୍ଟ ନିକଟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ସକାଳେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଜଗତପୁର ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡ଼ିକାଲକୁ ପଠାଇଛି। ସୂଚନାଯୋଗ୍ୟ, ଚୌଦ୍ୱାର ଅଞ୍ଚଳର ସଞ୍ଜୟ ଜେନା(୨୨) ଓ କଟକ ଲିଙ୍କରୋଡ଼ ଅଞ୍ଚଳର ରାହୁଲ ଜୈନ(୨୮) ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରନ୍ତି। ସୋମବାର ଜଗତ୍‌ପୁର ଥାନା ଅଞ୍ଚଳର ମଧ୍ୟକଚ୍ଛସ୍ଥିତ ସୁନାକର ସାମଲଙ୍କ ଘରକୁ ଉଭୟ ଆସିଥିଲେ। ସୋମବାର ସେଠାରେ ରହିଥିବାବେଳେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଭୟ ଜଗତ୍‌ପୁର-କେନ୍ଦ୍ରାପଡ଼ା କେନାଲର ସାତବାଟିଆ ନିକଟରେ ଗାଧୋଇବାକୁ ଆସିଥିଲେ। ତେବେ ଗାଧୋଉଥିବାବେଳେ ରାହୁଲ ପାଣିରେ ଭାସି ଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସଞ୍ଜୟ ଉଦ୍ଧାର ହୋଇଥିଲେ।

## ବଡ଼ ପରିବର୍ତ୍ତେ ଆଦର୍ଶ ମଣିଷ ହେବାକୁ ପରାମର୍ଶ

ସାଲେପୁର,୨୧।୮ (ଡି.ଏନ୍.ଏ)

ସାଲେପୁର କଲେଜ ରୋଡ୍‌ରେ ଅବସ୍ଥିତ ସିବିଏସ୍‌ଇ କୋଚିଂ ସେଣ୍ଟର ଦି ମେଣ୍ଟରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପ୍ରତିଷ୍ଠାତା ଅମିତାଭ୍ ପଲାଇ ଓ ଶିବରାମ୍ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ କୋଚିଂ ସେଣ୍ଟର ଅଧ୍ୟକ୍ଷ ଫିରଦୋସ୍ ଅଲ୍ଲୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ରାକେଶ ଆଇନ୍‌ଷ୍ଟାଇନ୍ ଯୋଗଦେଇ ଉତ୍ତମ ଶିକ୍ଷାଦାନ ଉତ୍ତମ ସମାଜ ଗଠନ ଦିଗରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଧୀରେନ୍ଦ୍ର ନାରାୟଣ ଶତପଥୀ ଯୋଗଦେଇ ପିଲାମାନଙ୍କୁ ବଡ଼ ମଣିଷ ହେବା ପରିବର୍ତ୍ତେ ଆଦର୍ଶ ମଣିଷ ଭାବେ ପରିଚୟ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ସେକ୍ ଅବ୍ରାର୍ ଅହମ୍ମଦ୍ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବରିଷ୍ଠ ବିଜ୍ଞାନ ଶିକ୍ଷକ ହରପ୍ରସାଦ ଷଡ଼ଙ୍ଗୀ, ଶିକ୍ଷକ ରମାକାନ୍ତ ପରିଡ଼ା, ବିଶ୍ୱଜିତ୍ ଟୀକାଦାର, ଧନଞ୍ଜୟ ବରାଳ, ସୁନିତା ନାୟକ, ଶିବପ୍ରସାଦ ମିଶ୍ର, ନିହାରିକା ପଣ୍ଡା, ପ୍ରଭାସିନୀ ଶତପଥୀ, ପାୟସ୍ୱତୀ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା।

■ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ

## ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ସହ ଆଲୋଚନା



ଉଚ୍ଚ ଶିକ୍ଷାମନ୍ତ୍ରୀ ଡ.ଅରୁଣ କୁମାର ସାହୁଙ୍କ ସହ କଲେଜ ପରିଚାଳନା କମିଟି ସଦସ୍ୟ।

ବାଙ୍କୀ,୨୧।୮(ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ରହିଛି। ଏନେଇ ବାଙ୍କୀ କଲେଜ ପରିଚାଳନା କମିଟି ପକ୍ଷରୁ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ ଡ.ଅରୁଣ କୁମାର ସାହୁଙ୍କ ସହ ଏକ ବୈଠକରେ ଭୁବନେଶ୍ୱରସ୍ଥିତ ସଚିବାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ୨୦୦୯ ଶିକ୍ଷା ଆଇନ ଅନୁସାରେ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା ଲାଗି ଦାବି ହୋଇଥିଲା। ସେହିପରି ଷ୍ଟାପ୍ ସିଲେକସନ ବୋର୍ଡ ମାଧ୍ୟମରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ, କଲେଜରେ ସରକାରଙ୍କ ପକ୍ଷରୁ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତ ଏବଂ ପିଜି ବିଭାଗରେ ନୂତନ ବିଷୟ ଖୋଲିବା ପାଇଁ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ଦାବି ହୋଇଥିଲା। ଏସବୁ ଦାବି ପୂରଣ କରିବା ଲାଗି ଶିକ୍ଷାମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ କମିଟି ସଭାପତି ପ୍ରଭାତ କୁମାର ତ୍ରିପାଠୀ, ଅଧ୍ୟକ୍ଷ ଡ.ବାବାଜୀ ଚରଣ ଶତପଥୀ, ସମରେନ୍ଦ୍ର ମହାପାତ୍ର, ସନାତନ ବେହେରା, ସୌମେନ୍ଦ୍ର କୁମାର ମିଶ୍ର, ହରେକୃଷ୍ଣ ଦାଶ, ସନ୍ତୋଷ କୁମାର ରଣା, ପ୍ରଣବ ପଟେଲ, ନିରାକାର ସାମନ୍ତରାୟ ଓ ଭୂପତି ଭୂଷଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସାଲେପୁର ମହାବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ଉଦ୍‌ଯାପିତ




ଶୋଭାଯାତ୍ରାରେ ଯୋଗଦେଇଥିବା ସ୍ୱେଚ୍ଛାସେବୀ ଓ ଅନ୍ୟମାନେ ।

ସାଲେପୁର,୨୧।୮ (ଡି.ଏନ୍.ଏ)

ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ସ୍ୱଚ୍ଛତା ପକ୍ଷ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସରୋଜ କୁମାର ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଯୁବ ମନ୍ତ୍ରଣାଳୟ ଓ କ୍ରୀଡ଼ା ବିଭାଗର ନିର୍ଦ୍ଦେଶ କ୍ରମେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ସ୍ୱଚ୍ଛଭାରତ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ୧୫ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲାସ୍ତରୀୟ ଜାତୀୟ ସେବା ଯୋଜନା ଅଧିକାରୀ ଜୟନ୍ତୀବାଲା ପରିଜା ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସର, ରୋଧପୁରସ୍ଥିତ ଶାରଳା ମନ୍ଦିର, ହନୁମାନ ମନ୍ଦିର ଓ ଅଙ୍ଗନୱାଡ଼ି କେନ୍ଦ୍ର ପରିସରକୁ ସଫେଇ କରିଥିଲେ। ଏଥିସହ ପ୍ଲାଷ୍ଟିକ୍ ଓ ପଲିଥିନ୍ ମୁକ୍ତ ପରିବେଶ ସମ୍ପର୍କରେ ସଚେତନତା କରିଥିଲେ। ଉଦ୍‌ଯାପନୀ ଦିବସରେ ସ୍ୱେଚ୍ଛାସେବୀମାନେ ହାତରେ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ବସନ୍ତ କୁମାର ରାଉତ, ଡ. ଉମେଶ ଚନ୍ଦ୍ର ପତି, ଡ.ପ୍ରକାଶିନୀ ରାୟ, ଡ. ସଙ୍ଗୀତା ମିଶ୍ର, ଡ. ଦେବେନ୍ଦ୍ର ପତ୍ରୀ, ଓ ବିଜୟ କୁମାର ଜେନା ପ୍ରମୁଖ ସହାୟତା କରିଥିଲେ।

## ୩ ଜାମିନ ବିହୀନ ଅଭିଯୁକ୍ତ ଗିରଫ

ନିଶ୍ଚିନ୍ତକୋଇଲି, ୨୧।୮(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ବାଲିଆପଦା ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଲପୁର ଗ୍ରାମରେ ବୁଧବାର ପୋଲିସ ଚଢାଉ କରି ୩ ଜାମିନବିହୀନ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଗ୍ରାମର ଅକ୍ଷୟ କୁମାର ମାହନ୍ତ(୪୦) , ଅଜୟ କୁମାର ମହାନ୍ତ(୩୭), ଶରତ ଚନ୍ଦ୍ର ମହାନ୍ତ (୪୨)। ସେମାନଙ୍କ ନାମରେ ପୂର୍ବରୁ ଜାତିଆଣ ସମ୍ପର୍କିତ ଅଭିଯୋଗ ହୋଇଥିଲା। ଏନେଇ କଟକ କୋର୍ଟରୁ ସେମାନଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଗିରଫ ପରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି।

## ରାଉତ ନୂଆଗାଁରେ ପ୍ରାଣୀ ଚିକିତ୍ସା ଶିବିର

ରଘୁନାଥପୁର,୨୧।୮(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ପଞ୍ଚାୟତ ରାଉତ ନୂଆଗାଁ ଗ୍ରାମରେ ଇଫ୍‌କୋ ଓ ଆଇଏଫଏଫଡିସି ମିଳିତ ସହଯୋଗରେ ପ୍ରାଣୀ ଚିକିତ୍ସା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଭିଓ ଗଗନ ନାୟକ ଉପସ୍ଥିତ ରହି ଗୋରୁ, ଛେଳି, ମେଣ୍ଢାଙ୍କୁ ଚିକିତ୍ସା କରିବା ସହ ଫାଟୁଆ ରୋଗର ଟୀକାକରଣ ବ୍ୟବସ୍ଥା କରିଥିଲେ। ଏହା ଏକ ଭାଇରାଲ ରୋଗ ଗୋରୁଙ୍କ କ୍ଷେତ୍ରରେ ଦେଖାଯିବା ଏବଂ ଏହା ୬ ରୁ ୭ ଦିନ ରହୁଥିବା ସମ୍ପର୍କରେ ସଚେତନତା କରାଯାଇଥିଲା। ଏହା ମାରାତ୍ମକ ନୁହେଁ କିମ୍ବା ଏଥିପାଇଁ ବ୍ୟସ୍ତ ନ ହେବାକୁ ବିଭିଓ ନାୟକ ଗୋପାଳକଙ୍କୁ ପରାମର୍ଶ ରଖିଥିଲେ। ଦୁଇ ସଂସ୍ଥାର ଅଧିକାରୀ ଟି.ଏନ୍. ଖାଁ ଓ ଅଜୟ କୁମାର ବଳବନ୍ତରାଏ ଉପସ୍ଥିତ ଚାଷୀଙ୍କୁ ଔଷଧ ବଣ୍ଟନ କରିଥିଲେ। ଆଇନଜୀବୀ ପ୍ରତାପ ଚନ୍ଦ୍ର ମହାପାତ୍ର, ସିଦ୍ଧାର୍ଥ ତ୍ରିପାଠୀ, ରବୀନ୍ଦ୍ରନାଥ ମଲ୍ଲିକ ଓ ଦେବେନ୍ଦ୍ରନାଥ ମଲ୍ଲିକ ଶିବିର ପରିଚାଳନା କରିଥିଲେ। ଏଲଆଇ ଅଶୋକ କୁମାର ମିଶ୍ର, ନିରୋଦ କୁମାର ସ୍ୱାଇଁ ଟିକାକରଣ କାର୍ଯ୍ୟରେ ସାମିଲ ହୋଇଥିଲେ।

■ ଗାଁ ରାସ୍ତା ପାଲଟିଛି ମରଣଯନ୍ତା

# ଆସିପାରୁନି ଆମ୍ବୁଲାନ୍ସ, ଦମକଳ ଗାଡ଼ି

ବରଦିଆ ଗ୍ରାମ

■ଗାଁକୁ ନାହିଁ ପିଚୁ ରାସ୍ତା :

■ବର୍ଷାଦିନେ ଲୋକେ ହଟହଟା

■ପ୍ରଶାସନର ନିଘା ନାହିଁ

ଲଳିତଗିରି ,୨୧।୮(ସ୍ୱ.ପ୍ର.)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ଗାଁରେ ରାସ୍ତା ପହଞ୍ଚାଇବା ଲାଗି ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ଏସବୁ ଯୋଜନାର ଲାଭ ଲୋକେ ଉଠାଇ ପାରୁନାହାନ୍ତି। ଏହାର ଏକ ଉଦାହରଣ ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଚାହାପଡା ପଞ୍ଚାୟତ ଅନ୍ତର୍ଗତ ବରଦିଆ ଗ୍ରାମର ୬ନଂ ୱାର୍ଡରେ ଦେଖିବାକୁ ମିଳିଛି। ଗ୍ରାମକୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ରାସ୍ତା ପାଇଁ କାମ କରା ନଯାଇ ଛାଡି ଦିଆଯାଇଥିବାରୁ ୱାର୍ଡବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତାର ଗୋଟିଏ ପଟ ଧର୍ମାଗତପୁର-ନୁର୍ତ୍ତାଙ୍ଗ ରାସ୍ତାକୁ ସଂଯୁକ୍ତ କରୁଥିବାବେଳେ ଅନ୍ୟପଟ ସାଲେପୁର-କୁଆଁପାଳ ରାସ୍ତାକୁ ସଂଯୁକ୍ତ କରୁଛି ।

ମାତ୍ର ଏଯାଏଁ ଏହି ରାସ୍ତାକୁ ପିଚୁ ଅବା କଂକ୍ରିଟ୍ ରାସ୍ତା କରାଯାଇ ପାରିଲା ନାହିଁ ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ୧ କିଲୋମିଟରରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗର ଗ୍ରାମ ମଧ୍ୟରେ ଥିବା ରାସ୍ତାଟି ଗୋଟିଏ ପଟଧର୍ମାଗତପୁର-ନୁର୍ତ୍ତାଙ୍ଗ ରାସ୍ତାକୁ ସଂଯୋଗ କରୁଥିବାବେଳେ ଅନ୍ୟପଟ ସାଲେପୁର-କୁଆଁପାଳ ରାସ୍ତାକୁ ସଂଯୋଗକରୁଛି । ରାସ୍ତା ଉପରେ ସ୍ଥାନୀୟ ଅଞ୍ଚଳ ବହୁ ଲୋକ ନିର୍ଭର କରିଥାନ୍ତି। ଏହି ବାଟଦେଇ ସ୍କୁଲ,କଲେଜ ଛାତ୍ରୀଛାତ୍ରମାନେ ପ୍ରତ୍ୟହ ଯାତାୟାତ କରିବା ସହ ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ବ୍ୟାଙ୍କ, ଡାକଘର, ଡାକ୍ତରଖାନା, ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟକୁ ଯାଇଥାନ୍ତି । ସେହିପରି ସ୍ଥାନୀୟ ଅଞ୍ଚଳର ଚାଷୀ ଏହି ରାସ୍ତା ଦେଇ ସେମାନଙ୍କ କୃଷି ଉତ୍ପନ୍ନ ଦ୍ରବ୍ୟକୁ ନେଇ ସାଲେପୁର ହାଟରେ ବିକ୍ରି କରିଥାନ୍ତି । ମାତ୍ର ୧ କିମିରୁ ଊର୍ଦ୍ଧ୍ୱ ଏହି ରାସ୍ତାକୁ ପିଚୁ ନକରି ଛାଡି ଦିଆଯାଇଥିବାରୁ ଲୋକେ ଅନେକ ସମୟରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଆବଶ୍ୟକ ସମୟରେ ଜରୁରିକାଳୀନ ସେବା ଯଥା ଆମ୍ବୁଲାନ୍ସ ଓ ଦମକଳ ସେବା ଗାଁ ଭିତରକୁ ଆସିପାରୁ ନଥିବାରୁ ଲୋକେ ଅସୁବିଧା ଭୋଗିଥାନ୍ତି। ବର୍ଷା ଦିନେ ରାସ୍ତା ଅବସ୍ଥା ଅଧିକ ଖରାପ ହୋଇଯାଏ। ରାସ୍ତାର ଅନେକ ସ୍ଥାନରେ ଖାଲ ଖମା ହୋଇଯାଇଥିବାରୁ ବହୁ ସମୟରେ ଛୋଟ ବଡ ଦୁର୍ଘଟଣାମାନ ଘଟିଥାଏ । ଏ ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତୁରନ୍ତ ଏହି ରାସ୍ତାରେ ପିଚୁ ଅବା କଂକ୍ରିଟ ପକାଇ ସବୁଦିନିଆର ରାସ୍ତାରେ ପରିଣତ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ୱାର୍ଡବାସୀ ଦାବି କରିଛନ୍ତି।



ପିଚୁ ହୋଇ ନ ଥିବା ବରଦିଆ ରାସ୍ତା ଖାଲଖମାରେ ପୂର୍ଣ୍ଣ।

## ସଂକ୍ଷେପରେ

### ଡିପିଏସ୍ କଳିଙ୍ଗରେ ଶପଥ ଉତ୍ସବ

**କଟକ ଅଫିସ, ୨୧।୮:** ଅଢାଲିଆସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍) କଳିଙ୍ଗ ବିଦ୍ୟାଳୟରେ ସ୍କାଉଟ ଶପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷା ଅନୁରାଧା ରକ୍ଷିତ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସ୍କାଉଟ ଗାଇଡର ସହ ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଯୋଗଦେଇ ବିଦ୍ୟାଳୟରେ ସ୍କାଉଟ ସଙ୍ଗଠନ ସକ୍ରିୟ ହେବା ଏକ ଶୁଭ ସଙ୍କେତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଟ୍ରେନିଂ କମିଶନର ସରୋଜିନୀ ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳିତ କରିବାରେ ସ୍କାଉଟ, ଗାଇଡ ଏକ ଉତ୍ତମ ମାଧମ ବୋଲି କହିଥିଲେ। ଏହି ଉତ୍ସବରେ ବିଦ୍ୟାଳୟର ଟ୍ରଷ୍ଟି ମାଲା ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ ସ୍ୱାତୀ ନାଥ, ସୁନୟନା ପାତ୍ରୋ, ସଞ୍ଜୟ କୁମାର ଜେନାଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଗାଇଡ କ୍ୟାପଟେନ ପାର୍ବତୀ ଘୋଷ ଏବଂ ସ୍କାଉଟ ମାଷ୍ଟର ଧୀରଜ କୁମାର ପଣ୍ଡା ଉତ୍ସବ ପରିଚାଳନା କରିଥିବାବେଳେ ନୀରଦ ଚନ୍ଦ୍ର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### କବି ସଚ୍ଚି ରାଉତରାୟଙ୍କ ଶ୍ରାଦ୍ଧୋତ୍ସବ

**କଟକ ଅଫିସ, ୨୧।୮:** କବି ସଚ୍ଚି ରାଉତରାୟଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ମହାନଗର ନାଗରିକ ମଞ୍ଚ ପକ୍ଷରୁ କଟକ ଗଡଗଡିଆ ଘାଟଠାରେ ଏ ନେଇ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିସହ ସେଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ରଚିତ କବିତାମାନ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି, ସଂଗ୍ରାମୀ ଫୋରମର ଆବାହକ ପ୍ରଶାନ୍ତ ଦାସ, ସାହିତ୍ୟ ଏକାଡେମୀର ପୂର୍ବତନ ଅଧକ୍ଷ ହୁସେନ ରବି ଗାନ୍ଧୀ, ଖଗେଶ୍ୱର ସେଠୀ, ଡଲି ଦାସ, ସସ୍ମିତା ମହାନ୍ତି, ସିପ୍ରା ମହାନ୍ତିଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଯୋଗଦେଇଥିଲେ।

### ପ୍ରକାଶିକା ମନୋରମା ମିଶ୍ରଙ୍କ ପରଲୋକ

**କଟକ ଅଫିସ, ୨୧।୮:** ଆଧାତ୍ମିକ ସାହିତ୍ୟ ପ୍ରକାଶିକା ମନୋରମା ମିଶ୍ର(୬୮)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ସେ ମନୋରମା ପବ୍ଲିଶରର ସ୍ୱତ୍ୱାଧିକାରିଣୀ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ତଥା ପ୍ରସିଦ୍ଧ ଲେଖକ ନୁରି ମିଶ୍ର, ଦୁଇ ପୁତ୍ର ସାତ୍ୟକି ମିଶ୍ର ଓ ଆଇନଜୀବୀ ସାନ୍ଦିପନୀ ମିଶ୍ର ଓ ପ୍ରାକ୍ତନ ଆଡଭୋକେଟ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।



# ‘୫-ଟି ଆଭିମୁଖ୍ୟକୁ ଉନ୍ନୟନ କାର୍ଯ୍ୟରେ ଉପଯୋଗ କର’

**ଷଷ୍ଠ ଜିଲା ପରିଷଦ ବୈଠକ**

■ତାଳଦଣ୍ଡା କେନାଲର ଉନ୍ନତି ପାଇଁ ଗୁରୁତ୍ୱାରୋପ

**କଟକ ଅଫିସ, ୨୧।୮**





ଜିଲା ପରିଷଦ ବୈଠକରେ ଜିଲାପାଳ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଷଷ୍ଠ ଜିଲା ପରିଷଦ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଉଚ୍ଚ ଶିକ୍ଷା ଓ ପ୍ରାଥମିକ ଶିକ୍ଷାର ମାନବୃଦ୍ଧି, ମହିଳା ଶିଶୁ ବିକାଶ କାର୍ଯ୍ୟକ୍ରମ, କୃଷି, ଉଦ୍ୟାନ କୃଷି, ଜଳସେଚନ, ମତ୍ସ୍ୟ, ଗ୍ରାମ ସଡ଼କ ଯୋଜନା ଓ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପଞ୍ଚାୟତିରାଜ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସରକାରଙ୍କ ୫-ଟି ଆଭିମୁଖ୍ୟକୁ ଜିଲାର ସମସ୍ତ ଉନ୍ନୟନ କାର୍ଯ୍ୟରେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

ଚଳିତବର୍ଷ ଜିଲାରେ ୧ ଲକ୍ଷ ୮୮ହଜାର ୧୫୦ ହେକ୍ଟର ଜମି ଚାଷ ଉପଯୋଗୀ ହୋଇଥିବାବେଳେ ସେଥିମଧ୍ୟରୁ ୧୩୬ ହଜାର ହେକ୍ଟର ଧାନଜମି ଓ ୫୨ ହଜାର ୧୫୦ ହେକ୍ଟର ଅଣଧାନ ଜମି ରହିଛି। ସେହିପରି ଖରିଫ ଚାଷ ପାଇଁ ୧ ଲକ୍ଷ ୨୨ହଜାର ୮୪୩ ହେକ୍ଟର ଜମି ଓ ରବିଚାଷ ପାଇଁ ୬୧ହଜାର ୫୮ ହେକ୍ଟର ଜମିକୁ ଜଳସେଚନ ବ୍ୟବସ୍ଥା ହୋଇଛି। ଜିଲାର ସମସ୍ତ ଗ୍ରାମରେ ଥିବା କେନାଲ, ଉପକେନାଲଗୁଡ଼ିକର ଶେଷମୁଣ୍ଡ ପର୍ଯ୍ୟନ୍ତ ପାଣି ପହଞ୍ଚାଇବା ବ୍ୟବସ୍ଥା କରିବା ପାଇଁ ନିଆଳି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଡ. ପ୍ରମୋଦ କୁମାର ମଲ୍ଲିକ ବୈଠକରେ କହିଛନ୍ତି। ଚଳିତବର୍ଷ ୮୨ହଜାର ହେକ୍ଟର ଜମିରେ ଧାନଚାଷ ଓ ୩୯୮ ହେକ୍ଟର ଜମିରେ ମୁଗ, ବିରି ଚାଷ କରାଯାଇଥିଲା। ସେହିପରି ୨୧୭ ହେକ୍ଟର ଜମିରେ ଡାଲି, ୭୦୪ ହେକ୍ଟର ଜମିରେ ତୈଳବୀଜ ଏବଂ ୩୦ହେକ୍ଟର ଜମିରେ ପନିପରିବା ଚାଷ କରାଯାଇଥିଲା।

ବିଜୁ କୃଷକ କଲ୍ୟାଣ ଯୋଜନାରେ ୩ ଲକ୍ଷ ୧୬ହଜାର ୫୮୮ ପରିବାରକୁ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଆସନ୍ତା ୨୭ରେ ସୁଦ୍ଧା କାଳିଆ ଯୋଜନାର ତାଲିକା ଯାଞ୍ଚ ପ୍ରକ୍ରିୟା ଶେଷ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଜିଲାର ସମସ୍ତ ଚାଷୀଙ୍କୁ ସେପ୍ଟେମ୍ବର ୨୫ ସୁଦ୍ଧା ମୁଗ, ବିରି ଓ ଡାଲିଜାତୀୟ ବିହନ ଯୋଗାଇ ଦିଆଯିବ ବୋଲି କୃଷି ଉପନିର୍ଦ୍ଦେଶକ ସୂଚନା ଦେଇଥିଲେ। ଚଳିତ ଆର୍ଥିକବର୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୨ ଅନ୍ତର୍ଗତ ଗ୍ରାମାଞ୍ଚଳ ରାସ୍ତାଗୁଡ଼ିକର ଉନ୍ନତୀକରଣ କରାଯାଉଛି। ଏ ନେଇ ୨୪ଟି ରାସ୍ତା ନିର୍ମାଣ ପାଇଁ ୨୨୮.୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ଗ୍ରାମ୍ୟ ନିର୍ମାଣ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ ଯୋବ୍ରାରୁ ନୂଆବଜାର ପର୍ଯ୍ୟନ୍ତ ତାଳଦଣ୍ଡା କେନାଲର ଉନ୍ନତି ଏବଂ ବିପର୍ଯ୍ୟସ୍ତ ସୋଧନ ସମ୍ପର୍କରେ ଏମ୍‌ପି ଭର୍ତ୍ତୃହରି ମହତାବ ଗୁରୁତ୍ୱାରୋପ କରିଥିଲେ।

ନରସିଂହପୁର ଅଞ୍ଚଳରେ ନଦୀବନ୍ଧ ଦୃଢୀକରଣ, ବନୀକରଣ ଏବଂ କଟରାପାଳ କ୍ଷୁଦ୍ର ଜଳସେଚନ ପ୍ରୋଜେକ୍ଟ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ଦେବୀ ପ୍ରସାଦ ମିଶ୍ର ମତ ଦେଇଥିଲେ। ଏଥିସହିତ ପ୍ରାଚୀ ଡିଭିଜନ ନଦୀବନ୍ଧ ଓ କେନାଲ ବନ୍ଧର ଉନ୍ନତି, ଡ୍ରେନେଜ ଡିଭିଜନ ପକ୍ଷରୁ ଜଳ ନିଷ୍କାସନ ଉନ୍ନତୀକରଣ ନିମନ୍ତେ ଯୋଜନା କରାଯାଉଥିବା ସମ୍ପର୍କରେ ବୈଠକରେ ମତ ରଖିଥିଲେ। ସେହିପରି ପ୍ରାଥମିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି, ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଗର୍ଭବତୀ ମହିଳା ଓ ପ୍ରସୂତି ମା'ମାନଙ୍କୁ ଛତୁଆ ଯୋଗାଣ, ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏହି ବୈଠକରେ ବିଧାୟକ ଚନ୍ଦ୍ରସାରଥି ବେହେରା, ପ୍ରଶାନ୍ତ କୁମାର ବେହେରା, ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଅଖତର, ଜିଲା ପରିଷଦ ଉପସଭାପତି ସୁନୀଲ କୁମାର ପରିଡ଼ାଙ୍କ ସମେତ ଜିଲାର ସମସ୍ତ ଜିଲା ପରିଷଦ ସଦସ୍ୟାସଦସ୍ୟ, ଜିଲାସ୍ତରୀୟ ପଦାଧିକାରୀ ଓ ବିଭାଗୀୟ ନିର୍ବାହୀଯନ୍ତ୍ରୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ ଅଫିସ, ୨୧।୮**

ଜଗତ୍‌ପୁର-କେନ୍ଦ୍ରାପଡ଼ା କେନାଲରେ ମଙ୍ଗଳବାର ବୁଡ଼ି ଯାଇ ନିଖୋଜ ହୋଇଥିବା କଟକ ଲିଙ୍କ୍‌ରୋଡ୍ ଅଞ୍ଚଳର ରାହୁଲ ଜୈନଙ୍କ ମୃତଦେହ ବୁଧବାର ଉଦ୍ଧାର କରାଯାଇଛି। ଏହି ଘଟଣା ସାତବାଟିଆ ନିକଟରେ ଘଟିଥିବାବେଳେ ସକାଳେ ଏହାଠାରୁ ପ୍ରାୟ ୫ କିମି ଦୂର ଆତୋଡ଼ା କଲଭର୍ଟ ନିକଟରୁ ମୃତଦେହ ଉଦ୍ଧାର କରାଯାଇଥିଲା। ସକାଳେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଜଗତପୁର ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡ଼ିକାଲକୁ ପଠାଇଛି। ଚୌଦ୍ୱାର ଅଞ୍ଚଳର ସଞ୍ଜୟ ଜେନା(୨୨) ଓ କଟକ ଲିଙ୍କରୋଡ଼ ଅଞ୍ଚଳର ରାହୁଲ ଜୈନ(୨୮) ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରନ୍ତି। ସୋମବାର ଜଗତ୍‌ପୁର ଥାନା ଅଞ୍ଚଳର ମଧ୍ୟକଚ୍ଛସ୍ଥିତ ସୁନାକର ସାମଲଙ୍କ ଘରକୁ ଉଭୟ ଆସିଥିଲେ। ସୋମବାର ସେଠାରେ ରହିଥିବାବେଳେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଉଭୟ ଜଗତ୍‌ପୁର-କେନ୍ଦ୍ରାପଡ଼ା କେନାଲର ସାତବାଟିଆ ନିକଟରେ ଗାଧୋଇବାକୁ ଆସିଥିଲେ। ତେବେ ଗାଧୋଉଥିବାବେଳେ ରାହୁଲ ପାଣିରେ ଭାସି ଯାଇଥିବାବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ସଞ୍ଜୟ ଉଦ୍ଧାର ହୋଇଥିଲେ।



ପିଜି ପରୀକ୍ଷା ଫଳ ପ୍ରକାଶନରେ ବିଳମ୍ବକୁ ନେଇ କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ରୀମାନେ ଧାରଣାରେ ବସିଛନ୍ତି।

### ଥିଏଟର ଅଲିମ୍ପିଆଡ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୧।୮**

ଆସନ୍ତା ସେପ୍ଟେମ୍ବର ୧ରୁ ୧୦ ତାରିଖ ପର୍ଯ୍ୟନ୍ତ କଟକ ସାରଳା ଭବନଠାରେ ଥିଏଟର ଅଲିମ୍ପିଆଡର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ନେଇ ବୁଧବାର ଅପରାହ୍ନରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଅଧକ୍ଷତା କରିଥିଲେ। ବୈଠକ ଆରମ୍ଭରୁ ସ୍ୱର୍ଗତ ପ୍ରଫେସର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ଚରଣ ସେଠୀ ଯୋଗଦେଇ ଏହି କାର୍ଯ୍ୟକ୍ରମ ବିଷୟରେ କର୍ମକର୍ତ୍ତାମାନଙ୍କର ମତାମତ ନେଇଥିଲେ। ଅନୁଷ୍ଠାନର ଉପସଭାପତି ଡ. ସେକ୍ କଲିମୁଲ୍ଲା ଓ ଅଧକ୍ଷା ପ୍ରଭା ପଟ୍ଟନାୟକ ଅତିରିକ୍ତ ଜିଲାପାଳଙ୍କୁ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ଅନେକ କଳାକାର ଯୋଗଦେବାକୁ ସମ୍ମତି ପ୍ରଦାନ କରିଛି। ଏହି ବୈଠକରେ ସସ୍ମିତ କୁମାର ଦାସ, ପ୍ରମିଳା ଯୋଶୀ, ବିନୋଦ ମହାପାତ୍ର, ଡ. ସରୋଜ ଜେନା, ଅମରେନ୍ଦ୍ର ବେହେରା, କିଶୋର ଚନ୍ଦ୍ର ଦାସ, ବିଶ୍ୱମ୍ଭର ସାହୁ, ମମତା ନନ୍ଦ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଅନୁଷ୍ଠାନର ସମ୍ପାଦକ ଶୀଲାଦିତ୍ୟ ରଥ, କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ଅନୁରୂପା ରଥ ପ୍ରମୁଖ ଯୋଗଦେଇଥିଲେ।

## ବିଧାୟକଙ୍କ ଜନ ଅଭିଯୋଗ ଶୁଣାଣି ବୈଠକ

**କଟକ ଅଫିସ, ୨୧।୮**

କଟକ ମହାନଗର ନିଗମ (ସିଏମ୍‌ସି)ରେ ଦିନକୁଦିନ ସମସ୍ୟା ବଢିବାରେ ଲାଗିଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସିଏମ୍‌ସି କାର୍ଯ୍ୟାଳୟକୁ ଲୋକେ ଯାଉଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ଫଳରେ ଲୋକଙ୍କ ସମସ୍ୟାର ସମାଧାନ ନିମନ୍ତେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ବୁଧବାର ସିଏମ୍‌ସି ୱାର୍ଡ ନଂ. ୧୯ ଅନ୍ତର୍ଗତ ଦେୱାନବଜାର, ଖଟବିନସାହି, ତନ୍ତିସାହି, ମାଇକାଲେନ୍ ଆଦି ଅଞ୍ଚଳ ବୁଲିବା ସହିତ ଦେୱାନବଜାର ମଦ୍ରାସା ପରିସରରେ ଜନ ଅଭିଯୋଗ ଶୁଣାଣି ବୈଠକ କରିଛନ୍ତି। ଏଥିରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହିତ ଏହାର ତୁରନ୍ତ ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ପାଇଁ ସିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ବିଶେଷକରି ରାସ୍ତାଘାଟ ନିର୍ମାଣ, ପାନୀୟଜଳ ସମସ୍ୟା, ନାଳରୁ ପଙ୍କ ଉଦ୍ଧାର କାର୍ଯ୍ୟ କରିବା ପାଇଁ ବିଧାୟକଙ୍କୁ ଲୋକେ ଗୁହାରି କରିଥିଲେ। ବିଧାୟକ ସମସ୍ତ ଅଭିଯୋଗ ଶୁଣିବା ପରେ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଏହି ବୈଠକରେ ସିଏମ୍‌ସି ନୋଡାଲ ଅଫିସର ବିଚିତ୍ରାନନ୍ଦ ନାୟକ, ପୂର୍ବତନ କର୍ପୋରେଟର ଗିରିବାଳା ବେହେରା, ଚାରୁଲତା ସାହୁ, ମଜିଦ ଖାନ, କାଲେ ଖାନ, ଅବଦୁଲ ଆହଦ, ଇର୍ସାଦ ଖାନ, ଜି. କ୍ରିଷ୍ଣା ରାଓ, ଭେଙ୍କଟପ୍ରସାଦଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।



ବିଧାୟକ ଇଂ. ମହମ୍ମଦ ମୋକିମ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

## ବିଜ୍ଞାନମେଳାରେ ୨୬୪ ପ୍ରକଳ୍ପ ପ୍ରଦର୍ଶିତ

**କଟକ ଅଫିସ/ କଟକ ସଦର/ଖୁଣ୍ଟୁଣୀ,୨୧।୮(ଡି.ଏନ୍.ଏ.)**

କଟକ କାଳିଗଳିସ୍ଥିତ ଓମ୍ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଭକ୍ତ ମଧୁ ବିଦ୍ୟାପୀଠର ବିଜ୍ଞାନ ଶିକ୍ଷକ କୃପାସିନ୍ଧୁ ସାହୁ , ମେହେନ୍ଦୀପୁର ସରକାରୀ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଛବି ସେଠୀ ଓ ଆଇନଜୀବୀ ତ୍ରିଦୀପ କୁମାର ରାମନୁଜ ଦାଶ ଯୋଗଦେଇ ବିଜ୍ଞାନର ଉପାଦେୟତା ବିଷୟରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ମେଳାରେ ମୋଟ୍ ୭୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ଘୋଷ, ତୁଷାର ସିଂହ, ରାଜନାଥ ସିଂହଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ୧୦୦ଜଣ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ସୁଶାନ୍ତ କୁମାର ଦାଶ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପ୍ରଧାନ ଆଚାର୍ଯ୍ୟ ସୋମନାଥ ବିଶ୍ୱାଳ ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବା ବେଳେ ଗୁରୁଜୀ ଦିଲୀପ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଶୁଭକାନ୍ତ ସାହୁ ବିବରଣୀ ପାଠ କରିଥିଲେ। ନାହାକାଣୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗୋଲକ ବିହାରୀ ବିଶ୍ୱାଳ ଅତିଥିଭାବେ ଯୋଗଦେଇଥିବା ବେଳେ ସାମାଜିକ କର୍ମୀ ବ୍ରଜେନ୍ଦ୍ର ରାୟ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ସେହିପରି ଖୁଣ୍ଟୁଣୀ ଝାଟିଆସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜ୍ଞାନ ମେଳାକୁ ଶିକ୍ଷାବିତ୍ ପ୍ରମେଶ ଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ।ଏହି ମଳୋରେ ୮୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପରିଚାଳନା କମିଟି ସଭାପତି ବିକ୍ରମାନନ୍ଦ ବସ୍ତିଆଙ୍କ ଅଧକ୍ଷତାରେ ଥାନା ଅଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଭାଷ ରାଉଳ ଅତିଥି ପରିଚୟ, ଗୁରୁଜୀ ଶ୍ରୀନିବାସ ଦାସ ଧନ୍ୟବାଦ ଦେଇଥିଲେ।

## ମାଳଦ୍ୱୀପ ବିଶ୍ୱଶାନ୍ତି ପଦଯାତ୍ରାକୁ ନରସିଂହପୁର ସାମାଜିକ କର୍ମୀ ନିମନ୍ତ୍ରିତ

**ନରସିଂହପୁର,୨୧।୮(ସ୍ୱ.ପ୍ର.)**

ଅଗଷ୍ଟ ୨୮ ରୁ ୩୦ ପର୍ଯ୍ୟନ୍ତ ମାଳଦ୍ୱୀପରେ ବିଶ୍ୱଯୁବ ଶକ୍ତି ଶାନ୍ତି ରାଷ୍ଟ୍ରଦୂତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ପଦଯାତ୍ରା କରିବାଲାଗି ମାଳଦ୍ୱୀପ ସରକାରଙ୍କ କ୍ରୀଡା,ଯୁବସେବା ଗୋଷ୍ଠୀ ସଶକ୍ତୀକରଣ ବିଭାଗ ଓ ଅନ୍ତର୍ଜାତୀୟ ଯୁବ ସଂଗଠନ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏଥିରେ ଭାରତ ତରଫରୁ ପ୍ରତିନିଧିତ୍ୱ କରିବା ପାଇଁ ନରସିଂହପୁର ବ୍ଲକର ଯୁବ ଖବରଦାତା ତଥା ସାମାଜିକ କର୍ମୀ ବିଜୟ କୁମାର ପଣ୍ଡାଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକ୍ରମରେ ବିଶ୍ୱର ୩୦ ରାଷ୍ଟ୍ରରୁ ୨୦୦ ପ୍ରତିନିଧି ଯୋଗ ଦେଉଥିବାବେଳେ ମାଳଦ୍ୱୀପ ସଂସଦର ବାଚସ୍ପତି ଡ. ମହମଦ ନସିଦ୍ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବଡ଼ମ୍ବା -ନରିସଂହପୁର ଅଞ୍ଚଳରେ ମହାମାରୀ ଭଳି ବ୍ୟାପୁଥିବା କିଡ୍‌ନୀ ରୋଗର ନିରାକରଣ ପାଇଁ ଉଦ୍ୟମ ସହ ରୋଗୀଙ୍କୁ ମାଗଣା ସହାୟତା ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ଇଣ୍ଟରନ୍ୟାଶନାଲ ୟୁଥ୍ କମିଟି ତରଫରୁ ବିଜୟ କୁମାର ପଣ୍ଡାଙ୍କ ବିଶେଷ ଅବଦାନ ରହିଛି। ଏନେଇ ତାଙ୍କୁ ଏହି ବିଶ୍ୱଶାନ୍ତି ପଦଯାତ୍ରାରେ ଭାରତର ପ୍ରତିନିଧିଭାବେ ମନୋନୀତ କରାଯାଇଛି।

## ନୂତନ ପୋଲିସ କମିଶନରଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୨୧।୮**

ମହାନଦୀ ୱାର୍କିଙ୍ଗ ଓ ଲାଫିଙ୍ଗ କ୍ଲବ ପକ୍ଷରୁ ସତ୍ୟବ୍ରତ ଷ୍ଟାଡିୟମଠାରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ ପକ୍ଷରୁ ନବନିଯୁକ୍ତ ପୋଲିସ କମିଶନର ଡା. ସୁଧାଂଶୁ ଶେଖର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର କାର୍ଯ୍ୟକାରୀ ସଭାପତି ତଥା ଆଇନଜୀବୀ ବିଜୟ କୁମାର ରଗଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଭିଜିଲାନ୍ସ ଡିଜି ଡା. ଦେବାଶିଷ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପଥଚାରୀ ନିରଞ୍ଜନ ପଟ୍ଟନାୟକ ଓ ଗୌରମୋହନ କର ଯୋଗଦେଇଥିଲେ। ଉତ୍ସବରେ ବିଚିତ୍ର ମୋହନ ମହାପାତ୍ର, ରାଣା ଦାସ ଗୁପ୍ତା, ଟୁଟୁ ବେହେରା, ସୁଶୀଲ ମହାରଣା, ନରେନ୍ଦ୍ର ସାହୁଙ୍କ ସମେତ କ୍ଲବର ବହୁ ସଦସ୍ୟ ଉପସ୍ଥିତ ଥିଲେ।

■ସରକାରୀ ଜମି ବେଆଇନ ହସ୍ତାନ୍ତରୀକରଣ

## ତଦନ୍ତ ନିର୍ଦ୍ଦେଶ ଦେଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ

**କଟକ ସଦର,୨୧।୮(ଡି.ଏନ୍.ଏ.)**

୧୯୮୮-୮୯ ଆର୍ଥିକ ବର୍ଷରେ କଟକ ଜିଲା କିଶନନଗରରେ ସରକାର ଏକ ନୂତନ ତହସିଲ ଖୋଲିଥିଲେ। ଏହା ପରେ ଏହି ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମରେ ରାଜସ୍ୱ ଅଧିକାରୀଙ୍କ ଜାଣତରେ ସରକାରୀ ଜମିକୁ ବେଆଇନଭାବେ ଅନ୍ୟକୁ ହସ୍ତାନ୍ତର କରାଯାଇଛି। ଏଭଳି ଅନିୟମିତତାର ତଦନ୍ତ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ପତ୍ରସଂଖ୍ୟା ୮୧୪୪/୧୩/୮/୧୯ରେ କଟକ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି, ୧୯୯୨-୧୯୯୫ ମସିହାରେ ବହୁ ମୂଲ୍ୟବାନ ଜମି ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ନାମରେ ତତ୍‌କାଳୀନ ତହସିଲଦାର ପଟ୍ଟା ପ୍ରଦାନ କରିଥିଲେ। ୭୨ଜଣ ସରକାରୀ ଜମିକୁ ଦଖଲ କରିଥିବା ଜଣାପଡିଛି। ହେଲେ ହସ୍ତାନ୍ତରିକରଣର କୌଣସି କାଗଜପତ୍ର ତହସିଲ ରେକର୍ଡରୁମରେ ନାହିଁ। କେବଳ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଥିବା ଖତିୟାନରେ ନାଲି କଲମରେ ଦାଖଲ ଖାରଜ କରାଯାଇଛି। ମୂଳ ରେକର୍ଡ ନ ଥିବାରୁ ଏହି ସବୁ ଦାଖଲ ଖାରଜ ବେଆଇନ ବୋଲି ବିବେଚନା କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅନ୍ୟପକ୍ଷରେ ଗୋଚର, ଗ୍ରାମ୍ୟ ଜଙ୍ଗଲ ଓ ଜଳାଶୟ କିସମ ଜମିରେ ସ୍ଥାୟୀ ନିର୍ମାଣ ପାଇଁ ଆର୍‌ଆଇମାନେ ଏନ୍‌ଓସି ଦେଇଥିବା ଆରଡିସିଙ୍କ ନିକଟରେ ଅଭିଯୋଗ ହୋଇଛି।





ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ଓ ଘର ଯୋଗାଇ ଦେବା ଦାବିରେ କଟକ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।



କଟକ ଶ୍ରୀରାମଚନ୍ଦ୍ର ଭବନରେ କ୍ରିଏଟିଭ ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନୁଷ୍ଠିତ ଚିତ୍ରକଳା ଶିବିରରେ ଜଣେ ମହିଳା ଚିତ୍ର ଅଙ୍କନ କରୁଛନ୍ତି।

## ଟ୍ରକ୍ ଧକ୍କାରେ ଜଣେ ମୃତ

**ଫୁଲନଖରା,୨୧।୮(ଡି.ଏନ୍.ଏ.)**

କଟକ-ଭୁବନେଶ୍ୱର ୧୬ନଂ. ଜାତୀୟ ରାଜପଥର ନୂଆଗଡ଼ ନିକଟରେ ବୁଧବାର ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱର ଗ୍ରାମର କେଦାର ନାଥ ଦାସ। ଗୁରୁତରଙ୍କ ପରିଚୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, କଟକରୁ ଭୁବନେଶ୍ୱର ଅଭିମୁଖେ ଏକ ସ୍କୁଟିରେ କେଦାର ଓ ଅନ୍ୟ ଜଣେ ଯାଉଥିଲେ। ନୂଆଗଡ଼ ନିକଟରେ ପଛରୁ ଏକ ଟ୍ରକ୍ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କେଦାରଙ୍କ ମୃତ୍ୟୁ ଘଟିଥିଲା। ଗୁରୁତରଙ୍କୁ ଚିକିତ୍ସା ପାଇଁ କଟକ ବଡ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଜଟଣୀ,୨୧।୮(ଡି.ଏନ.ଏ.):** ନବବଧୂଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଥାନା ଅନ୍ତର୍ଗତ ଅଣ୍ଡା ଗ୍ରାମର ପୂର୍ଣ୍ଣ ମହାପାତ୍ରଙ୍କ ଝିଅ ରୀତା ଓ ଜଟଣୀ ଦେଉଳବସ୍ତ ଗ୍ରାମର ପ୍ରଶାନ୍ତ ମହାପାତ୍ରଙ୍କ ମଧ୍ୟରେ ୩ ମାସ ପୂର୍ବେ ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶ୍ୱଶୁର ଘରର ଅନ୍ୟମାନେ ରୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଘର କୋଠରି ମଧ୍ୟରେ ଝିଅ ରୀତା ପିନ୍ଧାଶାଢ଼ିରେ ଫ୍ୟାନରେ ଝୁଲି ମଙ୍ଗଳବାର ଆତ୍ମହତ୍ୟା କରିଥିବା ଖବରପାଇ ଦେଉଳବସ୍ତ ଗ୍ରାମରେ ପହଞ୍ଚିଥିବା ନେଇ ମୃତ ରୀତାଙ୍କ ପିତା ପୂର୍ଣ୍ଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ଜଟଣୀ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଫେରିଆସିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇ ତଦନ୍ତ କରୁଛି।ତାଙ୍କ ସ୍ୱାମୀ ପ୍ରଶାନ୍ତଙ୍କୁ ଜଟଣୀ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ନଂ. ୩୦୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୮:** ଯୌତୁକ ନିର୍ଯାତନା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶ୍ରୀରାମନଗରରେ ଭଡାରେ ରହୁଥିବା ନିମାପଡା ଚଉରାସି ଗାଁର ପାର୍ଥସାରଥି ବିଭୂଦତ୍ତ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପାର୍ଥସାରଥିଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ପାର୍ଥସାରଥି ବିଭିନ୍ନ ସମୟରେ ଅଧିକ ଯୌତୁକ ଆଣିବାକୁ ନେଇ ସ୍ତ୍ରୀ ଲୋପାମୁଦ୍ରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା । ପୋଲିସ ନଂ. ୨୪୩/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ମୋବାଇଲ ଚୋରି ଅଭିଯୋଗରେ ଜେଲ

**ଖୋର୍ଦ୍ଧା ଅଫିସ,୨୧।୮:** ମୋବାଇଲ ଚୋରି ଅଭିଯୋଗରେ ମକୁନ୍ଦପ୍ରସାଦର ଅବଦୁଲ ମନ୍‌ସୁରଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ଅବଦୁଲଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। କିଛିଦିନ ତଳେ ପୋଲିସ ଏକ ମୋବାଇଲ ଚୋର ର୍‍ୟାକେଟକୁ ଠାବ କରି ୨ଜଣଙ୍କୁ ଗିରଫ କରିଥିଲା। ଏହି ଚୋରିକୁ ନେଇ ରୁଜୁ ନଂ.୨୧୫/୧୯ରେ ମାମଲା ରୁଜୁ ହୋଇଥିଲା। ହେଲେ ଅବଦୁଲ ଫେରାର ହୋଇଯାଇଥିଲେ।

### ଭାଜପା କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକ ଭାଜପା କର୍ମୀ ସମ୍ମିଳନୀ ମଙ୍ଗଳବାର ଟିଛିଣିସ୍ଥିତ ଶ୍ରୀଶ୍ରୀ ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଅଞ୍ଚଳର ବିକାଶ ଓ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧିଙ୍କ ସମେତ ୧୫ ଜଣିଆ କମିଟି ଗଠନ କରାଯାଇଥିଲା । ବିଧାୟକ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ଯୁବ ମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡ଼ିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ପୁରୀ ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ବ୍ଲକ ଯୁବ ମୋର୍ଚ୍ଚା ସଭାପତି ବିଷ୍ଣୁପ୍ରସାଦ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

### ଶ୍ରମିକ ସଂଘ ଗଠିତ

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.):** କୃଷ୍ଣପ୍ରସାଦ ବ୍ଲକରେ ବିଡିଓ ଅଭିମନ୍ୟୁ ମାଝିଙ୍କ ନିର୍ଦ୍ଦେଶକ୍ରମେ ସିଆଣ୍ଡି ପଞ୍ଚାୟତରେ ଶ୍ରମିକ ସଂଘ ଗଠନ କରାଯାଇଛି । ସରପଞ୍ଚ ଅନୀତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସକ୍ରିୟ ଜବ୍‌କାର୍ଡଧାରୀ ସଭ୍ୟାସଭ୍ୟ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଶ୍ରମିକ ନେତା ଚୟନ କରାଯାଇଥିଲା। ବୈଠକରେ ସିଆଣ୍ଡି ପଞ୍ଚାୟତ ପିଇଓ ମାନସ କୁମାର ବେହେରା, ଗ୍ରାମ ରୋଜଗାର ସେବିକା ବବିରାଣୀ ନାୟକ ସଂଘର ଲକ୍ଷ୍ୟ ନେଇ ଆଲୋକପାତ କରିଥିଲେ ।

## ■ ଅପହରଣ କରି ଶିକ୍ଷୟିତ୍ରୀ ଭଉଣୀଙ୍କୁ ବିବାହ କଲେ ବଡ଼ବାପା ପୁଅ ଭାଇ

# ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ଜରିମାନା

**ଖୋର୍ଦ୍ଧା ଅଫିସ,୨୧।୮**

- ■ ୩ ବର୍ଷ ଧରି ନିର୍ଯାତିତ ହେଉଛନ୍ତି ଶିକ୍ଷୟିତ୍ରୀଙ୍କ ବାପ ଘର ଲୋକେ
- ■ ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ବାସନ୍ଦ ପରିବାର

ଖୋର୍ଦ୍ଧା ଜିଲା ବାଣପୁର ଥାନାର ହରିଚନ୍ଦନପୁର। ଏଠାରେ ଭାଇ ଭଉଣୀଙ୍କୁ ବିବାହ କରିବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। ଶିକ୍ଷୟିତ୍ରୀ ଭଉଣୀଙ୍କୁ ଅପହରଣ କରି ବିବାହ କରିଛନ୍ତି ବିବାହିତା ବଡବାପା ପୁଅ ଭାଇ। ଭାଇ ଓ ଭଉଣୀଙ୍କ କାରନାମାକୁ ପ୍ରତିବାଦ କରିବାରୁ ଶିକ୍ଷୟିତ୍ରୀଙ୍କ ବାପ ଘରର ଲୋକେ ୩ବର୍ଷ ହେଲା ନିର୍ଯାତନା ପାଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଭାଇ ଭାଉଣୀର କାରନାମାକୁ ପ୍ରତିବାଦର ଫଳ ଗାଁରେ ବିଭିନ୍ନ ସମୟରେ କଙ୍ଗାରୁ କୋର୍ଟ କରାଯାଇ ଦଣ୍ଡ ଓ ଜରିମାନା କରାଯାଇଛି। ଏଭଳିସ୍ଥଳେ ବାସନ୍ଦ ପରିବାର ବୁଧବାର ଖୋର୍ଦ୍ଧା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ନିର୍ଯାତନାରୁ ରକ୍ଷା ସହ ମାନସିକ ଶାନ୍ତି ପାଇଁ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ହରିଚନ୍ଦନପୁର ଗାଁର କପିଳେନ୍ଦ୍ର ନାୟକ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଶିକ୍ଷକତାରୁ ଅବସର ନେଇଥିଲେ ହେଁ ଝିଅଙ୍କୁ ଶିକ୍ଷୟିତ୍ରୀ କରାଇବାରେ ସଫଳ ହୋଇଥିଲେ। ଝିଅଙ୍କୁ ୨୯ ବର୍ଷ ହୋଇଥିଲେ ମଧ୍ୟ ବିବାହ ହୋଇ ପାରୁ ନ ଥିଲା। ଝିଅଙ୍କ ବିବାହ ବଡବାପା ପୁଅ ଭାଇ ଭାଙ୍ଗି ଦେଉଥିଲେ। ଏକଥା କପିଳେନ୍ଦ୍ର ଜାଣି ପାରି ନ ଥିଲେ। ମାନସିକ ଚାପରେ ଥିବା କପିଳେନ୍ଦ୍ର ଝିଅଙ୍କ ମତାମତକ୍ରମେ ସିକୋ ଗାଁରେ ୨୦।୭।୧୬ରେ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ ବିବାହ ଲାଗି ଛୁଟି ମଞ୍ଜୁର ଉଦ୍ଦେଶ୍ୟରେ ବାପ ଝିଅ ୧୬।୭।୧୬ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସକାଳ ୮ଟାରେ ସ୍କୁଲକୁ ଯିବାରେ ଜଣାପଡିଥିଲା ଝିଅଙ୍କୁ କେହି ଅପହରଣ କରି ନେଇଛନ୍ତି। ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ କିଛି କହି ନ ଥିଲେ। ପରେ ବାଣପୁର ଥାନାରେ ଝିଅଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ରଖି ଚୁପ ହୋଇ ରହିଗଲା। ତେବେ ଶିକ୍ଷୟିତ୍ରୀ ଭଉଣୀଙ୍କୁ ବଡବାପା ପୁଅ ଭାଇ ଅପହରଣ କରି ବିବାହ କରିଥିବା ଜଣାପଡିଥିଲା। ଏକଥା ଜଣାପଡିବା ପରେ ଗାଁରେ କଙ୍ଗାରୁ କୋର୍ଟ ବସି କପିଳେନ୍ଦ୍ର ପରିବାରକୁ ୧ ଲକ୍ଷ ଟଙ୍କା ଜରିମାନା ସହ ବାସନ୍ଦ କରିଦେଲେ। ଭୁଲ ଥିଲା ଭଉଣୀ ସହ ଭାଇର ବିବାହକୁ ପ୍ରତିବାଦ କରିବା। ପରେ ଝିଅ ୧୮।୧୦।୨୦୧୬ରେ କାର୍ଯ୍ୟରେ ଯୋଗ ଦେଲେ। ହେଲେ ଝିଅ ଅପହରଣକାରୀଙ୍କ ସପକ୍ଷରେ ରହିଲେ। ଝିଅ ଅପହରଣ, ସ୍କୁଲରେ ଯୋଗ ଦେବା ଓ କଙ୍ଗାରୁ କୋର୍ଟ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ କେବଳ ଚୁକ୍ତିନାମା ଲେଖାଇ ଆଉ ବାସନ୍ଦ ନ କରିବାକୁ ପୋଲିସ ପରାମର୍ଶ ଦେଇଥିଲେ। ହେଲେ ପୋଲିସର ଚୁକ୍ତିନାମାକୁ ଶୀତଳଭଣ୍ଡାରକୁ ଫୋପାଡି ପୁଣି ବାସନ୍ଦ କରାଯାଇଛି। ଗାଁ ଦାଣ୍ଡରେ ଗଲେ ଚୁଗୁଲି, ଅଶ୍ଳୀଳ ଗାଳିଗୁଲଜ, ମାରପିଟ୍ କରାଯାଉଛି। କବାଟ ଭାଙ୍ଗି ଘରେ ପଶି ସାନପୁଅଙ୍କୁ ଉଠାଇ ନେଇ ମାରପିଟ୍ କରାଗଲା। ଘର ଆଗରେ ବାଡ, ପ୍ରାଚୀର କରିଦେଲେ। ଦାଣ୍ଡକୁ ଯାଉଥିବା ଅଗଣା ପାଣିର ନାଳ ମୁହଁରେ ସିମେଣ୍ଟ କଂକ୍ରିଟ କରି ବନ୍ଦ କରିଦେଲେ। ପୁଅ କରିଥିବା ଗ୍ରାହକ ସେବା କେନ୍ଦ୍ର ଭଙ୍ଗାରୁଜା କଲେ। ଗୁଳି କରି ଘର ପୋଡିଦେବୁ ଧମକ ମିଳୁଛି। ପୋଲିସ ଝିଅ ଅପହରଣ ପରେ ବିବାହ ସମୟରେ ସାବାଳକ ହୋଇଥିବାରୁ କୌଣସି ମାମଲା ରୁଜୁ କରି ନ ଥିଲା। ପରେ ଅଭିଯୋଗ ମୁତାବକ ପୋଲିସ ଦଫା ୧୦୭ରେ ନଂ. ୭୪/୧୯ରେ, ଦଫା ୩୪୧, ୨୯୪, ୩୨୩, ୩୭୯, ୪୨୭, ୪୪୮, ୫୦୬, ୩୪ ଆଇପିସି, ୨୭ ଆର୍ମ୍ସ ଆକ୍ଟରେ ୨୨୦/୧୯ରେ ମାମଲା ରୁଜୁ କରି ଚୁପ ହୋଇ ବସି ରହିଛି। ସେପଟେ ଗୋଟିଏ ପରେ ଗୋଟିଏ ମିଥ୍ୟା କେଶ ପାଇଁ ଅଭିଯୋଗ ଚାଲିଛି। ହେଲେ ପୋଲିସ ତଦନ୍ତ କରି ସତ୍ୟ ଜାଣିବା ପରେ ମାମଲା ରୁଜୁ କରୁନାହିଁ ସତ ହେଲେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏବେ କୋର୍ଟରେ ମକଦ୍ଦମା କରିବାକୁ ଯୋଜନା ଚାଲିଛି।

**ଏକତରଫା ପ୍ରେମ କରି କଲେଜ ଛାତ୍ରୀଙ୍କୁ ଅପହରଣ**

## ସାବାଳିକା ଦର୍ଶାଇ ପୋଲିସ ଚୁପ୍ ଅଭିଯୋଗ

**ଖୋର୍ଦ୍ଧା ଅଫିସ, ୨୧।୮:** ଏକତରଫା ପ୍ରେମ କରି ଜଙ୍କିଆ ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଯୁବତୀ ସାବାଳିକା ହୋଇଥିବା ଦର୍ଶାଇ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଜିଲାପାଳଙ୍କ ନିକଟରେ ଛାତ୍ରୀଙ୍କ ମା' ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଝିଅଙ୍କୁ ଉଦ୍ଧାର କରି ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି। କଲେଜ ଛାତ୍ରୀ ଜଣକ ଭଲ ପଢୁଥିବାରୁ ଅପହରଣକାରୀ ବିବାହ କରିବାକୁ ଚାହୁଁଥିଲେ। ଅପହରଣକାରୀଙ୍କ ପରିବାର ମଧ୍ୟ ଏଥିରେ ସମର୍ଥନ କରୁଥିଲେ। ହେଲେ ଛାତ୍ରୀଙ୍କ ମା'ବାପା ମନା କରିବା ପରେ ବିବାଦ ବଢ଼ିଥିଲା। ପରେ କଲେଜ ଯାଇଥିବା ଛାତ୍ରୀଙ୍କୁ ଜୁଲାଇ ୨୫ରେ ଅପହରଣ କରି ନେଇଥିଲେ। ହେଲେ ଝିଅ ବିବାହ କରିବାକୁ ଆଗ୍ରହୀ ନ ଥିବାବେଳେ ଲୁଚାଇ ରଖି ବିବାହ କରିବାକୁ ବାଧ୍ୟ କରୁଥିବେ ବୋଲି ଅଭିଯୋଗ ରହିଛି।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଅଭିଯୁକ୍ତ ଫେରାର

**ଟାଙ୍ଗୀ(ଖୋର୍ଦ୍ଧା), ୨୧।୮ (ଡି.ଏନ.ଏ.):** ଟାଙ୍ଗୀ ଥାନା ଅଞ୍ଚଳରେ ଜଣେ ୮ବର୍ଷର ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମଙ୍ଗଳବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ନାମ ଭିକାରୀ ଚରଣ ବେହେରା (୫୦)। ସେ ଫେରାର୍ ହୋଇଯାଇଛନ୍ତି। ଅଭିଯୋଗରୁ ପ୍ରକାଶ, ନାବାଳିକାଙ୍କ ଘରେ କେହି ନ ଥିବା ସୁଯୋଗରେ ଭିକାରୀ ଘରେ ପଶି ବଳାତ୍କାର କରିଥିଲେ। ତେବେ ପରେ ନାବାଳିକାଙ୍କ ମା' ଭିକାରୀଙ୍କ ଘରକୁ ଯାଇ ପଚାରିବାରୁ ପରିବାର ଲୋକେ ଧମକ ଦେଇଥିଲେ। ପରେ ଗ୍ରାମବାସୀ ପୀଡ଼ିତାଙ୍କ ପିତାମାତାଙ୍କୁ ଏକ କାଗଜରେ ଦସ୍ତଖତ କରାଇ ସମାଧାନ କରାଇବାକୁ ଚାହିଁଥିଲେ। ଭିକାରୀଙ୍କୁ ୫୧ ଟଙ୍କା ଜରିମାନା କରାଯାଇଥିଲା। ନାବାଳିକାଙ୍କ ପିତାମାତାଙ୍କୁ ୧୫ ହଜାର ପର୍ଯ୍ୟନ୍ତ ଟଙ୍କା ଦେବାର ଲୋଭ ଦେଖାଇବା ସହ କଥାଟାକୁ ପ୍ରଘଟ ନ କରିବାକୁ ଧମକ ଦେଇଥିଲେ। ପୀଡ଼ିତାଙ୍କ ମା' କୌଶଳକ୍ରମେ ଗ୍ରାମରୁ ଖସି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଜାରି ରଖିଛି। ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି, ରିପୋର୍ଟ ମିଳିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ସରୋଜ କୁମାର ଉପାଧ୍ୟାୟ କହିଛନ୍ତି।

## ବାଲୁଗାଁରେ ବେଆଇନ ପଲିଥିନ ଧରପଗଡ଼, ଜରିମାନା ଆଦାୟ

**ବାଲୁଗାଁ,୨୧।୮(ଡି.ଏନ.ଏ.):** ବାଲୁଗାଁ ଏନ୍‌ଏସି ପକ୍ଷରୁ ବୁଧବାର ବେଆଇନ ପଲିଥିନ କାରବାର ଉପରେ ଧରପଗଡ଼ ଅଭିଯାନ ଆରମ୍ଭ ହୋଇଛି । ସ୍ୱଚ୍ଛ ଭାରତ ମିଶନ ଆଭିମୁଖ୍ୟ ନେଇ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୮ ଅକ୍ଟୋବର ୨ରୁ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ତେବେ ଏହି ନିର୍ଦ୍ଦେଶନାମାକୁ ବେଖାତିର କରି ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବ୍ୟବସାୟୀ ବେଆଇନ୍ ଭାବେ ପଲିଥିନ୍ ବ୍ୟବସାୟ କରି ଆସୁଛନ୍ତି। ଏପରିସ୍ଥଳେ ଏହି ଅବାଧ ପଲିଥିନ୍ ବ୍ୟବହାରକୁ ରୋକିବାକୁ ପ୍ରଶାସନ ପକ୍ଷରୁ ବୁଧବାର ବାଲୁଗାଁ ବଜାରରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ଦୋକାନରେ ବେଆଇନ୍ ଭାବେ ଗଚ୍ଛିତ ୮ ବ୍ୟାଗ୍ ପାଣି ପାଉଚ୍, ୬୦ ପ୍ୟାକେଟ୍ ଗ୍ଲାସ୍‌କପ୍ ଓ ୧୦ କେଜି ପଲିଥିନ୍ ବ୍ୟାଗ୍ ଜବତ କରାଯିବା ସହ ସମ୍ପୃକ୍ତ ବ୍ୟବସାୟଙ୍କଠାରୁ ଜରିମାନା ଆକାରରେ ୫୪୦୦ ଟଙ୍କା ଆଦାୟ କରାଯାଇଛି। ଚଢ଼ାଉ ଦେଖି ଅଧିକାଂଶ ବ୍ୟବସାୟ ପ୍ରତିଷ୍ଠାନ ତରବରିଆ ଭାବେ ବନ୍ଦ କର ଦେଇଥିଲେ। ଚଢ଼ାଉରେ ଚିଲିକା ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଭୋଇ, ବାଲୁଗାଁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗିରଥୀ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର, ସ୍ୱଚ୍ଛ ଭାରତ ମିଶନ ନୋଡ଼ାଲ ଅଫିସର କୃଷ୍ଣମୋହନ ବଳବନ୍ତରାୟ, ପରିମଳ ଅଧିକାରୀ ମାଧବ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସମେତ ବାଲୁଗାଁ ପୋଲିସ ସାମିଲ୍ ହୋଇଥିଲେ ।

## ■ ଘରୋଇ ଛାତ୍ରୀଛାତ୍ରଙ୍କୁ ମିଳୁନି ପାଠ୍ୟପୁସ୍ତକ

# ପଢ଼ିବା ଲାଗି ବହିକୁ କଲେ ଜେରକ୍ସ



ଜେରକ୍ସ ବହି ଧରିଥିବା ଛାତ୍ରୀମାନେ।

**ଚିଲିକା,୨୧।୮(ଡି.ଏନ.ଏ.)**

ଚଳିତ ଶିକ୍ଷାବର୍ଷର ଚାରିମାସ ବିତି ଯାଇଥିଲେ ସୁଦ୍ଧା ଛାତ୍ରୀଛାତ୍ରଙ୍କୁ ଏ ପର୍ଯ୍ୟନ୍ତ ସରକାରୀ ପାଠ୍ୟପୁସ୍ତକ ମିଳିପାରୁ ନ ଥିବା ଅଭିଯୋଗ ହେଉଛି। ଫଳରେ ପିଲାମାନେ ବାଧ୍ୟ ହୋଇ ପୁରୁଣା ବହି ଜେରକ୍ସ କରି ଖର୍ଚ୍ଚାନ୍ତ ହେବା ସହ ହଟହଟା ହେଉଛନ୍ତି। ଏଭଳି ସମସ୍ୟା ଯୋଗୁ ଚିଲିକା ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ଘଟୁଛି। ଫଳରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅବହେଳା କରାଯାଉଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି ।

ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ମାଗଣା ବହି ସିଧାସଳଖ ସରକାରୀ ଛପାଖାନାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥାଏ। ଏହା ସରକାରୀ ବିଦ୍ୟାଳୟକୁ ପଠାଇ ଦିଆଯାଏ । ମାତ୍ର ଘରୋଇ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ନିର୍ଦ୍ଧାରିତ ମୂଲ୍ୟରେ କିଣିବା ବହି ପ୍ରତିବ୍ଲକକୁ ନ ଆସି କେତୋଟି ବ୍ଲକ ପାଇଁ ଗୋଟିଏ ବ୍ଲକରେ ଡ଼ିପୋ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ଚିଲିକା ଭଳି ବ୍ଲକର ଘରୋଇ କାର୍ଯ୍ୟାଳୟରେ ଡିପୋ ଖୋଲାଯାଇଛି । ମାତ୍ର ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ହେବାରୁ ଘରୋଇ ଅନୁଷ୍ଠାନର ଛାତ୍ରୀଛାତ୍ର ପୁରୁଣା ବହିକୁ ଜେରକ୍ସ କରି ବହି ପିଛା ୬୦ରୁ ୧୦୦ଟଙ୍କା ଖର୍ଚ୍ଚ କରୁଛନ୍ତି ।

ଏ ସମ୍ପର୍କରେ ବାଣପୁର ବିଇଓ ସନାତନ ଜାଲି କହନ୍ତି, ଠିକ୍ ସମୟରେ ଘରୋଇ ସ୍କୁଲ ସେମାନଙ୍କର ଆବଶ୍ୟକ ବହି ତାଲିକା ଦେଉନାହାନ୍ତି। ଫଳରେ ପ୍ରେସ୍‌କୁ ଯାଇପାରୁନି । ଯେତିକି ବହି ଆସିଛି ତାକୁ ବଣ୍ଟାଯାଇଛି ।

ଅପରପକ୍ଷରେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷମାନେ କହିଛନ୍ତି, ଆମେ ବାରମ୍ବାର ଟଙ୍କା ଓ ତାଲିକା ନେଇ 'ବୁକ୍ ଡିପୋ'କୁ ଗଲେ ମଧ୍ୟ ବହି ନାହିଁ ବୋଲି ଶୁଣି ଫେରି ଆସୁଛୁ।

## ନବୀକରଣ ହେବ କାଲୁପଡ଼ାଘାଟ ରେଳଷ୍ଟେଶନ


ପିଏସି ସଦସ୍ୟଙ୍କ ସହ ଆଲୋଚନା କରାଯାଉଛି।

**ଟାଙ୍ଗୀ(ଖୋର୍ଦ୍ଧା),୨୧।୮(ଡି.ଏନ.ଏ.)**

ପୂର୍ବତଟ ରେଲୱେ କାଲୁପଡ଼ାଘାଟ ଷ୍ଟେଶନକୁ ପରିଦର୍ଶନରେ ଆସି ବୋର୍ଡର ପିଏସି ସଭ୍ୟମାନେ ଏହାକୁ ନବୀକରଣ କରାଯିବ ବୋଲି କହିଥିବା ଜଣାପଡିଛି। ସଦସ୍ୟମାନେ ହେଲେ ହିମାଦ୍ରି ବଳ, ବି. ଯାଦବ, ଅଜିତ କୁମାର ଓ ଅମରେଶ ରାୟ। ସ୍ଥାନୀୟ ରେଳ ୟୁଜର୍ସ ଆସୋସିଏଶନ ସଭାପତି ଡ. ଚନ୍ଦ୍ରକାନ୍ତ ପାଇକରାୟଙ୍କ ସହ ଗଙ୍ଗାଧର ପ୍ରଧାନ, ରଘୁନାଥ ସାହୁ, ଦିଲୀପ କୁମାର ନାଥ, ସାରଙ୍ଗଧର ବିଶ୍ୱାଳ, ଚନ୍ଦ୍ରଶେଖର ମିଶ୍ର ପ୍ରମୁଖ ସଦସ୍ୟଙ୍କ ସହ ସାକ୍ଷାତ କରି ଷ୍ଟେଶନର ସୁବିଧା/ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ । ୨ ନମ୍ବର ପ୍ଲାଟଫର୍ମରେ ୩ଟି ରେଷ୍ଟସେଡ୍, ଗୋଟିଏ ଫୁଟ୍ ଓଭର ବ୍ରିଜ ନିର୍ମାଣ, ରାସ୍ତା ପକ୍କା କରିବା, ଷ୍ଟ୍ରିଟ୍ ଲାଇଟ ସଂଯୋଗ ଓ ପାନୀୟ ଜଳଯୋଗାଣ ଇତ୍ୟାଦିର ତୁରନ୍ତ ବ୍ୟବସ୍ଥା ନିମନ୍ତେ ପିଏସି ସଭ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ।

## ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

**ଟାଙ୍ଗୀ (ଖୋର୍ଦ୍ଧା), ୨୧।୮ (ଡି.ଏନ.ଏ.):** ଚାନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ୧୮ତମ ଜ୍ଞାନବିଜ୍ଞାନ ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ବିଜ୍ଞାନ ଶିକ୍ଷକ ଗଙ୍ଗାଧର ସାହୁ ମେଳାକୁ ଉଦ୍‌ଘାଟନ କରିଥିଲେ। ୬୫ ଜଣ ଶିଶୁ ବିଜ୍ଞାନୀ ପ୍ରକଳ୍ପରେ ଅଂଶଗ୍ରହଣ କରିଥିଲେ। ୮ ପ୍ରକଳ୍ପ ସଙ୍କୁଳସ୍ତରରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ।

## ଇଡ୍‌କୋ ଜମିରୁ ଗଛକଟା: ଅଟକ ୫ ଜେଲ ଗଲେ

**ଖୋର୍ଦ୍ଧା ଅଫିସ,୨୧।୮**

ଇଡ୍‌କୋ ଜମିରୁ ଗଛକଟାକୁ ନେଇ ବିବାଦ ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଅଟକ ରଖିଥିବା ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଜଟଣୀ ହାଟବଜାରର ଅଖିଳ ପାତ୍ର(୨୫), କୁଦୁପୁରର ତ୍ରିଲୋଚନ ବେହେରା(୩୦), ବେଲପଡାର ବଳରାମ ସିଂ(୨୫) ଓ ବୀରେନ୍ଦ୍ର ସିଂ (୨୨) ଏବଂ ଜୟମଙ୍ଗଳର ଦୁର୍ଗାମାଧବ ହରିଚନ୍ଦନ (୨୫)ଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ଜୟମଙ୍ଗଳସ୍ଥିତ ଇଡ୍‌କୋ ଜମିର ହରପାର୍ବତୀ ନର୍ସରୀ ନିକଟରୁ ଗଛକଟାକୁ ନେଇ ମଙ୍ଗଳବାର ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ବିବାଦ ଦେଖା ଦେଇଥିଲା। ଏପରିକି ମୁହାଁମୁହିଁ ହୋଇ ମାରପିଟ୍ ଆରମ୍ଭ ହୋଇଥିଲା। ବିପକ୍ଷବାଦୀ ପକ୍ଷରୁ ବୋମାମାଡ ବେଳେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ଉତ୍ତେଜନା ହ୍ରାସ ପାଇ ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ପୋଲିସ ବିପକ୍ଷବାଦୀଙ୍କ ମଧ୍ୟରୁ ୫ଜଣଙ୍କୁ କାବୁ କରିଥିବାବେଳେ ୪ଟି ବୋମା, ଲାଠି, ଏକ ବାଇକ୍ ଜବତ କରି ତଦନ୍ତ କରିଥିଲା। ପରେ ଇଡ୍‌କୋର ଜେନେରାଲ ମ୍ୟାନେଜର ଭକ୍ତକବି ଦାସଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୨୫୫/୧୯ରେ ୧୩ ଜଣଙ୍କ ସମେତ ଅନ୍ୟମାନଙ୍କ ସମ୍ପର୍କରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

# ସ୍ୱପ୍ନ ପାଲଟିଛି ମତ୍ସ୍ୟଜୀବୀଙ୍କୁ ସହାୟତା

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.)**

**ଫନୀ କ୍ଷୟକ୍ଷତି ଘଟଣା**
- ■ ପ୍ରକୃତ ହିତାଧିକାରୀ ଚିହ୍ନଟ ଦାବି

ଫନୀ ବାତ୍ୟାକୁ ଇତି ମଧ୍ୟରେ ଅନେକ ଦିନ ବିତିଯାଇଛି। ତେବେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ପରିବାର ପାଇଁ ସହାୟତା ଏବେ ସ୍ୱପ୍ନ ପାଲଟିଛି। ଏବେ ସୁଦ୍ଧା କ୍ଷତିଗ୍ରସ୍ତଙ୍କ କ୍ଷୟକ୍ଷତିର ଆକଳନ ବୃତାନ୍ତ ନିଷ୍ପତ୍ତି ହୋଇ ପାରୁ ନ ଥିବା ତଥା ଦୁର୍ନୀତି ଅଭିଯୋଗ ହୋଇଛି। ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀ ବାତ୍ୟାର କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ସହାୟତା ରାଶି ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରାଯାଇ ନ ଥିବାବେଳେ ଦଲାଲଙ୍କ ଦ୍ୱାରା ଦୁର୍ନୀତିପୂର୍ଣ୍ଣ ଭାବେ ଅଣ ମତ୍ସ୍ୟଜୀବୀମାନେ ସହାୟତା ରାଶି ହାତେଇଥିବା କୁମାରପୁର ଗ୍ରାମସ୍ଥିତ ଚାମୁଣ୍ଡା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିଷଦ ସଭ୍ୟ ଉଦୟ ନାଥ ବେହେରା ଅଭିଯୋଗ କରିଛନ୍ତି । ଏ ଯାଏ ମତ୍ସ୍ୟଜୀବୀ (ହିତାଧିକାରୀ)ଙ୍କୁ ସହାୟତା ମିଳିନି। ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ୭୫ ପ୍ରତିଶତ ରିହାତି ଦରରେ ଡଙ୍ଗା, ଜାଲ ଇତ୍ୟାଦି ଯୋଗାଇ ଦେବା ପାଇଁ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଋଣ ଯୋଗାଇ ଦିଆଯାଉଥିବା ଘୋଷଣା ହୋଇଛି। ତେବେ ଏହା କୃଷ୍ଣପ୍ରସାଦ ବ୍ଲକ ମତ୍ସ୍ୟଜୀବୀଙ୍କ ପାଇଁ ଅପହଞ୍ଚ ହୋଇଛି । ଫାଇଲିନ୍, ହୁଦ୍‌ହୁଦ୍, ତିତିଲି ଆଦି ବାତ୍ୟା ପରେ ମଧ୍ୟ ସେମାନଙ୍କୁ ବିଶେଷ କିଛି ସହାୟତା ମିଳି ପାରି ନ ଥିବାରୁ ଜୀବିକା ନିମନ୍ତେ ଦାଦନ ଶ୍ରମିକ ପାଲଟି ଥିବା କେତେଜଣ ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି। ଏମାନେ ନିଜ କୌଳିକ ବୃତ୍ତିକୁ ଫେରି ଆସିବା ନିମନ୍ତେ ସରକାରୀ ସହାୟତା ଦାବି କରିଛନ୍ତି। ହିତାଧିକାରୀ ଚିହ୍ନଟରେ ସ୍ୱଚ୍ଛତା ଅବଲମ୍ବନପୂର୍ବକ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କୁ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦାବି କରାଯାଇଛି।

ଏ ସମ୍ପର୍କରେ ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ କ୍ଷେତ୍ରବାସୀ ବେହେରା କହିଥିଲେ, ମତ୍ସ୍ୟଜୀବୀ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ସେମିତି କିଛି ପ୍ରାର୍ଥକ୍ୟ ନାହିଁ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ସମସ୍ତ ପରିବାରଙ୍କୁ ଆମେ ମତ୍ସ୍ୟଜୀବୀ କହିଥାଉ । ହିତାଧିକାରୀ ଚିହ୍ନଟରେ ଆମର କୌଣସି ପ୍ରକାର ତ୍ରୁଟି ନାହିଁ । ବିଭାଗୀୟ ଯୁଗ୍ମ ସଚିବ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ବେହେରା କହିଥିଲେ। ଆମ ଚିହ୍ନଟକୁ ଠିକ୍ ବୋଲି ସ୍ଥାନୀୟ ତହସିଲଦାର ସ୍ୱୀକୃତି ପ୍ରଦାନ କରିଛନ୍ତି । କ୍ଷତି ଅନୁଯାୟୀ ହିତାଧିକାରୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଇଛୁ । ନିୟମ ଅନୁଯାୟୀ ସେମାନଙ୍କୁ ଋଣ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛୁ ବୋଲି ଅଧିକାରୀ ମତ ପ୍ରକାଶ କରିଥିଲେ।

## ଏସ୍‌ଏଚ୍‌ଜି ପ୍ରଶିକ୍ଷଣ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଏସ୍‌ଏଚ୍‌ଜି ମହିଳାମାନେ।

**ବୋଲଗଡ଼, ୨୧।୮ (ଡି.ଏନ.ଏ.):** ବୋଲଗଡ଼ ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ସ୍ୱୟଂ ସହାୟିକା (ଏସ୍‌ଏଚ୍‌ଜି) ଗୋଷ୍ଠୀମାନଙ୍କ ପାଇଁ ତୃଣମୂଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଗୋଷ୍ଠୀମାନେ ଉତ୍ପାଦନ କରୁଥିବା ସାମଗ୍ରୀଗୁଡିକ ପାଇଁ କିପରି ବଜାର ସୁବିଧା କରାଯାଇପାରିବ ସେଥିପାଇଁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନାବାର୍ଡ ସହାୟତାରେ ନିଗମ ସଂସ୍ଥା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନାବାର୍ଡ ଡିଡିଏମ ଗୌରଚନ୍ଦ୍ର ସାହୁ ଯୋଗଦେଇଥିଲେ। ବିପିଏମ୍ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ମହିଳା ମହାସଂଘର ସଭାନେତ୍ରୀ ଶୈଳବାଳା ବାହିନୀପତି, ସରପଞ୍ଚ ବବିତା ସାହୁ, ସୁରେଶ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୨ ଅଗଷ୍ଟ, ୨୦୧୯



ସବୁ ସଦ୍‌ଗୁଣର ମଜଭୁତ ମୂଳଦୁଆ ହେଲା ନମ୍ରତା।
- କନ୍‌ଫୁସିଅସ୍



## ସଂକ୍ଷେପରେ

### ନବବଧୂଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

**ଜଟଣୀ,୨୧।୮(ଡି.ଏନ.ଏ.):** ନବବଧୂଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଥିବା ନେଇ ଜଟଣୀ ଥାନାରେ ଅଭିଯୋଗ ହୋଇଛି। ଖୋର୍ଦ୍ଧା ଥାନା ଅନ୍ତର୍ଗତ ଅଣ୍ଡା ଗ୍ରାମର ପୂର୍ଣ୍ଣ ମହାପାତ୍ରଙ୍କ ଝିଅ ରୀତା ଓ ଜଟଣୀ ଦେଉଳବସ୍ତ ଗ୍ରାମର ପ୍ରଶାନ୍ତ ମହାପାତ୍ରଙ୍କ ମଧ୍ୟରେ ୩ ମାସ ପୂର୍ବେ ବିବାହ ହୋଇଥିଲା। ବିବାହ ପରେ ଅଧିକ ଯୌତୁକ ଦାବି କରି ସ୍ୱାମୀ ଓ ଶ୍ୱଶୁର ଘରର ଅନ୍ୟମାନେ ରୀତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଘର କୋଠରି ମଧ୍ୟରେ ଝିଅ ରୀତା ପିନ୍ଧାଶାଢ଼ିରେ ଫ୍ୟାନରେ ଝୁଲି ମଙ୍ଗଳବାର ଆତ୍ମହତ୍ୟା କରିଥିବା ଖବରପାଇ ଦେଉଳବସ୍ତ ଗ୍ରାମରେ ପହଞ୍ଚି ଥିବା ନେଇ ମୃତ ରୀତାଙ୍କ ପିତା ପୂର୍ଣ୍ଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପରେ ଜଟଣୀ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରି ଫେରିଆସିଛନ୍ତି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଇ ତଦନ୍ତ କରୁଛି।ତାଙ୍କ ସ୍ୱାମୀ ପ୍ରଶାନ୍ତଙ୍କୁ ଜଟଣୀ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ଏ ନେଇ ନଂ. ୩୦୭/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଯୌତୁକ ନିର୍ଯାତନା ଦେଇ ସ୍ୱାମୀ ଗିରଫ

**ଖୋର୍ଦ୍ଧା ଅଫିସ,୨୧।୮:** ଯୌତୁକ ନିର୍ଯାତନା ଅଭିଯୋଗରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶ୍ରୀରାମନଗରରେ ଭଡାରେ ରହୁଥିବା ନିମାପଡା ଚଉରାସି ଗାଁର ପାର୍ଥସାରଥି ବିଭୂଦତ୍ତ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ ପାର୍ଥସାରଥିଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ଯିବାକୁ ପଡିଛି। ପାର୍ଥସାରଥି ବିଭିନ୍ନ ସମୟରେ ଅଧିକ ଯୌତୁକ ଆଣିବାକୁ ନେଇ ସ୍ତ୍ରୀ ଲୋପାମୁଦ୍ରାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ପୋଲିସ ଦଫା ୪୯୮(ଏ), ୨୯୪, ୩୨୩, ୩୨୫, ୩୧୩, ୫୦୯, ୫୦୬, ୩୪ ଆଇପିସି, ୪ ଡିପି ଆକ୍ଟରେ ନଂ. ୨୪୩/୧୯ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା।

### ଉଠାଦୋକାନୀଙ୍କ ଥଇଥାନ ଦାବି କଲା ଭାଜପା

**ପୁରୀ ଅଫିସ,୨୧।୮:** ଭାଜପା ପୁରୀ ନଗର କାର୍ଯ୍ୟକାରୀ କମିଟି ବୈଠକ ବୁଧବାର ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଭାଜପା ସଭାପତି ନାରାୟଣ ପାତ୍ର ସଭାପତିତ୍ୱ କରିଥିଲେ। ସିଂହଦ୍ୱାରଠାରୁ ବିସ୍ଥାପିତ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରିବାକୁ ଦାବି ହୋଇଛି। ସେହିପରି ପୁରୀ ସହରର ସୌନ୍ଦର୍ଯ୍ୟକରଣ ପାଇଁ କେଉଁଠି କେତେ ଘର ଓ ଦୋକାନ ଭଙ୍ଗାଯିବ ତାହାର ଏକକାଳୀନ ତାଲିକା ପ୍ରକାଶ କରାଯାଉ। ପ୍ରଥମେ ଥଇଥାନ କରାଯିବା ସହ କ୍ଷତିପୂରଣ ଦିଆଯାଇ ପରେ ଦୋକାନ ଭଙ୍ଗାଯାଉ ବୋଲି ବୈଠକରେ ଦାବି କରାଯାଇଛି। ନଚେତ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଭାଜପା ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ ଦଳର ଜିଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ରବି ଦାସ, ସୋମନାଥ ଦାସ, ଭବାନୀଶଙ୍କର ଦାସମହାପାତ୍ର, ଜୟନ୍ତ ଦାଶ, କୃଷ୍ଣଚନ୍ଦ୍ର ସାମନ୍ତରା, ଜ୍ୟୋତି ମହାପାତ୍ର, ମମତା ପତି, ସୁନିତା ମହାରଣା, ଦିଗ୍‌ଦର୍ଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା କର୍ମୀ ସମ୍ମିଳନୀ

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଭାଜପା କର୍ମୀ ସମ୍ମିଳନୀ ମଙ୍ଗଳବାର ତିଛିଣିସ୍ଥିତ ଶ୍ରୀଶ୍ରୀ ତ୍ରିଲୋଚନେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଭାଜପା ସଭାପତି ଦୀନବନ୍ଧୁ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗଦେଇ ଅଞ୍ଚଳର ବିକାଶ ଓ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଧାୟକ ପ୍ରତିନିଧିଙ୍କ ସମେତ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ବିଧାୟକ ପ୍ରତିନିଧି ରଘୁନାଥ ବଡୁ, ବ୍ଲକ ଭାଜପା ଯୁବ ମୋର୍ଚ୍ଚା ପ୍ରଭାରୀ ଉତ୍ତମ କୁମାର ତରେଇ, ମିଡ଼ିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନା, ପୁରୀ ଜିଲା ଭାଜପା ମୁଖପାତ୍ର କ୍ଷେତ୍ରବାସୀ ପଲେଇ, ବ୍ଲକ ଯୁବ ମୋର୍ଚ୍ଚା ସଭାପତି ବିଷ୍ଣୁପ୍ରସାଦ ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

■ ଅପହରଣ କରି ଶିକ୍ଷୟିତ୍ରୀ ଭଉଣୀଙ୍କୁ ବିବାହ କଲେ ବଡ଼ବାପା ପୁଅ

# ପ୍ରତିବାଦ କରିବାରୁ କଙ୍ଗାରୁ କୋର୍ଟରେ ଜରିମାନା

**ଖୋର୍ଦ୍ଧା ଅଫିସ,୨୧।୮**

■ ୩ ବର୍ଷ ଧରି ନିର୍ଯାତିତ ହେଉଛନ୍ତି ଶିକ୍ଷୟିତ୍ରୀଙ୍କ ବାପ ଘର ଲୋକେ
■ ଜିଲାପାଳ, ଏସ୍‌ପିଙ୍କୁ ଭେଟିଲେ ବାସନ୍ଦ ପରିବାର

ଖୋର୍ଦ୍ଧା ଜିଲା ବାଣପୁର ଥାନାର ହରିଚନ୍ଦନପୁର। ଏଠାରେ ଭାଇ ଭଉଣୀଙ୍କୁ ବିବାହ କରିବା ଘଟଣା ଚର୍ଚ୍ଚାର କାରଣ ପାଲଟିଛି। ଶିକ୍ଷୟିତ୍ରୀ ଭଉଣୀଙ୍କୁ ଅପହରଣ କରି ବିବାହ କରିଛନ୍ତି ବିବାହିତା ବଡବାପା ପୁଅ ଭାଇ। ଭାଇ ଓ ଭଉଣୀଙ୍କ କାରନାମାକୁ ପ୍ରତିବାଦ କରିବାରୁ ଶିକ୍ଷୟିତ୍ରୀଙ୍କ ବାପ ଘରର ଲୋକେ ୩ବର୍ଷ ହେଲା ନିର୍ଯାତନା ପାଇ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ଭାଇ ଭାଉଣୀର କାରନାମାକୁ ପ୍ରତିବାଦର ଫଳ ଗାଁରେ ବିଭିନ୍ନ ସମୟରେ କଙ୍ଗାରୁ କୋର୍ଟ କରାଯାଇ ଦଣ୍ଡ ଓ ଜରିମାନା କରାଯାଇଛି। ଏଭଳିସ୍ଥଳେ ବାସନ୍ଦ ପରିବାର ବୁଧବାର ଖୋର୍ଦ୍ଧା ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ନ୍ୟାୟ ଭିକ୍ଷା କରିଛନ୍ତି। ନିର୍ଯାତନାରୁ ରକ୍ଷା ସହ ମାନସିକ ଶାନ୍ତି ପାଇଁ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି।

ଅଭିଯୋଗ ଅନୁସାରେ, ହରିଚନ୍ଦନପୁର ଗାଁର କପିଳେନ୍ଦ୍ର ନାୟକ ଜଣେ ଅବସରପ୍ରାପ୍ତ ଶିକ୍ଷକ। ଶିକ୍ଷକତାରୁ ଅବସର ନେଇଥିଲେ ହେଁ ଝିଅଙ୍କୁ ଶିକ୍ଷୟିତ୍ରୀ କରାଇବାରେ ସଫଳ ହୋଇଥିଲେ। ଝିଅଙ୍କୁ ୨୯ ବର୍ଷ ହୋଇଥିଲେ ମଧ୍ୟ ବିବାହ ହୋଇ ପାରୁ ନ ଥିଲା। ଝିଅଙ୍କ ବିବାହ ବଡବାପା ପୁଅ ଭାଇ ଭାଙ୍ଗି ଦେଉଥିଲେ। ଏକଥା କପିଳେନ୍ଦ୍ର ଜାଣି ପାରି ନ ଥିଲେ। ମାନସିକ ଚାପରେ ଥିବା କପିଳେନ୍ଦ୍ର ଝିଅଙ୍କ ମତାମତକ୍ରମେ ସିକୋ ଗାଁରେ ୨୦।୭।୧୬ରେ ବିବାହ କରିବାକୁ ସ୍ଥିର କରିଥିଲେ। ତେବେ ବିବାହ ଲାଗି ଛୁଟି ମଞ୍ଜୁର ଉଦ୍ଦେଶ୍ୟରେ ବାପ ଝିଅ ୧୬।୭।୧୬ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ସକାଳ ୮ଟାରେ ସ୍କୁଲକୁ ଯିବାରେ ଜଣାପଡିଥିଲା ଝିଅଙ୍କୁ କେହି ଅପହରଣ କରି ନେଇଛନ୍ତି। ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ପର୍କରେ କିଛି କହି ନ ଥିଲେ। ପରେ ବାଣପୁର ଥାନାରେ ଝିଅଙ୍କ ନିଖୋଜ ସମ୍ପର୍କରେ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୋଗ ରଖି ଚୁପ ହୋଇ ରହିଗଲା। ତେବେ ଶିକ୍ଷୟିତ୍ରୀ ଭଉଣୀଙ୍କୁ ବଡବାପା ପୁଅ ଭାଇ ଅପହରଣ କରି ବିବାହ କରିଥିବା ଜଣାପଡିଥିଲା। ଏକଥା ଜଣାପଡିବା ପରେ ଗାଁରେ କଙ୍ଗାରୁ କୋର୍ଟ ବସି କପିଳେନ୍ଦ୍ର ପରିବାରକୁ ୧ ଲକ୍ଷ ଟଙ୍କା ଜରିମାନା ସହ ବାସନ୍ଦ କରିଦେଲେ। ଭୁଲ ଥିଲା ଭଉଣୀ ସହ ଭାଇର ବିବାହକୁ ପ୍ରତିବାଦ କରିବା। ପରେ ଝିଅ ୧୮।୧୦।୨୦୧୬ରେ କାର୍ଯ୍ୟରେ ଯୋଗ ଦେଲେ। ହେଲେ ଝିଅ ଅପହରଣକାରୀଙ୍କ ସପକ୍ଷରେ ରହିଲେ। ଝିଅ ଅପହରଣ, ସ୍କୁଲରେ ଯୋଗ ଦେବା ଓ କଙ୍ଗାରୁ କୋର୍ଟ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପରେ କେବଳ ଚୁକ୍ତିନାମା ଲେଖାଇ ଆଉ ବାସନ୍ଦ ନ କରିବାକୁ ପୋଲିସ ପରାମର୍ଶ ଦେଇଥିଲେ। ହେଲେ ପୋଲିସର ଚୁକ୍ତିନାମାକୁ ଶୀତଳଭଣ୍ଡାରକୁ ଫୋପାଡି ପୁଣି ବାସନ୍ଦ କରାଯାଇଛି। ଗାଁ ଦାଣ୍ଡରେ ଗଲେ ଚୁଗୁଲି, ଅଶ୍ଳୀଳ ଗାଳିଗୁଲଜ, ମାରପିଟ୍ କରାଯାଉଛି। କବାଟ ଭାଙ୍ଗି ଘରେ ପଶି ସାନପୁଅଙ୍କୁ ଉଠାଇ ନେଇ ମାରପିଟ୍ କରାଗଲା। ଘର ଆଗରେ ବାଡ, ପ୍ରାଚୀର କରିଦେଲେ। ଦାଣ୍ଡକୁ ଯାଉଥିବା ଅଗଣା ପାଣିର ନାଳ ମୁହଁରେ ସିମେଣ୍ଟ କଂକ୍ରିଟ କରି ବନ୍ଦ କରିଦେଲେ। ପୁଅ କରିଥିବା ଗ୍ରାହକ ସେବା କେନ୍ଦ୍ର ଭଙ୍ଗାରୁଜା କଲେ। ଗୁଳି କରି ଘର ପୋଡିଦେବୁ ଧମକ ମିଳୁଛି। ପୋଲିସ ଝିଅ ଅପହରଣ ପରେ ବିବାହ ସମୟରେ ସାବାଳକ ହୋଇଥିବାରୁ କୌଣସି ମାମଲା ରୁଜୁ କରି ନ ଥିଲା। ପରେ ଅଭିଯୋଗ ମୁତାବକ ପୋଲିସ ଦଫା ୧୦୭ରେ ନଂ. ୭୪/୧୯ରେ, ଦଫା ୩୪୧, ୨୯୪, ୩୨୩, ୩୭୯, ୪୨୭, ୪୪୮, ୫୦୬, ୩୪ ଆଇପିସି, ୨୭ ଆର୍ମ୍ସ ଆକ୍ଟରେ ୨୨୦/୧୯ରେ ମାମଲା ରୁଜୁ କରି ଚୁପ ହୋଇ ବସି ରହିଛି। ସେପଟେ ଗୋଟିଏ ପରେ ଗୋଟିଏ ମିଥ୍ୟା କେଶ ପାଇଁ ଅଭିଯୋଗ ଚାଲିଛି। ହେଲେ ପୋଲିସ ତଦନ୍ତ କରି ସତ୍ୟ ଜାଣିବା ପରେ ମାମଲା ରୁଜୁ କରୁନାହିଁ ସତ ହେଲେ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଏବେ କୋର୍ଟରେ ମକଦ୍ଦମା କରିବାକୁ ଯୋଜନା ଚାଲିଛି।

ଏକତରଫା ପ୍ରେମ କରି କଲେଜ ଛାତ୍ରୀଙ୍କୁ ଅପହରଣ

## ସାବାଳିକା ଦର୍ଶାଇ ପୋଲିସ ଚୁପ୍

**ଖୋର୍ଦ୍ଧା ଅଫିସ, ୨୧।୮:** ଏକତରଫା ପ୍ରେମ କରି ଜଙ୍କିଆ ଥାନା ଅଞ୍ଚଳର ଜଣେ ୧୮ ବର୍ଷୀୟା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଯୁବତୀ ସାବାଳିକା ହୋଇଥିବା ଦର୍ଶାଇ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଜିଲାପାଳଙ୍କ ନିକଟରେ ଛାତ୍ରୀଙ୍କ ମା' ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଝିଅଙ୍କୁ ଉଦ୍ଧାର କରି ପରିବାରକୁ ସୁରକ୍ଷା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି। କଲେଜ ଛାତ୍ରୀ ଜଣକ ଭଲ ପଢୁଥିବାରୁ ଅପହରଣକାରୀ ବିବାହ କରିବାକୁ ଚାହୁଁଥିଲେ। ଅପହରଣକାରୀଙ୍କ ପରିବାର ମଧ୍ୟ ଏଥିରେ ସମର୍ଥନ କରୁଥିଲେ। ହେଲେ ଛାତ୍ରୀଙ୍କ ମା'ବାପା ମନା କରିବା ପରେ ବିବାଦ ବଢ଼ିଥିଲା। ପରେ କଲେଜ ଯାଉଥିବା ଛାତ୍ରୀଙ୍କୁ ଜୁଲାଇ ୨୫ରେ ଅପହରଣ କରି ନେଇଥିଲେ। ହେଲେ ଝିଅ ବିବାହ କରିବାକୁ ଆଗ୍ରହୀ ନ ଥିବାବେଳେ ଲୁଚାଇ ରଖି ବିବାହ କରିବାକୁ ବାଧ୍ୟ କରୁଥିବେ ବୋଲି ଅଭିଯୋଗ ରହିଛି।

## ସ୍ୱପ୍ନ ପାଲଟିଛି ମତ୍ସ୍ୟଜୀବୀଙ୍କୁ ସହାୟତା

**କୃଷ୍ଣପ୍ରସାଦ,୨୧।୮(ଡି.ଏନ.ଏ.)**

**ଫନୀ କ୍ଷୟକ୍ଷତି ଘଟଣା**
■ ପ୍ରକୃତ ହିତାଧିକାରୀ ଚିହ୍ନଟ ଦାବି

ଫନୀ ବାତ୍ୟାକୁ ଇତି ମଧ୍ୟରେ ଅନେକ ଦିନ ବିତିଯାଇଛି। ତେବେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକସ୍ଥିତ କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀ ପରିବାର ପାଇଁ ସହାୟତା ଏବେ ସ୍ୱପ୍ନ ପାଲଟିଛି। ଏବେ ସୁଦ୍ଧା କ୍ଷତିଗ୍ରସ୍ତଙ୍କ କ୍ଷୟକ୍ଷତିର ଆକଳନ ଚୂଡାନ୍ତ ନିଷ୍ପତ୍ତି ହୋଇ ପାରୁ ନ ଥିବା ତଥା ଦୁର୍ନୀତି ଅଭିଯୋଗ ହୋଇଛି। ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀଙ୍କ ନିର୍ଦ୍ଦେଶରେ କର୍ମଚାରୀ ବାତ୍ୟାର କ୍ଷୟକ୍ଷତି ଆକଳନ କରିଥିଲେ। ତେବେ ସହାୟତା ରାଶି ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରାଯାଇ ନ ଥିବାବେଳେ ଦଲାଲଙ୍କ ଦ୍ୱାରା ଦୁର୍ନୀତିପୂର୍ଣ୍ଣ ଭାବେ ଅଣ ମତ୍ସ୍ୟଜୀବୀମାନେ ସହାୟତା ରାଶି ହାତେଇଥିବା କୁମାରପୁର ଗ୍ରାମସ୍ଥିତ ଚାମୁଣ୍ଡା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତି ପରିଷଦ ସଭ୍ୟ ଉଦୟ ନାଥ ବେହେରା ଅଭିଯୋଗ କରିଛନ୍ତି। ଏ ଯାଏ ମତ୍ସ୍ୟଜୀବୀ (ହିତାଧିକାରୀ)ଙ୍କୁ ସହାୟତା ମିଳିନି। ସରକାରଙ୍କ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ୭୫ ପ୍ରତିଶତ ରିହାତି ଦରରେ ଡଙ୍ଗା, ଜାଲ ଇତ୍ୟାଦି ଯୋଗାଇ ଦେବା ପାଇଁ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱରଣ ଯୋଗାଇ ଦିଆଯାଉଥିବା ଘୋଷଣା ହୋଇଛି। ତେବେ ଏହା କୃଷ୍ଣପ୍ରସାଦ ବ୍ଲକ ମତ୍ସ୍ୟଜୀବୀଙ୍କ ପାଇଁ ଅପହଞ୍ଚ ହୋଇଛି। ଫାଇଲିନ୍, ହୁଡ୍‌ହୁଡ୍, ତିତିଲି ଆଦି ବାତ୍ୟା ପରେ ମଧ୍ୟ ସେମାନଙ୍କୁ ବିଶେଷ କିଛି ସହାୟତା ମିଳି ପାରି ନ ଥିବାରୁ ଜୀବିକା ନିମନ୍ତେ ଦାଦନ ଶ୍ରମିକ ପାଲଟି ଥିବା କେତେଜଣ ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି। ଏମାନେ ନିଜ କୌଳିକ ବୃତ୍ତିକୁ ଫେରି ଆସିବା ନିମନ୍ତେ ସରକାରୀ ସହାୟତା ଦାବି କରିଛନ୍ତି। ହିତାଧିକାରୀ ଚିହ୍ନଟରେ ସ୍ୱଚ୍ଛତା ଅବଲମ୍ବନପୂର୍ବକ ସହାୟତା ନିମନ୍ତେ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ ଏବଂ ବିଭାଗୀୟ ଅଧିକାରୀଙ୍କୁ ମତ୍ସ୍ୟଜୀବୀ ସଂଘ ପକ୍ଷରୁ ଦାବି କରାଯାଇଛି।

ଏ ସମ୍ପର୍କରେ ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ କ୍ଷେତ୍ରବାସୀ ବେହେରା କହିଥିଲେ, ମତ୍ସ୍ୟଜୀବୀ ଅଣମତ୍ସ୍ୟଜୀବୀଙ୍କ ମଧ୍ୟରେ ସେମିତି କିଛି ପ୍ରାର୍ଥକ୍ୟ ନାହିଁ। ଚିଲିକା ଉପରେ ନିର୍ଭର କରି ଚଳୁଥିବା ସମସ୍ତ ପରିବାରଙ୍କୁ ଆମେ ମତ୍ସ୍ୟଜୀବୀ କହିଥାଉ । ହିତାଧିକାରୀ ଚିହ୍ନଟରେ ଆମର କୌଣସି ପ୍ରକାର ତ୍ରୁଟି ନାହିଁ । ବିଭାଗୀୟ ଯୁଗ୍ମ ସଚିବ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ଥିବା ବେହେରା କହିଥିଲେ। ଆମ ଚିହ୍ନଟକୁ ଠିକ୍ ବୋଲି ସ୍ଥାନୀୟ ତହସିଲଦାର ସ୍ୱୀକୃତି ପ୍ରଦାନ କରିଛନ୍ତି। କ୍ଷତି ଅନୁଯାୟୀ ହିତାଧିକାରୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେଇଛୁ। ନିୟମ ଅନୁଯାୟୀ ସେମାନଙ୍କୁ ଋଣ ପ୍ରଦାନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଛୁ ବୋଲି ଅଧିକାରୀ ମତ ପ୍ରକାଶ କରିଥିଲେ।

## ଧାନବିକ୍ରି ପାଇଁ ପ୍ରଚାର ମାଧ୍ୟମରେ ସଚେତନତା

**ସାକ୍ଷୀଗୋପାଳ,୨୧।୮(ଡି.ଏନ୍.ଏ.)**

ଖରିଫ ଋତୁରେ ଚାଷୀମାନେ ବଳକା ଧାନ ବିକ୍ରୟ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଚାଲିଥିବା ବେଳେ ଏହି ସଂଖ୍ୟା ନୈରାଶ୍ୟ ଜନକ ହୋଇଛି। ସତ୍ୟବାଦୀ ବ୍ଲକରେ ରହିଥିବା ୧୬ଟି ପ୍ରାଥମିକ ସେବା ସମିତି ୧୪ଟି କୃଷି ସେବା ସମବାୟ ସମିତିରେ ଚାଷୀଙ୍କ ନାମ ପଞ୍ଜୀରଣ ନିମନ୍ତେ ସୁବିଧା ରହିଛି। ବୀରରାମଚନ୍ଦ୍ରପୁର ସମିତିରେ ୪୧ଜଣ, କାଦୁଆରେ ୧୫ଜଣ, ସତ୍ୟବାଦୀରେ ୧୬ଜଣ, ମଧୁବନ ୨୪, ବଳରାମପୁର ୨୦, ଶୁକଳ ୨୨ ବଳପୁର ୨୫ ଓ ନୂଆସୋମେଶ୍ୱରପୁର ସମିତିରେ ୧୦ଚାଷୀ ପଞ୍ଜିକରଣ କରିଥିବା ଜାଣିବା ପରେ ସତ୍ୟବାଦୀ ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ କମଳ କୁମାର ଆଚାର୍ଯ୍ୟ ପ୍ରଚାର ମାଧ୍ୟମରେ ଚାଷୀ ସଚେତନତା ନିମନ୍ତେ ପଦକ୍ଷେପ ଗ୍ରହଣ କରିଥିବା କହିଛନ୍ତି। ଡାକବାଜି ଯନ୍ତ୍ର ଦ୍ୱାରା ବିଭିନ୍ନ ପଞ୍ଚାୟତରେ ପ୍ରଚାର ଆରମ୍ଭ କରାଯାଇଥିବା ସେ କହିଥିଲେ।

■ ଫନୀ କ୍ଷୟକ୍ଷତି ତାଲିକାରେ ଅନିୟମିତତା

## ରାଶନ କାର୍ଡ ତଦନ୍ତ ଦାବିରେ ଭାଜପାର ଧାରଣା




ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀମାନେ ଧାରଣାରେ ବସିଛନ୍ତି।

**ଗୋପ,୨୧।୮(ଡି.ଏନ୍.ଏ)**

ଗୋପ ବ୍ଲକ ଭାଜପା ପକ୍ଷରୁ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ବିପନ୍ନଙ୍କ ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା ଓ ରାଶନ କାର୍ଡ ତଦନ୍ତ ଦାବିରେ ବୁଧବାର ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ସୂଚନା ଅନୁଯାୟୀ, ଫନୀରେ ଗୋପ ବ୍ଲକ୍‌ରେ ୫୦ହଜାରରୁ ଊର୍ଦ୍ଧ୍ୱ ଘର ଧରାସାୟୀ ହୋଇଥିବାବେଳେ ବହୁ ବିପନ୍ନ ସର୍ବସ୍ୱ ହରାଇ ଏବେ ବି ପଲିଥିନ୍ ତଳେ ରହୁଛନ୍ତି। ମାତ୍ର ବ୍ଲକ୍ ଓ ତହସିଲ ପକ୍ଷରୁ ହୋଇଥିବା ତଦନ୍ତ ଠିକ୍ ହୋଇ ନ ଥିବା ଯୋଗୁ ବିପନ୍ନମାନେ ସରକାର ସହାୟତା ରାଶି ପାଇପାରୁ ନାହାନ୍ତି। ଏହାସହ ବ୍ଲକରେ ବେଆଇନ ରାଶନ କାର୍ଡ ହୋଇଥିବାରୁ ଏହାର ଠିକ୍ ତଦନ୍ତ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ବୁଧବାର ପୂର୍ବାହ୍ନରେ ମଣ୍ଡଳ ସଭାପତି ରାଜକିଶୋର ନାୟକଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ଭାଜପା କର୍ମୀ ଆଖଣ୍ଡଳେଶ୍ୱର ଶୈବ ପୀଠରୁ ଏକ ଶୋଭାଯାତ୍ରା କରି ଏହି ଦୁର୍ନୀତି ସମ୍ପର୍କରେ ନାରାବାଜି ଦେଇ ବ୍ଲକ୍ ସମ୍ମୁଖରେ ପହଞ୍ଚି ଧାରଣାରେ ବସିଥିଲେ। ପରେ ଏକ ପ୍ରତିବାଦ ସଭା କରାଯାଇ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା, ସରପଞ୍ଚ ସୁଶାନ୍ତ ସ୍ୱାଇଁ, ବନ୍ତଳୀ ଗ୍ରାମ ସରପଞ୍ଚ କଲ୍ୟାଣୀ ଦାଶ ପ୍ରମୁଖ ସାମିଲ ଥିଲେ।

■ ଡଙ୍ଗା ଯୋଗାଣ ଓ ବିନା ଟେଣ୍ଡରରେ ଗୃହ ନିର୍ମାଣର ଦୁର୍ନୀତି ଘଟଣା

# ପୁନଃ ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟପାଳ

**ଗୋପ,୨୧।୮(ଡି.ଏନ୍.ଏ)**

ଗୋପ ବ୍ଲକରେ ୨୦୧୧ ମସିହା ବନ୍ୟାରେ ହୋଇଥିବା ଡଙ୍ଗା ଯୋଗାଣରେ ବ୍ୟାପକ ଅନିୟମିତତା ଓ ବିନା ଟେଣ୍ଡରରେ ବୈଠକ ଗୃହ ନିର୍ମାଣରେ ଦୁର୍ନୀତି ନେଇ ପୁଣି ରାଜ୍ୟପାଳଙ୍କଠାରୁ ପୁରୀ ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଗୋପ ବ୍ଲକ୍ ପକ୍ଷରୁ ଜଣାପଡ଼ିଛି। ମାତ୍ର ଏପର୍ଯ୍ୟନ୍ତ ଏହି ଘଟଣାର ତଦନ୍ତ ଆରମ୍ଭ ହୋଇ ନାହିଁ। ସୂଚନାଯୋଗ୍ୟ, କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ସ୍ୱାଇଁ ଏହି ଦୁର୍ନୀତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ବିଭାଗୀୟ ମନ୍ତ୍ରୀ, ଜିଲା ପ୍ରଶାସନକୁ ଅଭିଯୋଗ କରି ନିରାଶ ହେବା ପରେ ୨୦୧୬ ଅଗଷ୍ଟ ୨୭ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଠିକ୍ ତଦନ୍ତ ନ ହେବାରୁ ସ୍ୱାଇଁ ଗତ ଜୁଲାଇ ୨୪ରେ ରାଜ୍ୟପାଳଙ୍କୁ ପୁଣି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁନଃ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ପୁରୀ ଜିଲାପାଳ ବଲୱନ୍ତ ସିଂଙ୍କୁ ନିର୍ଦ୍ଦେଶ ଦେଇଥିବା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଚିଠି ନଂ ପି୧-୬୮/୨୦୧୯ / ୯୮୭୩ ତା୦୨.୦୮.୨୦୧୯ରିଖରେ ନିର୍ଦ୍ଦେଶ ଆସିଛି। ୨୦୧୧ରେ ଗୋପ ବ୍ଲକ୍‌ରେ ବନ୍ୟାରେ ବିଭିନ୍ନ ଅଞ୍ଚଳକୁ ପଠାଯାଇଥିବା ରିଲିଫ୍ ପହଞ୍ଚାଇବା ଲାଗି ଡଙ୍ଗା ଯୋଗାଣ ହୋଇଥିଲା। କିନ୍ତୁ ଏଥିରେ ୧୭ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଥିଲା। ଏହାସହ ବ୍ଲକ୍‌ର ତତ୍କାଳୀନ ବିଡିଓ ଲକ୍ଷ୍ମୀକାନ୍ତ ସେଠୀ ବ୍ଲକ୍‌ପତ୍ର ସଂଖ୍ୟା ନଂ ୧୦୧୪୭ ତା୩୧.୦୮.୨୦୧୫ ସରକାର ଜାରି କରିଥିବା ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରି ବ୍ଲକ୍ ପରିସରରେ ୪୧ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବୈଠକ ଗୃହକୁ ଟେଣ୍ଡର ନ କରି କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ଏ ନେଇ ଅଭିଯୋଗ ପାଇବା ପରେ ରାଜ୍ୟପାଳ ପତ୍ରସଂଖ୍ୟା ୧୫୬୬ ତା ୧୧.୦୫.୨୦୧୭ ରିଖରେ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏହି ନିର୍ଦ୍ଦେଶନାମାକୁ ବେଖାତିର କରିବା ସହ ତରବରିଆ ଭାବେ ଡଙ୍ଗା ଯୋଗାଣ ଦୁର୍ନୀତିରେ ଲିପ୍ତ ଥିବା ଗୋପ ବ୍ଲକ୍‌ର ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ ସୀତାପତି ସେଠୀଙ୍କୁ କେବଳ ବଦଳି କରି ତଦନ୍ତକୁ ଚପାଇ ଦେଇଥିଲେ। ଏ ସମ୍ପର୍କରେ ଗୋପ ବ୍ଲକ୍ ବିଡିଓ ଦୀପ୍ତିରାଣୀ ଦାସ କୁହନ୍ତି, ଏ ନେଇ କୌଣସି ପତ୍ର ମୋ ନିକଟରେ ପହଞ୍ଚିନାହିଁ।

## ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା: ୪ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

**ଡେଲାଙ୍ଗ,୨୧।୮(ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ୨୦୧୮ମହିହାରେ ପଠାଣି ସାମନ୍ତ ମେଧା ବୃତ୍ତି ପରୀକ୍ଷା ଡେଲାଙ୍ଗ ବ୍ଲକର ରାଧାକାନ୍ତ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକରୁ ୧୫୫ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ସେଥିରୁ ୧୨ଜଣ ମେଧାବୃତ୍ତି ପାଇଥିବା ବେଳେ ଡେଲାଙ୍ଗ ଷ୍ଟେସନ ବଜାରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୪ଜଣ ଶ୍ରୀମାନ ସାଇରାମ ମଙ୍ଗରାଜ, ଅମୃତା ଅପର୍ଣ୍ଣା ପ୍ରଧାନ, ବିଶ୍ୱଜିତ ପରିଡା, ସୋନାଲି ଶ୍ରୁତି ପଟ୍ଟନାୟକ କୃତିତ୍ୱ ଲାଭ କରିଥିଲେ। କଠିନ ପରିଶ୍ରମ ଓ ନିୟମିତ ଅଧ୍ୟବ୍ୟସାୟ ବଳରେ ଏହି ସଫଳତା ମିଳିଛି ବୋଲି ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ନବକିଶୋର ମହାପାତ୍ର କହିଛନ୍ତି।

## ଆଇନ ସଚେତନତା ଶିବିର



ଶିବିରରେ ଆଇନଜୀବୀ ଓ ଅନ୍ୟମାନେ।

**ସାକ୍ଷୀଗୋପାଳ,୨୧।୮(ଡି.ଏନ୍.ଏ.)**

ଗରିବ, ଅସହାୟ ଓ ସମାଜରେ ନିଷ୍ପେଷିତ ଲୋକମାନଙ୍କ ନିକଟରେ ଆଇନସେବା ପହଞ୍ଚାଇବାକୁ ସରକାର ଯୋଜନା କରିଛନ୍ତି। ବ୍ଲକସ୍ତରରେ ଏଥିପାଇଁ ଦୁଇ ଜଣ ଆଇନଜୀବୀଙ୍କୁ ଆଇନ ପରାମର୍ଶ ଦେବାକୁ ନିଯୁକ୍ତି ଦିଆଯିବା ବ୍ୟବସ୍ଥା ରହିଛି। ଏହା କେବଳ ଯୋଜନାରେ ସୀମିତ ରହିଛି ବୋଲି ବୁଧବାର ସତ୍ୟବାଦୀ ବ୍ଲକ ସଭାଗୃହରେ ଅନୁଷ୍ଠିତ ଆଇନ ସଚେତନତା ଶିବିରରେ ଉପସ୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଦୃଷ୍ଟିଆକର୍ଷଣ କରିଥିଲେ। ମଧୁବାବୁ ଆଇନ ସହାୟତା ସୁବିଧା ପଞ୍ଚାୟତସ୍ତରରେ ଏବେ ବି ଅପହଞ୍ଚ ରହିଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରି ମତବ୍ୟକ୍ତ କରିଥିଲେ। ଅତିଥିଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ବିଡିଓ ସରୋଜ କୁମାର ଦତ୍ତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସିଡିପିଓ ପ୍ରେମବାଳା ତ୍ରିପାଠୀ, ସୂର୍ଯ୍ୟ ପ୍ରସାଦ ପାତ୍ର, ଅମିତା ମିଶ୍ର, ସସ୍ମିତା ଦାଶ, ପ୍ରହ୍ଲାଦ ଘଟୁଆରୀ, ଧ୍ରୁବ ଚରଣ ଦାଶ, ଦେବାଶିଷ ରାୟ ପ୍ରମୁଖ ଯୋଗଦେଇଥିଲେ। ଆଇନଜୀବୀ ଉପେନ୍ଦ୍ର ବିଶ୍ୱାଳ ପରିଚାଳନାରେ ସହଯୋଗ କରିଥିଲେ।

■ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ଗର୍ଭବତୀ ଚଢୁଛନ୍ତି ଶିଢ଼ି, ନିରାମୟ ବିଫଳ

**ପୁରୀ ଅଫିସ,୨୧।୮**

■ ଶଯ୍ୟା ଅଭାବ ଯୋଗୁ ତଳେ ଶୋଉଛନ୍ତି ରୋଗୀ
■ ପରିମଳ, ସ୍ୱଚ୍ଛତାକୁ ଦିଆଯାଉନି ଗୁରୁତ୍ୱ

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆବଶ୍ୟକ ଭିତ୍ତିଭୂମି ଅଭାବ ସାଙ୍ଗକୁ ବହୁ ଡାକ୍ତର, କର୍ମଚାରୀ ପଦବୀ ଖାଲି ପଡ଼ିଛି। ରୋଗୀଙ୍କୁ ମୌଳିକ ସୁବିଧା ମିଳୁନାହିଁ। ଗର୍ଭବତୀମାନେ ଚିକିତ୍ସା ପାଇଁ ଶିଢ଼ି ଚଢୁଥିବାବେଳେ ଆବଶ୍ୟକ ସଂଖ୍ୟକ ଶଯ୍ୟା ନ ଥିବାରୁ ଅନେକ ରୋଗୀଙ୍କୁ ତଳେ ଶୋଇବାକୁ ପଡୁଛି। ସେହିପରି ପରିମଳ ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉନାହିଁ। ଏଭଳି ଅଭିଯୋଗ ଆଣିଛନ୍ତି ସଚେତନ ନାଗରିକ ମଞ୍ଚର ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ। ଏ ନେଇ ସେ ଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲାର ହଜାର ହଜାର ରୋଗୀ ନିର୍ଭର କରୁଛନ୍ତି। ମାତ୍ର ଏଠାକାର ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ଓ ପରିମଳ ପ୍ରତି ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ୱାର୍ଡରେ ନିୟମିତ ସଫେଇ କରାଯାଉନାହିଁ। ଶୌଚାଳୟଗୁଡ଼ିକ ଅପରିଷ୍କାର ହୋଇପଡ଼ିଛି। ଚିକିତ୍ସା ଲାଗି ଶହ ଶହ ରୋଗୀ ଲମ୍ବାଧାଡ଼ିରେ ଠିଆ ହେଉଥିବା ବେଳେ ଓପିଡିକୁ ଡାକ୍ତରମାନେ ନିର୍ଦ୍ଧାରିତ ସମୟରେ ଆସୁନାହାନ୍ତି। ପାଥୋଲାବ, ଏକ୍ସରେ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ ବାହାର ଡାଇଗ୍ନୋଷ୍ଟିକ କେନ୍ଦ୍ରକୁ ପଠାଯାଉଛି। ଦଲାଲଙ୍କ ହାତରେ ପଡ଼ି ରୋଗୀ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ନବକଳେବର ସମୟରେ ନିର୍ମିତ ୭ ମହଲା ବିଶିଷ୍ଟ କୋଠା ମହିଳା ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର(ଏମ୍‌ସିଏଚ୍)ରେ ଉପଯୁକ୍ତ ସେବା ମିଳୁନାହିଁ। ଏମ୍‌ସିଏଚ୍‌ରେ ପାନୀୟଜଳ ବ୍ୟବସ୍ଥା ନାହିଁ। ୨ମାସ ହେଲା ଲିଫ୍ଟ ଅଚଳ ହୋଇପଡ଼ିଛି। ଫଳରେ ଗର୍ଭବତୀ ମହିଳାମାନେ ତୃତୀୟ ମହଲାରେ ରହିଥିବା ଏସ୍‌ଏନ୍‌ସିୟୁକୁ ବହୁ କଷ୍ଟରେ ଶିଢ଼ି ଚଢି ଯାତାୟତ କରୁଛନ୍ତି। ଅପରିଷ୍କାର ପାଣିକୁ ପାର ହୋଇ ଲୋକେ ଯାତାୟାତ କରୁଛନ୍ତି। ନିରାମୟ ଯୋଜନା ପ୍ରହସନ ପାଲଟିଛି। ଅଳ୍ପ କେତୋଟି ଔଷଧକୁ ବାଦ୍ ଦେଲେ ବାକି ଔଷଧ ବାହାରୁ କିଣିବାକୁ ପଡୁଛି। ଗର୍ଭବତୀ ମହିଳାଙ୍କ ଲାଗି ଚିକିତ୍ସା ଖର୍ଚ୍ଚ ସମ୍ପୂର୍ଣ୍ଣ ମାଗଣା ରହିଥିବା ବେଳେ ସେମାନେ ସମସ୍ତ ଔଷଧ ବାହାରୁ କିଣୁଛନ୍ତି। ଏହା ତଦନ୍ତ ସାପେକ୍ଷ। ପାନୀୟଜଳ ସମସ୍ୟା ସୁଧୁରୁନାହିଁ। ଆଇସିୟୁ କୋମାରେ ରହିଛି। ଏନ୍‌ଏଚ୍‌ଏମ୍ ଅଧୀନରେ ସହରସ୍ଥ ଚନ୍ଦନ ହଜୁରୀ ଶିଶୁ ଚିକିତ୍ସାଳୟ, କମଳାଦେବୀ ମାତୃମଙ୍ଗଳ କେନ୍ଦ୍ର, ପୌରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଟିଆ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଏଗୁଡ଼ିକରେ ମଧ୍ୟ ଠିକ୍ ଭାବେ ସେବା ମିଳୁନାହିଁ। ଫଳରେ ଅସନ୍ତୋଷ ପ୍ରକାଶ ପାଉଛି। ଜିଲାରେ ଏକମାତ୍ର ଯକ୍ଷ୍ମା ଚିକିତ୍ସାଳୟ ଅବସ୍ଥା ନ କହିଲେ ଭଲ। ଏଠାରେ ଦୀର୍ଘ ବର୍ଷ ଧରି ଡାକ୍ତର ଅଭାବ ସମସ୍ୟା ଲାଗିରହିଛି। ରୋଗୀ କଲ୍ୟାଣ ସମିତି ଏବଂ ଜିଲା ସ୍ୱାସ୍ଥ୍ୟ ସମିତିରେ ନିଆଯାଉଥିବା ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉନାହିଁ। ଏ ଦିଗରେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଲାଗି ଅଭିଯୋଗକାରୀ ଦାଶ ଦାବି କରିଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ର ମହାନ୍ତି କହିଛନ୍ତି, ଡାକ୍ତର ଅଭାବ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରାଯାଇଛି। ସ୍ୱଚ୍ଛତା ଓ ପରିମଳ ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଲାଗି ପ୍ରୟାସ ଜାରି ରହିଛି।